ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁଲାଇ ୪/୨୦୧୯ (୨୦ପୃଷ୍ଠା) Sambalpur, Thursday, July 4 / 2019 ★★

୧୫ଶ ଭାଗ ୧୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ରାୟୁଡୁଙ୍କ ଅବସର**

ଭାରତୀୟ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିବା ପରେ ମିଡ୍ଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି।

୧୮

୦୭

**‘ଖାନ୍‌ଦାନି ଶାଫାଖାନା’ରେ ସୋନାକ୍ଷୀ**

ସମାଜରେ ସେକ୍ସ ସମ୍ପର୍କରେ ‘ଖାନ୍‌ଦାନି ଶାଫାଖାନା’ ଲୋକଙ୍କ ମନରେ ପରିବର୍ତ୍ତନ ଆଣିବ ବୋଲି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା କହିଛନ୍ତି ।



# ଆଜି ଜନ୍ମବେଦି ଯିବେ ଦାରୁଦିଅଁ

**ଶ୍ରୀଗୁଣ୍ଡିଚା ଯାତ୍ରା**

- ସିଂହଦ୍ୱାରରେ ତିନିରଥ
- ସକାଳ ୯ଟା ୩୦ରେ ପହଣ୍ଡି
- ଅପରାହ୍ନ ୪ଟାରେ ରଥଟଣା

**ପୁରୀ ଅଫିସ,୩।୭**

ସିଂହଦ୍ୱାରରେ ତିନିରଥ। ଭକ୍ତିମୟ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ରଥ, ପଥ, ଭକ୍ତ ସଭିଏଁ ପ୍ରସ୍ତୁତ। ଅପେକ୍ଷା କେବଳ କେତେବେଳେ ଶ୍ରୀମନ୍ଦିରରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ଦାରୁଦିଅଁ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଇବେ ମହାପ୍ରଭୁଙ୍କ ଦୁର୍ଲଭ ଦର୍ଶନ। ଦାରୁବ୍ରହ୍ମଙ୍କ ସ୍ପର୍ଶରେ ରଥ, ପଥ ହେବ ବ୍ରହ୍ମମୟ। ସଭିଏଁ ହେବେ ଏକାକାର। ଆଉ ରଥାରୂଢ ହୋଇ ଜନ୍ମବେଦି ଯିବେ ଚତୁର୍ଦ୍ଧାବିଗ୍ରହ।

ଗୁରୁବାର ଆଷାଢ ଶୁକ୍ଳ ଦ୍ୱିତୀୟାରେ ରଥାରୂଢ ହୋଇ ଦାରୁଦିଅଁ ଯିବେ ଗୁଣ୍ଡିଚା ମନ୍ଦିର। ଅଣସର ପରେ ନବଯୌବନ ଦର୍ଶନ ଦେଇ ନବଦିନାତ୍ମକ ଯାତ୍ରାରେ ଯିବା ଲାଗି ପ୍ରସ୍ତୁତ ହେଉଛନ୍ତି ମହାବାହୁ। ଏଥିପାଇଁ ଶେଷ ହୋଇଛି ସମସ୍ତ ପ୍ରସ୍ତୁତି। ବୁଧବାର ସକାଳ ୭ଟା ୩୫ରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ରଥଖଳାରୁ ତିନିରଥଙ୍କୁ ସିଂହଦ୍ୱାର ଆଣିବା ପାଇଁ ପୂର୍ବାହ୍ନ ସାଢ଼େ ୧୧ଟାରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ହେବାକୁ ନୀତିନିର୍ଘଣ୍ଟ ହୋଇଥିଲା। ଠିକ୍ ସମୟରେ ଆଜ୍ଞାମାଳ ରଥଖଳାରେ ପହଞ୍ଚିଥିଲା। ପ୍ରଥମେ ବଡ଼ଠାକୁର, ପରେ ଜଗନ୍ନାଥ ଓ ଶେଷରେ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୋଇଥିଲା। ଏହାପରେ ମଧ୍ୟାହ୍ନ ୧୨ଟା ୩୬ରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ରଥଟଣା ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ଲାଗିଥିଲା। ଏହାପରେ ତିନିରଥକୁ ଫୁଲରେ ସଜ୍ଜିତ କରାଯାଇଥିବାବେଳେ ରାତିରେ ଚାର ବନ୍ଧା ଯାଇ ରଥ ଉପରକୁ ସାରଥିଙ୍କୁ ନିଆଯାଇଥିଲା।



ରଥଖଳାରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥିବା ତିନିରଥ। (ଫଟୋ–ଅନୀଲ ସାହୁ)

ସେପଟେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଟୁଆ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଠ ଏବଂ ସେନାପଟା ଲାଗି କରିଥିଲେ। ଗୁରୁବାର ଭୋର ୬ଟାରେ ମଙ୍ଗଳ ଆଳତି ହେବ। ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ହୋଇ ୯ଟା ୩୦ରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ୧୨ଟା ୩୦ରେ ରଥକୁ ମଦନମୋହନ ବିଜେ କରିବେ। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ୪ଟା ସୁଦ୍ଧା ରଥଟଣା ଆରମ୍ଭ ଲାଗି ନୀତିନିର୍ଘଣ୍ଟ ହୋଇଛି।

# ଧାନର ଏମ୍‌ଏସ୍‌ପି ୬୫ ଟଙ୍କା ବଢ଼ିଲା

- ୧୪ ଖରିଫ ଫସଲର ସହାୟକ ମୂଲ୍ୟ ବୃଦ୍ଧିକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

**ନୂଆଦିଲ୍ଲୀ,୩।୭**

ବିଳମ୍ବିତ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଯୋଗୁ ଦେଶରେ ବୃଷ୍ଟିପାତ ହ୍ରାସ ପାଇଥିବାବେଳେ କୃଷକଙ୍କୁ ଆଶ୍ୱସ୍ତ କରିବା ପାଇଁ ବୁଧବାର କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ଏକ ବଡ଼ ଘୋଷଣା କରାଯାଇଛି। ତଦନୁଯାୟୀ ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ଧାନ ସମେତ ୧୪ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରାଯାଇଛି। ଧାନର ଏମ୍‌ଏସ୍‌ପି ୩.୭% ବୃଦ୍ଧି କରାଯାଇ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା କରାଯାଇଛି। ୨୦୧୮–୧୯ରେ ଧାନର ମୂଲ୍ୟ ୧୭୫୦ ଟଙ୍କା ଥିଲା। ଅର୍ଥାତ୍ ୬୫ ଟଙ୍କା ବୃଦ୍ଧି ପାଇଛି। ସେହିପରି ଗ୍ରେଡ୍ ଏ ଧାନର ମୂଲ୍ୟକୁ ୧୭୭୦ରୁ ୧୮୩୫ ଟଙ୍କା, ଜୋୱାର(ଶଙ୍କର) ମୂଲ୍ୟ ୨୪୩୦ ଟଙ୍କାରୁ ୨୫୫୦ ଟଙ୍କା, ଜୋୱାର(ମାଲଡଣ୍ଡି)ର ମୂଲ୍ୟ ୨୪୫୦ ଟଙ୍କାରୁ ୨୫୭୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବେ ବାଜରାର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୧୯୫୦ ଟଙ୍କାରୁ ୨୦୦୦ ଟଙ୍କା, ମାଣ୍ଡିଆ ୨୮୯୭ଟଙ୍କାରୁ ୩୧୫୦ ଟଙ୍କା, ମକା ୧୭୦୦ ଟଙ୍କାରୁ ୧୭୬୦ ଟଙ୍କା, ହରଡ ୫୬୭୫ ଟଙ୍କାରୁ ୫୮୦୦ ଟଙ୍କା, ମୁଗ ୬୯୭୫ ଟଙ୍କାରୁ ୭୦୫୦ ଟଙ୍କା, ବିରି ୫୬୦୦ ଟଙ୍କାରୁ ୫୭୦୦ ଟଙ୍କା, ଚିନାବାଦାମ ୪୮୯୦ ଟଙ୍କାରୁ ୫୦୯୦ ଟଙ୍କା, ସୂର୍ଯ୍ୟମୁଖୀ ମଞ୍ଜି ୫୩୮୮ ଟଙ୍କାରୁ ୫୬୫୦ ଟଙ୍କା, ସୋୟାବିନ ୩୩୯୯ ଟଙ୍କାରୁ ୩୭୧୦ ଟଙ୍କା, ରାଶି ୬୨୪୯ ଟଙ୍କାରୁ ୬୪୮୫ ଟଙ୍କା, ନାଇଗର ସିଡ୍ ୫୮୭୭ ଟଙ୍କାରୁ ୫୯୪୦ ଟଙ୍କା, କପା(ମଧ୍ୟମ) ୫୧୫୦ ଟଙ୍କାରୁ ୫୨୫୫ ଟଙ୍କା ଏବଂ କପା(ଲମ୍ବା) ୫୪୫୦ ଟଙ୍କାରୁ ୫୫୫୦ ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ସୂଚନା ଦେଇଛନ୍ତି। ତୋମର କହିଛନ୍ତି ଯେ, ବିଳମ୍ବରେ ମୌସୁମୀ ଆସିବା କେବଳ ଚାଷୀଙ୍କ ପାଇଁ ନୁହେଁ, ବରଂ ସରକାରଙ୍କର ମଧ୍ୟ ଚିନ୍ତା ବଢ଼ାଇ ଦେଇଛି। କିନ୍ତୁ ଆଗକୁ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ କୃଷକଙ୍କ କଷ୍ଟ ଲାଘବ କରିବା ପାଇଁ ସରକାର ୧୪ ଖରିଫ ଫସଲର ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି (ସିସିଇଏ)ରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

## ହାଇକୋର୍ଟରେ ଜଜ୍ ଚୟନ ବିବାଦ
# ୧୨ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ

**କଟକ ଅଫିସ, ୩।୭**

ଜୁନ୍ ୧୭ରୁ ହାଇକୋର୍ଟ ବାର୍ ଆସୋସିଏଶନ ଆନ୍ଦୋଳନ ଚଳାଇଛି। ଆନ୍ଦୋଳନ ସ୍ୱରୂପ ଓକିଲମାନେ ହାଇକୋର୍ଟର ନିର୍ଦ୍ଦିଷ୍ଟ କେତୋଟି କୋର୍ଟଙ୍କୁ ବର୍ଜନ କରି ଆସୁଛନ୍ତି। ଏହି ବର୍ଜନ କାର୍ଯ୍ୟ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଜୁଲାଇ ୧୨ରେ ପୁଣିଥରେ ସାଧାରଣ ପରିଷଦ ବୈଠକ ବସିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି କହିଛନ୍ତି। ବୁଧବାର ହାଇକୋର୍ଟ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ହାଇକୋର୍ଟ ବାହାରୁ ଜଜ୍ ଚୟନ କରାଯାଇଥିବା ଅଭିଯୋଗ କରି ହାଇକୋର୍ଟ ବାର୍ ପକ୍ଷରୁ ହାଇକୋର୍ଟର ୩ ଜଣ ବରିଷ୍ଠ ବିଚାରପତିଙ୍କ କୋର୍ଟକୁ ଜୁନ ୧୭ରୁ ବର୍ଜନ କରି ଆସିଛନ୍ତି। ଇତିମଧ୍ୟରେ ବାର୍‌ର ଏକ ପ୍ରତିନିଧି ମଣ୍ଡଳୀ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ଭେଟି ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଇଥିଲେ। ଏହି କାର୍ଯ୍ୟରୁ ନିବୃତ୍ତ ରହିବାକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହାଇକୋର୍ଟ ବାର୍‌କୁ ପରାମର୍ଶ ଦେଇଥିଲେ। ମାତ୍ର ଏହାକୁ ବାର୍ ଗ୍ରହଣ କରି ନ ଥିଲା।

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ବିଚିତ୍ରା ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

**ପ୍ରାଣୀ ପରିବାରରେ ଜେଜେମା**

**ଆଜିର ମନ୍ତବ୍ୟ**

“ ରାଷ୍ଟ୍ରବିରୋଧୀ ଓ ଆତଙ୍କବାଦୀଙ୍କୁ ଦମନ କରିବା ଲାଗି ଦେଶଦ୍ରୋହ ଆଇନ ଜରୁରୀ।

**– ନିତ୍ୟାନନ୍ଦ ରାୟ, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ**

**କିଛି ତଥ୍ୟ**

୨୦୧୮–୧୯ରେ ଦେଶର ବାସମତୀ ଚାଉଳ ରପ୍ତାନି ୪.୭୧ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

**–ବାଣିଜ୍ୟ ମନ୍ତ୍ରଣାଳୟ**

# କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିଲେ ରାହୁଲ



- ଦଳର ପରାଜୟ ପାଇଁ ନିଜକୁ ଦାୟୀ କଲେ
- ନୂଆ ନେତା ବାଛିବା ଦାୟିତ୍ୱ ସିଡବ୍ଲ୍ୟୁସିର

**ନୂଆଦିଲ୍ଲୀ,୩।୭(ପି.ଟି.)**

ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ସେ ଏବେ ଦଳର ଅଧ୍ୟକ୍ଷ ନାହାନ୍ତି ବୋଲି ବୁଧବାର ସ୍ପଷ୍ଟ କରିଦେବା ସହ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ତୁରନ୍ତ ତାଙ୍କ ଉତ୍ତରାଧିକାରୀ ବାଛିବା ଉଚିତ ବୋଲି କହିଛନ୍ତି। ଏପରିକି ସେ ଟୁଇଟର ଆକାଉଣ୍ଟରେ ପରିଚୟ ବଦଳାଇ ନିଜକୁ କଂଗ୍ରେସ କର୍ମୀ ଓ ଏମ୍‌ପି ବୋଲି ଉଲ୍ଲେଖ କରିଛନ୍ତି।

ଖବରଦାତାମାନଙ୍କୁ ରାହୁଲ କହିଛନ୍ତି, ଲୋକ ସଭା ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ପାଇଁ ଦଳର ଅଧ୍ୟକ୍ଷ ଭାବେ ନୈତିକତା ଦୃଷ୍ଟିରୁ ସେ ନିଜକୁ ଦାୟୀ କରୁଛନ୍ତି। ଏଥିପାଇଁ ସେ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇସାରିଛନ୍ତି। ଦଳର ଭବିଷ୍ୟତ ପାଇଁ ଉତ୍ତରଦାୟିତ୍ୱ ବହନ କରିବାର ଆବଶ୍ୟକତା ଥିଲା। ନିଜେ ଅଧ୍ୟକ୍ଷ ଥାଇ ଅନ୍ୟକୁ ଉତ୍ତରଦାୟୀ କରିବା ଠିକ୍ ହୋଇ ନ ଥାନ୍ତା ବୋଲି ରାହୁଲ କହିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦୁଇଦିନ ପରେ ମେ ୨୫ରେ ଅନୁଷ୍ଠିତ ସିଡବ୍ଲ୍ୟୁସି ବୈଠକରେ ରାହୁଲ ଇସ୍ତଫା ଦେଇଥିଲେ। ତେବେ ସିଡବ୍ଲ୍ୟୁସି ଏହାକୁ ଖାରଜ କରିଦେଇ ଦଳର ସବୁ ସ୍ତରରେ ସାଙ୍ଗଠନିକ ପରିବର୍ତ୍ତନ ଲାଗି ତାଙ୍କୁ କ୍ଷମତା ପ୍ରଦାନ କରିଥିଲା। ସବୁସ୍ତରର କଂଗ୍ରେସ ନେତାମାନେ ରାହୁଲଙ୍କୁ ତାଙ୍କ ଇସ୍ତଫା ଫେରାଇ ନେବା ଲାଗି ଅନୁରୋଧ କରିଥିଲେ। ଅଧ୍ୟକ୍ଷ ପଦ ବଜାୟ ରଖିବା ଦାବିରେ କେତେଜଣ ଦଳୀୟ ନେତା କଂଗ୍ରେସ ମୁଖ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଆଉ କେତେଜଣ ନେତା ସେମାନଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଦୁଇଦିନ ପୂର୍ବରୁ କଂଗ୍ରେସ ଶାସିତ ୫ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ରାହୁଲଙ୍କୁ ଭେଟି ନିଷ୍ପତ୍ତି ବଦଳାଇବା ଲାଗି ଅନୁରୋଧ କରିଥିଲେ। କିନ୍ତୁ ରାହୁଲ ଶେଷ ପର୍ଯ୍ୟନ୍ତ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଥିଲେ। ଦଳର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ସିଡବ୍ଲ୍ୟୁସି ତୁରନ୍ତ ବୈଠକ ଡାକି ନୂଆ ଅଧ୍ୟକ୍ଷ ସମ୍ପର୍କରେ ନିଷ୍ପତ୍ତି ନେବା ଉଚିତ। ସୂଚନାଯୋଗ୍ୟ, ଗତ ନିର୍ବାଚନରେ ୫୪୨ ଆସନରୁ କଂଗ୍ରେସ ମାତ୍ର ୫୨ ଆସନରେ ବିଜୟୀ ହୋଇଥିଲା।

















DADLS-10 15001/13/0013/1920

## ସଂକ୍ଷେପରେ

### ଦୁର୍ଘଟଣାରେ ୧୧ ମୃତ

**ବେଙ୍ଗାଲୁର, ୩।୭:** ଚିକାବଲପୁର ଜିଲାରେ ଏକ ମିନିଟ୍ରକ୍ ଓ ଗୋଟିଏ ଘରୋଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ଜଣଙ୍କ ମୃତ୍ୟୁ ଘଟିଛି। କେଞ୍ଚର୍ଲାପଲ୍ଲୀ ଥାନା ଅଧୀନ ଚିନ୍ତାମଣି ଟାଉନ ନିକଟବର୍ତ୍ତୀ ମୁରୁଗାମଲ୍ଲାଠାରେ ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।

### କିସ୍ତୱାରରେ ଡ୍ରୋନ୍ ଜବତ

**ଜମ୍ମୁ,୩।୭(ପି.ଟି.):** କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିଥିବା ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଜେଲ୍ ଉପରେ ଡ୍ରୋନ୍ ଉଡ଼ିବା ଘଟଣା ସୁରକ୍ଷା ବାହିନୀର ଚିନ୍ତା ବଢ଼ାଇଦେଇଛି। ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଉକ୍ତ ଡ୍ରୋନ୍‌କୁ ଜବତ କରାଯାଇଛି। ଡ୍ରୋନ୍ କେଉଁଠୁ ଓ କିପରି ଆସିଲା ତାହାର ତଦନ୍ତ କରାଯାଉଥିବା କିସ୍ତୱାର ଏସ୍‌ଏସ୍‌ପି ଶକ୍ତି ପାଠକ୍ କହିଛନ୍ତି। ତେବେ ସୋମବାର କେଶ୍ୱାନ ଅଞ୍ଚଳରେ ହୋଇଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାର ମୃତକମାନଙ୍କୁ ଖୋଜିବା ଲାଗି ଉକ୍ତ ଡ୍ରୋନ୍‌କୁ ବ୍ୟବହାର କରାଯାଇଥିଲା ବୋଲି ପୋଲିସ ବିଶ୍ୱାସ କରୁଛି। ବୈଷୟିକ ତ୍ରୁଟି କାରଣରୁ ତଲାସୀ ଓ ଉଦ୍ଧାର କାର୍ଯ୍ୟ ବେଳେ ଗୋଟିଏ ଡ୍ରୋନ୍ ନିଖୋଜ ହୋଇଯାଇଥିଲା। ଜେଲ୍ କମ୍ପ୍ଲେକ୍ସ ନିକଟରୁ ସେହି ଡ୍ରୋନ ମିଳିଥାଇପାରେ ବୋଲି ଜଣେ ଅଧିକାରୀ କହିଛନ୍ତି।

### ଆମେରିକା ରାଷ୍ଟ୍ରପତି ଦୌଡ଼
### ଡେମୋକ୍ରାଟ ଦଳର ୨ୟ ସ୍ଥାନରେ କମ୍‌ଲା ହାରିସ୍



ୱାଶିଂଟନ, ୩।୭ (ପି.ଟି.) ଆମେରିକାରେ ୨୦୨୦ ରାଷ୍ଟ୍ରପତି ନିର୍ବାଚନ ଲାଗି ଡେମୋକ୍ରାଟ ଦଳରୁ ୨୦ରୁ ଉର୍ଦ୍ଧ୍ୱ ଆଶାୟୀ ରହିଥିବାବେଳେ ସେମାନଙ୍କ ମଧ୍ୟରେ ଭାରତୀୟ ବଂଶୋଦ୍ଭବ କମ୍‌ଲା ହାରିସ୍ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ସଦ୍ୟ ପ୍ରକାଶିତ ଜନମତ ସର୍ଭେରୁ ଜଣାପଡିଛି। ପ୍ରଥମ ଡେମୋକ୍ରାଟ୍ ରାଷ୍ଟ୍ରପତି ବିତର୍କରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। କୁଇନିପିକ୍ ୟୁନିଭର୍ସିଟି ସର୍ଭେରେ ଏହି ଆମେରିକୀୟ ସିନେଟରଙ୍କୁ ୨୦ ପ୍ରତିଶତ ମାର୍କ ମିଳିଥିବାବେଳେ ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ୍‌ଙ୍କୁ ୨୨ ପ୍ରତିଶତ ମିଳିଛି। ଗତମାସରେ ହୋଇଥିବା ସର୍ଭେରେ ବିଡେନ୍‌ଙ୍କୁ ୩୦ ପ୍ରତିଶତ ଏବଂ ହାରିସ୍‌ଙ୍କୁ ୭ ପ୍ରତିଶତ ମାର୍କ ମିଳିଥିଲା। ଉକ୍ତ ସର୍ଭେରେ ହାରିସ୍ ଚତୁର୍ଥ ସ୍ଥାନରେ ଥିଲେ। ତେବେ ଗତ ଗୁରୁବାର ହୋଇଥିବା ବିତର୍କରେ ତାଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ଲାଗି ଅଧିକରୁ ଅଧିକ ସମର୍ଥନ ମିଳିଛି। ଯଦି ହାରିସ୍ ନିର୍ବାଚିତ ହୁଅନ୍ତି ତେବେ ସେ ଆମେରିକାର ପ୍ରଥମ ମହିଳା ରାଷ୍ଟ୍ରପତି ହେବେ।

# ଶରଣାର୍ଥୀ ଶିବିରରେ ବୋମା ବର୍ଷା

## ୪୪ ନିହତ, ୧୩୦ରୁ ଉର୍ଦ୍ଧ୍ୱ ଆହତ



### ରାତିଅଧିଆ ଏୟାରଷ୍ଟ୍ରାଇକ୍
- ଏଲ୍‌ଏନ୍‌ଏକୁ ଦାୟୀ କଲେ ପ୍ରଧାନମନ୍ତ୍ରୀ
- ଓଲଟା ଦୋଷ ଲଦିଲେ ହଫ୍‌ତାର
- ଆକ୍ରମଣକୁ ଯୁଦ୍ଧ ଅପରାଧ ଆଖ୍ୟା ଦେଲା ଜାତିସଂଘ

ତ୍ରିପୋଲି,୩।୭

ଲିବ୍ୟା ରାଜଧାନୀ ତ୍ରିପୋଲିସ୍ଥିତ ଏକ ଶରଣାର୍ଥୀ ଶିବିରରେ ବୋମାମାଡ଼ ହୋଇଛି। ମାର୍ଶାଲ ଖଲିଫା ହଫ୍‌ତାରଙ୍କ ଅନୁଗତ ସୈନ୍ୟଙ୍କ ପକ୍ଷରୁ ଆକାଶମାର୍ଗରୁ ତଜୌରାରେ ରାତିଅଧିଆ ଷ୍ଟ୍ରାଇକ୍ କରାଯାଇଛି। ଏଥିରେ ୪୪ ଶରଣାର୍ଥୀ ନିହତ ହୋଇଥିବାବେଳେ ୧୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ଜାତିସଂଘ ସମର୍ଥିତ ସରକାର ବୁଧବାର ସ୍ପଷ୍ଟ କରିଛନ୍ତି। ଆକ୍ରମଣକୁ ଜାତିସଂଘ ଯୁଦ୍ଧ ଅପରାଧର ଆଖ୍ୟା ଦେଇଛି। ଅନ୍ୟପକ୍ଷରେ ହଫ୍‌ତାରଙ୍କ ସେନା ଏହି ଆକ୍ରମଣ ପାଇଁ ସରକାରଙ୍କୁ ଦାୟୀ କରିଛି।

ତଜୌରା ଶରଣାର୍ଥୀ ଶିବିରରେ ୬୦୦ ଜଣ ଆଶ୍ରୟ ନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ହଫ୍‌ତାରଙ୍କ ନେତୃତ୍ୱାଧୀନ ସେନାର ଏକ ଏଫ୍-୧୬ ଫାଇଟର-ବମ୍ବର ତ୍ରିପୋଲି ଆଡ଼କୁ ଅଗ୍ରସର ହୋଇଥିଲା। ଯୁଦ୍ଧବିମାନରୁ ଆକାଶମାର୍ଗରୁ ଶରଣାର୍ଥୀ ଶିବିରକୁ ଟାର୍ଗେଟ କରି ଘନଘନ ବୋମାବର୍ଷଣ କରାଯାଇଥିଲା। ଆକ୍ରମଣରେ ୪୪ ଶରଣାର୍ଥୀ ଚଳିପଡ଼ିଥିବାବେଳେ ୧୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଉପ-ସାହାରୀୟ ଆଫ୍ରିକୀୟ ଅଛନ୍ତି, ଯେଉଁମାନେ କି ଲିବ୍ୟାରୁ ସମୁଦ୍ରପଥରେ ୟୁରୋପ ଯିବା ପାଇଁ ଉଦ୍ୟମ କରୁଥିଲେ। ଆହତଙ୍କୁ ଉଦ୍ଧାର କରିବା ପାଇଁ ଆକ୍ରମଣସ୍ଥଳରେ ରିଲିଫ୍ ଟିମ୍ ଉଦ୍ୟମ ଚଳାଇଛନ୍ତି। ଜାତିସଂଘ ସମର୍ଥିତ ତଥା ପ୍ରଧାନମନ୍ତ୍ରୀ ଫୟେଜ୍ ଅଲ୍-ସରାଜଙ୍କ ନେତୃତ୍ୱାଧୀନ ଗଭର୍ନମେଣ୍ଟ ଅଫ୍ ନ୍ୟାଶନାଲ ଆକର୍ଡ (ଜିଏନ୍‌ଏ) ଏହି ଆକ୍ରମଣ ପାଇଁ ଲିବ୍ୟାନ୍ ନ୍ୟାଶନାଲ୍ ଆର୍ମି (ଏଲ୍‌ଏନ୍‌ଏ)କୁ ଦାୟୀ କରିଛି। ଜେନେରାଲ ହଫ୍‌ତାରଙ୍କ ଏଲ୍‌ଏନ୍‌ଏ ଦ୍ୱାରା ଏହି ଘୃଣ୍ୟ ଅପରାଧ ପ୍ରାୟୋଜିତ ଥିଲା ବୋଲି ଜିଏନ୍‌ଏ ପକ୍ଷରୁ କୁହାଯାଇଛି। ଲିବ୍ୟାରେ ଜାତିସଂଘ ମିଶନର ମୁଖ୍ୟ ଘସାନ୍ ସଲାମା ତଜୌରା ଆକ୍ରମଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ବୋମାମାଡ଼ ପରେ ସମ୍ପୃକ୍ତ ଅଞ୍ଚଳ ରକ୍ତାକ୍ତ ହୋଇଯାଇଥିଲା। ଶରଣାର୍ଥୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଏଠିସେଠି ପଡ଼ିଥିଲା ବୋଲି ଲିବ୍ୟା ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ଖାଲିଦ୍ ବିନ୍ ଗଣହତ୍ୟାର ବର୍ବରତା ବର୍ଣ୍ଣନା କରିଛନ୍ତି।

## ଜଟିଳ ହେଉଛି ଲିବ୍ୟା ସଙ୍କଟ

ତ୍ରିପୋଲି,୩।୭



ଫୟେଜ୍ ଅଲ୍-ସରାଜ



ଖଲିଫା ହଫ୍‌ତାର

ଦିନକୁ ଦିନ ଜଟିଳ ହେବାରେ ଲାଗିଛି ଲିବ୍ୟା ସଙ୍କଟ। ଉତ୍ତର ଆଫ୍ରିକାର ଏହି ଦେଶକୁ ସର୍ବାଧିକ ସମୟ ଶାସନ କରିଥିବା ଏକଛତ୍ରବାଦୀ ମୁଆମାର ଅଲ୍-ଗଦ୍ଦାଫିଙ୍କ ୨୦୧୧ରେ ପତନ ହେବା ପରଠୁ ସେଠାରେ ହିଂସା ଓ ବିଭାଜନ ଲାଗିରହିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଡିଟେନ୍‌ଶନ ସେଣ୍ଟରଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ଶରଣାର୍ଥୀ ଆଶ୍ରୟ ନେଇଛନ୍ତି। ସେପଟେ କ୍ଷମତା ଅକ୍ତିଆର ପାଇଁ ମାର୍ଶାଲ ଖଲିଫା ହଫ୍‌ତାରଙ୍କ ମହତ୍ତ୍ୱାକାଂକ୍ଷା ଦେଶରେ ଅସ୍ଥିରତା ସୃଷ୍ଟିର କାରଣ ସାଜିଛି। ଏପ୍ରିଲ ୧୪ରେ ହଫ୍‌ତାର ନିଜକୁ ଲିବ୍ୟାର ସୁପ୍ରିମ ଲିଡର ଘୋଷଣା କରିଥିଲେ। ସମ୍ପ୍ରତି ଚାଲିଥିବା ଶାନ୍ତି ଯୋଜନାକୁ ପଣ୍ଡ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ସମୁଦାୟକୁ ଏକ ସନ୍ଦେଶ ଦେବା ପାଇଁ ସେ ତ୍ରିପୋଲିକୁ ଦଖଲ କରିନେଇଥିଲେ। ସେବେଠୁ ସେଠାରେ ବିଶେଷକରି ଦକ୍ଷିଣ ତ୍ରିପୋଲିର ଗ୍ରାମାଞ୍ଚଳରେ କ୍ରମାଗତ ଭାବେ ସଂଘର୍ଷ ଲାଗିରହିଛି। ଏଥିରେ ୬୦୦ ଲୋକଙ୍କ ପ୍ରାଣହାନି ଘଟିଥିବାବେଳେ ୫,୦୦୦ରୁ ଉର୍ଦ୍ଧ୍ୱ ଆହତ ହେଲେଣି। ଏହାସହ ୩୦ ହଜାରରୁ ଅଧିକ ପରିବାର ବିସ୍ଥାପିତ ହୋଇ ଘର ଛାଡ଼ିବାକୁ ବାଧ ହୋଇଛନ୍ତି। ୨୦୧୫ରୁ ସେଠାରେ ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ସରକାର ଚାଲିଛି। ଗୋଟିଏ ଜାତିସଂଘ ଦ୍ୱାରା ସମର୍ଥିତ ସରକାର ତ୍ରିପୋଲିରେ ଚାଲିଛି, ଯାହା ଅଧୀନରେ ରାଜଧାନୀ ଓ ପଶ୍ଚିମର କେତେକ ଛୋଟ ସହର ରହିଛି। ଅନ୍ୟ ସରକାର ହଫ୍‌ତାରଙ୍କ ନେତୃତ୍ୱରେ ଚାଲିଛି, ଯାହା ଦଖଲରେ ଅବଶିଷ୍ଟ ବିସ୍ତୃତ ଭୂଖଣ୍ଡ ରହିଛି। ତନ୍ମଧ୍ୟରୁ ଅଧିକାଂଶ ଅଞ୍ଚଳରେ ତୈଳଭଣ୍ଡାର ରହିଛି।

# ଡ୍ୟାମ୍ ଭୁଶୁଡ଼ି ୯ ମୃତ

## ୧୬ ନିଖୋଜ

ମୁମ୍ବାଇ,୩।୭(ପି.ଟି.)

ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ରାତିରେ ଉପକୂଳବର୍ତ୍ତୀ କୋଙ୍କଣ ଅଞ୍ଚଳରେ ନଦୀବନ୍ଧ ଭୁଶୁଡ଼ି ବନ୍ୟାପାଣି ମାଡ଼ିଆସିବାରୁ ୯ ଜଣଙ୍କର ମୃତ୍ୟୁ ହେବା ସହ ଅନ୍ୟ ୧୬ ଜଣ ନିଖୋଜ ଅଛନ୍ତି। ଲଗାଣ ବର୍ଷା ଯୋଗୁ ନଦୀବନ୍ଧ ଉଛୁଳି ତଳିଆ ଅଞ୍ଚଳଗୁଡ଼ିକରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି।

ରତ୍ନଗିରି ଜିଲାର ଚିପଲୁନ୍ ତାଲୁକ୍‌ରେ ଥିବା ତିୱାରେ ଡ୍ୟାମ୍‌ର ଜଳଧାରଣ କ୍ଷମତା ୨୦ ଲକ୍ଷ ଘନମିଟର। ପ୍ରବଳ ବର୍ଷା ଯୋଗୁ ଗତ ରାତିରେ ବନ୍ଧ ଭାଙ୍ଗିଯିବାରୁ ୭ଟି ଗାଁ ଜଳାର୍ଣ୍ଣବ ହେବା ସହ ୧୨ଟି ଘର ଭସାଇ ନେଇଛି। ୩ ମହିଳାଙ୍କ ସମେତ ୯ଟି ମୃତଦେହ ଠାବ ହୋଇଥିଲାବେଳେ ୧୬ ଜଣ ନିଖୋଜ ଥିବା ରତ୍ନଗିରିର ଅତିରିକ୍ତ ଏସ୍‌ପି ବିଶାଲ ଗାଏକୱାଡ କହିଛନ୍ତି। ଏନ୍‌ଡିଆରଏଫ୍ ଏବଂ ରାଜ୍ୟ ପୋଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବନ୍ୟାପ୍ଲାବିତ ଗ୍ରାମଗୁଡିକରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସେ କହିଛନ୍ତି। ଅନ୍ଧକାର ଓ ହଠାତ୍ ବନ୍ୟାପାଣି ମାଡିଆସିବାରୁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅନ୍ୟ ଜଣେ ଅଧିକାରୀ କହିଛନ୍ତି।

ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଥିବାରୁ ମରାମତି ଲାଗି ପ୍ରଶାସନକୁ ଲିଖିତ ଅନୁରୋଧ କରାଯିବା ସତ୍ତ୍ୱେ ସରକାର ତାହା ଶୁଣି ନ ଥିଲେ ବୋଲି ସ୍ଥାନୀୟ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ନଦୀବନ୍ଧରେ ଫାଟ ସମ୍ପର୍କରେ ଗ୍ରାମବାସୀ ଜଣାଇଥିବା ଖବରକୁ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନ ସ୍ୱୀକାର କରିଛନ୍ତି। ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ନିର୍ଦ୍ଦେଶ ଦେଇଛନ୍ତି। କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନଦୀବନ୍ଧ ଭାଙ୍ଗିବା ପାଇଁ ସରକାରଙ୍କ ଅବହେଳା ଦାୟୀ ବୋଲି ଏନ୍‌ସିପି କହିଛି। କେତେଜଣ ମଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ଏନ୍‌ସିପି ସଭାପତି ଜୟନ୍ତ ପାଟିଲ ପ୍ରଶ୍ନ କରିବା ସହ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।



# ବିଏଲ୍‌ଏ ଆତଙ୍କବାଦୀ ସଂଗଠନ

## ଘୋଷଣା କଲା ଆମେରିକା

ୱାଶିଂଟନ,୩।୭(ପି.ଟି.)

'ବେଲୁଚିସ୍ତାନ ଲିବରେଶନ ଆର୍ମି' (ବିଏଲ୍‌ଏ)କୁ ଆମେରିକା ବିଶ୍ୱ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଛି। ବେଲୁଚିସ୍ତାନରେ ପାକିସ୍ତାନୀ ଶାସନକୁ ବିରୋଧ କରୁଥିବା ଏହି ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଆମେରିକାର ଘୋଷଣାକୁ ଅଯଥାର୍ଥ ବୋଲି କହିଛି। ୨୦୦୬ରେ ପାକିସ୍ତାନ ବିଏଲ୍‌ଏକୁ ନିଷିଦ୍ଧ ଘୋଷଣା କରିବା ସହ ଏହାକୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବାକୁ ଆମେରିକାକୁ ଅନୁରୋଧ କରିଥିଲା।

ବିଏଲ୍‌ଏ ଏକ ସଶସ୍ତ୍ର ବିଚ୍ଛିନ୍ନତାବାଦୀ ସଂଗଠନ ଯାହା ବାଲୋଚ ଅଞ୍ଚଳରେ ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଥାଏ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ସଂଗଠନର ଆତଙ୍କବାଦୀଙ୍କୁ ଆମେରିକାରେ କେହି ସହାୟତା କଲେ ତାହାକୁ ଅପରାଧ ଭାବେ ଗ୍ରହଣ କରାଯିବ। ଏଥିସହିତ ଉକ୍ତ ସଂଗଠନର ଆମେରିକାରେ ଯଦି କୌଣସି ସମ୍ପତ୍ତି ଥାଏ ତାକୁ ବାଜ୍ୟାପ୍ତ କରାଯିବ ବୋଲି ପରରାଷ୍ଟ୍ର ବିଭାଗ କହିଛି। ବିଏଲ୍‌ଏ ଗତବର୍ଷ ଅଗଷ୍ଟରେ ଚାଇନାର କେତେଜଣ ଇଞ୍ଜିନିୟରଙ୍କୁ ଟାର୍ଗେଟ କରି ଆତ୍ମଘାତୀ ଆକ୍ରମଣ କରିଥିଲା। ସେହିବର୍ଷ କରାଚୀରେ ଥିବା ଚାଇନା ବାଣିଜ୍ୟିକ ଦୂତାବାସ ଉପରେ ଆକ୍ରମଣ କରିଥିଲା। ଚଳିତ ବର୍ଷ ମେ ମାସରେ ଗ୍ୱାଦରରେ ଥିବା ଏକ ବିଳାସପୂର୍ଣ୍ଣ ହୋଟେଲ ଉପରେ ଆକ୍ରମଣ କରିଥିଲା ବୋଲି ଆମେରିକା କହିଛି। ପ୍ରକାଶ ଯେ, ବେଲୁଚିସ୍ତାନ ଦେଇ ଗତିଶୀଳ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି)କୁ ବିଏଲ୍‌ଏ ବିରୋଧ ଓ ଟାର୍ଗେଟ କରିଆସୁଛି। ତେଣୁ ପାକିସ୍ତାନ ଏହାକୁ ପୂର୍ବରୁ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଛି।

## ବେଆଇନ ଖଣି ଖନନ ରୋକିବାରେ ବିଫଳ
# ମେଘାଳୟକୁ ୧୦୦ କୋଟି ଜରିମାନା

### ଏନ୍‌ଜିଟି ରାୟ ସୁପ୍ରିମକୋର୍ଟରେ କାଏମ

ନୂଆଦିଲ୍ଲୀ,୩।୭ (ପି.ଟି./ଆଇଏଏନ୍‌ଏସ୍)



ବେଆଇନ ଖଣି ଖନନ ରୋକିବାରେ ବିଫଳ ହୋଇଥିବା ମେଘାଳୟ ସରକାରଙ୍କୁ ବୁଧବାର ସୁପ୍ରିମକୋର୍ଟ ୧୦୦ କୋଟି ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି ) ପକ୍ଷରୁ ଏହି ଜରିମାନା ଆଦେଶ ପୂର୍ବରୁ ହୋଇଥିବାବେଳେ ଏ ବାବଦ ଅର୍ଥ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ରେ ଜମା କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବେଆଇନ ଭାବେ ଉତ୍ତୋଳନ କରାଯାଇଥିବା କୋଇଲାକୁ କୋଲ୍ ଇଣ୍ଡିଆକୁ ହସ୍ତାନ୍ତର କରିବା ପାଇଁ ଜଷ୍ଟିସ୍ ଅଶୋକ ଭୂଷଣ ଏବଂ କେ.ଏମ୍. ଜୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। କୋଲ୍ ଇଣ୍ଡିଆ ଲିଃ (ସିଆଇଏଲ୍) ସେହି କୋଇଲାକୁ ନିଲାମ କରି ଅର୍ଥ ଜମା କରିବ। ତେବେ ଘରୋଇ ଓ ସମୁଦାୟ ମାଲିକାନାରେ ଥିବା ଖଣିଗୁଡ଼ିକରେ ଖନନ ସମ୍ପୃକ୍ତ ଅଧିକାରୀଙ୍କ ଅନୁମତିରେ କରାଯାଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ମେଘାଳୟର ପ୍ରାୟ ୨୪,୦୦୦ ଖଣିରେ ବେଆଇନ ଭାବେ ଖନନ କରାଯାଉଥିବା ଦର୍ଶାଇ ଜଷ୍ଟିସ୍ ବି.ପି. କାକୋଟି (ଗୁଜରାଟ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି)ଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ କମିଟି ଏକ ରିପୋର୍ଟ ଦାଖଲ କରିଥିଲା। ଖଣି ଖନନ କରୁଥିବା ସଂସ୍ଥାଗୁଡ଼ିକ ପାଖରେ ଲାଇସେନ୍ସ, ଲିଜ୍ କିମ୍ବା ପରିବେଶ ମଞ୍ଜୁରୀ ନାହିଁ ବୋଲି ଏଥିରେ ଦର୍ଶାଯାଇଥିଲା। ଗତ ଜାନୁୟାରୀ ୪ରେ ଏନ୍‌ଜିଟି ଉକ୍ତ ରିପୋର୍ଟ ଆଧାରରେ ମେଘାଳୟ ସରକାରଙ୍କୁ ୧୦୦ କୋଟି ଟଙ୍କା ଜରିମାନା କରିଥିଲେ।

ପ୍ରକାଶ ଯେ, ଗତ ଡିସେମ୍ବର ୧୩ରେ ମେଘାଳୟର ଇଷ୍ଟ ଜୟନ୍ତିଆ ହିଲ୍ସ ଜିଲାସ୍ଥିତ ଏକ ବେଆଇନ ଖଣିକୁ ୧୫ ଖଣି ଶ୍ରମିକ ଖନନ ପାଇଁ ଯାଇଥିଲେ। ଲିଟେଇନ୍ ନଦୀରେ ପାଣିର ସ୍ରୋତ ସୁଡ଼ଙ୍ଗ ଭିତରକୁ ମାଡ଼ିଯିବାରୁ ସେମାନେ ସେଠାରୁ ବାହାରି ପାରି ନ ଥିଲେ। ଅନେକ ଉଦ୍ୟମ ପରେ ସେମାନଙ୍କ ମଧ୍ୟରୁ ମାତ୍ର ୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇ ପାରିଥିଲା। ଏହା ପରେ ସୁପ୍ରିମକୋର୍ଟ ରାଜ୍ୟରୁ ଖନନ ହୋଇଥିବା କୋଇଲା ପରିବହନ ଉପରେ ରୋକ ଲଗାଇଥିଲେ।






## ଇତିହାସର ଆଇନାରେ | ଜୁଲାଇ ୪ର ପ୍ରମୁଖ ଘଟଣା

### ନୋଜୋମି ପ୍ରୋବ୍ ଲଞ୍ଚ୍

୧୯୯୮ ଜୁଲାଇ ୪ରେ ଜାପାନ ମଙ୍ଗଳକୁ ନୋଜୋମି ପ୍ରୋବ୍ ଲଞ୍ଚ୍ କରି ମହାକାଶ ଅନୁସନ୍ଧାନକାରୀ ରାଷ୍ଟ୍ର ଆମେରିକା ଓ ରୁଷିଆ ସହ ସମକକ୍ଷ ହୋଇପାରିଥିଲା। ଏହାକୁ ଟୋକିଓ ୟୁନିଭର୍ସିଟିର ସ୍ପେସ୍ ଆଣ୍ଡ ଆଷ୍ଟ୍ରୋନଟିକାଲ୍ ସାଇନ୍ସ ପ୍ରତିଷ୍ଠାନ ଦ୍ୱାରା ନିର୍ମାଣ କରାଯାଇଥିଲା।

### ଇରାନ କୂଟନୀତିଜ୍ଞ ଅପହୃତ

୧୯୮୨ ଜୁଲାଇ ୪ରେ ୩ଜଣ ଇରାନୀୟ କୂଟନୀତିଜ୍ଞ ଏବଂ ଖବରଦାତାଙ୍କୁ ଫାଲାଞ୍ଜି ବାହିନୀ ଅପହରଣ କରିନେବା ପରେ ସେମାନଙ୍କର ଆଉ ପତ୍ତା ମିଳି ନ ଥିଲା। ଲେବାନନ୍‌ର ଫାଲାଞ୍ଜି ପାର୍ଟି ହେଉଛି ଏକ ଖ୍ରୀଷ୍ଟିଆନ୍ ଗଣତାନ୍ତ୍ରିକ ରାଜନୈତିକ ଦଳ। ସରକାରୀ ଭାବେ ଏହା ନିରପେକ୍ଷ ହୋଇଥିଲେ ହେଁ ମୁଖ୍ୟତଃ ମାରୋନାଇଟ୍ କ୍ୟାଥଲିକ୍ସ ଏହାକୁ ସମର୍ଥନ କରିଥାଏ।

# 'ଦେଶଦ୍ରୋହ ଆଇନ ରଦ୍ଦ ଯୋଜନା ନାହିଁ'

ନୂଆଦିଲ୍ଲୀ,୩।୭(ପି.ଟି.)

ଦେଶଦ୍ରୋହ ଆଇନ ରଦ୍ଦ କରିବାର କୌଣସି ଯୋଜନା କେନ୍ଦ୍ର ସରକାରଙ୍କର ନାହିଁ ବୋଲି ରାଜ୍ୟ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ବୁଧବାର କହିଛନ୍ତି। ରାଷ୍ଟ୍ରବିରୋଧୀ ତତ୍ତ୍ୱ, ଆତଙ୍କବାଦୀ ଏବଂ ବିଚ୍ଛିନ୍ନତାବାଦୀଙ୍କୁ ଦମନ କରିବା ଲାଗି ଏଭଳି ଆଇନର ଆବଶ୍ୟକତା ରହିଛି ବୋଲି ଟିଆର୍‌ଏସ୍ ଏମ୍‌ପି ବଣ୍ଡା ପ୍ରକାଶଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ୱାଧୀନ ନାଗରିକମାନଙ୍କ ପାଇଁ ଉପନିବେଶୀୟ ଯୁଗର ଆଇନ ଲାଗୁ ହେଉଥିବାରୁ ଏହାକୁ ରଦ୍ଦ କରିବା ଲାଗି ସରକାର ବିଚାର କରୁଛନ୍ତି କି ବୋଲି ଟିଆର୍‌ଏସ୍ ଏମ୍‌ପି ପ୍ରଶ୍ନ କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଦେଶଦ୍ରୋହ ଆଇନକୁ ରଦ୍ଦ କରିବ ବୋଲି ଏହାର ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା।

# ମଦ ବୋତଲରେ ଗାନ୍ଧିଜୀଙ୍କ ଛବି

## କ୍ଷମା ମାଗିଲା ଇସ୍ରାଏଲ୍



**ଜେରୁଜେଲମ୍,୩।୭(ପି.ଟି.):** ଇସ୍ରାଏଲ୍‌ର ୭୧ତମ ସ୍ୱାଧୀନତାର ସ୍ମାରକୀ ସ୍ୱରୂପ ସ୍ଥାନୀୟ ଏକ କମ୍ପାନୀ ଏହାର ମଦବୋତଲରେ ମହାତ୍ମା ଗାନ୍ଧୀଙ୍କ ଛବି ରଖି ବିବାଦୀୟ ହୋଇପଡ଼ିଛି। ଏହାଦ୍ୱାରା ଭାରତ ସରକାର ତଥା ଭାରତୀୟଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ ସମ୍ପୃକ୍ତ କମ୍ପାନୀ କ୍ଷମାପ୍ରାର୍ଥନା କରିଛି। ରାଜ୍ୟ ସଭା ସଦସ୍ୟମାନେ ଏହି ପ୍ରସଙ୍ଗ ଉପରେ ଉଦ୍‌ବେଗ ପ୍ରକାଶ କରିବା ସହିତ ଗୃହର ଅଧ୍ୟକ୍ଷ ଭେଙ୍କାୟା ନାଇଡୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଲାଗି ବୈଦେଶିକ ବ୍ୟାପାରମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ନିର୍ଦ୍ଦେଶ ଦେବାକୁ ନାଇଡୁଙ୍କୁ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ମାଲ୍‌କା ବିୟର କମ୍ପାନୀ ଭାରତ ସରକାର ତଥା ଜନସାଧାରଣଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ କ୍ଷମାପ୍ରାର୍ଥନା କରିଥିବା କମ୍ପାନୀର ବ୍ରାଣ୍ଡ ମ୍ୟାନେଜର ଗିଲାଡ ଡ୍ରୋର ପ୍ରକାଶ କରିଛନ୍ତି। ସେ ଏକ ବିବୃତିରେ କହିଛନ୍ତି, 'ଆମେ ମହାତ୍ମା ଗାନ୍ଧୀଙ୍କୁ ଉଚ୍ଚ ସମ୍ମାନ ପ୍ରଦର୍ଶନ କରୁ। ମଦ ବୋତଲରେ ତାଙ୍କ ଛବି ରଖିଥିବାରୁ ଅତ୍ୟନ୍ତ ଦୁଃଖ ପ୍ରକାଶ କରୁଛୁ'।




ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ


## ବିଶ୍ୱ ଭାତୃତ୍ୱର ପ୍ରତୀକ ପବିତ୍ର ଘୋଷଯାତ୍ରା ଆପଣଙ୍କ ପାଇଁ ଆଣିଦେଉ ଶାନ୍ତି, ପ୍ରଗତି ଓ ସମୃଦ୍ଧି

DSPL-41
10003/13/0030/1920



**ରଥଯାତ୍ରା ସମୟରେ ସୁସ୍ଥ ରହିବା ପାଇଁ:**

- ଖାଇବା ପୂର୍ବରୁ ଭଲଭାବରେ ସାବୁନ୍‌ରେ ହାତ ଧୁଅନ୍ତୁ
- ତଟକା ଖାଦ୍ୟ ଖାଆନ୍ତୁ
- ବିଶୁଦ୍ଧ ପାନୀୟ ଜଳ ପିଅନ୍ତୁ
- ପାଇଖାନା ବ୍ୟବହାର କରନ୍ତୁ
- ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ
- ତରଳ ଝାଡା ହେଲେ ଜଳଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍. ଘୋଳ ପିଅନ୍ତୁ

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା





# ଯୁକ୍ତ୨ ନାମଲେଖା ଆରମ୍ଭ

ଭୁବନେଶ୍ୱର, ୩।୭(ବ୍ୟୁରୋ)

## ୨୯ରେ ପ୍ରଥମବର୍ଷ ପାଠପଢ଼ା

ଯୁକ୍ତ୨ ନାମଲେଖା ବୁଧବାରଠାରୁ ଆରମ୍ଭ ହୋଇଛି। ଏଥର ଯୁକ୍ତ୨ ପ୍ରଥମବର୍ଷ ଲାଗି ୩ଲକ୍ଷ ୭୫ ହଜାର ୯୫୮ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩ଲକ୍ଷ ୩୩ହଜାର ୫୭୩ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ପ୍ରଥମ କଟ୍‌ଅଫ୍‌ରେ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହା ୬ ତାରିଖ ଯାଏ ଚାଲିବ। ଆସନ୍ତା ୧୨ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ସିଟ୍ ବଳକା ପଡ଼ିଲେ ସ୍ପଟ୍ ଆଡ଼ମିଶନ୍ କରାଯିବ। ଜୁଲାଇ ୨୯ରୁ ଯୁକ୍ତ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ।

ତେବେ ପ୍ରଥମ ଦିନରେ ନାମଲେଖାରେ ଅବ୍ୟବସ୍ଥା ଦେଖାଦେଇଛି। ଛାତ୍ରୀଛାତ୍ରମାନେ ଇଣ୍ଟିମେଶନ ଲେଟର୍ ଡାଉନ୍‌ଲୋଡ୍ କରିପାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଦୀର୍ଘ ସମୟ ଧରି ଛାତ୍ରୀଛାତ୍ର ଓ ଅଭିଭାବକ ଏନେଇ ଅପେକ୍ଷା କରି ରହିଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବିନା ଇଣ୍ଟିମେଶନରେ ବି ଆବେଦନପତ୍ରର ନମ୍ବର ଅନୁସାରେ ବିଜେବି କଲେଜରେ ଆଡ଼ମିଶନ ହେଉଥିବା କଲେଜ କର୍ତ୍ତୃପକ୍ଷ କହିଛନ୍ତି। ସେହିଭଳି ସିବିଏସ୍‌ଇ ଓ ଆଇସିଏସ୍‌ଇ ଛାତ୍ରୀଛାତ୍ରଙ୍କ ଆଡମିଶନ୍‌ରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଆଡ଼ମିଶନ୍ ପାଇଁ ଆବଶ୍ୟକ ପଡୁଥିବା ଆଫିଡେଭିଟ୍ ହୋଇପାରୁନି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।




ଆଦି
କେ.ସି. ପାଲ୍ ଏଣ୍ଡ ସନ୍ସ
୮୪ ପଣ୍ଡିତ ପୁରୁଷୋତ୍ତମ ରାୟ ଷ୍ଟ୍ରୀଟ୍, ପ୍ରଥମ ମହଲା, କୋଲକାତା - ୭୦୦୦୦୭
Ph.: 2241 5682, 2268 7104 Mob: 9830508724,
E-mail: adikcpaul@gmail.com


See Career Appointment on every Wednesday & Saturday

# ପ୍ରଫେସର ଗୌରକିଶୋର ଦାସଙ୍କ ପରଲୋକ

ଭୁବନେଶ୍ୱର, ୩।୭(ବ୍ୟୁରୋ)



ପ୍ରଫେସର ଗୌରକିଶୋର ଦାସ

ବିଶିଷ୍ଟ ଶିକ୍ଷାବିତ୍ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୌରକିଶୋର ଦାସଙ୍କର ବୁଧବାର ଦେହାନ୍ତ ହୋଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ପ୍ରଫେସର ଦାସ ଦିଲ୍ଲୀର ନୋଏଡ଼ାସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଗତ ୩ଦିନ ହେଲା ଚିକିତ୍ସାଧୀନ ଥିଲେ। ତେବେ ବୁଧବାର ସକାଳେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ତଥା ସୁପ୍ରିମକୋର୍ଟର ଓକିଲ ବୁଲ୍‌ବୁଲ୍ ଦାସ ଓ ସାନଝିଅ ଗୀତାଞ୍ଜଳି ଦାସ ଉପସ୍ଥିତ ଥିଲେ। ପ୍ରଫେସର ଦାସ ଆଠଗଡ଼ରେ ସ୍କୁଲ ଶିକ୍ଷା ସମାପ୍ତ ପରେ ରେଭେନ୍‌ଶା କଲେଜରେ ଅଧ୍ୟୟନ କରିଥିଲେ। ସେ ରେଭେନ୍‌ଶା କଲେଜରେ ସ୍ନାତକରେ ଟପ୍ପର ହେବା ପରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ସେ କେମ୍ବ୍ରିଜ୍‌ରେ ଇଂଲିଶରେ ଗବେଷଣା ଶେଷ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗରେ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆର୍ଟସ୍ ଆଣ୍ଡ ହ୍ୟୁମାନିଟିଜ୍ ବିଭାଗର ଡିନ୍ ହୋଇଥିଲେ। ପ୍ରଫେସର ଦାସ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସାଉଥ୍ କ୍ୟାମ୍ପସ୍‌ର ନିର୍ଦ୍ଦେଶକ ମଧ୍ୟ ହୋଇଥିଲେ। ପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୯୯୫-୯୮ ପର୍ଯ୍ୟନ୍ତ କୁଳପତି ଭାବେ କାର୍ଯ୍ୟ କରିଥିଲେ। ଇଂଲିଶ ଭାଷା ସାହିତ୍ୟରେ ସେ ଜଣେ ବିଶେଷଜ୍ଞ ଥିଲେ।


## Excellent performance by Aakashians in Odisha JEE (NEET) 2019

All Results are from our Classroom Program in General Category

Our Top Rankers as per Odisha JEE State Merit List of MBBS-2019

- 2 State Rank — Ashutosh Dash, SCORE-670
- 3 State Rank — Biswajeet Nayak, SCORE-668
- 4 State Rank — Sohan Dinda, SCORE-667
- 5 State Rank — Dipti Ranjan Panda, SCORE-664
- 6 State Rank — K Yasaswini, SCORE-664
- 8 State Rank — Ananya Ray, SCORE-660
- 9 State Rank — Bighnesh Pradhan, SCORE-660
- 10 State Rank — Ashish Ku. Rout, SCORE-660
- S.RANK 11 — Papun Ku. Rout, Score-660
- S.RANK 12 — Pratyush Khuntia, Score-656
- S.RANK 14 — B Shrabani Suman, Score-654
- S.RANK 15 — Nandini Agarwal, Score-652
- S.RANK 16 — Amlan Mohapatra, Score-650
- S.RANK 18 — Bastabika Pati, Score-648
- S.RANK 19 — Raktima Rout, Score-648
- S.RANK 22 — Devi Pr. Sahoo, Score-647
- S.RANK 25 — Bibekananda Prusty, Score-646

...and many more

ADMISSION OPEN
Regular Medical Course NEET/AIIMS 2020 (XII Passed Students)
Power Step / Regular Course JEE (Main & Adv.) 2020 (XII Passed Students)
Class Commences From : 12th July, 2019 (Friday)
ACST ADMISSION CUM SCHOLARSHIP TEST 07th July, 2019

SCHOLARSHIP FOR THE SESSION 2019-2020
1. Upto 100% Scholarship to NTSE / Olympiad Achievers.
2. Upto 100% Scholarship for Martyr.
3. Upto 75% Scholarship to KVPY Qualifiers.
4. Upto 65% Scholarship through ACST.
5. Upto 40% Scholarship on % or grade basis of X / XII Board.
6. Upto 30% Scholarship on JEE (Main) Ranker/Qualifier.
7. Upto 20% Scholarship for Ex-Aakashian.
8. Upto 5% Scholarship for Siblings & Single Parents' Ward.
9. 50% Scholarship for > 450 Marks, 45% for > 400 Marks, 35% for > 350 Marks, 25% for > 300 Marks in NEET 2019

Aakash
Medical | IIT-JEE | Foundations
(Divisions of Aakash Educational Services Ltd.)

BHUBANESWAR CENTRE (1): 10, Bhouma Nagar, Sachivalaya Marg, Unit-IV, Bhubaneswar-751001, Phone. (0674) 3945454
BHUBANESWAR CENTRE (2): 125, District Centre, Chandrasekharpur, BBSR-16 Phone. (0674) 2747010/11/12
CUTTACK CENTRE: Link Road, Madhupatna Cuttack - 753010 Phone. (0671) 3945454
Regd. Off. : Aakash Tower, 8, Pusa Road, New Delhi-05, Ph. (011) 47623456

Angul, Dhenkanal, Boudh, Kandhamal : 9337355233, Balasore, Bhadrak, Baripada, Keonjhar, Mayurbhanj : 9337355746/238, Berhampur, Ganjam, Gajapati : 9337355766, Bhubaneswar : 9337355235/236/747, Bolangir, Kalahandi, Nuapada : 9337355237, Cuttack : 9337355754, Jeypore, Koraput, Rayagada : 9337355232, Jajpur, Jagatsinghpur, Kendrapada : 9337355773, Rourkela, Sundergarh, Jharsuguda : 9337355752, Sambalpur, Sonepur, Bargarh : 9337355234



NECC NATIONAL EGG CO-ORDINATION COMMITTEE 03.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 99 | 157 | 167 |
| CTC | 99 | 157 | 167 |
| DKL | 98 | 155 | 165 |
| BDK | 95 | 152 | 162 |
| BLS | 95 | 152 | 162 |
| ANG | 99 | 157 | 167 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers




TOP IN TOWN RAINWEAR
Monsoon wala Love
RAINSUITS | SKIRT-TOPS | OVERCOATS | JACKETS | ACCESSORIES
Available in Leading Stores
Email: easternrainwear@gmail.com | Mobile: 98198 86500



"ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ଶୁଭ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖୁବ୍‌ଶୀଘ୍ର କଂଗ୍ରେସରେ ଆମୂଳଚୂଳ ପରିବର୍ତ୍ତନ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ରାଜ୍ୟ କଂଗ୍ରେସର ସାଙ୍ଗଠନିକ ସ୍ତରରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ତୃଣମୂଳସ୍ତରରୁ କଂଗ୍ରେସକୁ ପୁଣିଥରେ ମଜଭୁତ କରିବାକୁ ଉଦ୍ୟମ କରାଯିବ। ସଙ୍ଗଠନରେ ନୂଆ ଲୋକଙ୍କୁ ସୁଯୋଗ ଦିଆଯାଇ ଦଳକୁ ମଜଭୁତ କରିବା ପାଇଁ ଚେଷ୍ଟା କରାଯିବ ବୋଲି କଂଗ୍ରେସ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଦଳ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛି। ୨୦୧୪ ସାଧାରଣ ନିର୍ବାଚନରେ ୧୬ଟି ବିଧାନସଭା ଆସନରେ ଦଳକୁ ସଫଳତା ମିଳିଥିବା ବେଳେ କଂଗ୍ରେସ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇ ଆସୁଥିଲା। ହେଲେ ଦଳ ମଧ୍ୟରେ ନେତୃତ୍ୱ ବିବାଦ ଏତେ ବ୍ୟାପକ ହେଲା ଯେ, ଦଳ ୨୦୧୯ ନିର୍ବାଚନରେ ରାଜ୍ୟରେ ତୃତୀୟ ସ୍ଥାନକୁ ଖସି ଆସିଛି। ୨୦୧୪ ନିର୍ବାଚନ ପରେ ପ୍ରସାଦ ହରିଚନ୍ଦନଙ୍କୁ ପିସିସି ସଭାପତି କରାଯାଇଥିଲା। ହେଲେ ତାଙ୍କ ନେତୃତ୍ୱକୁ ନେଇ ଦଳରେ ବିଶୃଙ୍ଖଳା ସୃଷ୍ଟି ହେବାରୁ ବାଧ୍ୟ ହୋଇ ନିରଞ୍ଜନ ପଟ୍ଟନାୟକଙ୍କୁ ସଭାପତି ଦାୟିତ୍ୱ ଦିଆଗଲା। ଗତ ନିର୍ବାଚନରେ ମଧ୍ୟ କଂଗ୍ରେସ ନିରଞ୍ଜନଙ୍କ ନେତୃତ୍ୱରେ ଲଢ଼ିଥିଲା। ଦାୟିତ୍ୱ ନେବା ପୂର୍ବରୁ ଦଳକୁ ମଜଭୁତ କରିବା ପାଇଁ ସେ ବ୍ୟାପକ କାର୍ଯ୍ୟକ୍ରମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିର୍ବାଚନରେ ଦଳ ମାତ୍ର ୯ଟି ଆସନରେ ବିଜୟୀ ହେବାପରେ ନିରଞ୍ଜନ ନିଜ ଆଡୁ ସଭାପତି ପଦରୁ ଇସ୍ତଫା ଦେଇଦେଲେ। ହେଲେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିରଞ୍ଜନଙ୍କ ଇସ୍ତଫାପତ୍ର ଗ୍ରହଣ କରିନାହିଁ। ଯେହେତୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ନେଇ ଦଳରେ ସଙ୍କଟ ଲାଗି ରହିଥିଲା ସେଥିଲାଗି ନିରଞ୍ଜନଙ୍କ କଥାକୁ ଏଆଇସିସି ସେତେଟା ଗୁରୁତ୍ୱ ଦେଇ ନ ଥିଲା। କେବଳ ନିରଞ୍ଜନ ନୁହନ୍ତି ଆଉ କେତେକ ରାଜ୍ୟର ପିସିସି ସଭାପତି ମଧ୍ୟ ଇସ୍ତଫା ଦେଇଥିବା ବେଳେ ତାଙ୍କ କ୍ଷେତ୍ରରେ ଏଆଇସିସି କୌଣସି ବିଚାର କରିନାହିଁ। ଏଭଳି ସ୍ଥିତିରେ ବୁଧବାର ରାହୁଲ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇସାରିଛନ୍ତି। ନିଜ ଇସ୍ତଫା ପତ୍ରରେ ସେ ୧୪ଟି କାରଣ ଦର୍ଶାଇ ପଦ ଛାଡ଼ିଛନ୍ତି। ଏବେ କଂଗ୍ରେସର ନୂଆ ଅଧ୍ୟକ୍ଷ ଗାନ୍ଧୀ ପରିବାରର ବାହାରୁ ଜଣଙ୍କୁ କଂଗ୍ରେସର ଅଧ୍ୟକ୍ଷ କରାଯିବ ବୋଲି ଜଣାପଡ଼ିଛି। ସେହି ଅନୁଯାୟୀ ସାରା ଦେଶରେ କଂଗ୍ରେସର ରୂପରେଖ ବଦଳିବ ବୋଲି କୁହାଯାଉଛି। ଅପରପକ୍ଷରେ ନିରଞ୍ଜନ ପଟ୍ଟନାୟକ ନିର୍ବାଚନ ଶେଷ ହେବାପରେ ପ୍ରଥମ ଥର ଲାଗି ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତ କରିଥିଲେ। ବୁଧବାର ସେ ଜିତେନ୍ଦ୍ର ସିଂଙ୍କୁ ଭେଟିଥିବା ଜଣାପଡ଼ିଛି। ନିରଞ୍ଜନ କହିଛନ୍ତି ଯେ, ତାଙ୍କ ଇସ୍ତଫା ନେଇ ଆଲୋଚନା ହୋଇଛି। ସେମାନେ ନିଷ୍ପତ୍ତି ନେଇ ଜଣାଇବେ। ନିର୍ବାଚନ ପରାଜୟ କାରଣ ଖୋଜିବାକୁ ଗଠିତ କମିଟି ଏ ପର୍ଯ୍ୟନ୍ତ ରିପୋର୍ଟ ପ୍ରଦାନ କରିନାହିଁ।

ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ଜିତେନ୍ଦ୍ର ସିଂ ଏବଂ ପିସିସି ସଭାପତିଙ୍କ ଉପସ୍ଥିତିରେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ନିର୍ବାଚନ ପ୍ରଦର୍ଶନ ନେଇ ଦୁଇଟି ପୃଥକ୍ ପୃଥକ୍ ବୈଠକ ହୋଇଥିଲା। ପ୍ରଥମ ବୈଠକରେ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ନେତାମାନେ ଯୋଗଦେଇ ଦଳର ପ୍ରଦର୍ଶନ ଖରାପ ହେବା ସମ୍ପର୍କରେ ମତ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଦଳର ବରିଷ୍ଠ ନେତାମାନଙ୍କୁ ନେଇ ଏକ ବୈଠକ ବସିଥିଲା। ଏଥିରେ ରାହୁଲଙ୍କ ଇସ୍ତଫାପତ୍ର ଗ୍ରହଣ ନ କରିବା ନେଇ ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ସମୟରେ ନିରଞ୍ଜନ ମଧ୍ୟ ନିଜ ଇସ୍ତଫାପତ୍ର କିପରି ଗ୍ରହଣ କରା ନ ଯିବ ସେନେଇ ଏକ ପ୍ରସ୍ତାବ ପାରିତ କରିବାକୁ ଉଦ୍ୟମ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ପଣ୍ଡ ହୋଇଥିଲା ବୋଲି ବୈଠକରେ ଉପସ୍ଥିତ କେତେଜଣ ନେତା କହିଥିଲେ। ସେହି ବୈଠକ ପରେ ଜିତେନ୍ଦ୍ର କହିଥିଲେ ଯେ, ଆସନ୍ତା ୬ ମାସ ମଧ୍ୟରେ ସଭାପତି ପଦ ପରିବର୍ତ୍ତନ ହେବ ନାହିଁ। ଏହାପରେ ଦଳରେ ଆମୂଳଚୂଳ ପରିବର୍ତ୍ତନ ହେବ। ତେଣୁ ଏଭଳି ସମୟରେ ନିରଞ୍ଜନ ଓ ଜିତେନ୍ଦ୍ରଙ୍କ ଭେଟଘାଟକୁ ନେଇ ଦଳର କିଛି ରାଜ୍ୟ ନେତୃବୃନ୍ଦ ସନ୍ଦେହ ପ୍ରକଟ କରିଛନ୍ତି। ନିରଞ୍ଜନ ସଭାପତି ପଦ ନ ଛାଡ଼ିବାକୁ ନୂଆ ଯୋଜନା କରୁଥିବା ଚର୍ଚ୍ଚା ହେବାରେ ଲାଗିଛି।

■ ନୂଆ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସରଳତା ମନ୍ତ୍ର

# ଦୁର୍ନୀତିଠାରୁ ଦୂରରେ ରହିଲେ ବିଜୟ ସହଜ



ନବୀନ ନିବାସରେ ବୁଧବାର ଅନୁଷ୍ଠିତ ବିଧାୟକମାନଙ୍କ ବୈଠକ ।

- ■ ସରଳ ଜୀବନଯାପନକୁ ଗୁରୁତ୍ୱ
- ■ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠିବାକୁ ପରାମର୍ଶ
- ■ ବଡ଼ ଗାଡ଼ି, ମୋଟା ଚେନ୍ ମନା

**ଭୁବନେଶ୍ୱର,୩।୭(ବ୍ୟୁରୋ)**

ସାଧାରଣ ନିର୍ବାଚନ ସରିଯାଇଛି। ବିଜେଡି ଲଗାତର ୫ମ ଥର ପାଇଁ ରାଜ୍ୟରେ କ୍ଷମତାସୀନ ହୋଇଛି। ଏ ସବୁ ସତ୍ତ୍ୱେ ବି ଦଳକୁ ସଂଗଠନ ଏବଂ ତୃଣମୂଳରେ ଭାବମୂର୍ତ୍ତି ରକ୍ଷା କରିବାର ଚିନ୍ତା ଘାରିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ହିଁ ବିଧାନସଭାରେ ଦଳ ବିଜୟର ପ୍ରମୁଖ କାରଣ। ତୃଣମୂଳରେ ବିଜେଡିର ବହୁ ନେତା ଲୋକପ୍ରିୟତା ହରାଇଥିଲେ । ଏହି କାରଣରୁ ଦଳ ଅଧିକାଂଶ ଆସନରେ ନିଜ ପ୍ରାର୍ଥୀ ବଦଳାଇବାକୁ ବାଧ୍ୟ ହୋଇଥିଲା। ବହୁ ନୂଆ ବିଧାୟକ ନିର୍ବାଚନ ଜିତି ଷୋଡଶ ବିଧାନସଭାକୁ ଆସିଛନ୍ତି। ସେମାନେ ତୃଣମୂଳସ୍ତରରେ ଦଳର ଚେହେରା ହୋଇଥିବାରୁ ବିଜେଡି ସଭାପତି ନୂଆ ବିଧାୟକମାନଙ୍କୁ ସରଳତାର ପାଠ ପଢାଇଛନ୍ତି। ନୂଆ କରି କ୍ଷମତାକୁ ଆସିଥିବା ନେତୃବୃନ୍ଦ ଯେପରି ପୂର୍ବ ନେତାମାନଙ୍କ ଭୁଲ୍ ନ ଦୋହରାଇବେ, ସେଥିପ୍ରତି ସେମାନଙ୍କୁ ଆଗୁଆ ସତର୍କ କରାଯାଇଥିବା ସମୀକ୍ଷକମାନେ ମତ ରଖିଛନ୍ତି।

ବୁଧବାର ପୂର୍ବାହ୍ନ ୯ଟାରେ ନବୀନ ନିବାସକୁ ସମସ୍ତ ନୂତନ ବିଧାୟକଙ୍କୁ ଡକାଯାଇଥିଲା। ସେହି ଅନୁସାରେ ବିଧାୟକ କାଳବିଳମ୍ବ ନ କରି ସେଠାରେ ପହଞ୍ଚିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଜଳପାନ ଦେଇ ସରଳତାର ମନ୍ତ୍ର ପଢାଇଥିଲେ। ବୈଠକରେ ବିଜେଡି ସଭାପତି ନବୀନ କହିଥିଲେ ଯେ, ୨୦୦୦ ମସିହାରେ ପ୍ରଥମକରି ବିଧାୟକ ଭାବେ ନିର୍ବାଚିତ ହେବା ପରେ ନିଜ ନିର୍ବାଚନ ମଣ୍ଡଳୀର ବିଡିଓମାନଙ୍କୁ ଡକାଇଥିଲି। ସେମାନେ କାର୍ଯ୍ୟକ୍ଷେତ୍ରରେ କୌଣସି ଭୟ ଓ ଅନୁଗ୍ରହ ପ୍ରଦର୍ଶନ ନ କରି ସବୁ ଲୋକଙ୍କ ପାଇଁ କାମ କରନ୍ତୁ। ଦଳୀୟ ଭିତ୍ତିରେ କୌଣସି ବାଛବିଚାର କରନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଧାୟକ ଭାବେ ହେଉ ବା ମୁଖ୍ୟମନ୍ତ୍ରୀ ଭାବେ ହେଉ, ସେ ସବୁବେଳେ ନିଷ୍ଠାର ସହିତ ସରଳତାର ନୀତିକୁ ପାଳନ କରି ଆସୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ବିଧାୟକମାନେ ସବୁବେଳେ ସେହି ନୀତିକୁ ଅନୁସରଣ କରନ୍ତୁ। ବିଜୁବାବୁ ଯେପରି ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ସବୁ ବର୍ଗର ଲୋକମାନଙ୍କୁ ସାହାଯ୍ୟ କରୁଥିଲେ, ସେଥିରୁ ପ୍ରେରଣା ନେବାର ଆବଶ୍ୟକତା ଥିବା ନବୀନ କହିଥିଲେ। ତାଙ୍କ ନିଜସ୍ୱ ଅନୁଭୂତି ଅନୁଯାୟୀ ଦୁର୍ନୀତିଠାରୁ ଦୂରରେ ରହି ଲୋକଙ୍କ ପାଇଁ କାମ କଲେ, ନିର୍ବାଚନ ବିଜୟ ସହଜ ହେବ। ସେହିଭଳି ଯଦି କେବଳ ନିର୍ବାଚନକୁ ଦୃଷ୍ଟିରେ ରଖି ନେତାମାନେ କାମ କରନ୍ତି ତେବେ ତାହା ବିପରୀତ ହେବ । ସାଧାରଣ ଜୀବନରେ ସରଳତା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଲୋକମାନେ ସରଳତାକୁ ପସନ୍ଦ କରିଥାନ୍ତି। ଯଦି ଜଣେ ଅହଂକାରୀ ଓ ବିଳାସପୂର୍ଣ୍ଣ ଜୀବନଯାପନ କରେ ତେବେ ଏହା ସାଧାରଣ ଲୋକ ଏବଂ ତାଙ୍କ ପ୍ରତିନିଧିଙ୍କ ମଧ୍ୟରେ ଏକ ଦୂରତା ସୃଷ୍ଟି କରିବ ବୋଲି ବିଜେଡି ସଭାପତି ଚେତାଇ ଦେଇଛନ୍ତି। ତେଣୁ ସେ ଦେଉଥିବା ସରଳତାର ପରାମର୍ଶକୁ ଗୁରୁମନ୍ତ୍ର ଭାବେ ଗ୍ରହଣ କରି ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସକୁ ଅତୁଟ ରଖି ପରିଶ୍ରମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିର୍ବାଚନମଣ୍ଡଳୀ ସମେତ ବିଧାନସଭାରେ କିପରି ସମସ୍ତେ ସକାରାତ୍ମକ ଭୂମିକା ଗ୍ରହଣ କରିବେ, ସେ ନେଇ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ପରାମର୍ଶ ଦିଆଯାଇଥିଲା।

ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ରାଜ୍ୟ ମନ୍ତ୍ରୀ ପରିଷଦର କେତେଜଣ ସଦସ୍ୟ ନୂଆ ବିଧାୟକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏପରି କି ନୂଆ ବିଧାୟକମାନେ ଦାମୀ ଗାଡି ଚଢିବା, ମୋଟା ସୁନାଚେନ୍ ନ ପକାଇବା ପାଇଁ ଜନୈକ ମନ୍ତ୍ରୀ କହିଥିଲେ। ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନକୁ ସୁଦୃଢ କରିବା ପାଇଁ ନିୟମିତ କାର୍ଯ୍ୟ କରିବା, ସରକାରୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ନିର୍ବାଚନ ସମୟର ପ୍ରତିଶ୍ରୁତି ପାଳନ କରିବା ପାଇଁ ନୂଆ ବିଧାୟକଙ୍କୁ ପରାମର୍ଶ ଦିଆଯାଇଛି। ରାଜନୈତିକ ସମୀକ୍ଷକଙ୍କ ମତ ଅନୁଯାୟୀ, ନିର୍ବାଚନ ପରେ ପାଟଣାଗଡ ବିଧାୟକ ସରୋଜ ମେହେର ଜେଇଙ୍କୁ ଉଠ୍‌ବସ କରିବା ଘଟଣା ଶାସକ ଦଳକୁ ଅଡୁଆରେ ପକାଇଥିଲା। ତେଣୁ ଏପରି କାର୍ଯ୍ୟର ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ବିଜେଡିର ଶୀର୍ଷ ନେତା ନବୀନଙ୍କୁ ଛାଡିଦେଲେ ଦଳର ସର୍ବମାନ୍ୟ ନେତୃତ୍ୱ ନାହାନ୍ତି। ବିଧାୟକମାନଙ୍କ କାର୍ଯ୍ୟକଳାପ ହିଁ ତୃଣମୂଳରେ ଦଳର ଦର୍ପଣ ସଦୃଶ। ତେଣୁ ପଞ୍ଚମ ପାଳି ପ୍ରାରମ୍ଭରେ ଅହଂକାର ଏବଂ ଦୁର୍ନୀତିରୁ ଦୂରେଇ ରହିବା ପାଇଁ ପଦକ୍ଷେପ ନିଆଯାଇଛି।

## କୁଶଭଦ୍ରା ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଗୋପ,୩।୭(ଡି.ଏନ୍.ଏ.)–କୁଶଭଦ୍ରା ନଦୀରେ ବୁଡ଼ି ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତ ବାଲିସାହି ଗ୍ରାମର କାଶୀନାଥ ବେହେରା(୬୦)। କାଶୀନାଥ ସବୁଦିନ ପରି ମଇଁଷି ଚରାଇବା ଲାଗି ବଳରାମ ଗଡ଼ିସ୍ଥିତ କୁଶଭଦ୍ରା ନଦୀ ପାର ହୋଇ ଯାଉଥିଲେ। ଏହି ସମୟରେ ଅସାବଧାନତା ବଶତଃ ସେ ନଦୀ ପାଣିରେ ବୁଡ଼ି ଯାଇଥିଲେ। ଅଗ୍ନିଶମ କର୍ମଚାରୀ କାଶୀନାଥଙ୍କୁ ଉଦ୍ଧାର କରିବା ପରେ ତାଙ୍କୁ ଗୋପ ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## ରେମୁଣା, ଲକ୍ଷ୍ମୀପୁର ବିଧାୟକଙ୍କ ବିରୋଧରେ ହାଇକୋର୍ଟରେ ମାମଲା

କଟକ ଅଫିସ, ୩।୭– ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ପରାଜିତ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଏହି ମାମଲା ରୁଜୁ କରିଛନ୍ତି। ଗୋବିନ୍ଦ ନିଜ ପିଟିଶନରେ ଦର୍ଶାଇଛନ୍ତି, ବିଧାୟକ ପରିଡ଼ା ନିଜ ସତ୍ୟପାଠରେ ସମ୍ପୂର୍ଣ୍ଣ ସମ୍ପତ୍ତି ତାଲିକା ପ୍ରଦାନ କରିନାହାନ୍ତି। ତେଣୁ ବିଧାୟକଙ୍କ ପଦବୀକୁ ରଦ୍ଦ କରିବାକୁ ସେ ନିବେଦନ କରିଛନ୍ତି। ସେହିପରି ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ବିଧାୟକ ପ୍ରଭୁ ଜାନିଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ କୈଳାସ ଚନ୍ଦ୍ର କୁଲେସିକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୁଲେସିକା ନିଜ ପିଟିଶନରେ ଦର୍ଶାଇଛନ୍ତି, ବିଧାୟକଙ୍କ ନାମାଙ୍କନପତ୍ର ବେଆଇନ। ଭୋଟ ଗ୍ରହଣ ଓ ଗଣତି ଦିନ ବିଧାୟକ ଅସାଧୁ ଉପାୟ ଅବଲମ୍ବନ କରିବାରୁ ଅଳ୍ପ ଭୋଟରେ ସେ ପରାଜିତ ହୋଇଛନ୍ତି। ତେଣୁ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ କୁଲେସିକା ହାଇକୋର୍ଟରେ ନିବେଦନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ସ୍ୱରାଶିସ୍ଥ ଚନ୍ଦ୍ର ରାଶ୍ୟାଧିପତିଙ୍କ ସହିତ ଚତୁର୍ଥଭାବସ୍ଥ ଯୋଗୁ ପରିବାର, ବନ୍ଧୁ ଗହଣରେ ସମୟ ଅତିବାହିତ କରିବେ। ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ ପୂର୍ବସ୍ଥିରୀକୃତ କାମରେ କୌଣସି ଅସୁବିଧା ହେବନାହିଁ। ସାମୟିକ ଭାବେ ଗୃହ, ଭୂମି, ଗାଡି, ମୋଟର, ସହକର୍ମୀ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି।

**ବୃଷ** – ଧନ ସ୍ଥାନରେ ରବି ଓ ରାହୁ ଅବସ୍ଥାନ କରିଥିବା କାରଣରୁ ଧନହାନି କିମ୍ବା କଳହର ଆଶଙ୍କା ରହିଛି। ମଙ୍ଗଳ ସହ ବୁଧ ପ୍ରଭାବରେ ରୁକ୍ଷ ଓ କଠୋର ଭାଷାର ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଆନୁଷ୍ଠାନିକ କାମ, ସଭାସମିତି, କଳା, କ୍ରୀଡ଼ା ତଥା ସଙ୍ଗୀତାଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିପାରେ।

**ମିଥୁନ** – ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶରୁ ମନ ଭଲ ରହିବ ନାହିଁ। ଅବଶ୍ୟ ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ।

**କର୍କଟ** – ଏକାଧାରାରେ ଚନ୍ଦ୍ର, ବୁଧ ଓ ମଙ୍ଗଳଙ୍କ ସଂଯୋଗ ହେତୁ ଆଜି ବନ୍ଧୁ ଗହଣରେ ହସଖୁସି ଆନନ୍ଦ ମଧ୍ୟରେ ସମୟ ଅତିବାହିତ କରିବେ। କାମର ଚାପ ବଢିଯିବା କାରଣରୁ ଭଲରୂପେ ଖାଇବା ସକାଶେ ମଧ୍ୟ ସମୟ ପାଇବେ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** – ବ୍ୟୟଭାବସ୍ଥ ଗ୍ରହମାନଙ୍କ ପ୍ରଭାବରୁ କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। ଅପରାହ୍ନ ସମୟରେ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ସାମୟିକ ଖୁସି ହୋଇଯାଇପାରେ। ନିକଟସ୍ଥ ବ୍ୟକ୍ତିବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। କଳା, କ୍ରୀଡ଼ା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି।

**କନ୍ୟା** – ଆଜିର ଦିନଟି ପ୍ରାୟତଃ ଭଲରେ ଯିବ, ବିଶେଷ ଅସୁବିଧାର ସୂଚନା ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ନିଜର ଉପସ୍ଥିତି ବୁଦ୍ଧି ଖଟାଇ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳିନେବେ।

**ତୁଳା** – ମୁଖଭାବସ୍ଥ ବୃହସ୍ପତି ଆପଣଙ୍କୁ ଯୁକ୍ତିସଂଗତ ପ୍ରକାଶଭଙ୍ଗୀ ମାଧ୍ୟମରେ ଜନାଦୃତ କରାଇପାରନ୍ତି। ଯାହା ଆଶା କରୁଛନ୍ତି ସେଥିରେ ନୈରାଶ୍ୟ ଅନୁଭବ କରିବେ ନାହିଁ। ନୂତନ ବନ୍ଧୁସମ୍ପର୍କ ସ୍ଥାପନ ହେବା ସହ ପାରିବାରିକ ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ।

**ବିଛା** – ଅଷ୍ଟମ ଓ ନବମସ୍ଥ ଗ୍ରହ ପ୍ରଭାବରେ ସମସ୍ୟା ମଧ୍ୟରେ କାମ ହାସଲ କରିବେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଏକପ୍ରକାର ଖୁସି ଅନୁଭବ କରିବେ।

**ଧନୁ** – ଆଜି ପୂର୍ବ ଯୋଜନାନୁଯାୟୀ ବନ୍ଧୁମେଳରେ ଯାତ୍ରା କରିବେ। ଦିନଟିରେ ବିବାଦରୁ ଦୂରେଇ ରହିବା ଭଲ ନଚେତ୍ ଅଯଥା ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଆପଣଙ୍କ ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ଅବଶ୍ୟ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ।

**ମକର** – ସ୍ୱଗୃହୀ ଚନ୍ଦ୍ର ଅନ୍ୟ ଦୁଇଗ୍ରହଙ୍କୁ ନେଇ ଆପଣଙ୍କ କାର୍ଯ୍ୟ ସାଧନ ଦିଗରେ ଉତ୍ତମ ପରିବେଶ ସୃଷ୍ଟି କରିବେ। ଘରକୁ ଆସିଥିବା ନୂଆ ବନ୍ଧୁମାନଙ୍କୁ ମଧୁର ବ୍ୟବହାର ଦ୍ୱାରା ଆପ୍ୟାୟିତ କରିବା ସକାଶେ ବାଧ୍ୟ ହେବେ। ସାମାନ୍ୟ ବ୍ୟତିକ୍ରମ ଓ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ।

**କୁମ୍ଭ** – ପ୍ରିୟଜନଙ୍କ ସହ ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ଶନିଙ୍କ ପ୍ରଭାବରେ ସଜ୍ଜନସଂଗତି ଲାଭ କରିବାର ସୁଯୋଗ ପାଇପାରିବେ। ନୂତନ କର୍ମାରମ୍ଭ କ୍ଷେତ୍ରରେ ପାଖପଡ଼ୋଶୀ ଏବଂ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସାମୟିକ ଭାବପ୍ରବଣତାରେ ହଜିନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଭଲ ହେବ।

**ମୀନ** – ଗ୍ରହାବସ୍ଥାନ ପୃଷ୍ଠଭୂମିରେ ଆଜି ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଓ ସମସ୍ୟା ସମାଧାନ ବଦଳରେ ବଢ଼ାଇ ଦେଇପାରନ୍ତି। ବ୍ୟବସାୟ, ବାଣିଜ୍ୟ, ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସାଧାରଣ ସମସ୍ୟା ଦେଖାଦେଇପାରେ।

ଆଜି ଶ୍ରୀକ୍ଷେତ୍ରସ୍ଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ଶ୍ରୀଗୁଣ୍ଡିଚା, ଆଷାଢ଼ ଶୁକ୍ଳ ଦ୍ୱିତୀୟା ଗୁରୁବାର, ଜୁଲାଇ ୪ ତାରିଖ, ରାଶି ନକ୍ଷତ୍ର– ପୁଷ୍ୟା/କର୍କଟ, ଅଦ୍ୟ ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ ୧୧ ।୦୭ମି. ଗତେ ଘ ୧୨ ।୪୬ମି. ମଧ୍ୟେ, ଘ ୨ ।୨୫ମି. ଗତେ ଘ ୪ ।୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ ୬ ।୪୯ମି. ମଧ୍ୟେ ଘ ୨ ।୨୫ମି. ଗତେ, ଘ ୩ ।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ ୧ ।୩୦ମି. ଗତେ ଘ ୩ ।୦୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

2BHK flat near Garage Chhak, Bhubaneswar NH-side buyer. 8763449127. D-65659

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଫୁଲନଖରାସ୍ଥିତ Delhi Public Schoolକୁ ଲାଗି ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। 9438432164. D-66718

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438525948. D-66717

Two gharabari plots near IIT Argul are for sale:- One plot:199 decimals, 2nd plot: 350 decimals, interested party may contact: 8328832384, 9668399401. D-56647

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097. D-66719

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524. D-66720

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। 9583725970. D-66721

ଘରବାରୀ demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ 2400sqft. 13,20,000/- 9437306208. D-66722

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

Puri plot sale near Lokanath Temple sthitiban patta plot sqft Rs. 1000. Contact: 9438422888. D-66595

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66586

Readymade 3BHK flat 3rd floor (TOP) at Palasuni Canal Road, Rasulgarh, 1652 sqft. 7978584549. D-66597



"2500 Sqft (1st floor) Commercial office space (Hall Type) with adequate Parking, Main road facing, 3phase electricity available for rent at M.J. Plaza, Cuttack Road, Bhubaneswar In front of Reliance Fresh. Contact No. 9937495825". D-13221

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୨୧୦/– (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

A well furnished room with toilet and kitchen available in Kalyani Market Complex, Unit: VIII, Bhubaneswar for locating technical/ digital service on individual or partnership basis. Contact: 9437412877, 7437009009. D-64979

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368



Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and full ayurvedic body massage by smart therapist: 9114402304. D-66587

Experience full body massage with us (ex-pert). Call: 7377048581, 0674- 2597822. D-66589

Full body herbal massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247.D-66590

Monalisa Massage Club: Monsoon Dhamaka/ Full body massage with hiprofile smart lady therapist hurryup! 9708545108. D-13217

Summer special mesmerizing offer expert therapeutic refreshing massage appointment: 9668374480. D-66593

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ



## ଜିଲା ଚିଠି
## ଗଞ୍ଜାମ

# ପୋଲିସ ଗୁଳି ଫେଲ୍

ଗଞ୍ଜାମ ଜିଲାରେ ଅପରାଧ କମୁନି। ବ୍ରହ୍ମପୁର ଏବଂ ଗଞ୍ଜାମ ଦୁଇଟି ପୋଲିସ ଜିଲାରେ ଦୁଇଜଣ ଏସ୍‌ପି ଏବଂ ମାଲମାଲ ବରିଷ୍ଠ ପୋଲିସ ଅଧିକାରୀଙ୍କ ବିରାଟ ଟିମ୍ ଥିବା ସତ୍ତ୍ୱେ ଆପରାଧିକ କାର୍ଯ୍ୟକଳାପ ବଢ଼ୁଛି। କମ୍ ବୟସର ଯୁବକମାନେ ଅପରାଧ ଦୁନିଆରେ ପାଦ ଦେଇ ପୋଲିସର ଅପାରଗତାର ସୁଯୋଗ ନେଇ, ଅଳ୍ପଦିନରେ ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିବାରେ ସଫଳ ହେଉଛନ୍ତି। ଅପରାଧୀଙ୍କୁ କାବୁ କରିବା ପାଇଁ ମଝିରେ ମଝିରେ ଉଭୟ ଜିଲା ପୋଲିସ ପକ୍ଷରୁ ଏନ୍‌କାଉଣ୍ଟର୍ କରାଯାଉଛି। ପ୍ରଥମେ ପ୍ରଥମେ ଏହି ଏନ୍‌କାଉଣ୍ଟରର ସଫଳତା ମିଳୁଥିଲା। ପୋଲିସ ଗୁଳି ପରେ ଅପରାଧୀମାନେ ନୀରବି ଯାଉଥିଲେ। କିନ୍ତୁ ଏବେ ଦେଖିବାକୁ ମିଳୁଛି, ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବାରେ ପୋଲିସ ଗୁଳି ବି କାମ କରୁନି, ଫେଲ୍ ହୋଇଯାଇଛି। କାରଣ ଏନ୍‌କାଉଣ୍ଟର ପରେ ମଧ୍ୟ କେତେକ ପେସାଦାର ଅପରାଧୀ ପୁଣିଥରେ ଆପରାଧିକ କାଣ୍ଡ ଭିଆଉଛନ୍ତି।

ଟିକେ ପଛକୁ ଦୃଷ୍ଟିଦେଲେ ଜଣାଯାଏ, ଗଞ୍ଜାମ ଜିଲାକୁ ଅପରାଧୀଙ୍କ କବଳରୁ ମୁକୁଳାଇବା ପାଇଁ ୨୦୧୫ରେ 'କ୍ରିମିନାଲ୍ କ୍ଲିନ୍' ଆରମ୍ଭ ହୋଇଥିଲା। ଗଞ୍ଜାମ ଏବଂ ବ୍ରହ୍ମପୁର ଜିଲା ପୋଲିସ ପ୍ରାୟ ୩ଶହ ଦୁର୍ଦ୍ଦାନ୍ତ ଅପରାଧୀଙ୍କର ଏକ ତାଲିକା ପ୍ରସ୍ତୁତ କରିଥିଲା। ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କୁ କାବୁ କରିବା ପାଇଁ ବଛାବଛା ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ବହୁ ହାର୍ଡକୋର୍ ଅପରାଧୀଙ୍କୁ ଧରାଗଲା। ଯେଉଁମାନେ ପୋଲିସ କବଳରୁ ଖସିଯିବାକୁ ଉଦ୍ୟମ କଲେ, ସେମାନଙ୍କୁ ଏନ୍‌କାଉଣ୍ଟର କରାଗଲା। ୨୦୧୫ ଏପ୍ରିଲ ୪ ତାରିଖରେ ଖଲ୍ଲିକୋଟ ଥାନା ପୋଲିସ ଦୁର୍ଦ୍ଦାନ୍ତ ଅପରାଧୀ ଅକ୍ଷୟ ନାୟକଙ୍କୁ ଏନ୍‌କାଉଣ୍ଟର କରିବା ଥିଲା ଜିଲାରେ ପ୍ରଥମ। ଗଞ୍ଜାମ ଏବଂ ବ୍ରହ୍ମପୁର ପୋଲିସ ଜିଲାରେ କେବଳ ୨୦୧୫ରେ ୩, ୨୦୧୬ରେ ୧୪, ୨୦୧୭ରେ ୧୭ ଏବଂ ୨୦୧୮ରେ ୧୭ଟି ଏନ୍‌କାଉଣ୍ଟର ହୋଇଛି। ୨୦୧୯ରେ ଏବେ ସୁଦ୍ଧା ୪ଟି ଏନ୍‌କାଉଣ୍ଟର ହେଲାଣି। ଏଥିରେ ଆସିକା ବିଧାନସଭାର କଂଗ୍ରେସ ପ୍ରାର୍ଥୀ ମନୋଜ ଜେନାଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦୁଇଜଣ ଅପରାଧୀ ବୁଲୁ ଓରଫ ଗଣେଶ ନାୟକ ଏବଂ ହୃଷୀକେଶ ପାତ୍ରଙ୍କୁ ମେ' ୩୧ତାରିଖରେ ଏନ୍‌କାଉଣ୍ଟର ହୋଇଥିଲା।

ଉଭୟ ପୋଲିସ ଜିଲାରେ ପ୍ରାୟ ୬୦ ଏନ୍‌କାଉଣ୍ଟର ହୋଇ ସାରିଲାଣି। ପୋଲିସ ଗୁଳିରେ ୩ଜଣ ଅପରାଧୀଙ୍କର ମୃତ୍ୟୁ ମଧ୍ୟ ହୋଇଛି। ତଥାପି ଗଞ୍ଜାମ ଜିଲାରେ ଅପରାଧ କମୁନି। ଦାଦାବଟି, ଡକାୟତି ଏବଂ ଚୋରି ବଢ଼ିଚାଲିଛି। ଗ୍ୟାଙ୍ଗୱାର୍ ଥମୁନି। ପୋଲିସ ଏନ୍‌କାଉଣ୍ଟରକୁ ମଧ୍ୟ ଅପରାଧୀମାନେ ଆଉ ଭୟ କରୁନାହାନ୍ତି। ଗଣେଶ, ଚକା, ଚେରୁ ନାମକ ୩ ଜଣ ପେସାଦାର ଅପରାଧୀଙ୍କୁ ବିଭିନ୍ନ ସମୟରେ ପୋଲିସ ଏନ୍‌କାଉଣ୍ଟର କରିଛି। ହେଲେ ପରବର୍ତ୍ତୀ ସମୟରେ ସେମାନେ ଜେଲ୍‌ରୁ ମୁକୁଳି ପୁଣି ଆପରାଧିକ ସାମ୍ରାଜ୍ୟ ଚଳାଇଥିଲେ। ଏପରିକି ଗଣେଶଙ୍କୁ ଦୁଇଥର ଏନ୍‌କାଉଣ୍ଟର କରାଯାଇଛି। କେବଳ ଏହି ୩ ଜଣ ନୁହନ୍ତି, ପୋଲିସର ଏନ୍‌କାଉଣ୍ଟର ତାଲିକାରେ ଏମିତି ଅନେକ ଅପରାଧୀଙ୍କ ନାମ ରହିଛି, ଯେଉଁମାନେ ଜେଲ୍‌ରୁ ମୁକୁଳିବା ପରେ ନିଜ ଗ୍ୟାଙ୍ଗକୁ ସକ୍ରିୟ କରି ପୂର୍ବବତ୍ ଅପରାଧ ଘଟାଉଛନ୍ତି। ଅନ୍ୟପଟେ ପୋଲିସ ଯେଉଁ ଅପରାଧୀଙ୍କୁ ଗିରଫ କରୁଛି, ସେମାନଙ୍କ ଟ୍ରାକ୍ ରଖୁନି। କେଉଁ ଅପରାଧୀ, କେଉଁ ଦିନ ଜାମିନରେ ମୁକୁଳୁଛନ୍ତି, ସେନେଇ ପୋଲିସ ସୂଚନା ରଖୁନି। ଫଳରେ ପୋଲିସ ଅଜାଣତରେ ଅପରାଧୀମାନେ ଜେଲ୍‌ରୁ ମୁକୁଳି ଆପରାଧିକ କାର୍ଯ୍ୟକଳାପରେ ସକ୍ରିୟ ରହି ପୋଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି।

– ଆଶୀର୍ବାଦ ରାଉତ

# ବିବାହ ଆଳରେ ଆଶ୍ରମରୁ ନାବାଳିକା ବିକ୍ରି

**ବରଗଡ଼ ଅଫିସ,୩।୭**

- ବରଗଡ଼ ସଦର ଥାନାରେ ଏତଲା
- ୪ ମାସ ପରେ ସ୍ୱାମୀ ଛାଡ଼ି ପଳାଇଲେ
- ଅଭିଯୋଗକୁ ଆଶ୍ରମ କର୍ତ୍ତୃପକ୍ଷଙ୍କ ଖଣ୍ଡନ

ବରଗଡ଼ ଜିଲାର ଏକ ଆଶ୍ରମରେ ଜଣେ ଅସହାୟ ନାବାଳିକା(୧୫)ଙ୍କୁ ବିବାହ ଦେବା ଆଳରେ ୬୦ହଜାର ଟଙ୍କାରେ ବିକ୍ରି କରାଯାଇଥିଲା । ହେଲେ ବିବାହର ୪ ମାସ ପରେ ସ୍ୱାମୀ ତାଙ୍କୁ ଛାଡ଼ି କୁଆଡ଼େ ପଳାଇ ଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି । ସଂପୃକ୍ତା ନାବାଳିକା ସ୍ୱାମୀଙ୍କୁ ଖୋଜିବା ପାଇଁ ଏଣେତେଣେ ବୁଲୁଥିବା ବେଳେ ବୁଧବାର ବରଗଡ଼ ସହର ଭଟଲି ଛକରୁ ତାଙ୍କୁ ଉଦ୍ଧାର କରାଯାଇଛି । ଦୁଃଖରେ ଭାଙ୍ଗିପଡିଥିବା ସଂପୃକ୍ତ ନାବାଳିକା ସଂପୂର୍ଣ୍ଣ ପ୍ରସଙ୍ଗ କହିବା ପରେ ଏହି ସମ୍ବେଦନଶୀଳ ଘଟଣା ପଦାକୁ ଆସିଛି।

ମିଳିଥିବା ସୂଚନା ଅନୁଯାୟୀ, ନାବାଳିକାଙ୍କ ପରିବାର ଲୋକେ ସୋନପୁରରେ ରହୁଥିଲେ। ତାଙ୍କ ବାପା ଜଣେ ଟ୍ରକ ଚାଳକ। କୌଣସି କାରଣକୁ କେନ୍ଦ୍ର କରି ତାଙ୍କ ମା', ବାପାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହା ପରେ ମା' କୁଆଡ଼େ ପଳାଇ ଯାଇଥିଲେ। ବାପା ତାଙ୍କ ସହ ଅନ୍ୟଜଣେ ଭାଇଙ୍କୁ ଧରି ଭେଡ଼େନ ଥାନା ସଂକ୍ରୀଡ଼ା ଗ୍ରାମକୁ ଆସି ରହୁଥିଲେ। ହେଲେ ବାପା ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବାରୁ ସେ ଗତ ଡିସେମ୍ବର ମାସରୁ ଘର ଛାଡ଼ି ପଳାଇ ଆସିଥିଲେ । ଭେଡ଼େନ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା । ଜିଲା ଶିଶୁ କଲ୍ୟାଣ ସମିତି(ସିଡବ୍ଲ୍ୟୁସି)ଙ୍କୁ ଅବଗତ ନ କରି ପୋଲିସ ତାଙ୍କୁ ଜିଲାର ଏକ ଆଶ୍ରମରେ ଗତ ଜାନୁୟାରୀ ୨୮ତାରିଖରେ ଆଣି ରଖିଥିଲା। ଆଶ୍ରମରେ ମଧ୍ୟ ସେ ନିର୍ଯାତନାର ଶିକାର ହୋଇଥିଲେ। କୌଣସି ଉପାୟ ନ ପାଇଁ ସେ ସେଠାରୁ ଖସି ଆସିଥିଲେ। ହେଲେ ଆଶ୍ରମ କର୍ତ୍ତୃପକ୍ଷ ତାଙ୍କୁ ନେଇ ପୁଣିଥରେ ରଖିଥିଲେ ବୋଲି ନାବାଳିକା ଜଣକ କହିଛନ୍ତି। ଆଶ୍ରମ କର୍ତ୍ତୃପକ୍ଷ ଗତ ଫେବୃୟାରୀ ମାସ ୨ ତାରିଖରେ ବରଗଡ଼ର ଜଣେ ଯୁବକଙ୍କ ସହିତ ତାଙ୍କର ବିବାହ କରାଇଦେଇଥିଲେ। ହେଲେ ତାହା ବିବାହ ନ ଥିଲା । ତାଙ୍କୁ ୬୦ହଜାର ଟଙ୍କାରେ ବିକ୍ରି କରିଦିଆଯାଇଥିଲା ବୋଲି ନାବାଳିକା ଜଣକ ସିଡବ୍ଲ୍ୟୁସି ଆଗରେ ବିସ୍ଫୋରକ ବୟାନ ଦେଇଛନ୍ତି। ସମ୍ପୃକ୍ତ ଯୁବକ ଜଣକ ତାଙ୍କୁ ଏକ ଭଡ଼ାଘରେ ରଖିଥିଲେ, ମାତ୍ର ଗତ ୬ଦିନ ହେଲା ତାଙ୍କୁ ସେ ଛାଡ଼ି କୁଆଡ଼େ ପଳାଇ ଯାଇଥିବା ନାବାଳିକା ଜଣକ କହିଛନ୍ତି । ଏ ନେଇ ସେ ପୋଲିସକୁ ବାରମ୍ବାର ଅବଗତ କରିଛନ୍ତି, ମାତ୍ର ପୋଲିସ କୌଣସି ପଦକ୍ଷେପ ନ ନେବାରୁ ସେ ନିରାଶ ହୋଇ ଫେରିଥିଲେ । ଘର ମାଲିକ ମଧ ଭଡ଼ାଘରେ ରହିବାକୁ ମନା କରିଦେବାରୁ ସେ ବାହାରେ ବୁଲି ସ୍ୱାମୀଙ୍କୁ ଖୋଜାଖୋଜି କରୁଥିଲେ। ଭଟଲି ଛକରେ ନାବାଳିକା ଜଣକ ଅସହାୟ ଅବସ୍ଥାରେ ବସିଥିବା ବେଳେ କେତେଜଣ ସହୃଦୟ ଲୋକ ତାଙ୍କୁ ଉଦ୍ଧାର କରି ସିଡବ୍ଲ୍ୟୁସିକୁ ଆଣିଥିବା ନାବାଳିକା ଜଣକ କହିଛନ୍ତି। ସଂପୃକ୍ତା ନାବାଳିକା ଏକ ଫ୍ୟାନ୍ସି ଷ୍ଟୋରରେ କାମ କରୁଥିବା ଯୋଗୁ ଏଥିରେ ଫ୍ୟାନ୍ସି ଷ୍ଟୋର ମାଲିକଙ୍କ ଭୂମିକାକୁନେଇ ମଧ ସନ୍ଦେହ ଉପୁଜିଛି। ସିଡବ୍ଲ୍ୟୁସି କର୍ତ୍ତୃପକ୍ଷ ନାବାଳିକାଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରୁଛନ୍ତି ।

ଏହି ଘଟଣାକୁ ନେଇ ନାବାଳିକା ଜଣକ ସନ୍ଧ୍ୟାରେ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ଏକ ଆଶ୍ରମ ମାତୃଛାୟା କର୍ତ୍ତୃପକ୍ଷ ଏବଂ ତାଙ୍କ ପ୍ରତାରକ ସ୍ୱାମୀ ଦୀପକ ରାଉତଙ୍କ ବିରୋଧରେ ବରଗଡ଼ ସଦର ଥାନାରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୋଲିସ ଏକ ମାମଲା (ନଂ.୧୦୫/୧୯) ରୁଜୁକରି ତଦନ୍ତ ଆରମ୍ଭ କରିଛି। ତେବେ ଏ ସମ୍ପର୍କରେ ମାତୃଛାୟାର ପରିଚାଳକ ଦେବଦତ୍ତ ତ୍ରିପାଠୀଙ୍କୁ ପଚାରିବାରୁ ନାବାଳିକାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଛ ବୋଲି କହିଛନ୍ତି। ସେ ମାତୃଛାୟାରେ ରହିବାର ତୃତୀୟ ଦିନ ହିଁ ଖସି ପଳାଇ ଯାଇଥିଲେ । ସେତେବେଳେ ନାବାଳିକାଙ୍କୁ ତାଙ୍କ ପ୍ରେମିକଙ୍କ ପାଖରେ ଠାବ କରାଯାଇଥିଲା । ମାତୃଛାୟା ଛାଡ଼ିବା ନେଇ ପରେ ସେ ସ୍ୱୀକାରୋକ୍ତି ମଧ୍ୟ ଲେଖିଛନ୍ତି ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି ।

■ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ସେପ୍ଟେମ୍ବର ସୁଦ୍ଧା କେନ୍ଦ୍ରାପଡ଼ାକୁ ରେଳ ଯୋଗାଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କର

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକ କରି ହରିଦାସପୁର–ପାରାଦୀପ ରେଳଲାଇନ ନିର୍ମାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ହରିଦାସପୁରଠାରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ରେଳ ଯୋଗାଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ହରିଦାସପୁରରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ୪୭ କି.ମି. ରେଳଲାଇନ ନିର୍ମାଣର ଅଗ୍ରଗତିରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଲାଇନରେ ପରୀକ୍ଷାମୂଳକ ଭାବେ ଏକ ଟାୱାର କାର ମଧ ସଫଳ ଭାବେ ଚାଲିଛି। ରେଳ ଲାଇନର ସମସ୍ତ ସ୍ଥାନରେ ନିରବଚ୍ଛିନ୍ନ ଭାବେ କାମ ଜାରି ରଖିବାକୁ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରାପଡ଼ା ବିଦ୍ୟୁତ୍ ସବ୍‌ଷ୍ଟେଶନରେ କାର୍ଯ୍ୟ ମଧ ସେପ୍ଟେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଶକ୍ତି ବିଭାଗ ଏବଂ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ରେଳ ଲାଇନ ସମ୍ପୂର୍ଣ୍ଣ ହେବାର ପ୍ରଥମ ଦିନରୁ ହିଁ ଇଲେକ୍ଟ୍ରିକ ଟ୍ରେନ୍ ଯାତାୟାତ କରିପାରିବ। ସ୍ଥାନୀୟ ଏମ୍‌ପି ଏବଂ ବିଧାୟକମାନେ ମଧ ଏହି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ରେଳ ଲାଇନରେ ପାସେଞ୍ଜର ଟ୍ରେନ୍ ଯାତାୟାତ କରିବା ଲାଗି ସମସ୍ତ ଆବଶ୍ୟକୀୟ ପ୍ରାଥମିକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବ୍ୟବସ୍ଥା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ, ରେଳଲାଇନ ନିର୍ମାଣ ହେବା ଦ୍ୱାରା କେନ୍ଦ୍ରାପଡ଼ାବାସୀଙ୍କର ବହୁ ଦିନର ସ୍ୱପ୍ନ ପୂରଣ ହୋଇପାରିବ। କେନ୍ଦ୍ରାପଡ଼ା ଜିଲାକୁ ପ୍ରଥମ ଥର ପାଇଁ ରେଳ ଯୋଗାଯୋଗ ବ୍ୟବସ୍ଥା ଆରମ୍ଭ ହୋଇପାରିବ।


BADRIPRASAD
DEGREE COLLEGE
+ 3 Online Admission Through SAMS
ADMISSION OPEN
BSc | BCom | BA
70089 20803, 70087 57504, 83277 25282, 70084 83493, bdcsbp@gmail.com, bcctssbp@gmail.com Visit: www.bitsambalpur.in
Debaipali. Majhipali Chowk, Sason, SAMBALPUR


## ଆଜି କ'ଣ କେଉଁଠି

**କର୍ଲାମୁଣ୍ଡା**
- ସ୍ୱାମୀ ବିବେକାନନ୍ଦଙ୍କ ମହାସମାଧି ଦିବସ ପାଳନ, ବିବେକାନନ୍ଦ ପବ୍ଲିକ ସ୍କୁଲ, ପୂର୍ବାହ୍ନ ୧୦ଟା।

**ପୁରୁଣାକଟକ**
- ଦଧିବାମନଙ୍କ ଘୋଷଯାତ୍ରା, ତିଲେଶ୍ୱର, ଅପରାହ୍ନ ୩ଟା।

**ଭବାନୀପାଟଣା**
- ସ୍ୱାମୀ ବିବେକାନନ୍ଦଙ୍କ ୧୧୭ ତମ ମହାସମାଧି ଦିବସ ପାଳନ, ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସର, ପୂର୍ବାହ୍ନ ୯ ଘଣ୍ଟା।

**ସମ୍ବଲପୁର**
- ବ୍ରହ୍ମପୁରା ଠାକୁରଙ୍କ ପହଣ୍ଡି ବିଜେ, ଝାଡୁଆପଡା, ପୂର୍ବାହ୍ନ ସାଢ଼େ ୯ଟା।
- ରାଧାମୋହନ ଗୋପାଳଙ୍କ ରଥ ଟଣା, ସାକ୍ଷୀପଡା, ମଧ୍ୟାହ୍ନ ୧୨ଟା
- ମୁଦିପଡା ଜଗନ୍ନାଥଙ୍କ ପହଣ୍ଡି ବିଜେ, ମନ୍ଦିର ସମ୍ମୁଖ, ଅପରାହ୍ନ ସାଢ଼େ ୪ଟା।
- ନୂତନ ବେକେରି ଉଦଘାଟନ, ଗଙ୍ଗାଧର ମେହେର କଲେଜ ରୋଡ, ଅପରାହ୍ନ ୪ଟା।

**ବୌଦ୍ଧ**
- ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା,ବଡଦାଣ୍ଡ, ପୂର୍ବାହ୍ନ ୯ଟା।
- ମୀନା ବଜାରର ଶୁଭାରମ୍ଭ, ଷ୍ଟାଡିୟମ ପଡିଆ, ସନ୍ଧ୍ୟା ୬ଟା।

**ରାଉରକେଲା**
- ବଜେଟ ଆଲୋଚନା, ଶିଳ୍ପ ଓ ବଣିକ ସଂଘ କାର୍ଯ୍ୟାଳୟ , ପୂର୍ବାହ୍ନ ୧୧ଟା ।

# ବିଶ୍ୱର ସବୁଠୁ କ୍ଷୁଦ୍ର ରଥ

**ବ୍ରହ୍ମପୁର ଅଫିସ,୩।୭**



ପୁଣି ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା । ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ କାଠରେ ସେ ବିଶ୍ୱର ସବୁଠୁ କ୍ଷୁଦ୍ରରଥ ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି। ୨.୫ ଇଞ୍ଚ ଉଚ୍ଚତା, ୨ ଇଞ୍ଚ ଓସାର ବିଶିଷ୍ଟ ଅବିକଳ ନନ୍ଦିଘୋଷ ଆକୃତିର ଏହି ରଥ ନ୍ୟାଶନାଲ ରେକର୍ଡ ସେକ୍ଟରରେ ସ୍ଥାନିତ ହୋଇଛି । ଏହାକୁ ଗିନିଜ୍ ବୁକ ଅଫ ରେକର୍ଡ ସ୍ୱତନ୍ତ୍ର ମାନ୍ୟତା ଦେବ ବୋଲି ସତ୍ୟ ପ୍ରକାଶ କରିଛନ୍ତି। ଏହି ରଥରେ ୧୬ଟି ଚକ, ୪ଟି ଘୋଡା, ଦୁଇଟି ଓଲଟ ଶୁଆ, ଦଧିନଉତି, ପତିତପାବନ ବାନା ଖଞ୍ଜା ଯାଇଛି। ରଥରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିର ଉଚ୍ଚତା ମାତ୍ର ୧ ସେ.ମି. ରହିଥିବା ବେଳେ ସାରଥିଙ୍କ ଉଚ୍ଚତା ୧.୫ସେ.ମି. ରହିଛି। ରଥର ଓଜନ ମାତ୍ର ୮ ଗ୍ରାମ। ୪ ଦିନ ମଧରେ ସତ୍ୟ ଏହାକୁ ନିର୍ମାଣ କରିଥିବା କହିଛନ୍ତି।

ଶ୍ରୀଗୁଣ୍ଡିଚା ଯାତ୍ରା ଓ ଶ୍ରୀଜଗନ୍ନାଥଙ୍କ ମହିମାକୁ ବିଶ୍ୱସ୍ତରରେ ପହଞ୍ଚାଇବା ନିମନ୍ତେ ଏକ ନିଆରା ପ୍ରୟାସ କରି ଆସୁଛନ୍ତି ସୋରଡ଼ାର ସତ୍ୟ ମହାରଣା। ୨୦୧୬ ରଥଯାତ୍ରା ସମୟରେ ସତ୍ୟ ପ୍ରଥମେ କାଠରେ ୧୪ ଇଞ୍ଚ ଉଚ୍ଚତା ଓ ୯ ଇଞ୍ଚ ଓସାର ବିଶିଷ୍ଟ ନନ୍ଦିଘୋଷ, ୧୩.୫ ଇଞ୍ଚ ଉଚ୍ଚତା ଓ ୮.୫ ଇଞ୍ଚ ଓସାର ବିଶିଷ୍ଟ ତାଳଧ୍ୱଜ, ୧୨.୫ ଇଞ୍ଚ ଉଚ୍ଚତା ଓ ୬ ଇଞ୍ଚ ଓସାର ବିଶିଷ୍ଟ ଦର୍ପଦଳନ ଆକୃତିର ରଥ ନିର୍ମାଣ କରି ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନିତ ହୋଇଥିଲେ। ୨୦୧୭ରେ ୮.୫ ଇଞ୍ଚ ଉଚ୍ଚତା ଓ ୫ ଇଞ୍ଚ ଓସାର ବିଶିଷ୍ଟ ନନ୍ଦିଘୋଷ ନିର୍ମାଣ କରି ଗ୍ଲୋବାଲ ବୁକ ଅଫ ରେକର୍ଡ, ୱାର୍ଲଡ ରେକର୍ଡ ସେକ୍ଟରରେ ରହିଥିଲେ। ୨୦୧୮ରେ ୪.୫ ଇଞ୍ଚ ଉଚ୍ଚତା ଓ ୩ ଇଞ୍ଚ ଓସାରର ରଥ ନିର୍ମାଣ କରି ଏସିଆ ପାସିଫିକ ରେକର୍ଡ, ଗ୍ଲୋବାଲ ବୁକ ଅଫ ରେକର୍ଡ, ନ୍ୟାଶନାଲ ରେକର୍ଡରେ, ୱାର୍ଲଡ ରେକର୍ଡ ଇଣ୍ଡିଆରେ ସ୍ଥାନିତ ହୋଇଥିଲେ।


THE ADITYA BIRLA PUBLIC SCHOOL, BHUBANESWAR
ADITYA BIRLA GROUP
ABPS
Near OEC (Sundarpada-Jatni Road)
CBSE Affiliation No.:1530269
Warm Greetings to The People of Odisha on the Occasion of Rath-Yatra!



The Aditya Birla Public School, Bhubaneswar is an English Medium, co-educational school, sprawling over 25 acres of picturesque estate situated in NIjigarh Kurki, Pipili, Puri. It is from LKG to Class-IX. One class will be added every year to take it up to class XII. The school has been designed to be of International calibre.
ADMISSIONS OPEN
For Classes LKG to IX for Session 2019-20.
For admission enquiry contact Principal Email: abpsbhubaneswar@gmail.com
Phone: 8280716884, 7978492354, 7978400378, 8895765154, 9723555853
Visiting Hours: 8:00 AM to 4:00 PM.Website :www.abpsbhubaneswar.com



With Best Compliments From:-
HOTTA ASSOCIATES
Deals in : ALL TYPES OF TEAK WOOD, SAL WOOD, OTHER WOODS, PLYWOOD, FANCY WOOD AT WHOLESALE RATE
Plot No.G-43, V.S.S. Nagar, Near Water Tank, Bhubaneswar-751007
Mob : 7381207700, 7381208800, 7381203300, Email : hotta.bbsr@gmail.com
Our Branches
HOTTA FURNITURE : Plot No.1582, Palasuni, Opp. Saptasati Temple, N.H.-5, Bhubaneswar-10, Mob : 8114789383
HOTTA TIMBER & FURNITURE : Plot No. 5/1274, Khandagiri, Near Barabhuja Complex, Bhubaneswar-30, Mob : 7381209900, 7381203300
HOTTA TIMBER & FURNITURE : Plot No. 131/3473, Infront of Restaurant Mellony, Nandan Kanan Road, Patia, Bhubaneswar-751024, Mob : 7381205500
HOTTA TIMBER & FURNITURE : Plot No. 4565, Tankapani Road, Near Sai Temple, Bhubaneswar-751018, Mob : 7381206600



ପବିତ୍ର ରଥଯାତ୍ରା ଅବସରରେ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଗୁରୁଜନ ଓ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ ତଳେ ସମସ୍ତଙ୍କର ସୁଖ, ସମୃଦ୍ଧି ସହ ସୁନ୍ଦରଗଡ଼ର ବିକାଶ ପାଇଁ ସମସ୍ତଙ୍କର ସହଯୋଗ କାମନା କରୁଛି।



କୁସୁମ ଟେଟେ
ବିଧାୟିକା
ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ


# ୬ ଯାଏ କାଁ ଭାଁ ବର୍ଷା ସମ୍ଭାବନା



**ଭୁବନେଶ୍ୱର,୩।୭(ବ୍ୟୁରୋ):** ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦୁର୍ବଳ ହୋଇ ଯାଇଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲଗାଣ ବର୍ଷା ହେବାର ସମ୍ଭାବନା ନାହିଁ। ଆସନ୍ତା ୨୪ ଘଣ୍ଟା ମଧରେ ରାଜ୍ୟର କେତେକ ସ୍ଥାନରେ କାଁ ଭାଁ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧରେ ସମ୍ବଲପୁରରେ ସର୍ବାଧିକ ୩୫.୯ ମିଲିମିଟର ବର୍ଷା ହୋଇଥିବା ବେଳେ ଝାରସୁଗୁଡାରେ ୨୬.୨, ସୁନ୍ଦରଗଡରେ ୨୫, ହୀରାକୁଦରେ ୨୫.୫, ଭବାନୀପାଟଣାରେ ୧୬.୨, ବଲାଙ୍ଗୀର ୧୯, କୋରାପୁଟରେ ୯.୮, ଫୁଲବାଣୀରେ ୪.୬, ଟିଟଲାଗଡ ୧୮, ମାଲକାଗିରି ୧୫ ଏବଂ ସୋନପୁରରେ ୪.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଆକାଉଣ୍ଟ ହ୍ୟାକ୍ କରି ନେଇଗଲେ ୧୮ଲକ୍ଷ

**ବରଗଡ଼ ଅଫିସ,୩।୭:** ବରଗଡ଼ସ୍ଥିତ ଆକାଶ ମୋଟର୍ସର ଡାଇରେକ୍ଟର ଆକାଶ କୁମାର ଅଗ୍ରୱାଲଙ୍କ ୨ଟି ବ୍ୟାଙ୍କ ଆକାଉଣ୍ଟକୁ ହ୍ୟାକ୍ କରି ଦୁର୍ବୃତ୍ତମାନେ ୧୮ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି ।ଏ ନେଇ ଅଗ୍ରୱାଲ ଟାଉନ ଥାନାରେ ଏତଲା ଦେଇଛନ୍ତି । ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ତନାଘନା ଆରମ୍ଭ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ଆକାଶ ମୋଟର୍ସର ଡାଇରେକ୍ଟର ଅଗ୍ରୱାଲଙ୍କ ବ୍ୟାଙ୍କ ଅଫ ବରୋଦାରେ ସିସି ଆକାଉଣ୍ଟ ନଂ.୩୨୫୫୦୫୦୦୦୦୧୪୪ ଏବଂ କରେଣ୍ଟ ଆକାଉଣ୍ଟ (ନଂ.୩୨୫୫୦୨୦୦୦୦୦୦୩୧) ରହିଛି । ମଙ୍ଗଳବାର ଏହି ୨ଟି ଆକାଉଣ୍ଟକୁ ହ୍ୟାକ୍ କରି ଦୁର୍ବୃତ୍ତମାନେ ୧୮ଲକ୍ଷ ଟଙ୍କା ଟ୍ରାନ୍ସଫର କରି ନେଇ ଯାଇଥିବା ସେ ଅଭିଯୋଗ କରିଛନ୍ତି । ବ୍ୟାଙ୍କ ଅଫ୍ ବରୋଦାର ସ୍ଥାନୀୟ ଶାଖାକୁ ଯାଇ ଡାଇରେକ୍ଟର ଅଗ୍ରୱାଲ ପଚରାଉଚୁରା କରିବା ପରେ ତାଙ୍କ ଆକାଉଣ୍ଟ ନମ୍ବରରୁ ଆଇସିଆଇସିଆଇ ବ୍ୟାଙ୍କର ଜଣେ ଆକାଉଣ୍ଟ ହୋଲଡର୍ ସୁନୀଲ ଯାଦଭ(ଆକାଉଣ୍ଟ ନଂ.୦୨୩୫୦୧୫୬୧୮୩୫) ଏବଂ କାନାଡ଼ା ବ୍ୟାଙ୍କର ଅନ୍ୟ ଜଣେ ଆକାଉଣ୍ଟ ହୋଲଡର୍ ଲିଷ୍ଟନ ସରକାର(ଆକାଉଣ୍ଟ ନଂ.୩୭୧୨୧୦୧୦୦୬୫୨୫)କୁ ଉକ୍ତ ଟଙ୍କା ଟ୍ରାନ୍ସଫର କରାଯାଇଥିବା ଜଣାପଡିଛି।


LIVE STREAMING www.youtube.com/c/ddodisha WEB CASTING http://rathjatra.nic.in



ସତ୍ୟମେବ ଜୟତେ
ଦୂରଦର୍ଶନରେ
ରଥଯାତ୍ରାର ସିଧାପ୍ରସାରଣ
DOORDARSHAN ODIA
ଜାତୀୟ ଏବଂ ଆଞ୍ଚଳିକ ଚ୍ୟାନେଲରେ
DD NATIONAL
ଶ୍ରୀଗୁଣ୍ଡିଚା ଯାତ୍ରା
ଜୁଲାଇ ୪, ଗୁରୁବାର, ସକାଳ ୮ଟା ୩୦ରୁ
INDIA
বাংলা
ବାହୁଡା ଯାତ୍ରା
ଜୁଲାଇ ୧୨, ଶୁକ୍ରବାର ସକାଳ ୯ଟାରୁ
DD Bharati
ସୁନାବେଶ
ଜୁଲାଇ ୧୩, ଶନିବାର ଅପରାହ୍ନ ୪ଟାରୁ
ଅଧରପଣା
ଜୁଲାଇ ୧୪, ରବିବାର ସଂଧ୍ୟା ୭ଟାରୁ
ନୀଳାଦ୍ରିବିଜେ
ଜୁଲାଇ ୧୫, ସୋମବାର ସଂଧ୍ୟା ୪ଟାରୁ
ଶିକ୍ଷା, ସୁଚନା ଓ ମନୋରଞ୍ଜନର ଭରପୂର ସମ୍ଭାର ଆପଣଙ୍କ ପ୍ରିୟ ଡ଼ିଡ଼ି ଓଡ଼ିଆରେ
For Commercial Details Phone No. : 0674-2301870 Email ID: ddodiacom@gmail.com

ଧରିତ୍ରୀ
DHARITRI
ଗୁରୁବାର, ୪ ଜୁଲାଇ, ୨୦୧୯

ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାପ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। –ଶ୍ରୀଅରବିନ୍ଦ



# ପ୍ରାଣୀ ପରିବାରରେ ଜେଜେମା

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଆମେ ଛୋଟ ଥିବାବେଳେ ବର୍ଷରେ ଦୁଇମାସ ଭୋପାଳ ନିକଟବର୍ତ୍ତୀ ଅଜାଘର ଗାଁରେ ତାଙ୍କ ଫାର୍ମହାଉସ୍‌ରେ କଟାଉ। ବଗିଚାରେ ଆମେ ଖଟରେ ମଶାରି ଟାଙ୍ଗି ଶୋଉ। ଚଣା ଓ ମଟର ମଞ୍ଜିକୁ ନେଇ ଆମେ ବିଭିନ୍ନ ପ୍ରକାର ଖେଳ ଖେଳୁ। ସବୁବେଳେ ଆମେ ଖାଲି ଖାଉଥାଉ। ମୋ ଆଈକୁ ମୁଁ ଦୁଜାମା ବୋଲି ଡାକୁଥିଲି ଏବଂ ୨୦ ବର୍ଷ ପରେ ତାଙ୍କ ନାଁ କ'ଣ ଜାଣିଲି। କିନ୍ତୁ ମୁଁ ଅଜାଙ୍କ ସହ କଥାବାର୍ତ୍ତା କରିବାକୁ ଲାଜ ଓ ଭୟ କରୁଥିଲି।

ମୋ ନାତୁଣୀଟି ଭାରି ଲାଜକୁଳୀ। ଯେତେବେଳେ ଟିକେ ଖୋଲାହୃଦୟ ହୋଇଯାଏ, ମୋ ଆଗରେ ତା' ଜଗତର କଥା କହେ। କିନ୍ତୁ ସେ ମୋ ପିଲାଦିନ ଭଳି, ମୁଁ ଯାହା ବା ମୋର ଯାହା ପ୍ରତି ଆଗ୍ରହ ଅଛି, ସେଥି ପ୍ରତି ସେ ଆଗ୍ରହ ଦେଖାଏ ନାହିଁ। ମୁଁ ତା'ର ଜେଜେମା, ସେତିକି ତା'ପାଇଁ ଯଥେଷ୍ଟ। ମୁଁ ମଲା ପରେ ମୋ ନାତୁଣୀ କ'ଣ ମୋତେ ମନେପକାଇବ? ସେ ଏବେ ବହୁତ ଛୋଟ କିନ୍ତୁ ମୁଁ ଯାହା ଜାଣିଛି– ମୋ ପରିବାର ଓ ଏ ଦୁନିଆ ବିଷୟରେ ଏବଂ ଦୁନିଆରେ କିପରି ବଞ୍ଚିବାକୁ ହୁଏ, ସେ ବିଷୟରେ ତାକୁ ଶିଖାଇବାକୁ ଚେଷ୍ଟା କରିବି।

କିନ୍ତୁ ଆମେ କ'ଣ ଏକମାତ୍ର ଅଜା, ଆଈ, ଜେଜେ ବା ଜେଜେମା? ମଣିଷଙ୍କ ପରି ପ୍ରାଣୀମାନେ କ'ଣ ତାଙ୍କ ଅଜା, ଆଈ, ଜେଜେ ବା ଜେଜେମାଙ୍କ ବିଷୟରେ ଜାଣନ୍ତି? ଅଧିକାଂଶ ପ୍ରଜାତି ପାଇଁ ଏହାର ଉତ୍ତର ହେଉଛି 'ନା'। କୀଟପତଙ୍ଗମାନେ ଅଳ୍ପ ସମୟ ଭିତରେ ବ୍ୟାପିଯାନ୍ତି। କିନ୍ତୁ ଯେଉଁମାନେ ପିମ୍ପୁଡ଼ି ଓ ମହୁମାଛିଙ୍କ ପରି ଗୋଷ୍ଠୀ ଆବାସରେ ରହନ୍ତି, ସେମାନେ ଗୋଷ୍ଠୀଗତ ଭାବେ ଧାଈମାନଙ୍କ ତତ୍ତ୍ୱାବଧାନରେ ନର୍ସରୀଗୁଡ଼ିକରେ ବଢ଼ନ୍ତି। ୨୦୧୦ରେ ଗବେଷକମାନେ 'କରେଣ୍ଟ ବାୟୋଲୋଜି'ରେ ପ୍ରକାଶ କରିଥିବା ତଥ୍ୟ ଅନୁସାରେ ଆଫିଡ (ଜଉପୋକ) କଲୋନୀଗୁଡ଼ିକରେ ବୟସ୍କ ମାଈମାନେ ପ୍ରଜନନ କ୍ଷମତା ହରାଇଥିବା ମାଈ ଜଉପୋକଗୁଡ଼ିକୁ ପ୍ରତିରୋଧ କରନ୍ତି।

ଅଧିକାଂଶ ପକ୍ଷୀ ବର୍ଷକର ହୋଇଗଲା ପରେ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଚିହ୍ନିପାରନ୍ତି ନାହିଁ। ଏହାର ବ୍ୟତିକ୍ରମ ବି ଅଛି, ବିଶେଷତଃ ବଗ, କୁଆ, ନୀଳକଣ୍ଠ ପ୍ରଭୃତି ସାମାଜିକ ପକ୍ଷୀଙ୍କ କ୍ଷେତ୍ରରେ। ଇଭଲ୍ୟୁଶନ ପତ୍ରିକାରେ ପ୍ରକାଶିତ ୨୦୦୭ ମସିହାର ଏକ ଅନୁଧ୍ୟାନ ଅନୁସାରେ ସିଚେଲ୍‌ସ ଦ୍ୱୀପପୁଞ୍ଜରେ ଦେଖାଯାଉଥିବା ୱାର୍ବଲର (ଗାୟକ ପକ୍ଷୀ ବିଶେଷ)ମାନଙ୍କ ଭିତରୁ ବୟସ୍କାମାନେ ମାଆ ପକ୍ଷୀମାନଙ୍କୁ ସେମାନଙ୍କ ଛୁଆ ପାଳିବାରେ ସାହାଯ୍ୟ କରନ୍ତି। କାନାଡ଼ା ରାଜହଂସୀ ମଧ୍ୟ ସେମାନଙ୍କ ଜେଜେବାପା ଓ ଜେଜେମାମାନଙ୍କୁ ମନେ ରଖିଥାନ୍ତି ଏବଂ ଶୀତଋତୁରେ ପରିବ୍ରାଜନ ସମୟରେ ସେମାନଙ୍କ ମାଆବାପା, ଜେଜେବାପା ଓ ଜେଜେମାଙ୍କ ସହ ଯୋଗ ଦିଅନ୍ତି। ସନ୍ତାନ ଜନ୍ମ ଓ ପାଳନରେ ପ୍ରାୟ ୨୦୦ ପକ୍ଷୀ ପ୍ରଜାତିରେ ସହଯୋଗ ଦେଖିବାକୁ ମିଳେ। କିନ୍ତୁ ସେମାନଙ୍କ ସହ ଆଈମାନେ ଅନ୍ତର୍ଭୁକ୍ତ ହେବା ଜରୁରୀ ନୁହେଁ।

କେତେକ କ୍ଷେତ୍ରରେ ବନ୍ୟ ସ୍ତନ୍ୟପାୟୀଙ୍କ ଜୀବନ ଏତେ ସଂକ୍ଷିପ୍ତ ଯେ, ନାତିନାତୁଣୀମାନେ ବଡ଼ ହୋଇ ଜେଜେ, ଜେଜେମାଙ୍କୁ ଚିହ୍ନିବା ବୟସର ହେଲା ବେଳକୁ ସେମାନେ ମରିଯାଇଥାନ୍ତି। ପୁଣି କେତେକ କ୍ଷେତ୍ରରେ ଖାଦ୍ୟ ଉତ୍ସକୁ ନେଇ ପ୍ରତିଯୋଗିତାର ସମ୍ମୁଖୀନ ନ ହେବା ଲାଗି ପିଲାମାନେ ଦୂରଦୂରାନ୍ତରେ ଯାଇ ବାସ କରନ୍ତି। ଉଦାହରଣସ୍ୱରୂପ ଅଣ୍ଡିରା ବାଘ। ତେଣୁ ଜେଜେ ଜେଜେମାଙ୍କ ସଂସ୍ପର୍ଶରେ ସେମାନେ ଆସିବାର ସମ୍ଭାବନା କମିଯାଇଥାଏ। ଅନେକ ପ୍ରଜାତିରେ ଖାଦ୍ୟ ଉତ୍ସକୁ ନେଇ ମାଆ ଓ ଜେଜେମାଙ୍କ ଭିତରେ ଲଢ଼େଇ ହୁଏ, ଯଦି ସେମାନେ ଏକା ଅଞ୍ଚଳରେ ରହୁଥାନ୍ତି। କିନ୍ତୁ ଆହୁରି ବି ଅନେକ ପ୍ରଜାତି ଅଛନ୍ତି ଯେଉଁମାନେ ପାରିବାରିକ ଓ ସାମାଜିକ ବନ୍ଧନରେ ବାନ୍ଧି ହୋଇ ଚଳନ୍ତି। ମଣିଷ, ତିମି ଓ ଡଲ୍‌ଫିନ ସନ୍ତାନ ଜନ୍ମ କରିବା ସମୟ ଗଡ଼ିଗଲା ପରେ ମଧ୍ୟ ଏକତ୍ର ବାସ କରନ୍ତି। କାରଣ ଏହାଦ୍ୱାରା ଛୋଟ ପିଲାମାନଙ୍କୁ ବଞ୍ଚାଇବା ଓ ସେମାନଙ୍କ ଲାଳନପାଳନରେ ସୁବିଧା ହୁଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡ. ରୋନାଲ୍‌ଡ ଲି ପ୍ରୋସିଡିଙ୍ଗ୍‌ସ ଇନ୍ ଦ ନ୍ୟାଶ୍‌ନାଲ ଏକାଡେମୀ ଅଫ୍ ସାଇନ୍ସେସ୍ ପତ୍ରିକାରେ ଲେଖିଛନ୍ତି ଯେ କେତେକ ପ୍ରଜାତିରେ ଉତ୍ପାଦନକ୍ଷମ ବୟସ ଗଡ଼ିଗଲା ପରେ ମାଈମାନେ ମାଆ ପରି ବା ଜେଜେମା ପରି ସନ୍ତାନ ପାଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ବୟସ୍କା ବଟଲନେକ୍ ଡଲ୍‌ଫିନ ଓ ପାଇଲଟ୍ ତିମିମାନେ ଧାଈ ପରି ଶିଶୁମାନଙ୍କର ଯତ୍ନ ନିଅନ୍ତି, ସେମାନଙ୍କୁ ସୁରକ୍ଷା ଦିଅନ୍ତି, ଏପରି କି ସ୍ତନ୍ୟପାନ ବି କରାନ୍ତି। ଅନେକ ତିମି ପ୍ରଜାତି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବାର ସହ ପ୍ରବ୍ରଜ୍ୟା କରନ୍ତି, ଯେଉଁମାନଙ୍କ ଭିତରେ ନାତିନାତୁଣୀ, ଜେଜେବାପା ଓ ଜେଜେମା ବି ଥାନ୍ତି। ଓର୍କାସ ଏବଂ ଶର୍ଟ–ଫିନ୍‌ଡ ପାଇଲଟ୍ ହ୍ୱେଲ, ବେଲୁଗା ଓ ନର୍‌ହ୍ୱାଲମାନଙ୍କ ମଣଷ ପରି ଋତୁବିରତି ହୁଏ। ସନ୍ତାନ ଜନ୍ମ କରିବା କ୍ଷମତା ଚାଲିଗଲା ପରେ ଜେଜେମାମାନେ ଆଉ ମେଟିଂ ପାଇଁ ପ୍ରତିଯୋଗିତା କରନ୍ତି ନାହିଁ। ଫଳରେ ସେମାନେ ପରିବାରରେ ସମସ୍ତଙ୍କ ସହ ମିଳିମିଶି ଚଳନ୍ତି। ପରିବାରରେ ବୟସ୍କମାନଙ୍କର ମଧ୍ୟ ଉପଯୋଗିତା ରହିଛି କାରଣ କେଉଁଠି ଭଲ ଖାଦ୍ୟ ମିଳିବ ତାହା ସେମାନେ ଜାଣିଥାନ୍ତି।

ଗ୍ରେଟ୍ ଏପ୍‌ମାନେ ସେମାନଙ୍କ ନାତିନାତୁଣୀଙ୍କ ପ୍ରତି ସଚେତନ ଥାନ୍ତି। ଯଦି କୌଣସି କ୍ଷେତ୍ର ବାପାମା' ମରିଯାଇଥାନ୍ତି ବା ଅକର୍ମଣ୍ୟ ହୋଇଯାଇଥାନ୍ତି, ତେବେ ସନ୍ତାନପାଳନ ଦାୟିତ୍ୱ ଜେଜେମା ଓ ଜେଜେବାପାଙ୍କ ଉପରେ ପଡ଼େ, ଠିକ୍ ମଣିଷଙ୍କ ପରି। ରେସସ ମାଙ୍କଡ଼ ଓ ଲଙ୍ଗୁରମାନେ ସେମାନଙ୍କ ପୁଅଝିଅ ଓ ନାତିନାତୁଣୀଙ୍କ ସହ ବାସକରନ୍ତି। ଜେଜେମା ହିଁ ସେମାନଙ୍କ ମୁରବି। ମଣିଷ, କୁକୁର ବା ଅନ୍ୟ ମାଙ୍କଡ଼ଙ୍କ ଆକ୍ରମଣରୁ ଜେଜେମା ପିଲାମାନଙ୍କୁ ରକ୍ଷା କରନ୍ତି। ଜେଜେମା ନାତିନାତୁଣୀଙ୍କୁ ଶୃଙ୍ଖଳା ଓ ବିଭିନ୍ନ କୌଶଳ ଶିଖାନ୍ତି। ହାତୀ ପରିବାରରେ ବୁଢ଼ା, ବୁଢ଼ୀ, ଛୁଆ, ଯୁବକ ଓ ମାଆମାନେ ଥାନ୍ତି। ସେମାନଙ୍କ କ୍ଷେତ୍ରରେ ବି ଜେଜେମା ହେଉଛି ମୁରବି। ଛୁଆମାନଙ୍କ ଲାଳନପାଳନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଏକ ଗବେଷଣାରୁ ଜଣାପଡ଼ିଛି ଯେ ଜେଜେମା ପାଖରେ ଥିଲେ ଛୁଆମାନଙ୍କର ବଞ୍ଚିବା ସମ୍ଭାବନା ଆଠଗୁଣ ବଢ଼ିଯାଏ। ବିପଦ ସମୟରେ କିପରି ବଞ୍ଚିବାକୁ ହେବ ସେ ବିଷୟରେ ମାଆମାନଙ୍କ ଅପେକ୍ଷା ଜେଜେମାମାନେ ନିଜ ଅଭିଜ୍ଞତାରୁ ଅଧିକ ଜାଣିଥାନ୍ତି। ସେମାନେ ଖାଦ୍ୟ ଓ ପାନୀୟ ପାଇଁ ପରିବାରକୁ ଉପଯୁକ୍ତ ସ୍ଥାନକୁ ନେଇଯାନ୍ତି। ବଣ ବିରାଡ଼ିମାନଙ୍କ କ୍ଷେତ୍ରରେ ମାଆ ଓ ଜେଜେମାମାନେ ହିଁ ସନ୍ତାନ ପାଳନ ଦାୟିତ୍ୱ ନିଅନ୍ତି। ଅଣ୍ଡିରା ବଣବିରାଡ଼ିଙ୍କର ଏଥିରେ କିଛି ଭୂମିକା ନ ଥାଏ। ଗୃହପାଳିତ ବିରାଡ଼ିମାନଙ୍କ କ୍ଷେତ୍ରରେ ବି ସେଇଆ ଘଟେ।

Email: gandhim@nic.in

# ଅଲୌକିକ ଦେବତା

ଡ. ତ୍ରିନାଥ ପଟ୍ଟନାୟକ

ଓଡ଼ିଆ ଜାତି ଓ ଉତ୍କଳୀୟ ସଂସ୍କୃତିର ଚିର ନମସ୍ୟ ଶ୍ରୀଜଗନ୍ନାଥ। କଳିଙ୍ଗ ସାଗର ଉପକୂଳରେ ଅବସ୍ଥିତ ନୀଳଶୈଳ ଉପରେ ଶ୍ରୀଜଗନ୍ନାଥଙ୍କ ସୁଦୃଶ୍ୟ ମନ୍ଦିର ପ୍ରତିଷ୍ଠିତ। ଏଠାରେ ଦେବତା ବଡ ଠାକୁର। ମନ୍ଦିର ଶ୍ରୀମନ୍ଦିର। କ୍ଷେତ୍ର ଶ୍ରୀକ୍ଷେତ୍ର ରୂପେ ପରିଚିତ।

ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ସମସ୍ତ ତତ୍ତ୍ୱ ଉଦ୍‌ଘାଟନ କରିବା ଶକ୍ତି କାହାରି ପାଖରେ ନାହିଁ। ବିଭିନ୍ନ ଶ୍ରୁତିରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ବିଷୟରେ ମାତ୍ର ଗୋଟିଏ ପଦ କୁହାଯାଇଛି–ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ ଦେବାଃ ନ ଜାନନ୍ତି କୁତୋ ମନୁଷ୍ୟାଃ? ଯେଉଁ ପୁରୁଷୋତ୍ତମଙ୍କର ରହସ୍ୟ ଦେବତାମାନେ ଜାଣିନାହାନ୍ତି, ମନୁଷ୍ୟ କି ଛାର!

ଦର୍ଶନ ଶାସ୍ତ୍ରରେ 'ପୁରୁଷ' ଶବ୍ଦ ପରମାତ୍ମା ଅର୍ଥରେ ପ୍ରୟୋଗ କରାଯାଇଛି। ଋକ୍‌ବେଦ ସେହି ପୁରୁଷଙ୍କ କଥା ପୁରୁଷ ସୂକ୍ତରେ ପ୍ରତିପାଦନ କରିବାକୁ ଯାଇ କହିଛନ୍ତି– ସେ ପୁରୁଷଙ୍କର ସହସ୍ର ଶୀର୍ଷ, ସହସ୍ରାକ୍ଷ, ସହସ୍ରପାଦ ଇତ୍ୟାଦି ରହିଛି। ସେହି ପୁରୁଷ ହିଁ ଶ୍ରୀଜଗନ୍ନାଥ, ଯିଏ କି ସମଗ୍ର ଜଗତର ନାଥ। ଗୌତମ ବୁଦ୍ଧଙ୍କୁ ମଧ୍ୟ ଜଗନ୍ନାଥ ବୋଲି କୁହାଯାଇଛି। ମାତ୍ର ଏଠାରେ କେବଳ ଜଗତ ରୂପ ପୁରୁଷ ହେଉଛନ୍ତି ଶ୍ରୀଜଗନ୍ନାଥ। ଜଗତ ହେଉଛି ଉପାସ୍ୟ ପୁରୁଷ। ଜୈନମାନେ ମଧ୍ୟ ସେମାନଙ୍କ ଉପାସ୍ୟ ପୁରୁଷଙ୍କୁ ନାଥ ବୋଲି କୁହନ୍ତି। ବୌଦ୍ଧ ଓ ଜୈନ ଧର୍ମର ଛାୟା ମଧ୍ୟ ଜଗନ୍ନାଥ ଧର୍ମ ଉପରେ ପଡିଥିବା କଥା ବହୁ ପଣ୍ଡିତ କହୁଛନ୍ତି। ମାତ୍ର ଜଗନ୍ନାଥ ଧର୍ମର ଲକ୍ଷ୍ୟ ହେଉଛି ବିଶ୍ୱମୈତ୍ରୀ। ଏଣୁ ବିଶ୍ୱମୈତ୍ରୀର ପରମ ପୀଠ ହେଲା ଶ୍ରୀଜଗନ୍ନାଥ ଧାମ।

ପୁରାଣ ମତରେ ଶ୍ରୀଜଗନ୍ନାଥ ହିଁ ଶ୍ରୀକୃଷ୍ଣ। ବଳରାମ ବଳଭଦ୍ର ରୂପରେ, ବ୍ରହ୍ମା ଭଗିନୀ ସୁଭଦ୍ରା ରୂପରେ ଶ୍ରୀମନ୍ଦିରରେ ଅବସ୍ଥାନ କରିଛନ୍ତି। ଭଗବାନ ଶ୍ରୀକୃଷ୍ଣ ଦ୍ୱାରକାକୁ ଜଳରେ ବୁଡାଇ ଦେବା ପରେ କଳିଙ୍ଗସାଗର କୂଳରେ ପୁରୀ କ୍ଷେତ୍ରର ମାହାତ୍ମ୍ୟ ବୃଦ୍ଧି ପାଇଲା। ଏଣୁ କଳିଯୁଗରେ ପୁରୀକୁ ଦ୍ୱିତୀୟ ଦ୍ୱାରକା କୁହାଯାଏ। କେହି କେହି ପୁରାଣକାର କୁହନ୍ତି, ଶ୍ରୀକୃଷ୍ଣଙ୍କ ଅପୋଡା ଶରୀରାଂଶ ପୁରୀରେ ପୂଜା ପାଉଛନ୍ତି। ପ୍ରଥମେ ଭଗବାନ ଶ୍ରୀକୃଷ୍ଣ ନୀଳମାଧବ ରୂପେ ଶବରମାନଙ୍କ ଦ୍ୱାରା ପୂଜା ପାଉଥିଲେ। ନୀଳମାଧବ ଅନ୍ତର୍ଦ୍ଧାନ ହେବା ପରେ ଶ୍ରୀକ୍ଷେତ୍ରରେ ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ସହିତ ଶ୍ରୀକୃଷ୍ଣ ଜଗନ୍ନାଥ ରୂପରେ ଆବିର୍ଭୂତ ହୋଇଛନ୍ତି। ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଶିବ, ବ୍ରହ୍ମା ଓ ବିଷ୍ଣୁ ରୂପରେ ଗ୍ରହଣ କରାଯାଇଛି।

ପ୍ରେମଭକ୍ତି ଗୀତାରେ ଯଶୋବନ୍ତ ଦାସ ଉଲ୍ଲେଖ କରିଛନ୍ତି– ପୂର୍ବେ ବ୍ରହ୍ମା ଅଭିଶାପ ଯୋଗୁ ଦ୍ୱାପର ଯୁଗରେ ସୁଭଦ୍ରା ରୂପ ଗ୍ରହଣ କରିଛନ୍ତି। ସୃଷ୍ଟିର ଆରମ୍ଭ ପୂର୍ବରୁ ଯୋଗମାୟାଙ୍କଠାରୁ ବ୍ରହ୍ମା, ବିଷ୍ଣୁ, ଶିବ ଜନ୍ମଗ୍ରହଣ କଲେ। ବ୍ରହ୍ମା ପୃଥ୍ୱୀ ସ୍ଥାପନା କଲେ। ବିଷ୍ଣୁ ସର୍ବତ୍ର ବ୍ୟାପିଲେ। ରୁଦ୍ର ଯୋଗମୁଦ୍ରାରେ ବହୁ କାଳ ରହିଲେ। ଏହିପରି କିଛି ସମୟ ଗତ ହେବା ପରେ ବାଳସ୍ୱରୂପ ରୁଦ୍ରଙ୍କ ସହିତ ଯୋଗମାୟା ରତିକ୍ରୀଡା ରଚନା କଲେ। ଏହି କୁତ୍ସିତ କାର୍ଯ୍ୟ ନିମନ୍ତେ ବ୍ରହ୍ମା ଓ ବିଷ୍ଣୁ ମାତାଙ୍କୁ ନିନ୍ଦା କଲେ। ମାତା ଯୋଗମାୟା କ୍ରୋଧରେ ଏ ଦୁହିଁଙ୍କୁ ଅଭିଶାପ ଦେଲେ। ଯେଉଁ ଯୋନିରୁ ଜନ୍ମଲାଭ କରିଛ, ତାହାକୁ ନିନ୍ଦା କରୁଥିବା ଯୋଗୁ, ସେହି ଯୋନିରେ ଯୁଗ ଯୁଗ ଧରି ଜନ୍ମଗ୍ରହଣ କରୁଥାଅ। ବ୍ରହ୍ମା ସ୍ତ୍ରୀ ଯୋନି ହେବେ ଓ ଅପୂଜା ରହିବେ। ଏହାପରେ ତିନି ଭ୍ରାତା ଏକାନ୍ତରେ ଗୁପ୍ତରେ ନିତ୍ୟରାସ ସ୍ଥଳୀ ପୁରୁଷୋତ୍ତମ କ୍ଷେତ୍ରରେ ରହିଲେ।

ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ ଏହି ମୂର୍ତ୍ତିଚତୁଷ୍ଟୟ ବିଷ୍ଣୁଙ୍କର ରୂପ ବୋଲି ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି। ଏହି ଚାରି ମୂର୍ତ୍ତିକୁ ଚାରି ଦେବ ବୋଲି ବଳରାମ ଦାସ ଗୁପ୍ତଗୀତାରେ ଉଲ୍ଲେଖ କରିଛନ୍ତି। ଗୁପ୍ତରେ ନିତ୍ୟ ରାସସ୍ଥଳୀ ପୁରୁଷୋତ୍ତମ କ୍ଷେତ୍ରରେ ରହିଲେ–

ବଳଭଦ୍ର ଯେ ସାମ ହୋଇ। ରକ ଯେ ସୁଭଦ୍ରା ଅଟଇ।
ଯଜୁର୍ବେଦ ଶ୍ରୀଜଗନ୍ନାଥ। ଅଥର୍ବ ସୁଦର୍ଶନ ପାର୍ଥ।

ବିଷ୍ଣୁ ପୁରାଣ, କୂର୍ମ ପୁରାଣ, ନାରଦ ପୁରାଣ, ସ୍କନ୍ଦ ପୁରାଣ ଓ ନୀଳାଦ୍ରି ମହୋଦୟ, କ୍ଷେତ୍ରମାହାତ୍ମ୍ୟ ପ୍ରଭୃତି ପୁରାଣରେ ଶ୍ରୀଜଗନ୍ନାଥଙ୍କ ପ୍ରଶସ୍ତି ବର୍ଣ୍ଣନା କରାଯାଇଛି।

ଶ୍ରୀଜଗନ୍ନାଥ ମନ୍ଦିର, ମୂର୍ତ୍ତି ପ୍ରତିଷ୍ଠାରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଭୂମିକା ଅବର୍ଣ୍ଣନୀୟ। ସେ ପ୍ରଭୁଙ୍କୁ ତିନିଗୋଟି ବର ମାଗିଥିଲେ, ଯାହାକି ସର୍ବ ଜନାଦୃତ ଓ ଅଲୌକିକ ମଧ୍ୟ।

୧ –ପ୍ରତିବର୍ଷ ନୂତନ ରଥ ନିର୍ମାଣ ହେବ।
''ବୁଢ଼ା ବଢ଼େଇ ସନ୍ତାନ ଯୁଗେ ଯୁଗେ ଥିବ,
ବରଷକେ ତିନିରଥ ନିର୍ମାଣ ହୋଇବ।''
୨– ସର୍ବଦା ମହାପ୍ରସାଦ ଜନସାଧାରଣଙ୍କୁ ମିଳିବ।
''ରାତ୍ର ଅର୍ଦ୍ଧମାନେ ତୋ କବାଟ ପଡିଥିବ,
ରାତ୍ର ପାଞ୍ଚ ଘଡି ଥାଉ କବାଟ ଫିଟିବ।
ସବୁ ହୋଇ ତିନି ଘଡି ଶୟନ କରିବ,
ଖାଉ ଭୁଞ୍ଜୁ ଜଗନ୍ନାଥ ହାତ ନ ଶୁଖିବ।
ଦିନକ ଯାକର ଭୋଗ ଭୁଞ୍ଜୁଥିବ ରହି,
ଏହି ବର ମୋତେ ଦିଅ ତ୍ରୈଲୋକ୍ୟ ଗୋସେଇଁ।''
୩–ଗର୍ବ କରିବା ପାଇଁ ମୋ ବଂଶରେ କେହି ନ ଥିବେ।
''ତୁମେ ଯେବେ ବର ଦେବ ମାଗୁଅଛି ମୁହିଁ,
ମୋହ ବଂଶରେ କେହି ନ ଥିବେ ଗୋସାଇଁ।
ଠାକୁର ବୋଇଲେ ଏହା ମାଗୁ କାହିଁ ପାଇଁ,
ତୋତେ ଘେନି ଯୁଗ ରାଜ୍ୟ କରୁଥିବି ମୁହିଁ।
ଇନ୍ଦ୍ରଦ୍ୟୁମ୍ନ ବୋଲେ ମୋରେ ତେଣେ କାର୍ଯ୍ୟ ନାହିଁ,
ସବୁ ଦିନେ କୀରତି ମୋହର ଥିବ ରହି।
ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର,
ଆମ୍ଭର ବୋଇଲେ ଧର୍ମ ଯିବ ଯେ ମୋହର।''

ସମନ୍ୱୟୀ ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ। ଜାତି ଧର୍ମ ବର୍ଣ୍ଣର ଭେଦ ତାଙ୍କ ପାଖରେ ନାହିଁ। ଜନସାଧାରଣଙ୍କ ନିକଟକୁ ଦେବତା ସ୍ୱୟଂ ବାହାରି ଆସନ୍ତି ସୁଖଦୁଃଖ ବାଣ୍ଟିବା ପାଇଁ। ଧନ୍ୟ ଜଗନ୍ନାଥ, ଧନ୍ୟ ତୁମର ଲୀଳା।

ଆଲୋକ ନଗର, ନିଆଳି, କଟକ, ମୋ–୯୯୩୭୮୪୦୩୮୭

## ଏଇ ଭାରତରେ

ଭାରତର ବିଭିନ୍ନ ମନ୍ଦିରରେ ଭିନ୍ନ ଭିନ୍ନ ପରମ୍ପରା ପ୍ରଚଳିତ। ଏସବୁ ପରମ୍ପରା ଲୋକଙ୍କ ଶ୍ରଦ୍ଧା ତଥା ବିଶ୍ୱାସ ଯୋଗୁ କରାଯାଇଥାଏ। ଶ୍ରଦ୍ଧାଳୁମାନେ ମାନସିକ ପୂରଣ ପରେ ଠାକୁରଙ୍କ ପାଖରେ ଭୋଗ ଲାଗି କରିଥାନ୍ତି। ତେବେ ଏମିତି ଏକ ମନ୍ଦିର ଅଛି ଯେଉଁଠି ମାନସିକ ପୂରଣ ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଉଦ୍ଦେଶ୍ୟରେ ହାତକଡ଼ି ଚଢ଼ାନ୍ତି। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ମଧ୍ୟପ୍ରଦେଶ ରାଜ୍ୟର ନିଚମ୍ ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ଜାଲିନେର୍ ଗାଁରେ ରହିଛି ଖାଖର ଦେବଙ୍କ ମନ୍ଦିର। ଏଠାରେ ପ୍ରଭୁ ନାଗଦେବତାଙ୍କୁ ପୂଜା କରାଯାଏ। ବିଚାରାଧୀନ ବନ୍ଦୀ ଜାମିନ ପାଇଲେ କିମ୍ବା ନିର୍ଦ୍ଦୋଷରେ ଖଲାସ ହେଲେ ରାତିରେ ଏଠାକୁ ପୂଜା କରିବାକୁ ଆସିଥାନ୍ତି। ମାନସିକ ପୂରଣ ହେଲେ ସେମାନେ ପୁଣି ଏଠାକୁ ପୂଜା କରିବାକୁ ଆସି ନାଗଦେବତାଙ୍କୁ ହାତକଡ଼ି ଭେଟି ଦେଇଥାନ୍ତି। ଅନେକ ବର୍ଷ ଧରି ଏଠାରେ ଏହି ପରମ୍ପରା ଜାରି ରହିଛି। ମନ୍ଦିର ବାହାରେ ଅନେକ ହାତକଡ଼ି ଝୁଲୁଥିବାର ଦେଖିବାକୁ ମିଳେ।

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ
ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ
ଶ୍ରାନ୍ତ ପଦେ ଭ୍ରମି?
ସେ ପଥ ଯେ ପ୍ରିୟ ତବ ପାରେ କିଏ
କରି ଅସ୍ୱୀକାର,
କ୍ଳାନ୍ତ ଅଙ୍ଗୁ ଝରି କେତେ ଘର୍ମ ବିନ୍ଦୁ
ସିକ୍ତ ଧୂଳି ତାର।
ହୋଇଛି ଶୀତଳ ପୂତ ବିରଚି
ବିରାଟ ଇତିହାସ
ସଂଖ୍ୟାହୀନ ସ୍ମୃତିସ୍ତମ୍ଭ ଯୁଗାନ୍ତ
ସଞ୍ଚିତ ଅଭିଳାଷ।

(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | | | | | 5 | | | | | 3 | | |
| | 3 | 6 | | | D | 4 | | | | | | | | |
| 5 | A | 8 | | | 0 | E | | | 7 | 9 | | 1 | | |
| E | 0 | | | | | 1 | | C | | | 2 | 8 | | |
| | | | | | | | | D | 8 | 5 | | 9 | 7 | B |
| | E | | | 7 | | 3 | | | 1 | | | | 8 | C |
| | | | | 5 | | | | A | | | 6 | | | |
| C | 8 | | | | | 0 | 4 | | | | | | A | 1 |
| 1 | | | | | | | | | | | A | | | D |
| | 6 | | | | | C | | | | 8 | 7 | | B | |
| | | | | | A | 8 | | 6 | | | C | | 2 | 5 |
| | 7 | | | | | | | 1 | E | | | | | 3 |
| D | 2 | | | | 9 | A | | | | 7 | 8 | | C | 0 |
| | | | | B | | | 0 | 2 | | D | | E | | |
| | 1 | | 6 | C | 5 | D | | E | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | E | A | 2 | 8 | 9 | 0 | 4 | C | 1 | 5 | 3 | B | D | 6 |
| D | 1 | 9 | 6 | B | 0 | E | 8 | 5 | 2 | C | 4 | A | 7 | 3 |
| 4 | 3 | B | 7 | 5 | C | 2 | 9 | 1 | A | 6 | D | 8 | 0 | E |
| C | 0 | 2 | 3 | E | 1 | 6 | D | A | 7 | 8 | B | 9 | 4 | 5 |
| 8 | 6 | 5 | A | 4 | D | 7 | B | 3 | E | 9 | 0 | 1 | C | 2 |
| 5 | 7 | D | C | 6 | 2 | 1 | 3 | 4 | B | A | E | 0 | 9 | 8 |
| 0 | 9 | 6 | 1 | A | E | C | 7 | D | 5 | 4 | 8 | 3 | 2 | B |
| A | 4 | 8 | B | 3 | 5 | 9 | 2 | 0 | 6 | D | C | E | 1 | 7 |
| 2 | C | E | 0 | 9 | 8 | B | 5 | 6 | 3 | 1 | 7 | 4 | A | D |
| 1 | B | 3 | 4 | D | 7 | 8 | A | E | 0 | 2 | 9 | 5 | 6 | C |
| 6 | 8 | 7 | 5 | 2 | 4 | A | E | B | D | 0 | 1 | C | 3 | 9 |
| B | 2 | 0 | E | 7 | A | D | 1 | 9 | C | 3 | 5 | 6 | 8 | 4 |
| 3 | A | 4 | D | C | 6 | 5 | 0 | 8 | 9 | E | 2 | 7 | B | 1 |
| E | D | C | 9 | 1 | 3 | 4 | 6 | 7 | 8 | B | A | 2 | 5 | 0 |
| 9 | 5 | 1 | 8 | 0 | B | 3 | C | 2 | 4 | 7 | 6 | D | E | A |

ଗତକାଲିର ଉତ୍ତର

# ଓଡ଼ିଶାରେ ରେଳ ବିକାଶର ବାସ୍ତବତା

ସବ୍ୟସାଚୀ ଅମିତାଭ

ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ରେଳପଥ ବିକାଶରେ ପଛରେ ପଡ଼ିଛି। ରାଜ୍ୟ ମଧ୍ୟ ଦେଇ ଯାଇଥିବା ସମୁଦାୟ ରେଳପଥର ଲମ୍ବ ୨୫୭୨ କିମି। ଅନ୍ୟ ରାଜ୍ୟ ତୁଳନାରେ ଏଠାରେ ରେଳ ଭିତ୍ତିଭୂମି ବିକାଶର ଗତି ମନ୍ଥର। ଭାରତୀୟ ରେଲୱେ ଯେତିକି ସାମଗ୍ରୀ ପରିବହନ କରୁଛି, ସେଥିମଧ୍ୟରୁ କେବଳ ଓଡ଼ିଶାରୁ ପରିବହନ ହେଉଛି ୧୨ ଶତାଂଶ। ଭାରତୀୟ ରେଲୱେ ଓଡ଼ିଶାରୁ ବାର୍ଷିକ ୧୫ ହଜାର କୋଟିରୁ ଅଧିକ ରାଜସ୍ୱ ପାଉଛି। ସାମଗ୍ରୀ ପରିବହନ ଓ ରାଜସ୍ୱକୁ ହିସାବ କଲେ, ଓଡ଼ିଶାର ରେଳ ବିକାଶ ଯେତିକି ହେବା କଥା, ତାହା ଏଯାଏ ହୋଇପାରିନି।

ଏଥର ଅନ୍ତରୀଣ ବଜେଟରେ ତାଳଚେର–ଅନୁଗୋଳ ମଧ୍ୟରେ ୧୪.୫ କିମି ନୂଆ ଲାଇନ ବିଛାଯିବା ପାଇଁ ଯୋଜନା ରହିଛି। କିଛିବର୍ଷ ହେଲା ବ୍ୟୟବରାଦ ବଢୁଥିଲେ ବି ସେ ତୁଳନାରେ ପ୍ରକଳ୍ପଗୁଡିକର କାମରେ ଅଗ୍ରଗତି ହେଉନାହିଁ। ପ୍ରକୃତ କ୍ଷେତ୍ରରେ କେତେ ଅର୍ଥ ଖର୍ଚ୍ଚ ହେଉଛି, ତା'ର ସମୀକ୍ଷା ମଧ୍ୟ ଠିକ୍ ସମୟରେ କରାଯାଉନାହିଁ। ଆମେ ଯଦି ଅତୀତର ବଜେଟଗୁଡିକୁ ଦେଖିବା, ଷ୍ଟେଶନର ଆଧୁନିକୀକରଣ, ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ରେଳଷ୍ଟେଶନ ନିର୍ମାଣ, ବହୁଚର୍ଚ୍ଚିତ ଖୋର୍ଦ୍ଧା–ବଲାଙ୍ଗୀର ରେଳଲାଇନ ସମେତ ଓଡ଼ିଶା ଦୀର୍ଘଦିନ ଧରି ଦାବି କରିଆସୁଥିବା ଏବଂ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିବା କେତୋଟି ରେଳ ପ୍ରକଳ୍ପ ବର୍ଷ ବର୍ଷ ପରେ ବି ଯେମିତି ଥିଲା ସେମିତି ରହିଛି। ରେଳ ବିଭାଗ ତଥ୍ୟ ଅନୁସାରେ, ରାଜ୍ୟରେ ପାଖାପାଖି ୫ ହଜାର କିମି ରେଳଲାଇନ ନିର୍ମାଣ ଚାଲୁଥିବା ଦର୍ଶାଯାଉଥିବା ବେଳେ ରେଳ ମନ୍ତ୍ରଣାଳୟର ୱେବ୍‌ସାଇଟ ତଥ୍ୟ କହୁଛି, ରାଜ୍ୟରେ ମାତ୍ର ୨୯୩୬ କିଲୋମିଟର ରେଳଲାଇନ ନିର୍ମାଣ ଚାଲିଛି।

ଗତ ୨ ବର୍ଷ ମଧ୍ୟରେ ଅନୁମୋଦନ ନାଁରେ ରେଳ ବିଭାଗ ବହୁ ପ୍ରକଳ୍ପ ଘୋଷଣା କରିଛି, ହେଲେ ପରବର୍ତ୍ତୀ ସମୟରେ ଏହା ବଜେଟରୁ ବାଦ୍ ପଡ଼ିଛି। ରାଜ୍ୟ ସରକାର ବାରମ୍ବାର ବ୍ରହ୍ମପୁର–ସମ୍ବଲପୁର, ପୁରୀ–କୋଣାର୍କ, ବରଗଡ଼–ନୂଆପଡ଼ା, ତାଳଚେର–ଗୋପାଳପୁର, ଭଦ୍ରାଚଲମ୍–ବିମଳାଗଡ଼, ପାରାଦୀପ–ଧାମରା ସମେତ ଅତି କ୍ଷୁଦ୍ର ଓ ଗୁରୁତ୍ୱପୂର୍ଣ୍ଣ ରେଳଲାଇନ ଯଥା: ତାଳଚେର–ଏଫ୍‌ସିଆଇ–ଅନୁଗୋଳ, ବଡ଼ବିଲ–ବାଂଶପାଣି, ବରସୁଆଁ–ବାଂଶପାଣି–ବାଦାମପାହାଡ଼ ପ୍ରକଳ୍ପ ପାଇଁ ଦାବି କରୁଥିଲେ ବି କୌଣସି ଗୋଟିଏ ପ୍ରକଳ୍ପକୁ ଗମ୍ଭୀରତାର ସହ ନିଆଯାଇନି, ଯାହା ରାଜ୍ୟବାସୀଙ୍କ ସ୍ୱାର୍ଥବିରୋଧୀ। ସେହିପରି ଦୁଇବର୍ଷ ତଳେ ନୂଆପଡ଼ା–ବରଗଡ଼–ବିଜେପୁର ରେଳଲାଇନ ପ୍ରକଳ୍ପ ପାଇଁ ଘୋଷଣା ହୋଇଥିଲେ ବି ଏହି ପ୍ରକଳ୍ପ ଲାଗି ବଜେଟରେ ବ୍ୟୟବରାଦ ହୋଇପାରିନି। ଅନ୍ତରୀଣ ବଜେଟରେ ଅନୁଗୋଳ–ସୁକିନ୍ଦା ରୋଡ୍ ରେଳ ପ୍ରକଳ୍ପ ପାଇଁ ୨୫୦ କୋଟି, ହରିଦାସପୁର–ପାରାଦୀପ ପ୍ରକଳ୍ପ ବାବଦକୁ ୪୦୦ କୋଟି, ଖୋର୍ଦ୍ଧାରୋଡ୍–ବଲାଙ୍ଗୀର ପାଇଁ ୩୦୦ କୋଟି, ତାଳଚେର–ବିମଳାଗଡ଼ ପ୍ରକଳ୍ପ ଲାଗି ୧୫୦ କୋଟି, ଜୟପୁର–ମାଲକାନଗିରି ପାଇଁ ୭୦ କୋଟି, ଜୟପୁର–ନବରଙ୍ଗପୁର ରେଳ ପ୍ରକଳ୍ପ ଲାଗି ୧୦ କୋଟି ଅନୁଦାନ ମିଳିଛି।

ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ରେଳସେବା ସମ୍ପୂର୍ଣ୍ଣ ଅବହେଳିତ ହୋଇଥିବା ବେଳେ ବହୁ ଦାବି ପରେ ବି ବିମଳାଗଡ଼–ତାଳଚେର ରେଳପଥ, ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ, କୋରାପୁଟ–ମାଲକାନଗିରି ରେଳପଥ ଏଯାଏଁ ସରିପାରିନି। ବିମଳାଗଡ଼–ତାଳଚେର ରେଳପଥ ସମ୍ପୂର୍ଣ୍ଣ ହେଲେ ସିଧାସଳଖ ପାରାଦୀପକୁ ରେଳ ସଂଯୋଗ ହୋଇପାରିବ। ଫଳରେ ହଳଦିଆ ପରିବର୍ତ୍ତେ ପାରାଦୀପକୁ ମାଲ୍ ପରିବହନ ସହଜ ହେବ। ତେଣୁ ହଳଦିଆ ବନ୍ଦରର ଗୁରୁତ୍ୱ କମିବା ଆଶଙ୍କା ଥିବାରୁ ଜାଣିଶୁଣି ଦୀର୍ଘଦିନ ହେଲା ବିମଳାଗଡ଼–ତାଳଚେର ରେଳପଥକୁ ସମ୍ପୂର୍ଣ୍ଣ କରିବାକୁ ଦିଆଯାଉନାହିଁ।

ସେହିପରି ଦକ୍ଷିଣପୂର୍ବ ରେଳପଥ ଡିଭିଜନରୁ ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲାକୁ ବାଦ୍ ଦେଇ ଏହାକୁ ପୂର୍ବତଟ ରେଳପଥରେ ସାମିଲ କରିବା ପାଇଁ ହେଉଥିବା ଦାବିକୁ ଏଯାଏ କାର୍ଯ୍ୟକାରୀ କରାଯାଉନାହିଁ। ଦକ୍ଷିଣପୂର୍ବ ରେଳପଥ ଅଧୀନରେ ଥିବା ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲାରୁ ବିପୁଳ ରାଜସ୍ୱ ଆଦାୟ ହେଉଥିବାରୁ ଗାର୍ଡେନ ରିଚ୍ କର୍ତ୍ତୃପକ୍ଷ କୌଣସି ମୂଲ୍ୟରେ ଏହି ଦୁଇ ଜିଲାକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଖୋର୍ଦ୍ଧା–ବଲାଙ୍ଗୀର ରେଳପଥକୁ ୫ ବର୍ଷରେ ସାରିବେ ବୋଲି ୨୦୦୪ରେ ରେଳ ବଜେଟ ଆଗତ ବେଳେ ଘୋଷଣା କରିଥିଲେ ତତ୍କାଳୀନ ରେଳମନ୍ତ୍ରୀ ନୀତୀଶ କୁମାର। ଜମି ଅଧିଗ୍ରହଣରେ ବିଳମ୍ବ କାରଣରୁ ଏହି ୨୮୯ କିଲୋମିଟର ରେଳଲାଇନ ଅଧାରେ ଅଟକିଛି। ନୟାଗଡ଼ ଜିଲାର ୧୪୭ ଏକର ଓ ବୌଦ୍ଧ–ସୋନପୁର ଜିଲାର ୧୪୦୦ ଏକର ଜଙ୍ଗଲ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଅଟକିଛି। ଏକା ଅବସ୍ଥା ହରିଦାସପୁର–ପାରାଦୀପ ରେଳପଥର। ୧୯୯୫–୯୬ରେ ଏହି ୮୨ କିମି ରେଳପଥ ଲାଗି ଘୋଷଣା ହୋଇଥିଲେ ମଧ୍ୟ ୨୨ ବର୍ଷ ପରେ ବି ଶେଷ ହୋଇପାରିନି। ୨୦୧୬ରେ ଏହି ପ୍ରକଳ୍ପ ପାଇଁ ୨୦୦ କୋଟି ଟଙ୍କା ମଞ୍ଜୁର ହେବା ପରେ ହିଁ କାମ ଆରମ୍ଭ ହୋଇଥିଲା। ହେଲେ ଷ୍ଟେଜ୍–୧ ପରିବେଶ କ୍ଲିୟରାନ୍ସ ମିଳିବାରେ ବିଳମ୍ବ ତଥା ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରର ୪୦ଟି ଗାଁରୁ ଜମି ଅଧିଗ୍ରହଣରେ ସମସ୍ୟା କାରଣରୁ ଏହାର ସମୟସୀମା ଲମ୍ବିବାରେ ଲାଗିଛି। ପ୍ରକଳ୍ପ ପାଇଁ ଯେଉଁ ଅର୍ଥ ବଜେଟରେ ବ୍ୟବସ୍ଥା କରାଯାଉଛି, ତାହା ସମୁଦ୍ରକୁ ଶଙ୍ଖେ ପରି। ବର୍ଷ ପରେ ବର୍ଷ ବିତିସାରିଥିଲେ ବି ତାଳଚେର–ବିମଳାଗଡା ପ୍ରସ୍ତାବିତ ୧୪୯.୭୮ କିମି ରେଳପଥ ଆଗେଇପାରିନି। ଅନୁଗୋଳ ଓ ଦେବଗଡ଼ ଜିଲାରେ ଜମି ଅଧିଗ୍ରହଣରେ ସମସ୍ୟା ଏହି ପ୍ରକଳ୍ପ ପାଇଁ କାଳ ହୋଇଛି।

କୋଲକାତା ଓ ନୂଆଦିଲ୍ଲୀ ପରି ମେଟ୍ରୋ କିମ୍ବା ମୁମ୍ବାଇରେ ଲୋକାଲ ଟ୍ରେନ୍ ବ୍ୟବସ୍ଥା ପରି ଭୁବନେଶ୍ୱର–କଟକ ସହର ପାଇଁ ରେଳ ବିଭାଗ ଏଯାଏ ଚିନ୍ତା କରିନି। ପରିବହନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା–ଭୁବନେଶ୍ୱର–କଟକ ଅଞ୍ଚଳ ପାଇଁ ରେଳଭିତ୍ତିକ ଏମ୍‌ଆର୍‌ଟିଏସ୍ ପ୍ରତି ରେଳ ମନ୍ତ୍ରଣାଳୟ ଗୁରୁତ୍ୱ ଦେବା ଦରକାର। ଗଞ୍ଜାମରେ ଶୀତଳପଲ୍ଲୀ ରେଳ ୱାଗନ ତିଆରି କାରଖାନା ତିଆରି ପ୍ରସ୍ତାବରୁ ରେଳ ବିଭାଗ ଓହରିଯାଇଛି। କଳାହାଣ୍ଡି ନର୍ଲାରେ ପ୍ରସ୍ତାବିତ ୱାଗନ ମରାମତି କାରଖାନାକୁ ବିଶାଖାପାଟଣାକୁ ସ୍ଥାନାନ୍ତର କରି ରାଜ୍ୟ ପ୍ରତି ରେଳ ବିଭାଗ ଅବହେଳା କରିଛି। ଜୁଲାଇ ୫ରେ ମୋଦି ସରକାରଙ୍କ ୨ୟ ପାଳିର ପ୍ରଥମ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ବଜେଟ ଆଗତ ହେବାକୁ ଯାଉଛି। ରେଳ କ୍ଷେତ୍ରରେ ଓଡ଼ିଶାକୁ ଅଧିକ ଫୋକସ୍ କରିବା ପାଇଁ ଦାବି ଜୋର୍‌ଦାର ହେବା ଦରକାର।

ଭୁବନେଶ୍ୱର, ମୋ– ୯୪୩୮୨୯୬୫୧୯

## ପାଠକ ଶ୍ରେଷ୍ଠ ବିଚାରକ

### ପାଠକଙ୍କ ଅଭିମତକୁ ଗୁରୁତ୍ୱ ଦିଆଯାଉ

ମହାଶୟ,

ଖବରକାଗଜର ସମ୍ପାଦକୀୟ ପୃଷ୍ଠାରେ ପାଠକମାନେ ବିଭିନ୍ନ ଅଞ୍ଚଳରୁ ଚିଠିଟିଏ ଲେଖି କୌଣସି ଲେଖା ଉପରେ କିମ୍ବା ସେମାନଙ୍କ ଅଞ୍ଚଳରେ ଥିବା ସମସ୍ୟା ବିଷୟରେ ମତାମତ ଜଣାଇଥାନ୍ତି। ସମ୍ପାଦକମାନେ ମଧ୍ୟ ସୀମିତ ସ୍ଥାନରେ ସେହି ଲେଖାଗୁଡିକୁ ପ୍ରକାଶ କରିଥାନ୍ତି। ଦେଖାଯାଉଛି, ସେହି ଲେଖାକୁ କୌଣସି ବିଭାଗୀୟ କର୍ମଚାରୀ, ଅଫିସର ବା ନେତା, ମନ୍ତ୍ରୀ ଆଡଆଖିରେ ଅନାନ୍ତି ନାହିଁ କି ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ନାହିଁ। ତେଣୁ ସରକାରଙ୍କୁ ଅନୁରୋଧ ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶ ପାଉଥିବା ଅଭିମତ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଲେଖକ ବା ଖବରକାଗଜ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସରକାର ଘଟଣାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଲୋକଙ୍କ ସମସ୍ୟାର ସମାଧାନ କରନ୍ତୁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ବିଳମ୍ବ କର ବାଧୁଛି

ଜଟଣୀ ଜନସ୍ୱାସ୍ଥ୍ୟ ବିଭାଗ ପ୍ରତି ମାସ ୧୫ ତାରିଖ ମଧ୍ୟରେ ଜଳକର ନେଇଥାନ୍ତି। କିନ୍ତୁ ଅନେକ ମାସ ହେଲା ଖାଉଟିମାନେ ଯଥାସମୟରେ ସେମାନଙ୍କ ଜଳକର ପଇଠ ପାଇଁ ଯାଉଥିଲେ ମଧ୍ୟ ଅଫିସରେ ରସିଦ୍ ବହି ନାହିଁ ବୋଲି ଫେରି ଆସୁଛନ୍ତି। ପୁନରାୟ ଦଶଦିନ ପରେ ଜଳକର ପଇଠ କରି ରସିଦ୍ କାଟିଲେ ବିଳମ୍ବ ଟ୍ୟାକ୍ସ ଦେବାକୁ ପଡୁଛି। ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା। ଜନସ୍ୱାସ୍ଥ୍ୟ ବିଭାଗର ନିଜସ୍ୱ ଅସୁବିଧା କିମ୍ବା ଦାୟିତ୍ୱହୀନତା ପାଇଁ ଖାଉଟିମାନେ କାହିଁକି ଅଧିକ ଟଙ୍କା ପଇଠ କରିବେ? ଜଟଣୀ ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ଠିକ୍ ସମୟରେ ପାଣି ନ ଦେବା, ପାଣିରେ ପୋକଜୋକ ବାହାରିବା ନେଇ ଅନେକ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ ଲୋକଙ୍କୁ ଏଭଳି ବିଳମ୍ବ କର ବାଧୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ପ୍ରତିକାର କରନ୍ତୁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୪ ଜୁଲାଇ ୧୯୯୪

- ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ ଶ୍ରମିକମାନଙ୍କର ମଜୁରିକୁ ଶତକଡା ୪୦ ଭାଗ ବୃଦ୍ଧି ନେଇ ଏକ ନୂତନ ଆଇନରେ ସ୍ୱାକ୍ଷର କରିଛନ୍ତି।
- ଆମେରିକାର ଗୋଟିଏ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୦ଜଣ ବିମାନଯାତ୍ରୀଙ୍କର ପ୍ରାଣହାନି ଘଟିଛି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।

- ଗୌତମ ବୁଦ୍ଧ



## ସଂକ୍ଷେପରେ

ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ହାଇକୋର୍ଟରେ ମାମଲା

### ସତ୍ୟପାଠରେ ତଥ୍ୟ ଲୁଚାଇଛନ୍ତି

**କଟକ ଅଫିସ, ୩।୭:** ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଗତ ସାଧାରଣ ନିର୍ବାଚନ ସମୟରେ ମୋକିମ ଦାଖଲ କରିଥିବା ସତ୍ୟପାଠରେ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାମନ୍ତରାୟ ପିଟିଶନରେ ଦର୍ଶାଇଛନ୍ତି, ମୋକିମଙ୍କ ବିରୋଧରେ ଯେଉଁସବୁ ଫୌଜଦାରି ମାମଲା ରହିଛି ସେ ସବୁକୁ ସତ୍ୟପାଠରେ ଦର୍ଶାଇନାହାନ୍ତି। ଏପରି କି ସେ ତାଙ୍କର ସମ୍ପୂର୍ଣ୍ଣ ସମ୍ପତ୍ତି ତାଲିକା ମଧ୍ୟ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି। ତେଣୁ ମୋକିମଙ୍କ ସତ୍ୟପାଠ ଅର୍ଦ୍ଧସତ୍ୟ ଉପରେ ପର୍ଯ୍ୟବସିତ। ନିର୍ବାଚନ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ଯୋଗୁ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯିବା ସହିତ ବାରବାଟୀ-କଟକରେ ସାନି ନିର୍ବାଚନ କରିବାକୁ ସାମନ୍ତରାୟ ପିଟିଶନରେ ନିବେଦନ କରିଛନ୍ତି। ମାମଲାରେ ସେ ରାଜ୍ୟ ଓ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ମୋକିମ କୁହନ୍ତି, ଗଣମାଧ୍ୟମରୁ ମୁଁ ଏହି କଥା ଶୁଣିବାକୁ ପାଉଛି। କୋର୍ଟ ପକ୍ଷରୁ ମୋତେ ଏ ସମ୍ପର୍କରେ କୌଣସି ନୋଟିସ କରାଯାଇନାହିଁ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଡଭୋକେଟ ଗୋପାଳ ଚନ୍ଦ୍ର ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

ଯୋଡ଼ା ଶିଶୁଙ୍କ ଚିକିତ୍ସା ଜାରି

### ଏସ୍‌ସିବିରେ ହେଲା ସିଟି ସ୍କାନ

**କଟକ ଅଫିସ, ୩।୭:** ଢେଙ୍କାନାଳ ଯୋଡାଶିଶୁଙ୍କ ଚିକିତ୍ସା ଶିଶୁଭବନରେ ଜାରି ରହିଛି। ବୁଧବାର ଏସ୍‌ସିବି ମେଡିକାଲରେ ଏହି ଯୋଡା ଶିଶୁଙ୍କ ଇକୋ କାର୍ଡିଓଗ୍ରାଫି ଓ ସିଟି ସ୍କାନ କରାଯାଇଛି। ସିଟି ସ୍କାନ ରିପୋର୍ଟରୁ



ଉଭୟଙ୍କ ଛାତିରେ ଅନେକ ସମସ୍ୟା ରହିଥିବା ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ କହିଛନ୍ତି। ଏହାପରେ ଶିଶୁ ଦ୍ୱୟଙ୍କ ଚିକିତ୍ସା ପାଇଁ ଗଠିତ ୭ ଜଣିଆ ଡାକ୍ତରୀ ଦଳର ବୈଠକ ବସିବ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ଚିକିତ୍ସା କରାଯିବ ବୋଲି ଡା. ଶତପଥୀ କହିଛନ୍ତି।

### ଜେଡ୍ ଇନ୍‌ଫ୍ରା ନିର୍ଦ୍ଦେଶକଙ୍କୁ ହାଇକୋର୍ଟରୁ ଜାମିନ

**କଟକ ଅଫିସ, ୩।୭:** ନିର୍ମାଣକାରୀ ସଂସ୍ଥା ଜେଡ୍ ଇନ୍‌ଫ୍ରା କନ୍‌ଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ରଶ୍ମିତା ପାତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଲୋକଙ୍କଠାରୁ ଠକି ନେଇଥିବା ୧୯ ଲକ୍ଷ ଟଙ୍କାରୁ ପାତ୍ର ୧୦ ଲକ୍ଷ ଟଙ୍କା କୋର୍ଟରେ ଜମା କରିଛନ୍ତି। ବାକି ୯ ଲକ୍ଷ ୩ଟି କିସ୍ତିରେ କୋର୍ଟରେ ଜମା ଦେବାକୁ ସର୍ତ୍ତ ରହିଛି। ମାମଲାର ବିଚାର ପରେ ଯଦି ମାମଲା ପାତ୍ରଙ୍କ ସପକ୍ଷରେ ଯାଏ ତେବେ ଉକ୍ତ ୧୯ ଲକ୍ଷର ସୁଧ ମୂଳ ସହିତ ସେ ଫେରି ପାଇବେ, ଅନ୍ୟଥା ଉକ୍ତ ଟଙ୍କା ବାଜ୍ୟାପ୍ତ ହେବ ବୋଲି ବିଚାରପତି ରାୟରେ କହିଛନ୍ତି। ସୂଚନାଥାଉ କି, ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଲୋକଙ୍କୁ ଜମି ଯୋଗାଇଦେବା ନାଁରେ ଜେଡ୍ ଇନ୍‌ଫ୍ରା ଟଙ୍କା ଆଦାୟ କରିଥିଲା। ପାଖାପାଖି ୩୦୦ ଲୋକ ପ୍ଲଟ ପାଇବା ନାଁରେ ଠକେଇର ଶିକାର ହୋଇଥିଲେ। ଏ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ନିକଟରେ ଅଭିଯୋଗ ହେବା ପରେ ରଶ୍ମିତାଙ୍କୁ ଗତ ଜାନୁୟାରୀ ୨୮ ତାରିଖରେ ଭୁବନେଶ୍ୱରରୁ ଗିରଫ କରାଯାଇଥିଲା। ଜାମିନ ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପାତ୍ରଙ୍କ ପକ୍ଷରୁ ଆଇନଜୀବୀ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

■ ଏସ୍‌ସିବିରେ ରୋଗୀଙ୍କୁ ଦିଆଗଲାନି

# ୪୨ ପ୍ରକାର ଔଷଧ ହେବ ଏକ୍ସପାଏରି

■ ଗଞ୍ଜାମ ଗଲା ୩ ପ୍ରକାର ଔଷଧ

■ ଏସ୍‌ସିବି ଅଧୀକ୍ଷକଙ୍କୁ ୱେର ହାଉସର ଚିଠି

**କଟକ ଅଫିସ, ୩।୭**

ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏକ୍ସପାଏରି ଔଷଧ ଦିଆଯିବାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ଗତ ୩ ଦିନ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ୨ ଜଣ ରୋଗୀଙ୍କୁ ଏକ୍ସପାଏରି ମେଡିସିନ ଦିଆଯାଇଥିବା ଘଟଣା ନଜରକୁ ଆସିଥିଲା। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଘଟଣା ସମ୍ପର୍କରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କଠାରୁ ସ୍ପଷ୍ଟୀକରଣ ଲୋଡିଛନ୍ତି। ଭିଟାମିନ ଏ, ଡି ଓ ଭିଟାମିନ ବି କମ୍ପ୍ଲେକ୍ସ ସିରପ ଏବଂ ବଟିକାର ଅବଧି ଶେଷ ହୋଇଯାଇଥିବା ଯୋଗୁ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏଭଳି ପରିସ୍ଥିତି ଉପୁଜିଛି। ତେଣୁ ଏସ୍‌ସିବି ମେଡିକାଲରେ ଏହି ମେଡିସିନର ଷ୍ଟକ ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବ ଅଧୀକ୍ଷକଙ୍କଠାରୁ ସବିଶେଷ ତଥ୍ୟ ଲୋଡିଛନ୍ତି।

ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଏସ୍‌ସିବିରେ ମହଜୁଦ ଥିବା ଭିଟାମିନ ବି କମ୍ପ୍ଲେକ୍ସ ସିରପର ଅବଧି ଅଗଷ୍ଟ ମାସ ପର୍ଯ୍ୟନ୍ତ ରହିଛି। ତେଣୁ ଆହୁରି ହାତରେ ଗୋଟିଏ ମାସ ରହୁଥିବାରୁ ରୋଗୀଙ୍କୁ ଏହି ମେଡିସିନ ଦେବାରେ କୌଣସି ଅସୁବିଧା ନାହିଁ। ଅନ୍ୟପକ୍ଷରେ ଏକ୍ସପାଏରି ମେଡିସିନକୁ ନେଇ ଖୋଳତାଡ଼ ହେବା ପରେ ଆଉ ଏକ ବଡ଼ ଘଟଣା ନଜରକୁ ଆସିଛି। ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ ପକ୍ଷରୁ ଏସ୍‌ସିବି ମେଡିକାଲକୁ ଯୋଗାଇ ଦିଆଯାଇଥିବା ମେଡିସିନ ମଧ୍ୟରୁ ୪୨ ପ୍ରକାର ଔଷଧର ଅବଧି ଆସନ୍ତା ଫେବୃୟାରୀ ମଧ୍ୟରେ ଶେଷ ହେବାକୁ ଯାଉଛି। ସେଥିମଧ୍ୟରୁ କେତେକ ଔଷଧର ଅବଧି ଜୁଲାଇ ଓ ଅଗଷ୍ଟ ରହିଥିବା ଓୟାର ହାଉସ ପକ୍ଷରୁ ବୁଧବାର ଏସ୍‌ସିବି ଅଧୀକ୍ଷକଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଉଦାହରଣ ଭାବେ ପଲିପ୍ରୋପିଲେନ ମେଡିସିନର ଅବଧି ଜୁଲାଇ ୩୧ରେ ସରୁଥିବା ବେଳେ ୬୯୬ଟି ଏହି ଔଷଧ ମେଡିକାଲରେ ମହଜୁଦ ଥିବା ୱେୟାର ହାଉସ ପକ୍ଷରୁ କୁହାଯାଇଛି। ସେହିପରି କୋଟ୍ରିମାଜୋଲ ମାଉଥ୍ ପେଣ୍ଟ, ବୁଡେ ସୋନାଇଡ ଇନହେଲର ଓ ଭିଟାମିନ-ଏ ୫୦ହଜାର କ୍ୟାପସୁଲ ଏସ୍‌ସିବି ମେଡିକାଲରେ କାର୍ଯ୍ୟରେ ନ ଲାଗିବାରୁ ତାହାକୁ ଗଞ୍ଜାମ ଜିଲାକୁ ପଠାଯାଇଥିବା ଓୟାର ହାଉସ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ କହିଛନ୍ତି। ଏହାବାଦ ଅବଧି ଶେଷ ହେବାକୁ ଯାଉଥିବା ମେଡିସିନଗୁଡ଼ିକ ଏସ୍‌ସିବି ମେଡିକାଲରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ଉଦାହରଣ ଭାବେ ସେପ୍ଟ୍ରିଆଜୋନ ଇଞ୍ଜେକ୍ସନ ଆସନ୍ତା ସେପ୍ଟେମ୍ବରରେ ଏକ୍ସପାଏରି ହେବାକୁ ଥିବାବେଳେ ୪୧୬୦ଟି ଇଞ୍ଜେକ୍ସନ ଓୟାର ହାଉସରେ ମହଜୁଦ ରହିଛି। ସେହିପରି ସେଫେପାଇମ ଇଞ୍ଜେକ୍ସନର ଅବଧି ଆସନ୍ତା ନଭେମ୍ବରରେ ଶେଷହେବାକୁ ଥିବାବେଳେ ସେଥିରୁ ୩୧୮୦ଟି ମେଡିକାଲରେ ମହଜୁଦ ଅଛି। ଟେନୋଫୋବିର ଡିସୋପ୍ରୋକ୍ସିଲ ବଟିକାର ଅବଧି ନଭେମ୍ବରରେ ପୂରିବାକୁ ଥିବାବେଳେ ଏଥିରୁ ୩୬,୪୮୦ଟି ଓୟାର ହାଉସରେ ମହଜୁଦ ଥିବା ସୂଚନା ମିଳିଛି। ମୁଖ୍ୟତଃ ଏହି ମେଡିସିନଗୁଡ଼ିକର ଚିଠା ଡାକ୍ତରଙ୍କ ପାଖରୁ ଆସୁନାହିଁ। ଫଳରେ ଏଗୁଡ଼ିକ ନିରାମୟ କେନ୍ଦ୍ରକୁ ନ ଯାଇ ଓୟାର ହାଉସରେ ପଡ଼ି ରହୁଥିବା ଓୟାର ହାଉସର ଜଣେ କର୍ମଚାରୀ ପରିଚୟ ଗୋପନ ରଖି କହିଛନ୍ତି। ତେବେ ଏହି ମେଡିସିନଗୁଡ଼ିକ ରୋଗୀଙ୍କୁ ନ ଦିଆଯାଇ ଏତେ ସଂଖ୍ୟକ ଗଦା ହୋଇ ରହିବା କାରଣ ସମ୍ପର୍କରେ ଅଧୀକ୍ଷକ ପ୍ରଫେସର ମହାନ୍ତି କୁହନ୍ତି, ରୋଗ ଅନୁଯାୟୀ ଔଷଧ ଦିଆଯିବ। ତେଣୁ ଯେଉଁ ଔଷଧଗୁଡ଼ିକର ଆବଶ୍ୟକତା ପଡୁନାହିଁ ସେଗୁଡ଼ିକ ଅନ୍ୟ ଜିଲାକୁ ସ୍ଥାନାନ୍ତର କରାଯାଉଛି। କିନ୍ତୁ ଏ କ୍ଷେତ୍ରରେ ସାମାଜିକ କର୍ମୀମାନଙ୍କ ମତ ଭିନ୍ନ ରହିଛି। ସାମାଜିକ କର୍ମୀ ମଳୟ ରଞ୍ଜନ ଷଡଙ୍ଗୀ କୁହନ୍ତି, ଡାକ୍ତରମାନେ ଘରୋଇ ମେଡିସିନ ଦୋକାନୀଙ୍କୁ ଲାଭ ପହଞ୍ଚାଇବା ପାଇଁ ଚିଠା ଲେଖୁଛନ୍ତି। ତେଣୁ ସରକାର ଯେଉଁ ଔଷଧ ସବୁ ମାଗଣାରେ ଯୋଗାଇଛନ୍ତି, ସେଗୁଡ଼ିକ ରୋଗୀଙ୍କ କ୍ଷେତ୍ରରେ ନ ଲାଗି ଏହିଭଳି ଭାବେ ଏକ୍ସପାଏରି ହେଉଛି।

## 'ଖାନ୍‌ଦାନି ଶାଫାଖାନା'ରେ ସାମାଜିକ ଅଙ୍ଗୀକାରବଦ୍ଧତା ରହିଛି: ସୋନାକ୍ଷୀ



**ନୂଆଦିଲ୍ଲୀ:** ସମାଜରେ ସେକ୍ସ ଏକ ନିଷିଦ୍ଧ ବିଷୟବସ୍ତୁ ହୋଇ ରହିଛି। ସେ ସମ୍ପର୍କରେ ଆଗାମୀ ଫିଲ୍ମ 'ଖାନ୍‌ଦାନି ଶାଫାଖାନା' ଲୋକଙ୍କ ମନରେ ପରିବର୍ତ୍ତନ ଆଣିବ ବୋଲି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ପ୍ରକାଶ କରିଛନ୍ତି। ଶିଲ୍ପୀ ଦାସଗୁପ୍ତାଙ୍କ ନିର୍ଦ୍ଦେଶିତ ଉକ୍ତ ଫିଲ୍ମରେ ଜଣେ ତରୁଣୀଙ୍କ ଜୀବନଯାତ୍ରା ବିଷୟ ବର୍ଣ୍ଣନା କରାଯାଇଛି, ଯିଏ ନିଜ ଅଙ୍କଲ୍‌ଙ୍କ ମୃତ୍ୟୁ ପରେ ଏକ ସେକ୍ସ କ୍ଲିନିକ୍‌ର ଉତ୍ତରାଧିକାରୀ ସାଜିଛନ୍ତି। ଫିଲ୍ମର ସମ୍ପୂର୍ଣ୍ଣ ବିଷୟବସ୍ତୁ ଶୁଣିବା ପରେ ଏଥିରେ ଅଭିନୟ କରିବାକୁ ରାଜି ହୋଇଯାଇଥିଲେ ସୋନାକ୍ଷୀ। ଏଥିରେ ସାମାଜିକ ପରିବର୍ତ୍ତନର ବାର୍ତ୍ତା ରହୁଥିବାରୁ ଏବଂ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଆଲୋଚନାର ଅପେକ୍ଷା ରଖୁଥିବା ସୋନାକ୍ଷୀ ପ୍ରକାଶ କରିଥିଲେ। ସେକ୍ସକୁ ନେଇ ସମାଜରେ ଯେଭଳି କଟକଣା ରହିଛି ତାହା ଏହି ଫିଲ୍ମ ଦ୍ୱାରା ଦୂରେଇ ପାରିବ କି ପ୍ରଶ୍ନରେ ସୋନାକ୍ଷୀ କହିଲେ, 'ସେ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି ଭାବୁଛି।' ଉକ୍ତ ଫିଲ୍ମର ମିଳିତ ପ୍ରଯୋଜନା କରୁଛନ୍ତି ଭୂଷଣ କୁମାର, ମହାବୀର ଜୈନ, ମ୍ରିଘଦୀପ ସିଂ ଲାମ୍ବା ଏବଂ ଦିବ୍ୟ ଖୋସ୍‌ଲା କୁମାର। ଏହା ଅଗଷ୍ଟ ୨ରେ ରିଲିଜ ହେବାର ଅଛି।

■ ୟୁନିୟନ ବ୍ୟାଙ୍କ୍ ନୟାପଲ୍ଲୀ ଶାଖାରେ ଋଣ ଠକେଇ

## ୩ ପୂର୍ବତନ ବ୍ୟାଙ୍କ୍ ଅଧିକାରୀ, ୬ ବିଲ୍ଡରଙ୍କ ସମେତ ୫୩ଜଣଙ୍କ ନାମରେ ମାମଲା ରୁଜୁ କଲା ସିବିଆଇ

■ ଗୃହଋଣ ବାବଦକୁ ଦିଆଯାଇଥିଲା ୨୪ କୋଟି ୧୭ ଲକ୍ଷ

■ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବିତ କରିଥିଲା ବ୍ୟାଙ୍କ୍

**ଭୁବନେଶ୍ୱର,୩।୭(ବ୍ୟୁରୋ)**

ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ୟୁବିଆଇ) ଶାଖାରେ ୨୪ କୋଟି ୧୭ ଲକ୍ଷ ଟଙ୍କାର ଋଣ ଠକେଇ ହୋଇଛି। ବ୍ୟାଙ୍କ ଅଧିକାରୀମାନେ ବିଭିନ୍ନ ସମୟରେ ବିଲଡର ସଂସ୍ଥାକୁ ଅନୁକମ୍ପା ଦେଖାଇ ବେଆଇନ ଭାବେ ଏହି ଗୃହଋଣ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜଣାପଡିବା ପରେ ବ୍ୟାଙ୍କ ପକ୍ଷରୁ ସିବିଆଇରେ ଅଭିଯୋଗ କରାଯାଇଥିଲା। ତଦନ୍ତ ପରେ ସିବିଆଇ ପକ୍ଷରୁ ୩ଜଣ ପୂର୍ବତନ ବ୍ୟାଙ୍କ ଅଧିକାରୀ, ୬ ବିଲ୍ଡର ଓ ୪୪ ଜଣ ଋଣକାରୀଙ୍କ ବିରୋଧରେ ୩ଟି ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ଉକ୍ତ ବ୍ୟାଙ୍କର ଚିଫ୍ ମ୍ୟାନେଜର ଭୁବନେଶ୍ୱର ମହାପାତ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ଅଶ୍ୱିନୀ କୁମାର ପାତ୍ର, ବ୍ୟାଙ୍କ ମ୍ୟାନେଜର ରାଜେଶ କୁମାର ପତଙ୍ଗ, ବିଲ୍ଡର ଉମାଶଙ୍କର ପାତ୍ର, ବିଶ୍ୱନାଥ ଜେନା, କମଳାରାଣୀ ଜେନା,ଅନୁରାଧା ପାତ୍ର, ପୁଷ୍ପାଞ୍ଜଳି ପାତ୍ର ଓ ଅନ୍ୟମାନେ ଋଣକାରୀ।

ସୂଚନା ମୁତାବକ, ୨୦୧୭ରେ ବିଲଡର ସଂସ୍ଥା ଜାଲ କାଗଜପତ୍ର ବଳରେ ବ୍ୟାଙ୍କରୁ ୨୪ କୋଟି ୧୭ ଲକ୍ଷ ଟଙ୍କା ଋଣ ନେଇଥିଲା। ବିଲ୍ଡର ସଂସ୍ଥା ଯେଉଁ ଘର କ୍ରେତାଙ୍କ ଆୟକର ପୈଠ କରିଥିଲେ ତାହାର କାଗଜପତ୍ରକୁ ଜାଲିଆତି କରାଯାଇ ଋଣ ନିଆଯାଇଥିଲା। ସେହିଭଳି ଘର ନିର୍ମାଣ ସରି ନ ଥିବାବେଳେ ବ୍ୟାଙ୍କ୍ ଅଧିକାରୀମାନେ ବ୍ୟାଙ୍କ୍ ନିୟମକୁ ଉଲ୍ଲଂଘନ କରି ଅନୁକମ୍ପା ଦେଖାଇ ସମସ୍ତ ଋଣ ଅର୍ଥ ବିଲ୍ଡରଙ୍କୁ ପ୍ରଦାନ କରିଥିଲେ। ଏ ସଂକ୍ରାନ୍ତରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଜାଣିବା ପରେ ବିଭାଗୀୟ ତଦନ୍ତ କରି ୬ ମାସ ତଳେ ସମ୍ପୃକ୍ତ ୩ଜଣ ବ୍ୟାଙ୍କ୍ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ ବୋଲି ୟୁବିଆଇ ଆସିଷ୍ଟାଣ୍ଟ ବ୍ରାଞ୍ଚ ମ୍ୟାନେଜର ପ୍ରକାଶ ଚନ୍ଦ୍ର ପତି ସୂଚନା ଦେଇଛନ୍ତି।

■ ରାଜ୍ୟସ୍ତରୀୟ ବନ ମହୋତ୍ସବ

## ଗଛ ଲଗାଇବାକୁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ଗଛ ହିଁ ଜୀବନ। ଗଛ ରହିଲେ ଆମ ପରିବେଶ ସୁରକ୍ଷିତ ରହିବ। ପରିବେଶ ସୁରକ୍ଷିତ ରହିଲେ ଆମେ ସମସ୍ତେ ଭଲ ରହିବା। ତେଣୁ ଆମେ ଗଛର ଯତ୍ନ ନେଲେ ଗଛ ଆମର ଯତ୍ନ ନେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବୁଧବାର ରାଜଭବନ ୟୁପି ସ୍କୁଲରେ ରାଜ୍ୟସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଯୋଗଦେଇ ଏହା କହିବା ସହ ଏଭଳି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସାମିଲ ହୋଇ ଗଛ ଲଗାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ଫନୀ' ବାତ୍ୟା ଯୋଗୁ ଆମର ଉପକୂଳ ଅଞ୍ଚଳରେ ବହୁତ କ୍ଷତି ହୋଇଛି। ୨୨ଲକ୍ଷ ଗଛ ନଷ୍ଟ ହୋଇଛି। ସେଥିପାଇଁ ଆମେ 'ପୋଷ୍ଟ ଫନୀ କୋଷ୍ଟାଲ ବେଲ୍ଟ ଆଣ୍ଡ୍ ଆଫରେଷ୍ଟେଶନ ମିଶନ' ଆରମ୍ଭ କରିଛୁ। ଏଥିରେ ଚଳିତ ବର୍ଷ ୮୦ଲକ୍ଷ ଗଛ ଲଗାଯିବ। ଏହାସହିତ ଫନୀ ଅଞ୍ଚଳରେ ୫୦ଲକ୍ଷ ଚାରା ବିଭିନ୍ନ ଇନ୍‌ଷ୍ଟିଚ୍ୟୁଶନ ଓ ଜନସାଧାରଣଙ୍କୁ ମାଗଣାରେ ଦିଆଯିବ। ସେହିପରି ଗ୍ରୀନ୍ ମହାନଦୀ ମିଶନ, ଆମ ଜଙ୍ଗଲ ଯୋଜନା, ପବିତ୍ର ଉପବନ, ସବୁଜ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ସହ ଆହୁରି ଅନେକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିଛି। ଚଳିତ ବର୍ଷା ଋତୁରେ ରାଜ୍ୟ ଜଙ୍ଗଲ ବିଭାଗ ୬ କୋଟି ଗଛ ଲଗାଇବ। ୪କୋଟି ଗଛ ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ଓ ଜନସାଧାରଣଙ୍କୁ ଦିଆଯିବ। ତେଣୁ ଜନସାଧାରଣ ବିଶେଷ କରି ସବୁ ପିଲା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ଏବଂ ସବୁଜ ସୁନ୍ଦର ଓଡ଼ିଶା ଗଠନରେ ସହାୟକ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ବନ ସଂରକ୍ଷଣ ସମିତି ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସ୍କୁଲ ପରିସରରେ ଏକ ବଉଳ ଗଛ ଲଗାଇବା ସହିତ ଚାରା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେମିକାଙ୍କୁ ଧୋକା ଦେଇ ଯବାନ ଗିରଫ

**ନୂଆଗାଁ, ୩।୭ (ଡି.ଏନ.ଏ)**

ଜବରଦସ୍ତ ଶାରିରୀକ ସମ୍ପର୍କ ପରେ ବିବାହର ପ୍ରତିଶ୍ରୁତି। ଶେଷରେ ଧୋକା ଦେଇ ଗିରଫ ହେଲେ ଚତୁର୍ଥ ବାଟାଲିୟନ ପୋଲିସରେ କାର୍ଯ୍ୟ କରୁଥିବା ଯୁବକ ସୁରେନ୍ଦ୍ର ସାହୁ (୨୬)। ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅଞ୍ଚଳରେ । ଏହି ଘଟଣା ଏବେ ନୂଆଗାଁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମଙ୍କ କହିବାନୁଯାୟୀ ବୀରମିତ୍ରପୁର ନିକଟସ୍ଥ ସଲଙ୍ଗାବାହାଲ ଅଞ୍ଚଳର ମୂଳବାସିନ୍ଦା ସୁରେନ୍ଦ୍ର ସାହୁ। ରାଉରକେଲା ପୋଲିସର ଚତୁର୍ଥ ବାଟାଲିୟନରେ କାର୍ଯ୍ୟ କରନ୍ତି। ୨୦୧୫ରେ ତାଙ୍କର ହାତୀବାରି ନିକଟସ୍ଥ କରଞ୍ଜିଆ ଗ୍ରାମର ଜନୈକ ଯୁବତୀ ସହ ଗୋଟିଏ ବିବାହ ଭୋଜିରେ ଦେଖାହୋଇଥିଲା। ସେହି ଭୋଜିରେ ସୁରେନ୍ଦ୍ର ସମ୍ପୃକ୍ତ ଯୁବତୀଙ୍କ ବିଷୟରେ ଅନୁସନ୍ଧାନ କରିବା ସହ ତାଙ୍କ ଫୋନ ନମ୍ବର ଯୋଗାଡ କରି ତାଙ୍କୁ ଯୋଗାଯୋଗ କରିଥିଲେ। ଯୁବତୀ ଜଣକ ରାଞ୍ଚିରେ କୌଣସି ସଂସ୍ଥାରେ କାର୍ଯ୍ୟ କରୁଥିବାରୁ ସୁରେନ୍ଦ୍ରଙ୍କ ସହ କଥାବାର୍ତ୍ତା କରୁଥିଲେ। ସୁରେନ୍ଦ୍ର ଥରେ ଯୁବତୀ ଜଣଙ୍କୁ ରାଉରକେଲା ଅଞ୍ଚଳକୁ ଡାକି ଏକ ହୋଟେଲରେ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିବା ପୋଲିସ କହିଛି। ଏହି ଘଟଣା ପରେ ସମ୍ପୃକ୍ତ ଯୁବତୀ ସୁରେନ୍ଦ୍ରଙ୍କୁ ଗାଳିଗୁଲଜ କରି ତାଙ୍କଠାରୁ ଦୂରେଇବାକୁ ଚେଷ୍ଟା କରିବାରୁ ସୁରେନ୍ଦ୍ର ସମ୍ପୃକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। ବିବାହର ପ୍ରତିଶ୍ରୁତି ପରେ ତାଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। ସୁରେନ୍ଦ୍ର ସମ୍ପୃକ୍ତ ଯୁବତୀଙ୍କୁ ଜୁନରେ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେବା ସହ ସେ ନିଜଗାଁର ଏକ ଗୃହ ନିର୍ମାଣ କରୁଥିବାରୁ ସାହାର୍ଯ୍ୟ ଆକାରରେ ଯୁବତୀଙ୍କଠାରୁ ୭୦ ହଜାର ଟଙ୍କା ମଧ୍ୟ ନେଇଛନ୍ତି । ଯୁବତୀଙ୍କ ପିତା ବହୁକଷ୍ଟରେ ଏହି ଟଙ୍କା ଯୋଗାଡକରି କୁଆଡେ ଦେଇଥିଲେ। ଗୋଟିଏ ପ୍ରକାର କହିବାକୁ ଗଲେ ଯୁବତୀ ଜଣଙ୍କ ପରିବାରର ସମସ୍ତ ସଦସ୍ୟ ଜାଣିଥିଲେ ଯେ, ସୁରେନ୍ଦ୍ର ତାଙ୍କ ଝିଅଙ୍କୁ ବିବାହ କରିବେ। ହେଲେ ସୁରେନ୍ଦ୍ରଙ୍କ ମାନସିକ ଚିନ୍ତାଧାରା ଥିଲା ଭିନ୍ନ । ଦୀର୍ଘ ୪ବର୍ଷ ଯୁବତୀଙ୍କ ସହ ସମ୍ପର୍କ ରଖି ଶେଷରେ ତାଙ୍କୁ ଧୋକା ଦେଇଥିଲେ। ସୁରେନ୍ଦ୍ର ଗତ ଜୁନ ୬ରେ ଆଉ ଜଣେ ଯୁବତୀଙ୍କୁ କୁଆଡେ କୋର୍ଟରେ ବିବାହ କରିଥିବା କୁହାଯାଉଛି। ହେଲେ ତାଙ୍କ ପ୍ରେମିକା ସୁରେନ୍ଦ୍ର ବିବାହ କରିଥିବା କଥା ଜାଣିନଥିଲେ । ସୁରେନ୍ଦ୍ର ଅନ୍ୟ ଯୁବତୀଙ୍କୁ ବିବାହ କଲାପରେ ତାଙ୍କ ପୂର୍ବ ପ୍ରେମିକାଙ୍କ ସହ ସମ୍ପର୍କ କମେଇ ଦେବାସହ ଫୋନରେ କଥାବାର୍ତ୍ତା ମଧ୍ୟ କମେଇ ଦେଇଥିଲେ । ସେପଟେ ତାଙ୍କୁ ମଧ୍ୟ ଜୁନ ମାସରେ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଉରକେଲା ସ୍ଥିତ ସୁରେନ୍ଦ୍ରଙ୍କ କାର୍ଯ୍ୟସ୍ଥଳକୁ ଯାଇ ଯୁବତୀ ସବୁକଥା ଜାଣିପାରିଥିଲେ। ଏହାପରେ ଯୁବତୀ ଜଣକ ହାତୀବାରି ଥାନା ଯାଇ ସୁରେନ୍ଦ୍ରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ହାତୀବାରି ଥାନା ପୋଲିସ ବୁଧବାର ସୁରେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ହାତୀବାରି ଥାନାରେ ଏକ ମାମଲା ନଂ. ୪୦/୧୯ ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ୨୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୩।୭**

ଜିଲା ଅବକାରୀ ପୋଲିସ ପକ୍ଷରୁ ବୁଧବାର ଲକ୍ଷାଧିକ ଟଙ୍କା ମୂଲ୍ୟର ଚୋରା ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଦକ୍ଷିଣ ରାଉରକେଲା ବାସିନ୍ଦା ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାଁ ଶିଶିର ପାଣିଗ୍ରାହୀ(୪୪)। ସେ ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ଆନନ୍ଦ ବଜାରର ଜଣେ ବ୍ୟବସାୟୀ। ଏ ନେଇ ଏକ ମାମଲା (ନଂ. ୧୧୬/୧୯) ରୁଜୁ କରାଯାଇଛି। ତାଙ୍କଠାରୁ ୨୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଜଣେ ବ୍ୟକ୍ତି ବାଲାଙ୍ଗୀରରୁ ଶିଶିରଙ୍କୁ ଗଞ୍ଜେଇ ଦେବାକୁ ଆସୁଥିବା ଖବର ମିଳିବା ପରେ ଅବକାରୀ ପୋଲିସ ତାଙ୍କୁ ଧରିବାକୁ ଜାଲ ବିଛାଇଥିଲା। ବୁଧବାର ସକାଳୁ ବରିଷ୍ଠ ଅବକାରୀ ଅଧିକାରୀ ଲକ୍ଷ୍ମୀଧର ପରିଡାଙ୍କ ନେତୃତ୍ୱରେ ପ୍ରଦୀପ ପଟ୍ଟନାୟକ, ମିହିର ସେଠୀ, ସୂର୍ଯ୍ୟନାରାୟଣ ରଥ ଓ ଅବନୀ ମହାପାତ୍ର ପ୍ରମୁଖଙ୍କୁ ନେଇ ଏକ ଟିମ୍ ନାରାୟଣ ମାର୍କେଟ ପାଖ ଲୋକନାଥ ମାର୍କେଟରେ ଜଗି ରହିଥିଲା। ଶିଶିର ଗଞ୍ଜେଇ ପ୍ୟାକେଟ ନେଇ ଲୋକନାଥ ମାର୍କେଟ ବାସଗୃହକୁ ଫେରୁଥିବା ବେଳେ ଅବକାରୀ ପୋଲିସ ଟିମ୍ ହାବୁଡରେ ପଡିଥିଲେ। ଅବକାରୀ ଟିମ୍ ଘେରିଯାଇ ତାଙ୍କୁ ଗିରଫ କରିଥିଲା।

### ଟ୍ରକ ଧକ୍କାରେ ୨ ମୃତ

**ଟେନ୍‌ସା, ୩।୭ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଟେନ୍‌ସା ଫାଣ୍ଡି ଅନ୍ତର୍ଗତ ଗେଷ୍ଟ ହାଉସ ନିକଟରେ ବୁଧବାର ସକାଳେ ଟ୍ରକ ଧକ୍କାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ଜାମଡାର ଏକ ଟ୍ରାନ୍ସପୋର୍ଟର କମ୍ପାନୀର ଦୁଇ ଜଣ ଯୁବକ ଧର୍ମବୀର ବୈଠା (୨୫) ଏବଂ ରମେଶ କୁମାର (୨୬) ଏକ ବାଇକ୍ ଓଡି ୦୯ ଜି- ୭୦୬୬ରେ ଟେନ୍‌ସାରୁ ଜିରୋ ପଏଣ୍ଟ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ବାଇକକୁ ଧକ୍କା ଦେବା ପରେ ଡ୍ରାଇଭର ଗାଡ଼ି ନେଇ ଫେରାର୍ ହୋଇଯାଇଥିଲେ। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କ ଟେନ୍‌ସା ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଟେନ୍‌ସା ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ଜଣେ ମୃତକଙ୍କ ଘର ବିହାର ଓ ଅନ୍ୟ ଜଣଙ୍କର ରାଜସ୍ଥାନ ବୋଲି ଜଣାପଡ଼ିଛି। ମୃତ ଶରୀରକୁ ଡାକ୍ତରଖାନା ମର୍ଗ ହାଉସରେ ରଖାଯାଇଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୪.୮ |
| ଚାନ୍ଦବାଲି | ୩୨.୦ | ୨୭.୦ |
| କଟକ | ୩୨.୮ | ୨୪.୪ |
| ପାରାଦ୍ୱୀପ | ୩୧.୬ | ୨୮.୯ |
| ଭୁବନେଶ୍ୱର | ୩୨.୦ | ୨୬.୪ |
| ଗୋପାଳପୁର | ୩୦.୮ | ୨୭.୭ |
| ପୁରୀ | ୩୨.୮ | ୨୮.୦ |
| ଅନୁଗୋଳ | ୩୧.୧ | ୨୧.୬ |
| ବାରିପଦା | ୩୨.୦ | ୨୬.୫ |
| ଝାରସୁଗୁଡ଼ା | ୨୯.୪ | ୨୪.୬ |
| କେନ୍ଦୁଝର | ୨୮.୫ | ୨୩.୪ |
| ସମ୍ବଲପୁର | ୨୯.୭ | ୨୩.୮ |
| ସୁନ୍ଦରଗଡ଼ | ୨୮.୦ | ୧୯.୦ |
| ହୀରାକୁଦ | ୨୭.୭ | ୨୪.୩ |
| ତାଲଚେର | ୩୨.୧ | ୨୩.୫ |
| ଭବାନୀପାଟଣା | ୩୦.୫ | ୨୪.୫ |
| ବଲାଙ୍ଗୀର | ୩୦.୦ | ୨୪.୫ |
| କୋରାପୁଟ | ୨୩.୪ | ୨୦.୦ |
| ଫୁଲବାଣୀ | ୨୭.୮ | ୨୨.୫ |
| ଟିଟିଲାଗଡ଼ | ୩୩.୦ | ୨୧.୦ |
| ମାଲକାନଗିରି | ୨୮.୦ | ୧୯.୨ |
| ସୋନପୁର | ୩୦.୪ | ୨୧.୨ |
| ଦାରିଙ୍ଗିବାଡ଼ି | ୨୬.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

### ଧାନର ଏମ୍‌ଏସ୍‌ପି ବୃଦ୍ଧି ଯୋଗୁ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ଭାଜପାର ପ୍ରଶଂସା

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

୨୦୧୯-୨୦ ଆର୍ଥିକବର୍ଷ ପାଇଁ ମୋଦି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ଦେଢ଼ଗୁଣା କରିଛନ୍ତି। ଧାନ ସହ ୧୩ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ବୋଲି ରାଜ୍ୟ ଭାଜପା ପକ୍ଷରୁ କୁହାଯାଇଛି। ଧାନର ଏମ୍‌ଏସ୍‌ପି ୬୫ ଟଙ୍କା ବୃଦ୍ଧି କରାଯାଇ ସାଧାରଣ ଧାନ କୁଇଣ୍ଟାଲ ପିଛା ୧୮୧୫ ଏବଂ ଗ୍ରେଡ୍ ଏ ଧାନ ପାଇଁ କୁଇଣ୍ଟାଲ ପିଛା ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଦିଆଯାଇଛି । ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରିବା ନିଷ୍ପତ୍ତି ଯୋଗୁ ସାରା ଦେଶରେ ଓଡ଼ିଆ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିପାରିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ କହିଛନ୍ତି।

ମା' ସହିତ ସ୍କୁଲରୁ ଫେରୁଥିବାବେଳେ ଜୀବନଗଲା

## ବାଇକ୍ ଧକ୍କାରେ ୨ୟ ଶ୍ରେଣୀ ଛାତ୍ରୀ ମୃତ

**ବଡଗାଁ, ୩।୭ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ବୁଧବାର ଦୁଃଖଦ ଘଟଣା ଘଟିଛି। ମା' ସହିତ ସ୍କୁଲରୁ ଫେରୁଥିବା ବେଳେ ୨ୟ ଶ୍ରେଣୀ ଛାତ୍ରୀଙ୍କ ଜୀବନ ଯାଇଛି। ସେ ହେଲେ ବଡ଼ଗାଁ ପବ୍ଲିକ ସ୍କୁଲର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ରୂପାଲି ସେଠି। ରୂପାଲି ତାଙ୍କ ମାଆଙ୍କ ସହିତ ସ୍କୁଲରୁ ଘରକୁ ଫେରୁଥିଲେ। ବଡ଼ଗାଁ ବ୍ଲକ ଅଫିସ ସମ୍ମୁଖରେ ରାଉରକେଲା ପଟକୁ ବାଇକରେ ଯାଉଥିବା ଲଇକେରା ଥାନା କଙ୍କକମାର ଗ୍ରାମର ବିଜୟ ରଣା ରୂପାଲିଙ୍କୁ ଧକ୍କା ଦେଇଥିଲେ। ଏହା ପରେ ସେ ଦ୍ରୁତ ଗତିରେ ଚାଲିଯାଉଥିଲାବେଳେ କେତେକ ଯୁବକ ଗୋଡାଇ ଧରିଥିଲେ। ଦୁର୍ଘଟଣା ପରେ ସେଠାରେ ପହଞ୍ଚିଥିବା ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କ ନେତୃତ୍ୱରେ ଫୁଟବଲ ଟିମର ସଦସ୍ୟମାନେ ଗୁରୁତର ଆହତ ରୂପାଲିଙ୍କୁ ଆମ୍ବୁଲାନ୍ସରେ ପଠାଇ ବଡଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା କରି ସୁନ୍ଦରଗଡ ମେଡିକାଲ ଓ ପରେ ବୁର୍ଲା ଡାକ୍ତରଖାନା ପଠାଇଥିଲେ। ସେଠାରେ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ବଡ଼ଗାଁ ଡାକ୍ତରଖାନାରେ ଡୁଡାଲଗା ଗ୍ରାମର ଜଣେ ଯୁବକ ଗୁରୁତର ଛାତ୍ରୀଙ୍କ ମା' ପ୍ରତି ଦୁର୍ବ୍ୟବହାର ଦେଖାଇବା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା । ଉତ୍ୟକ୍ତ ଯୁବକମାନେ ତାଙ୍କୁ ଖୋଜିବା ବେଳେ ସେ ଡାକ୍ତରଖାନାରୁ ଲୁଚି ଚାଲିଯାଇଥିଲେ।



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ୍ୟ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ରଥଯାତ୍ରା ଉପଲକ୍ଷେ ଧର୍ମେନ୍ଦ୍ରଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୩।୭: ପବିତ୍ର ରଥଯାତ୍ରା ଉପଲକ୍ଷେ କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ଆଜି କୁସୁମିତ ହୋଇଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି ଯେ, ଆଜିର ଅବସରରେ ମହାପ୍ରଭୁ ବଡ ଦେଉଳର ରତ୍ନ ସିଂହାସନ ଛାଡି ବଡଦାଣ୍ଡକୁ ବାହାରି କୋଟି କୋଟି ଭକ୍ତଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦିଅନ୍ତି। ଏହା ସାମାଜିକ ସମରସତାର ଅନନ୍ୟ ପରମ୍ପରା। ଏହି ଧାର୍ମିକ ଅନୁଷ୍ଠାନ ଅନାଦି ଅନନ୍ତ କାଳରୁ ମହାପ୍ରଭୁଙ୍କ ଯୋଜନାରେ ଚାଲି ଆସିଛି ବୋଲି ସେ କହିଛନ୍ତି। ୧୩୦ କୋଟି ଭାରତୀୟ ତଥା ସାଢେ ୪ କୋଟି ଓଡ଼ିଆଙ୍କ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଶୀର୍ବାଦ ରହିଛି ଓ ରହିବ ବୋଲି ପ୍ରଧାନ କାମନା କରିଛନ୍ତି।

■ପୌରପରିଷଦର ବିଭିନ୍ନ କାର୍ଯ୍ୟରେ ଅନିୟମିତତା

# ଭିଜିଲାନ୍ସ ତଦନ୍ତ ଦାବିରେ ସ୍ମାରକପତ୍ର

ଦେବଗଡ, ୩।୭(ଡ଼ି.ଏନ୍.ଏ.)

ଦେବଗଡ଼ ପୌରପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଘୋର ଅନିୟମିତତା ନେଇ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଦେବଗଡ଼ ଜିଲା କଂଗ୍ରେସ ତରଫରୁ ଜିଲାପାଳଙ୍କୁ ବୁଧବାର ଏକ ସ୍ମାରକପତ୍ର ଦିଆଯାଇଛି। ଅଭିଯୋଗ ମୁତାବକ ଗତ ୫ ବର୍ଷ ଦେବଗଡ଼ ପୌରପରିଷଦ ତଥା ପୂର୍ବରୁ ଥିବା ବିଜେଡି କାଉନସିଲର ଉନ୍ନତିମୂଳକ କାର୍ଯ୍ୟ ବାହାନାରେ ଏକଚାଟିଆ ମନୋଭାବ ପୋଷଣ କରି ମନଇଚ୍ଛା ସରକାରୀ ଅର୍ଥ ବିନିଯୋଗ କରିଛନ୍ତି। ଫଳରେ ଉନ୍ନତି ହେବା ବଦଳରେ ଅବନତି ହୋଇଥିବାର ଜଣାପଡ଼ିଛି। ସହରରେ ପାନୀୟ ଜଳର ସମସ୍ୟା, ରାସ୍ତାର ଉନ୍ନତି କରଣ ସହିତ ଆଲୋକିକରଣ, ଦୋକାନଗୃହ ନିର୍ମାଣ ଓ ଏହାର ଆବଣ୍ଟନ, ଆମୋଦ ପ୍ରମୋଦ ପାଇଁ ପାର୍କ ନିର୍ମାଣ ତଥା ସହରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଗତ ପାଞ୍ଚ ବର୍ଷରେ ଯାହା ହେବାକଥା ତାହା ହୋଇନାହିଁ। ଗଣେଶ ଛକ ନିକଟରେ ଶିଶୁ ଉଦ୍ୟାନର ପାଚେରୀ ଭଙ୍ଗାଯାଇ ପୁଣି ତାହାର ନିର୍ମାଣ, ଗଣେଛକ ନିକଟରେ ଦୋକାନ ଗୃହ ନିର୍ମାଣ, ରାଜକୁମାର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଦୋକନ ଗୃହ ନିର୍ମାଣ ଓ ବଣ୍ଟନ, ପ୍ରଧାନପାଟ ଶିଶୁ ଉଦ୍ୟାନ ପାଇଁ କିଣାଯାଇଥିବା ଖେଳ ଉପକରଣ କ୍ରୟ ଉପରେ ଚଞ୍ଚକତା, ଶିଶୁ ଉଦ୍ୟାନରେ ଥିବା ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନା, ଦୈନିକ ପରିବା ବଜାରରେ ଥିବା ଦୋକାନ ଗୃହଉପରେ ନିମ୍ନମାନର କାର୍ଯ୍ୟ, ଦୈନିକ ବଜାରରେ ଥିବା ଦାନଗଦିକୁ ବିନା ବିଜ୍ଞପ୍ତିରେ ବିକ୍ରୟ କରି ବିପୁଳ ଅର୍ଥ ଆତ୍ମସାତ, ଷୋହଳବଖରୀ କଟାର ପୁନରଦ୍ଧାର ଓ ଉନ୍ନତିମୁଳକ କାର୍ଯ୍ୟର ଅନିୟମିତା, ହୋଲଡ଼ିଂ ଟିକସ ଖର୍ଚ୍ଚର ତଦନ୍ତ, ବାଳ ଉ.ପ୍ରା.ବିଦ୍ୟାଳୟ ନିକଟରେ ଥିବା ଦୋକାନ ଗୃହ ଆବଣ୍ଟନରେ ଅନିୟମିତତା ତଥା ବିଭିନ୍ନ ୱାର୍ଡ଼ରେ ତିଆରି କରାଯାଇଥିବା ଗୋଷ୍ଠୀ ଶୌଚାଳୟ ନିର୍ମାଣରେ ଖର୍ଚ୍ଚ ହୋଇଥିବା ଅର୍ଥ ଓ ତାହା ଜନସାଧାରଣଙ୍କର ବ୍ୟବହାର ହେଉ ନ ଥିବାରୁ ଏହାର ତଦନ୍ତ ଦାବି କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଉମା ଶଙ୍କର ସାହୁଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏପରିକି ଆଗାମୀ ୧୫ ଦିନ ମଧରେ ଏହାର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲା କଂଗ୍ରେସ କମିଟି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛି । ଦାବିପତ୍ର ଦେବା ସମୟରେ ଜିଲା ଯବୁ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ,ଜିଲା ସାଧାରଣ ସମ୍ପାଦକ କ୍ଷିତିଶ କୁମାର ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ବସନ୍ତ କୁମାର ମିଶ୍ର, ଦିପକ କୁମାର ଦାସ, ଜିଲା ମହିଳା ସଭାନେତ୍ରୀ ମଂଜୁଲତା ନାୟକ, ଏସ୍.ସି. ସେଲ ସଭାପତି ମଞ୍ଜୁଳ ନାଏକ, ନଗର କଂଗ୍ରେସ ସଭାପତି ଅନୁଜ ପ୍ରଧାନ, ସଂଖ୍ୟାଲଘୁ ସଭାପତି ମହିନ୍ ଖାଁ, ଜିଲା ଉପସଭାପତି ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ କାଉନ୍‌ସିଲର ଶୁଶିଳକୁମାର ନାୟକ, କ୍ଷେତ୍ର କୁମାର ପାତ୍ର, ବିକାଶ କୁମାର ଖଡ଼ିରତ୍ନ, ପଞ୍ଚୁଲାଲ ବରାଇ, ଶମ୍ଭୁନାଥ ପ୍ରଧାନ ସମେତ ତିଲେଇବଣି ଯୋନ-୧ର ସଭାପତି ଗଣେଶ କୁମାର ପ୍ରଧାନ, ସୁଶାନ୍ତ କିଷାନ, ଶିବଶଙ୍କର ଭୁକ୍ତା, ଦୁର୍ଗା ପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କୁ ଦାବିପତ୍ର ଦେଇଛନ୍ତି।

ରୁଷିଆ ଶକ୍ତିମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

# ତୈଳ, ବାଷ୍ପ କ୍ଷେତ୍ରରେ ନିବେଶ ଲାଗି କମ୍ପାନୀଙ୍କୁ ଆହ୍ୱାନ

ଭୁବନେଶ୍ୱର,୩-୭



କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ରୁଷିଆ ଶକ୍ତିମନ୍ତ୍ରୀ ଆଲେକଜାଣ୍ଡାର ନୋଭାକଙ୍କ ସହ ଟେଲିଫୋନ ଯୋଗେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଶକ୍ତି କ୍ଷେତ୍ରରେ ଭାରତ-ରୁଷିଆ ସମ୍ପର୍କ ଦୃଢୀକରଣ, ଷ୍ଟ୍ରାଟେଜିକ୍ ସହଭାଗିତା ଏବଂ ହାଇଡ୍ରୋକାର୍ବନ କ୍ଷେତ୍ରକୁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ପ୍ରମୁଖ ସ୍ତମ୍ଭ ଭାବେ ରୂପାନ୍ତରିତ କରିବାକୁ ଧର୍ମେନ୍ଦ୍ର ନୋଭାକଙ୍କ ସହ ଆଲୋଚନା କରିଥିଲେ। ଗତ କିଛିଦିନ ଧରି ଅନ୍ତର୍ଜାତୀୟ ବଜାରରେ ବଢୁଥିବା ତୈଳ ଦର ମଧ୍ୟ ଏହି ଆଲୋଚନାର ଅଂଶ ବିଶେଷ ହୋଇଥିଲା। ବର୍ଦ୍ଧିତ ତୈଳ ଦରକୁ ନେଇ ପ୍ରଧାନ ଉଦ୍‌ବେଗ ପ୍ରକାଶ କରିଥିଲେ। ତୈଳ ବ୍ୟବହାରକାରୀ ଦେଶଗୁଡିକର ସ୍ୱାର୍ଥକୁ ରୁଷିଆ ଧ୍ୟାନ ଦେଉ ବୋଲି ପ୍ରଧାନ ଅନୁରୋଧ କରିଛନ୍ତି। ଉକ୍ତ କ୍ଷେତ୍ରରେ ରୁଷିଆ ଓପେକ୍ ଦେଶଗୁଡିକ ସହ ଭାରସାମ୍ୟ ରକ୍ଷାକରୁ ରଖୁ ବୋଲି ପ୍ରଧାନ କହିଛନ୍ତି। ତୈଳ ଏବଂ ବାଷ୍ପ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି, ରୁଷିଆରେ ଭାରତୀୟ ନିବେଶ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଭାରତରେ ଗ୍ୟାସ ଭିତ୍ତିଭୂମି ନିର୍ମାଣ, ସିଟି ଗ୍ୟାସ୍ ପ୍ରକଳ୍ପ ସମ୍ପ୍ରସାରଣରେ ଯୋଗଦାନ ଏବଂ ତୈଳ ଓ ବାଷ୍ପ କ୍ଷେତ୍ର ନିବେଶ ଲାଗି ପ୍ରଧାନ ରୁଷିଆ କମ୍ପାନୀଗୁଡିକୁ ସେ ନିମନ୍ତ୍ରଣ କରିଛନ୍ତି।

## ବନ ମହୋତ୍ସବ ସପ୍ତାହ ପାଳିତ

ଦେବଗଡ଼, ୩।୭(ଡି.ଏନ.ଏ)



ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ କରାଯାଉଛି।

ସ୍ଥାନୀୟ ଟାଉନ ହାଇସ୍କୁଲଠାରେ ବୁଧବାର ବନବିଭାଗ ପକ୍ଷରୁ ୭୦ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ଓ ଦୌରାଜଜ ରାଜେନ୍ଦ୍ର କୁମାର ତୋଷ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ସସ୍ମିତା ପରହୀ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ଓ ମୁଖ୍ୟବକ୍ତା ଭାବେ ପରିବେଶବିତ ଲଳିତ ମୋହନ ସାହୁ ଯୋଗଦେଇ ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ଏବଂ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହା ପରେ ବିଦ୍ୟାଳୟ ପରିସରରେ ଅତିଥି ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦେବଗଡ ଫରେଷ୍ଟ ରେଞ୍ଜ ଅଫିସର କୁଶଚରଣ ସିଂ, ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଫରେଷ୍ଟର ପ୍ରଶାନ୍ତ କୁମାର ଶତପଥି ଓ ଲିମାଶ୍ରୀ ପ୍ରଧାନ,ଫରେଷ୍ଟଗାର୍ଡ ଭୋଳେଶ୍ୱର ସାହୁ, ରଶ୍ମିତା ମାଝି, ସନ୍ଧ୍ୟା ରାଉତ ଓ ରଞ୍ଜିତା ବେହେରାଙ୍କ ସମେତ ପ୍ରଧାନପାଟ ପ୍ରୋଟେକ୍ସନ ଫୋର୍ସ ଓ ମଙ୍କି ସ୍କ୍ୱାଡର କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ। ସଭା ପ୍ରାରମ୍ଭରେ ଅତିରିକ୍ତ ବନ ସଂରକ୍ଷକ ଦେବବ୍ରତ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇନ୍‌ପୁଟ ସବ୍‌ସିଡି, ଫସଲ ବୀମା ଦାବିରେ ଗର୍ଜିଲା ଭାଜପା

ବାମରା,୩।୭(ସ୍ୱ.ପ୍ର.)

ଗତ ଖରିଫ ଋତୁରେ ବାମରା ବ୍ଲକ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ଦେଖାଦେଇଥିଲା। ହେଲେ ଚାଷୀଙ୍କୁ ଏପର୍ଯ୍ୟନ୍ତ ଇନ୍‌ପୁଟ ସବ୍‌ସିଡି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ମିଳିନାହିଁ। ଏହାର ପ୍ରତିବାଦରେ ବୁଧବାର ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା କରିବା ସହ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଗୋବିନ୍ଦପୁର ଅଞ୍ଚଳ ପରିକ୍ରମା କରି ତହସିଲ ଅଫିସରେ ପହଞ୍ଚିଥିଲା। ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ରାଜ୍ୟ ସରକାର ଅଞ୍ଚଳର ଚାଷୀମାନଙ୍କୁ ଅଣଦେଖା କରୁଥିବା ଏଥିରେ ଭାଜପା ନେତାମାନେ ଅଭିଯୋଗ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଚାଷୀଙ୍କୁ ତୁରନ୍ତ ଇନ୍‌ପୁଟ ସବ୍‌ସିଡି ପ୍ରଦାନ, ଫସଲ ବୀମା ପ୍ରଦାନ ଓ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିବାକୁ ଏଥିରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପାଇବା ପରେ ତହସିଲଦାର ଅନୀଲ କୁଲୁ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଜାତି ପ୍ରମାଣପତ୍ର ପ୍ରଦାନ ଦିଗରେ ତତ୍ପରତା ଦେଖାଇଛନ୍ତି। ଏଥିସହ ଇନ୍‌ପୁଟ ସବ୍‌ସିଡି ଓ କୃଷିବୀମା ପାଇଁ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ବାଗ, ଉଦୟ ମିଞ୍ଜ, ପବିତ୍ର ମୋହନ ଟପ୍ପୋ, ବସନ୍ତ ଲୁହା, ସନାତନ ବୁଢ଼ା, ପଣ୍ଡିତ ବାଗ, ଉମାକାନ୍ତ ଲୁହା, ସଦାନନ୍ଦ ପିଙ୍ଗ, ବେଣୁଧର ଡିଲା, ହେମଲତା ନାଏକ, ପୂର୍ଣ୍ଣିମା ପ୍ରଧାନ, ହୀରାବତୀ ବେସନ, ରମ୍ଭା ନାଏକ ଓ କୁମାର ଚନ୍ଦ୍ର ପଟେଲଙ୍କ ସହ ଅନ୍ୟ କର୍ମକର୍ତ୍ତା ଓ ଚାଷୀମାନେ ଯୋଗଦେଇଥିଲେ।



ଭାଜପା ନେତୃତ୍ୱରେ ଚାଷୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ଆର୍‌ଟିଆଇରେ ଦିଆଯାଇଛି ଭୁଲ ତଥ୍ୟ

■ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ

ସମ୍ବଲପୁର,୩।୭(ବ୍ୟୁରୋ)

ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ବିଭାଗ ସୂଚନା ଅଧିକାର ଆଇନ (ଆର୍‌ଟିଆଇ)ରେ ଦେଇଥିବା ତଥ୍ୟରେ ଅନେକ ତ୍ରୁଟି ରହିଛି। ଏ ନେଇ ପୂର୍ବତନ ସରପଞ୍ଚ ସଞ୍ଜୟ ଛୁରିଆ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କୁ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ ଦର୍ଶାଇଛନ୍ତି ଯେ ଜାଣିଶୁଣି ଅଧିକାରୀ ଓ କର୍ମଚାରୀ ଭୁଲ ତଥ୍ୟ ଦେଇଛନ୍ତି। ନିଜ ଦୋଷ ଲୁଚାଇବା ପାଇଁ ଏଭଳି କରାଯାଇଛି। ବିଭାଗର ଖର୍ଚ୍ଚ, ଗତ ୪ ବର୍ଷରେ ହୋଇଥିବା ବୈଠକର ସବିଶେଷ ତଥ୍ୟ, ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ଓ ଏହାର ଖର୍ଚ୍ଚ, ଗସ୍ତ, ଅଧିକାରୀ ବ୍ୟବହାର କରୁଥିବା ଗାଡ଼ିର ଟେଣ୍ଡର ପ୍ରକ୍ରିୟା ଓ ଖର୍ଚ୍ଚ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ତଥ୍ୟ ମଗାଯାଇଥିଲା। ୪୪୬ ପୃଷ୍ଠାର ତଥ୍ୟ ପାଇଁ ୮୯୨ ଟଙ୍କା ଜମା ଦିଆଯାଇଥିଲା। ସୂଚନା ଦିଆଗଲା। ହେଲେ ଏଥିରେ ଅନେକ ତ୍ରୁଟି ରହିଛି। ଜିଲାର ସମସ୍ତ ପଞ୍ଚାୟତରେ ଗୀତାଞ୍ଜଳି ମହାନ୍ତିଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ଦିଆଯାଇଛି। ହେଲେ ଏହା ମିଥ୍ୟା ଅଟେ। କାରଣ ମାନେଶ୍ୱର ପଞ୍ଚାୟତ ଅଫିସରେ ବୈଠକ ହୋଇନାହିଁ। ସେହିପରି ବୈଠକରେ ଯେଉଁ ବ୍ୟକ୍ତିମାନେ ଉପସ୍ଥିତ ଥିବା କୁହାଯାଇଛି ତାହା ମଧ ମିଥ୍ୟା। ସେପରି କୌଣସି ବ୍ୟକ୍ତି ବୈଠକରେ ଉପସ୍ଥିତ ନ ଥିଲେ। ଜିଲାର ଅନ୍ୟ ପଞ୍ଚାୟତଗୁଡ଼ିକରେ ମଧ ଏପରି କରାଯାଇଥିବା ଛୁରିଆ ସନ୍ଦେହ ବ୍ୟକ୍ତ କରିଛନ୍ତି। ବୈଠକ ବାବଦରେ ଟଙ୍କା ଖର୍ଚ୍ଚ ହୋଇ ନ ଥିବା ତଥ୍ୟରେ ଦିଆଯାଇଛି ଯାହାକି ଆହୁରି ସନ୍ଦେହ ଉପୁଜାଉଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ପଞ୍ଚାୟତ ଓ ବ୍ଲକ ସ୍ତରରେ କମିଟି ଗଠନରେ ଜାଲିଆତି କରାଯାଇଛି। ବିଭାଗରେ ବ୍ୟବହୃତ ହେଉଥିବା ଗାଡ଼ି ଟେଣ୍ଡର ପ୍ରକ୍ରିୟାରେ ମଧ ଅନମିୟତା ହୋଇଛି। ଆର୍‌ଟିଓ ଅଫିସରୁ ମିଳିଥିବା ସୂଚନା ଅନୁସାରେ ଗାଡ଼ି ନଂ. ଓଡି୧୫-୫୫୮୮ ମାଲିକଙ୍କ ନାମ ଅଲଗା ରହିଥିବା ବେଳେ ଆର୍‌ଟିଆଇରେ ଭୁଲ ନାମ ଦିଆଯୋଇଛି। ଏହାର ତଦନ୍ତ କରିବାକୁ ଛୁରିଆ ଦାବି କରିଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

DHARITRI Career appointment Every Wednesday and Saturday

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଳେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

See Color Display Classified on every Tuesday & Friday

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶ୍ରୀକ୍ଷେତ୍ରରେ ବୈକୁଣ୍ଠ

ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଅନେକ ନାମ ମଧ୍ୟରୁ ଗୋଟିଏ ନାମ ହେଉଛି 'ମର୍ତ୍ତ୍ୟ ବୈକୁଣ୍ଠ'। ଏହି ଶବ୍ଦଟି ପ୍ରଥମେ ସଂସ୍କୃତ ପୁରାଣ 'ବ୍ରହ୍ମ ବୈବର୍ତ୍ତ' ପୁରାଣରେ ବ୍ୟବହାର ହୋଇଛି। ଯେଉଁଠାରେ ମର୍ତ୍ତ୍ୟଲୋକରେ ଦାରୁବ୍ରହ୍ମ ସ୍ୱୟଂ ବିଜେ କରିଛନ୍ତି ତାହା ମର୍ତ୍ତ୍ୟ ବୈକୁଣ୍ଠ। ଏହି ମର୍ତ୍ତ୍ୟ ବୈକୁଣ୍ଠରେ ନଅଟି ବୈକୁଣ୍ଠ ଥିବା ବିଶ୍ୱାସ ରହିଛି।

**ନୀଳାଦ୍ରି ବୈକୁଣ୍ଠ:** ନୀଳାଦ୍ରି ଶବ୍ଦ ପ୍ରଥମେ ତାମିଲନାଡୁର ଆଲୱାର ଭକ୍ତମାନେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଉଦ୍ଦେଶ୍ୟରେ ପ୍ରୟୋଗ କରିଥିବା ଗବେଷଣାରୁ ଜଣାପଡିଛି। ମହାପ୍ରଭୁ ଜଗନ୍ନାଥ ଯେଉଁ ରତ୍ନସିଂହାସନରେ ବିଜେ କରିଛନ୍ତି ତାହାକୁ ନୀଳାଦ୍ରି ବୈକୁଣ୍ଠ କୁହାଯାଏ। ଏହା ଅତ୍ୟନ୍ତ ପବିତ୍ର। ଏହି ବୈକୁଣ୍ଠ ଦର୍ଶନ କଲେ ମଣିଷକୁ ପୁନର୍ଜନ୍ମରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି।

**ଲୀଳା ବୈକୁଣ୍ଠ:** ନୀଳାଦ୍ରି ବୈକୁଣ୍ଠ ବା ରତ୍ନବେଦିର ସମ୍ମୁଖରେ ଗରୁଡ ସ୍ତମ୍ଭଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଜଗମୋହନକୁ ଲୀଳା ବୈକୁଣ୍ଠ କୁହାଯାଏ। ମହାପ୍ରଭୁଙ୍କ ପ୍ରତିନିଧି ଅର୍ଚ୍ଚା ବିଗ୍ରହମାନେ ଏହିଠାରେ ଲୀଳା କରିଥାନ୍ତି। ମହାପ୍ରଭୁ ଘୋଷଯାତ୍ରାରେ ଆଡପମଣ୍ଡପରୁ ଆସିଲା ବେଳେ ଏହି ବୈକୁଣ୍ଠରେ ଦଣ୍ଡାୟମାନ ହୋଇ ବନ୍ଦାପନା ଲୀଳା ହୋଇଥାଏ ବୋଲି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ। ଏବେ ମଧ୍ୟ ରଥଯାତ୍ରାରେ ଶ୍ରୀଜୀଉ ରତ୍ନବେଦୀକୁ ଫେରିଲାବେଳେ ଏହି ବୈକୁଣ୍ଠରେ ମହାପ୍ରଭୁଙ୍କ ଲୀଳା ହେଉଛି।

**ପୂର୍ବ ବୈକୁଣ୍ଠ:** ଶ୍ରୀମନ୍ଦିର ପରିସରରେ ଦୁଇଟି ବୈକୁଣ୍ଠ ଥିବାସ୍ଥଳେ ବାହାର ବେଢ଼ାରେ ସିଂହଦ୍ୱାର ଗୁମୁଟ ହେଉଛି ପୂର୍ବ ବୈକୁଣ୍ଠ। ଯେଉଁଠାରେ ଶ୍ରୀପତିତପାବନ ବିଜେ କରିଛନ୍ତି। ମହାପ୍ରଭୁ ଏହି ଦ୍ୱାର ଦେଇ ରଥଯାତ୍ରାକୁ ବିଜେ କରିଥାନ୍ତି ଏବଂ ନୀଳାଦ୍ରି ମହୋଦୟ ଅବସରରେ ରତ୍ନବେଦିକୁ ଫେରିଥାନ୍ତି। ଏହା ହେଉଛି ପ୍ରଥମ ପ୍ରବେଶ ପଥ। ଏହି ବୈକୁଣ୍ଠରେ ଭକ୍ତଙ୍କ ମାନସିକତାରେ ପରିବର୍ତ୍ତନ ଘଟିଥାଏ।

**ବ୍ରହ୍ମ ବୈକୁଣ୍ଠ:** ଶ୍ରୀମନ୍ଦିର ପରିସରକୁ ସିଂହଦ୍ୱାର ଦେଇ ପ୍ରବେଶ କରି ବାମପଟେ ଆଗେଇଲେ ଏକ ମଣ୍ଡପ ପରିଦୃଷ୍ଟ ହୋଇଥାଏ। ଏହା ମୁକ୍ତିମଣ୍ଡପ ଭାବେ ପରିଚିତ। ଏହି ମୁକ୍ତିମଣ୍ଡପକୁ ହିଁ ବ୍ରହ୍ମ ବୈକୁଣ୍ଠ କୁହାଯାଏ। ଏହାର ଅନ୍ୟନାମ ବ୍ରହ୍ମାସନ। ଶ୍ରୀମନ୍ଦିର ପ୍ରତିଷ୍ଠା କାଳରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆମନ୍ତ୍ରଣ କ୍ରମେ ପ୍ରଜାପତି ବ୍ରହ୍ମା ମର୍ତ୍ତ୍ୟଲୋକକୁ ଆସି ଏହି ମଣ୍ଡପରେ ଅବସ୍ଥାନ କରିଥିଲେ। ଯେଉଁଠାରେ ମୁଣ୍ଡଲଗାଇ ସମର୍ପିତ ହେଲେ ବ୍ରହ୍ମା ଆଶୀର୍ବାଦ କରିଥାନ୍ତି।

**ପଶ୍ଚିମ ବୈକୁଣ୍ଠ:** ଶ୍ରୀମନ୍ଦିରର ପଶ୍ଚିମରେ ପାର୍ଶ୍ୱ ଦେବତା ଭାବେ ବସିଛନ୍ତି ଶ୍ରୀନୃସିଂହ। ତା'ର ତଳ ଅଂଶ ନିଶାତଳ ଭାବେ ପ୍ରସିଦ୍ଧ। ଏହି ନିଶାତଳଠାରୁ ମହାଲକ୍ଷ୍ମୀ ମନ୍ଦିରର ଜଗମୋହନ ମଣ୍ଡପ ପର୍ଯ୍ୟନ୍ତ ଅଞ୍ଚଳକୁ ପଶ୍ଚିମ ବୈକୁଣ୍ଠ କୁହାଯାଏ। ଏହି ମଣ୍ଡପରେ ଶ୍ରୀଦେବୀ ଓ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କ ଗୁପ୍ତଲୀଳା (ଏକାନ୍ତଲୀଳା) ହୋଇଥାଏ। ୮୦୦ ବର୍ଷ ତଳେ ଏହି ମଣ୍ଡପକୁ ଦୃଷ୍ଟିରେ ରଖି ବର୍ତ୍ତମାନର ମା'ମହାଲକ୍ଷ୍ମୀଙ୍କ ମନ୍ଦିର ତିଆରି ହୋଇଥିଲା।

**ପାତାଳ ବୈକୁଣ୍ଠ:** ଶ୍ରୀମନ୍ଦିରର ଉତ୍ତରପାର୍ଶ୍ୱ ବେଢ଼ାରେ ଆନନ୍ଦବଜାର ପ୍ରବେଶ ପଥ ଅଞ୍ଚଳକୁ ପାଟ ଅଗଣା କୁହାଯାଏ। ଏହି ପାଟ ଅଗଣାର ଉତ୍ତର ପାର୍ଶ୍ୱରେ ମହାପ୍ରଭୁ ବାମନ ରୂପେ ବଳି ରାଜାଙ୍କୁ ପାତାଳ କରାଇଥିଲେ ବୋଲି ବିଶ୍ୱାସ ରହିଛି। ସେହିଠାରେ ପାତାଳେଶ୍ୱର ମନ୍ଦିର ରହିଛି। ଏହାକୁ ପାତାଳି ବୈକୁଣ୍ଠ କୁହାଯାଏ।

**ଅମର ବୈକୁଣ୍ଠ :** ଏହି ବୈକୁଣ୍ଠଟି ଶ୍ରୀମନ୍ଦିର ବାହାରେ ତୀର୍ଥରାଜ ମହୋଦଧି କୂଳରେ ସ୍ୱର୍ଗଦ୍ୱାର ଭାବେ ପରିଚିତ। ଏହା ମୁକ୍ତିର ମାର୍ଗ ପୁଣି ମୋକ୍ଷର ମାର୍ଗ। ବିଶ୍ୱାସ ରହିଛି ମନୁଷ୍ୟକୁ ମୃତ୍ୟୁ ପରେ ଏହି ମହାଶ୍ମଶାନରେ ଦାହ କରାଗଲେ ପୁନର୍ଜନ୍ମରୁ ମୁକ୍ତି ଲାଭ ମିଳିଥାଏ।


ଶ୍ରୀମନ୍ଦିର କୈବଲ୍ୟ ବୈକୁଣ୍ଠର ପ୍ରାଚୀନ ରେଖାଚିତ୍ର।

**କୋଇଲି ବୈକୁଣ୍ଠ**

ଶ୍ରୀମନ୍ଦିର ଉତ୍ତରପାର୍ଶ୍ୱ ବେଢ଼ାରେ ଏହା ଅବସ୍ଥିତ। ଏହାକୁ କୈବଲ୍ୟ ବୈକୁଣ୍ଠ କୁହାଯାଏ। ମହାପ୍ରଭୁ ନବକଳେବର ଅବସରରେ ଏହିଠାରେ ଥିବା ଶିଆଳିଲଟା ମୂଳରେ କୈବଲ୍ୟ ଲୀଳା କରୁଥିବାରୁ ଏହାକୁ କୈବଲ୍ୟ ବୈକୁଣ୍ଠ କୁହାଯାଏ। ନବକଳେବର ସମୟରେ ମହାପ୍ରଭୁ ଏଠାରେ ପାତାଳି ଲୀଳା କରିଥାନ୍ତି। ଏହିଠାରେ କାରୁଶାଳାରେ ଚତୁର୍ଦ୍ଧା ବିଗ୍ରହଙ୍କ ଦାରୁ ଚିହ୍ନଟ ହୋଇ ଆସି ପୂଜା ପାଇଥାନ୍ତି। ସେଠାରେ ଗୁପ୍ତନୀତି ପରେ ମହାପ୍ରଭୁଙ୍କର ନୂତନ ଶ୍ରୀ ବିଗ୍ରହ ନ୍ୟାସ ହୁଏ। ତାନ୍ତ୍ରିକମାନେ ଏହି ସ୍ଥାନକୁ ମହାଶ୍ମଶାନ ବୈକୁଣ୍ଠ ବୋଲି ଗ୍ରହଣ କରନ୍ତି।

**ଅନନ୍ତ ବୈକୁଣ୍ଠ**

ମହାପ୍ରଭୁଙ୍କ ଆବିର୍ଭାବର ସ୍ଥାନ ହେଉଛି ଏହି ଅନନ୍ତ ବୈକୁଣ୍ଠ। ଯେଉଁଠାରେ ଅପୌରୁଷେୟ ଦାରୁରୁ ଚତୁର୍ଦ୍ଧା ବିଗ୍ରହ ନିବୁଜ ସ୍ଥାନରେ ଆବିର୍ଭୂତ ହୋଇଥିଲେ। ମାଧ୍ୟମ ଥିଲେ ସ୍ୱୟଂ ନିଜେ। ନିଜେ ଆସିଥିଲେ ବିଶ୍ୱକର୍ମା ଭାବେ, ଯେଉଁଠି ମହପ୍ରଭୁ ଅପାର ମହିମା ପ୍ରଦାନ କରନ୍ତି। ଅର୍ଥାତ୍ ଯେଉଁ ମହିମାର ଅନ୍ତ ନାହିଁ। ସେହି ଅନନ୍ତ ମହିମା ବିତରଣ ପାଇଁ ପ୍ରତିବର୍ଷ ସେଠାରେ ବିଜେ ହୋଇ ଅନନ୍ତ ମହିମା ଭକ୍ତଜନଙ୍କୁ ବିତରଣ କରୁଛନ୍ତି। ତାହା ହିଁ ଅନନ୍ତ ମଣ୍ଡପ-ଅନନ୍ତ ବୈକୁଣ୍ଠ-ଆଡପ ମଣ୍ଡପ-ଜନ୍ମ ମଣ୍ଡପ।




# ଭାଇ ଭଉଣୀଙ୍କ ସହ ନନ୍ଦିଘୋଷରେ ଯାଆନ୍ତି ଜଗନ୍ନାଥ

**କେନ୍ଦୁଝରରେ ରଥଯାତ୍ରା**

ଶ୍ରୀଜଗନ୍ନାଥ ସଂସ୍କୃତିରେ ଆଦିବାସୀ ସଂସ୍କୃତିର ରହିଛି ନିବିଡ ସମ୍ପର୍କ । ଆଦିବାସୀ ବହୁଳ କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉଙ୍କ ଘୋଷଯାତ୍ରାରେ ଆଦିବାସୀ ପରମ୍ପରା ଓ ସଂସ୍କୃତିର ଛାପ ପ୍ରତିଫଳିତ ହୋଇଥାଏ । ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଶ୍ୱର ସର୍ବୋଚ୍ଚ ରଥ ଭାବେ ମାନ୍ୟତା ପାଇଥିବା ନନ୍ଦିଘୋଷ ରଥରେ ଶ୍ରୀଜଗନ୍ନାଥ,ବଳଭଦ୍ର ଓ ଦେବୀ ସୁଭଦ୍ରା ମାଉସୀମା' ମନ୍ଦିରକୁ ଯାତ୍ରା କରନ୍ତି । ୧୬ ଚକ ବିଶିଷ୍ଟ ଶ୍ରୀବଳଦେବ ଜୀଉଙ୍କ ଏହି ରଥର ଉଚ୍ଚତା ୭୨ ଫୁଟ । ଏହି ରଥକୁ ଶାଳକାଠ ବ୍ୟତୀତ ଧଉରା, ଗମ୍ଭାରି, ଶିମିଳି, ବାଉଁଶ, ଜାମୁ ଆଦି କାଠରେ ନିର୍ମାଣ କରାଯାଇଥାଏ । ରଥ ଟାଣିବା ପାଇଁ ଭୂୟାଁ ଓ ଜୁଆଙ୍ଗମାନଙ୍କ ଦ୍ୱାରା ପ୍ରସ୍ତୁତ ଶିଆଳି ଲତାର ଦଉଡି ବ୍ୟବହାର ହେଉଥିଲା । ଏବେ ଶିଆଳି ଦଉଡି ପ୍ରସ୍ତୁତ ସମୟସାପେକ୍ଷ ଓ ବ୍ୟୟବହୁଳ ହେଉଥିବାରୁ ଏହା ସହିତ ନଡିଆ କତା ଓ ପ୍ଲାଷ୍ଟିକ ଦଉଡି ବ୍ୟବହାର କରାଯାଉଛି। ୧୬୬୧ ମସିହାରେ କେନ୍ଦୁଝର ରାଜ୍ୟର ତତ୍କାଳୀନ ରାଜା ଲକ୍ଷ୍ମୀ ନାରାୟଣ ଭଞ୍ଜଦେବ ସ୍ୱପ୍ନାଦେଶ ପାଇ ନଦୀ ପଠାରୁ ଶ୍ରୀବଳଦେବ ଜୀଉଙ୍କୁ ଆଣି ଏକ ମନ୍ଦିର ନିର୍ମାଣ କରି ସ୍ଥାପନ କଲେ । ସେହିଦିନଠାରୁ ରଥଯାତ୍ରା ପାଳନ ହୋଇଆସୁଛି। ଆଗରୁ ରଥଯାତ୍ରା ସମୟରେ ବଣପାହାଡରୁ ଆଦିବାସୀମାନେ ଆସି ଏଥିରେ ସାମିଲ ହୋଇଥାନ୍ତି । ରଥ ଟାଣିବା ସହ ୯ ଦିନ ବ୍ୟାପୀ ବଡ଼ଦାଣ୍ଡରେ ନାଚଗୀତ କରି ରାତି କଟାନ୍ତି ଆଉ ବାହୁଡ଼ା ପରେ ଫେରନ୍ତି।

କୁହାଯାଏ, ତତ୍କାଳୀନ କେନ୍ଦୁଝର ରାଜ୍ୟରେ ରାଜରାଜୁଡା ଶାସନର ଆରମ୍ଭ କରିଥିବା ଭୂୟାଁମାନେ ସୁଶାସନ ପାଇଁ ଜିଲାର ରାଜପୁତ୍ରଙ୍କୁ ତତ୍କାଳୀନ ମୟୂରଭଞ୍ଜ ରାଜ୍ୟରୁ ଚୋରାଇଆଣି ଏଠାରେ ଲୁଚାଇ ରଖି ବଡ଼ ହେବା ପରେ ସେମାନଙ୍କୁ ସିଂହାସନରେ ଅଧିଷ୍ଠିତ କରନ୍ତି। ଏଣୁ ରାଜରାଜୁଡା ଶାସନ ବେଳେ ଜିଲାର ପୁରାତନ ଜନଜାତି ଭୂୟାଁ ଓ ଜୁଆଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିଲା । ସେ ସମୟରେ ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ବିଭିନ୍ନ ପ୍ରକାରର ହାତବୁଣା ଧଡିଲଗା ବସ୍ତ୍ର, ରୁଞ୍ଜି ଓ ପୋହଳା ମାଳ,ଖଡୁ,ବାଙ୍କିଆ,କୋଳା ଆଦି ପିନ୍ଧି ରଥଯାତ୍ରାରେ ସମାଗମ ହେଉଥିଲେ । ରାତି ତମାମ ଖୁସିରେ ବଡଦାଣ୍ଡରେ ନାଚଗୀତ କରି କଟାଉଥିଲେ । ଧାଙ୍ଗଡା ଓ ଧାଙ୍ଗଡି ଦଳ ଦଳ ହୋଇ ଅଣ୍ଟାକୁ ଅଣ୍ଟା ଧରି ପାରମ୍ପରିକ ଗୀତ ଗାଇ ଚାଙ୍ଗୁ ଓ ମାଦଳ ବାଦ୍ୟର ତାଳେ ତାଳେ ନାଚ କରୁଥିଲେ । ସେମାନେ ଜଙ୍ଗଲ ଓ ପାହାଡରୁ ସଂଗୃହୀତ ଫଳ, ଫୁଲ, କୀଟ ପତଙ୍ଗ, ପନିପରିବା ଆଦି ଆଣି ବଡ଼ଦାଣ୍ଡରେ ବିକ୍ରିବଟା କରୁଥିଲେ । ଆଉ ଏବେ ସେସବୁ ଆଦିବାସୀ ପରମ୍ପରା ଓ ସଂସ୍କୃତି ରଥଯାତ୍ରାରେ ପରିଲକ୍ଷିତ ହୋଇପାରୁନାହିଁ ।

ରଥଯାତ୍ରା ସମୟରେ ଆଦିବାସୀଙ୍କ ପାରମ୍ପରିକ ଝିଙ୍କା ବିବାହ ଅନୁଷ୍ଠିତ ହୋଇଥାଏ । ଏହି ପ୍ରଥାରେ ସେମାନେ ନିଜପାଇଁ କନ୍ୟା ପସନ୍ଦ କରିଥାନ୍ତି ଏବଂ ପସନ୍ଦ ମୁତାବକ କନ୍ୟା ମୁଣ୍ଡରେ ସିନ୍ଦୂର ଲଗାଇ ଟାଣି ନିଅନ୍ତି ବା ଝିଙ୍କି ନିଅନ୍ତି । ତା' ପରେ କନ୍ୟା ସଦସ୍ୟମାନେ ନୀତି ନିୟମ ମୁତାବକ ଗୋଡାଇ ଛଡାଇବାକୁ ଚେଷ୍ଟା କରିଥାନ୍ତି । ଏଭଳି ବହୁ ଆଦିବାସୀ ପରମ୍ପରା ହଜି ଗଲାଣି ବୋଲି ଗବେଷକ ଡ. ବିଦ୍ୟାଧର ବେହେରା କୁହନ୍ତି ।

-ନରେଶ ପଟ୍ଟନାୟକ, କେନ୍ଦୁଝର









# ଶୟନ କଲେ ହରି

[illegible]



[illegible]

## ପ୍ରଭୁଙ୍କର ପ୍ରିୟ ଅରୁଆ ପଖାଳ

[illegible] ପଖାଳ ଓ ଦହରେ ହୋଇଥାଏ ଦହି ପଖାଳ। ଶ୍ରୀଗୁଣ୍ଡିଚାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମୟକୁ ଛାଡିଦେଲେ ବାକି ବର୍ଷର ସମସ୍ତ ଦିନରେ ଦାରୁଦିଅଁ ପଖାଳରେ ଆତ୍ମସନ୍ତୋଷ ପାଇଥାନ୍ତି।

## ବର୍ତ୍ତମାନର ଶ୍ରୀମନ୍ଦିର

# ମହାପ୍ରଭୁଙ୍କ ଅଷ୍ଟମ ମନ୍ଦିର

ବର୍ତ୍ତମାନ ପରିଦୃଶ୍ୟମାନ ଶ୍ରୀମନ୍ଦିର ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ଐତିହାସିକ ମତ। ତେବେ ଏହାର ବହୁ ପୂର୍ବରୁ ମହାପ୍ରଭୁ ଏଠାରେ ଉପାସିତ ହେଉଥିବା ଇତିହାସ କହେ। ତେଣୁ ପୂର୍ବରୁ ମହାପ୍ରଭୁଙ୍କ ମନ୍ଦିର ବିଷ୍ଣୁପ୍ରସାଦ, ଦେବାଳୟ, ଦେବାୟତନ, ପୁରୁଷୋତ୍ତମ ଆୟତନ, ପଟୋଳ ପୁରୁଷୋତ୍ତମ ମନ୍ଦିର, ଶ୍ରୀମନ୍ଦିର ଆଦି ନାମରେ ବିଦିତ ଥିବା ଜଣାଯାଏ। ତେବେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠାର ଇତିହାସ ଆଲୋଚନା କରିବାକୁ ହେଲେ ଆମକୁ ଦୁଇଟି ଦିଗକୁ ଗ୍ରହଣ କରିବାକୁ ହେବ। ପ୍ରଥମଟି ଶାସ୍ତ୍ରୀୟ ଓ ଦ୍ୱିତୀୟଟି ଐତିହାସିକ।

### ଐତିହାସିକ ଦିଗ

ଏବର ପରିଦୃଶ୍ୟମାନ ଶ୍ରୀମନ୍ଦିର ନିର୍ମାଣର ଇତିହାସ ଆଲୋଚନା କଲେ ସମ୍ରାଟ ଚୋଡ଼ଗଙ୍ଗଦେବଙ୍କ ସିଂହାସନ ଆରୋହଣ ପୂର୍ବର ଇତିହାସକୁ ମାନକ ରୂପେ ଗ୍ରହଣ କରାଯାଇପାରେ। ଛ'ଶହ ବର୍ଷ ପୂର୍ବ ଅର୍ଥାତ୍ ୬୦୦ରୁ ୧୨୦୦ ମସିହାର ମଧ୍ୟବର୍ତ୍ତୀ ଇତିହାସ। ଇତିମଧ୍ୟରେ ୩ ଟି ରାଜବଂଶ ଦ୍ୱାରା ଓଡ଼ିଶା ଶାସିତ ହୋଇଥିଲା। (୧) ଶୈଳୋଦ୍ଭବ, (୨) ଭୌମକର ଏବଂ (୩) ସୋମବଂଶ। ଏମାନଙ୍କ ପରେ ଗଙ୍ଗବଂଶର ଶାସନ ଆରମ୍ଭ। ଏବର ମନ୍ଦିର ଚୋଡ଼ଗଙ୍ଗଦେବ ନିର୍ମାଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ ବୋଲି ଐତିହାସିକମାନେ ମତ ଦେଇଥିଲେ। ମାତ୍ର ପରେ ନଗରୀ ତାମ୍ରଶାସନ ଉପଲବ୍ଧ ହେବା ପରେ ମତ ବଦଳିଥିଲା। ଐତିହାସିକମାନେ ସ୍ଥିର କଲେ ଯେ, ୧୨୩୦ ମସିହାରେ ଅନଙ୍ଗଭୀମଦେବ (୩ୟ) ମନ୍ଦିର ତଥା ଶ୍ରୀବିଗ୍ରହକୁ ପ୍ରତିଷ୍ଠା କରିଥିଲେ।

ଅନଙ୍ଗଭୀମଦେବଙ୍କ ପୂର୍ବପୁରୁଷ ଚୋଡ଼ଗଙ୍ଗଦେବ ବର୍ତ୍ତମାନର ଶ୍ରୀମନ୍ଦିରର ନିର୍ମାଣ ଆରମ୍ଭ କରିଥିଲେ। ଏହି ପ୍ରସଙ୍ଗରେ ଐତିହାସିକ ତଥ୍ୟର ଆଲୋଚନା ପ୍ରାସଙ୍ଗିକ ମନେହୁଏ। ଚୋଡ଼ଗଙ୍ଗ ଦେବଙ୍କର ପ୍ରଥମ ଅଙ୍କ ୧୧୨୮ ମସିହାରେ ଶ୍ରୀକ୍ଷେତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ସମ୍ମୁଖରେ ପ୍ରଚଳନ ହେବା ପ୍ରଥା ଇତିହାସ ସ୍ୱୀକୃତ। ତାମ୍ରଶାସନର ତଥ୍ୟ ଅନୁଯାୟୀ ୧୧୪୨ ମସିହାରେ ସେ ବଡ଼ପୁଅ କାମାର୍ଣ୍ଣବଦେବଙ୍କର ମୁର୍ଦ୍ଧାଭିଷେକ କରାଇଥିଲେ। ଏହି ଅଭିଷେକ ପୁରୀରେ ହୋଇଥିଲା। ସେତେବେଳେ ଦୁଇଟି କାର୍ଯ୍ୟ ଏକାଦିନକେ ଏକାଠି ହୋଇଥିଲା। ଗୋଟିଏ ହେଲା ବଡ଼ ପୁଅର ମୁର୍ଦ୍ଧାଭିଷେକ ଏବଂ ଅନ୍ୟଟି ଗର୍ଭଗୃହର ପ୍ରତିଷ୍ଠା। ଏଇଠି ସ୍ମରଣଯୋଗ୍ୟ ଯେ, ପୁରୀରେ ପୂର୍ବରୁ ଥିବା ମନ୍ଦିରର ଜୀର୍ଣ୍ଣ ସଂସ୍କାର କରିବାକୁ ଚୋଡ଼ଗଙ୍ଗ ଦେବ ପ୍ରଥମେ ଚେଷ୍ଟା କରିଥିଲେ। ମାତ୍ର ଶେଷକୁ ଜୀର୍ଣ୍ଣ ସଂସ୍କାର ପରିବର୍ତ୍ତେ ଶ୍ରୀଜଗନ୍ନାଥଙ୍କର ନୂତନ ପ୍ରାସାଦ ନିର୍ମାଣ ଆରମ୍ଭ କରିଥିଲେ। ଅତଏବ ପ୍ରଥମ ଅଙ୍କ ପ୍ରଚଳନ ହେଲା ବେଳେ ଅର୍ଥାତ୍ ୧୧୨୮ ମସିହାରେ ସେ ପୁରାତନ ମନ୍ଦିରରେ ପୂଜା ପାଉଥିବା ଶ୍ରୀପୁରୁଷୋତ୍ତମଙ୍କ ସାମ୍ନାରେ ନିଜର ପ୍ରଥମ ଅଙ୍କ ପ୍ରଚଳନ କରିଥିଲେ। ଚଉଦ ବର୍ଷ ପରେ ଅର୍ଥାତ୍ ୧୧୪୨ ମସିହାରେ ନୂତନ ମନ୍ଦିର ଗର୍ଭଗୃହ ପ୍ରତିଷ୍ଠା କରିବା ସହିତ ବଡ଼ପୁଅର ମୁର୍ଦ୍ଧାଭିଷେକ କରାଇଥିଲେ। ଏଥିରୁ ଦୁଇଟି କଥା ଜଣାପଡୁଛି, ଯଥା- (୧) ଚୋଡ଼ଗଙ୍ଗ ଦେବଙ୍କ ପ୍ରଥମ ଅଙ୍କ ପ୍ରଚଳନ ବେଳରେ ପୁରୀରେ ମନ୍ଦିର ଥିଲା, ଯେଉଁ ମନ୍ଦିରରେ ଶ୍ରୀପୁରୁଷୋତ୍ତମ ଉପାସିତ ହେଉଥିଲେ ଏବଂ (୨) ଚଉଦ ବର୍ଷ ପରେ ବଡ଼ପୁଅର ମୁର୍ଦ୍ଧାଭିଷେକ ବେଳକୁ ନୂତନ ମନ୍ଦିରର ଗର୍ଭଗୃହ ତୋଳା ସରିଥିଲା ଏବଂ ସେହି ଗର୍ଭ ଗୃହକୁ ପ୍ରତିଷ୍ଠା କରିଥିଲେ। ଅବଶିଷ୍ଟାଂଶ ୧୨୩୦ ମସିହାରେ ଅନଙ୍ଗଭୀମଦେବ ସମ୍ପୂର୍ଣ୍ଣ କରିଥିଲେ।

ଏହି ମନ୍ଦିର ନିର୍ମାଣ ପୂର୍ବରୁ ସୋମବଂଶୀ ରାଜା ଏକ ମନ୍ଦିର ନିର୍ମାଣ କରିଥିଲେ। ଉକ୍ତ ମନ୍ଦିରଟି ବର୍ତ୍ତମାନର ମୁକ୍ତିମଣ୍ଡପର ପଶ୍ଚିମ ପାର୍ଶ୍ୱରେ ଥିବା ଶ୍ରୀନୃସିଂହ ମନ୍ଦିରରେ ପରିଣତ ହୋଇଥିଲା ବୋଲି ଡ. ସତ୍ୟନାରାୟଣ ରାଜଗୁରୁ ମତ ଦେଇଛନ୍ତି। ସେହି ସୋମବଂଶୀ ରାଜା ହେଉଛନ୍ତି ଯଯାତି କେଶରୀ (୨ୟ) ବୋଲି ଐତିହାସିକମାନେ ସ୍ଥିର କରିଛନ୍ତି। ଅର୍ଥାତ୍ ମାଦଳା ପାଞ୍ଜି ବର୍ଣ୍ଣିତ ଯଯାତି କେଶରୀଙ୍କୁ ଐତିହାସିକମାନେ ମହାଶିବଗୁପ୍ତ ଯଯାତି (୧ମ)ଙ୍କ ନାତି ଯଯାତି (୨ୟ) ବୋଲି ଚିହ୍ନିତ କରିଛନ୍ତି। ଯେ କି ପରମେଶ୍ୱରଙ୍କ ପାଇଁ ୩୮ ହାତ 'ପଟୋଳ' ନିର୍ମାଣ କରି ମହାପ୍ରଭୁଙ୍କୁ ସୋନପୁରରୁ ଆଣି ପ୍ରତିଷ୍ଠା କରିଥିଲେ।

ଏହା ପୂର୍ବରୁ ମଧ ଗୋଟିଏ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିବାର ସୂଚନା ଇତିହାସରୁ ମିଳେ। ଭୌମକରବଂଶର ଜଣେ ମାତ୍ର ତ୍ରିଭୁବନ ମହାଦେବୀ ବା ପୃଥ୍ୱୀ ମହାଦେବୀ ବୈଷ୍ଣବୀ ଥିଲେ। ତାଙ୍କର ଦୁଇଟି ଅଭିଲେଖରେ 'ପରମ ବୈଷ୍ଣବୀ' ଭାବରେ ନିଜକୁ ସେ ପରିଚୟ ଦେଇଛନ୍ତି। ବୈଷ୍ଣବ ଧାରାରେ ଦୀକ୍ଷିତା ହେବା ପରେ ପୃଥ୍ୱୀ ମହାଦେବୀ ପୁରୀରେ ଶ୍ରୀପୁରୁଷୋତ୍ତମଙ୍କର ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ପଶ୍ଚିମରୁ ଚେଦୀବଂଶ ଓ ପୂର୍ବରୁ ପାଳବଂଶର ଆକ୍ରମଣ ଆରମ୍ଭ ହୋଇଯିବା ପରେ ଉକ୍ତ ମନ୍ଦିର ନିର୍ମାଣ ସଫଳ ହୋଇଥିଲା କି ନାହିଁ ତାହା ଇତିହାସରେ ସ୍ପଷ୍ଟ ହୋଇନାହିଁ। ଅତଏବ ଇତିହାସରେ ଉପର ବର୍ଣ୍ଣିତ ତିନୋଟି ମନ୍ଦିର ନିର୍ମାଣର କ୍ରମାନୁପାତିକ ଧାରା ହେଉଛି :

(୧) ଗୋଟିଏ ଯଯାତି କେଶରୀଙ୍କ ନିର୍ମିତ ୩୮ ହାତର ପଟୋଳ। ଯାହାକୁ ଐତିହାସିକ ରାଜଗୁରୁ ମୁକ୍ତିମଣ୍ଡପ ପଶ୍ଚିମ ପାର୍ଶ୍ୱରେ ଥିବା ଶ୍ରୀନୃସିଂହ ମନ୍ଦିର ଭାବରେ ଚିହ୍ନିତ କରନ୍ତି।

(୨) ଦ୍ୱିତୀୟ ମନ୍ଦିରଟି ଭୌମକରବଂଶର ରାଣୀ ପୃଥ୍ୱୀ ମହାଦେବୀ ଆରମ୍ଭ କରିଥିଲେ, ମାତ୍ର ସମ୍ପୂର୍ଣ୍ଣ କଲେ କି ନାହିଁ ଜଣାଯାଉ ନାହିଁ।

(୩) ଅନ୍ୟଟି ବର୍ତ୍ତମାନର ପରିଦୃଶ୍ୟମାନ ମନ୍ଦିର।

### ଶାସ୍ତ୍ରୀୟ ଦିଗ

**ଇନ୍ଦ୍ରଦ୍ୟୁମ୍ନ କୃତ ବିଷ୍ଣୁପ୍ରାସାଦ:** ପୁରାଣଶାସ୍ତ୍ରରୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମଙ୍କ ପାଇଁ ପ୍ରଥମ ମନ୍ଦିର ନିର୍ମାଣ କରିଥିବା ଜାଣିବାକୁ ମିଳେ। ବ୍ରହ୍ମପୁରାଣ ଅନୁଯାୟୀ, ଇନ୍ଦ୍ରନୀଳମଣି ବିଗ୍ରହ ଗୁମ୍ଫାରେ ପୂଜିତ ହେଉଥିଲେ। ମହାରାଜା ଇନ୍ଦ୍ରଦ୍ୟୁମ୍ନ ଉତ୍କଳ, କଳିଙ୍ଗ ଓ କୋଶଳର ରାଜ୍ୟଗୁଡ଼ିକ ସହ ଆଲୋଚନା କରି ମିଳିତ ସହଯୋଗରେ ମନ୍ଦିର ନିର୍ମାଣ କିପରି ସଫଳ ହେବ, ସେଥିପାଇଁ ପଦକ୍ଷେପ ନେଇଥିଲେ (୪୭/୭-୮)। ସ୍କନ୍ଦପୁରାଣ ବର୍ଣ୍ଣନା ଅନୁଯାୟୀ, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶିଳ୍ପଶାସ୍ତ୍ର ବିଶାରଦ ଓ ଶିଳ୍ପୀମାନଙ୍କୁ ଧନ ଦାନକରି ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଥିଲେ ଏବଂ ଏକ ସୁମନୋହର ବିଷ୍ଣୁପ୍ରାସାଦ ନିର୍ମାଣ କରାଇ ତାହାର ଗର୍ଭପ୍ରତିଷ୍ଠା କରିଥିଲେ (ସ୍କ.ପୁ. ୨୧/୩୭)।

ତେବେ ଏଠାରେ ପ୍ରଶ୍ନଉଠେ କେଉଁ ଇନ୍ଦ୍ରଦ୍ୟୁମ୍ନ ଏହି ସୁମନୋହର 'ବିଷ୍ଣୁପ୍ରାସାଦ' ନିର୍ମାଣ କରାଇଥିଲେ। କାରଣ, ପୁରାଣ ତଥା ଉପନିଷଦରୁ ଏକାଧିକ ଇନ୍ଦ୍ରଦ୍ୟୁମ୍ନଙ୍କ କଥା ଜାଣିବାକୁ ମିଳେ।

(୧) ଉପନିଷଦ ଯୁଗରେ ଇନ୍ଦ୍ରଦ୍ୟୁମ୍ନ ନାମରେ ଜଣେ ଗୃହସ୍ଥ ବେଦଜ୍ଞ ଋଷି ଥିଲେ (ଛ.ଗ. ୫।୧୧) ଯେ କି ଅନ୍ୟ ୪ଜଣ ଋଷିଙ୍କ ସହ ମିଶି ମହର୍ଷି ଉଦ୍ଧାଳକଙ୍କ ପାଖକୁ ଯାଇ ବିଶ୍ୱାତ୍ମାଙ୍କର ପରିଚୟ ଜାଣିବାକୁ ଚାହିଁଥିଲେ।

(୨) କେବଳ 'ମହାଭାରତ'ର ବନପର୍ବରେ ତିନିଜଣ ଇନ୍ଦ୍ରଦ୍ୟୁମ୍ନଙ୍କ କଥା କୁହାଯାଇଛି। ଜଣେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଶ୍ରୀକୃଷ୍ଣ ବଧ କରିଥିଲେ। ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଥିଲେ ଜଣେ ମହର୍ଷି। ପାଣ୍ଡବମାନେ ଦ୍ୱୈତବନରେ ଥିବାବେଳେ ଏହି ମହର୍ଷି ଇନ୍ଦ୍ରଦ୍ୟୁମ୍ନ ସେମାନଙ୍କୁ ଭେଟିଥିଲେ। ତୃତୀୟ ଇନ୍ଦ୍ରଦ୍ୟୁମ୍ନ ଥିଲେ ଜନକ ନାମକ ଜଣେ ରାଜାଙ୍କର ପିତା। ଚତୁର୍ଥ ଇନ୍ଦ୍ରଦ୍ୟୁମ୍ନ ହେଉଛନ୍ତି ଜଣେ ମହାକୀର୍ତ୍ତିବାନ ରାଜା।

ପୌରାଣିକ ତଥ୍ୟକୁ ଯଦି ପର୍ଯ୍ୟାଲୋଚନା କରାଯାଏ ତା'ହେଲେ ଏହି ଚତୁର୍ଥ ଇନ୍ଦ୍ରଦ୍ୟୁମ୍ନ 'ବିଷ୍ଣୁପ୍ରାସାଦ' ନିର୍ମାଣ କରିଥିଲେ ବୋଲି ଏକ ନିଶ୍ଚିତ ଧାରଣାରେ ପହଞ୍ଚି ହେବ। ପାଣ୍ଡବମାନେ ମାର୍କଣ୍ଡ ମହର୍ଷିଙ୍କୁ ସେମାନେ ପଚାରିଥିଲେ- ଆପଣଙ୍କଠାରୁ ପ୍ରାଚୀନ କିଏ ? ମାର୍କଣ୍ଡ ମହର୍ଷି କହିଥିଲେ- ମୋଠାରୁ ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ ପ୍ରାଚୀନ। ସେଇଠି ସେ ପାଣ୍ଡବମାନଙ୍କୁ କହିଥିଲେ ଯେ, ଦିନେ ଇନ୍ଦ୍ରଦ୍ୟୁମ୍ନଙ୍କ କୀର୍ତ୍ତି କ୍ଷୟ ହେବାରୁ ତାଙ୍କୁ ସ୍ୱର୍ଗରୁ ବିଚ୍ୟୁତ କରାଗଲା। ସେ ମର୍ତ୍ତ୍ୟକୁ ଆସି ମହର୍ଷି ମାର୍କଣ୍ଡେୟଙ୍କୁ ପ୍ରଥମେ ପଚାରିଥିଲେ- ହେ ମହର୍ଷି ! ଆପଣ ମତେ ଚିହ୍ନିପାରୁଛନ୍ତି କି ? ମହର୍ଷି ମାର୍କଣ୍ଡେୟ କହିଲେ- ନା, ଚିହ୍ନିପାରୁନାହିଁ। ହିମାଳୟରେ ବାସ କରୁଥିବା ପ୍ରାବରକର୍ଣ୍ଣ ଭଲ୍ଲୁକ ମୋଠାରୁ ପ୍ରାଚୀନ। ହୁଏତ ସେ ଆପଣଙ୍କୁ ଚିହ୍ନିପାରନ୍ତି। ଇନ୍ଦ୍ରଦ୍ୟୁମ୍ନ ହିମାଳୟ ଗଲେ। ମାତ୍ର ପ୍ରାବରକର୍ଣ୍ଣ ତାଙ୍କୁ ଚିହ୍ନି ନ ପାରି ତାଙ୍କଠୁ ପ୍ରାଚୀନ ଗନ୍ଧମାର୍ଦ୍ଦନ ପର୍ବତ ସ୍ଥିତ 'ଇନ୍ଦ୍ରଦ୍ୟୁମ୍ନ ସରୋବର' ନିକଟରେ ରହୁଥିବା ନାଡ଼ିଜଙ୍ଘ ନାମକ ବଗ ନିକଟକୁ ପଠେଇଦେଲେ। ନାଡ଼ିଜଙ୍ଘ ବି ଚିହ୍ନି ପାରିଲେ ନାହିଁ। ନାଡ଼ିଜଙ୍ଘ କହିଲେ- ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ 'ଅକୁପାର' ନାମକ ଏକ କଇଁଛ ଅଛି। ସେ ମୋଠୁ ପ୍ରାଚୀନ। ସେ ହୁଏତ ଆପଣଙ୍କୁ ଚିହ୍ନିପାରେ। ଶେଷରେ 'ଅକୁପାର' କଇଁଛ ହିଁ ଇନ୍ଦ୍ରଦ୍ୟୁମ୍ନଙ୍କୁ ଚିହ୍ନି ପାରିଲେ। କହିଲେ, ତୁମେ ଯେଉଁ ଯଜ୍ଞ କରିଥିଲ ସେହି ଯଜ୍ଞ କାଳରେ ଏହି ପୋଖରୀ ସୃଷ୍ଟି ହୋଇଥିଲା। ସେବେଠୁ ମୁଁ ଏଇଠି ଅଛି।

ପୂର୍ବରୁ କୁହାଗଲା ଯେ, ଇନ୍ଦ୍ରଦ୍ୟୁମ୍ନଙ୍କ କୀର୍ତ୍ତି କ୍ଷୟ ହେଲା। ତା'ହେଲେ କେଉଁ କୀର୍ତ୍ତି ? ଆଧ୍ୟାତ୍ମିକ କୀର୍ତ୍ତି ତ ନଷ୍ଟହୁଏନା। ଲୌକିକ କୀର୍ତ୍ତି କ୍ଷୟଶୀଳ। ତେବେ କ'ଣ ତାଙ୍କ କୃତ 'ବିଷ୍ଣୁପ୍ରାସାଦ' କୀର୍ତ୍ତିଟି ନଷ୍ଟ ହୋଇଯାଇଥିଲା ? ନା ସେ କୀର୍ତ୍ତିଟି ପଛରୁ ଯାଙ୍କର ନାମ ନ ରହି ଆଉ କାହାର ନାମ ଯୋଡ଼ି ହୋଇ ପ୍ରସିଦ୍ଧି ହୋଇଯାଇଥିଲା ? ଯାହାକୁ ପ୍ରମାଣ କରିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ରହୁଥିବା ଅକୁପାର କଇଁଛ ପାଖରେ ପହଞ୍ଚିବାକୁ ପଡ଼ିଲା ? ଅକୁପାର କଇଁଛ ଯେଉଁ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ରହୁଥିଲା ତାହା ହୁଏତ ପୁରୀର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ହୋଇଥାଇପାରେ। କାରଣ ଅକୁପାର କହିଥିଲେ- ଆପଣଙ୍କ ଯଜ୍ଞରେ ଦାନ କରାଯାଇଥିବା ଗୋରୁମାନଙ୍କ ଖୁରାରେ ଏହି ପୁଷ୍କରିଣୀର ସୃଷ୍ଟି ଏବଂ ସେହିଦିନଠାରୁ ମୁଁ ଏଠାରେ ବାସ କରୁଛି। ଏକଥା ଅନ୍ୟାନ୍ୟ କେତେକ ମହାପୁରାଣରେ ମଧ ବର୍ଣ୍ଣିତ ଅଛି। ଯଜ୍ଞକୁଣ୍ଡଟି ହିଁ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ରୂପେ ପ୍ରସିଦ୍ଧ ହୋଇଥିବା କଥା ଅନ୍ୟ କେତେକ ଗ୍ରନ୍ଥରେ ଅଛି।

**ପୁରୁଷୋତ୍ତମ ଆୟତନ:** ବିଷ୍ଣୁପୁରାଣରୁ ପୁରୁଷୋତ୍ତମ ଆୟତନ ବା 'ବିଷ୍ଣୋରାୟନଂ' ବୋଲି ଏକ ଶବ୍ଦ ପଢ଼ିବାକୁ ମିଳେ। ସେହିପରି ବ୍ରହ୍ମପୁରାଣରେ ମହର୍ଷି କଣ୍ଡୁଙ୍କର ପ୍ରସଙ୍ଗ ପୁରୁଷୋତ୍ତମ କ୍ଷେତ୍ର ସହିତ ଜଡିତ ଅଛି। ଏଥିରେ ଦକ୍ଷିଣ ସାଗର ତୀରରେ ବାଲୁକାରାଶି ଓ କେତକୀ ବଣ ପରିଶୋଭିତ ହୋଇ ପୁରୁଷୋତ୍ତମ କ୍ଷେତ୍ର ରହିଛି ବୋଲି ଉଲ୍ଲେଖ ଅଛି। ତେଣୁ ବ୍ରହ୍ମପୁରାଣର ''ସୁରମ୍ୟଂ ବାଲୁକାକୀର୍ଣ୍ଣ କେତକୀ ବନଶୋଭିତଂ ପୁରୁଷୋତ୍ତମାଖ୍ୟଂ....ବିଷ୍ଣୋରାୟତନଂ'' ନିଶ୍ଚିତ ଭାବରେ ବିଷ୍ଣୁପୁରାଣର ପୁରୁଷୋତ୍ତମ ନାମକ ବିଷ୍ଣୁ ଆୟତନ ଏଥିରେ ସନ୍ଦେହ ରହୁନାହିଁ।

ଆମର 'ପୁରୁଷୋତ୍ତମ ଆୟତନ' ହିଁ ପ୍ରମୁଖ ଆଲୋଚନାର ବିଷୟ। ଶାସ୍ତ୍ରରେ ବହୁ ପ୍ରାମାଣିକ ତଥ୍ୟ ରହିଛି, ପୁରୁଷୋତ୍ତମ କ୍ଷେତ୍ରର ଅଧିପତି ଶ୍ରୀପୁରୁଷୋତ୍ତମ। ଉପାସ୍ୟ ଓ ଉପାସନା କ୍ଷେତ୍ରର ନାମ ଉଭୟ ସମାନ। 'ପୁରୁଷୋତ୍ତମ' ନାମରେ ଅନ୍ୟତ୍ର କୌଣସି କ୍ଷେତ୍ର ବା ଧାମ ଦେଖିବାକୁ ମିଳେନାହିଁ। ଅତଏବ ପୁରୁଷୋତ୍ତମ ନାମକ ଆୟତନ ଯେ ସେ ସମୟରେ ପୁରୁଷୋତ୍ତମ କ୍ଷେତ୍ରରେ ଥିଲା। ଆଉ ସେହି କ୍ଷେତ୍ର ହେଉଛି ଆଜିର ପୁରୀ ଏଥିରେ ସନ୍ଦେହ ରହୁନାହିଁ। ତେଣୁ ଶ୍ରୀପୁରୁଷୋତ୍ତମ ବିଜେ କରିଥିବା ମନ୍ଦିର ସେତେବେଳେ 'ଆୟତନ' ଶବ୍ଦରେ ବର୍ଣ୍ଣିତ ହୋଇଥିଲା। ଏହା ମହାପ୍ରଭୁଙ୍କର ଦ୍ୱିତୀୟ ମନ୍ଦିର।

**ଶ୍ରୀପୁରୁଷୋତ୍ତମ ମନ୍ଦିର :** ପୂର୍ବ ଆଲୋଚନାରୁ ଅନ୍ତତଃ ଉପଲବ୍ଧ ଶାସ୍ତ୍ରୀୟ ପ୍ରମାଣ ଆଧାରରେ 'ବିଷ୍ଣୁପ୍ରାସାଦ' ଓ 'ଶ୍ରୀପୁରୁଷୋତ୍ତମ ଆୟତନ' ନାମରେ ଦୁଇଟି ମନ୍ଦିର ଥିବାର ଜଣାଯାଉଛି। ଯଦିଓ 'ମନ୍ଦିର' ଶବ୍ଦ ଏହି ଦୁଇଟିରେ ବ୍ୟବହାର କରାଯାଇ ନାହିଁ। ତଥାପି ସୁ ଅବବୋଧ ପାଇଁ ଆମେ ତା'ର ବର୍ତ୍ତମାନର ମାନକ ଶବ୍ଦ 'ମନ୍ଦିର' ଉଲ୍ଲେଖ କରିଅଛୁ। ବାସ୍ତବରେ ଖ୍ରୀ. ପୂ. ପ୍ରଥମ ଶତାବ୍ଦୀରେ 'ମନ୍ଦିର' ଶବ୍ଦର ଉଲ୍ଲେଖ ମିଳେ। ପଦ୍ମପୁରାଣର ପାତାଳଖଣ୍ଡ (୨୧/୪)ରେ ସ୍ପଷ୍ଟ ଭାବରେ ଶ୍ରୀପୁରୁଷୋତ୍ତମ ମନ୍ଦିର ଭାବରେ ମହାପ୍ରଭୁଙ୍କ ମନ୍ଦିରର ନାମ ଉଲ୍ଲେଖ ରହିଛି। 'ଗନ୍ତୁ ପ୍ରଚକ୍ରମେ ରାଜା ପୁରୁଷୋତ୍ତମମନ୍ଦିରମ୍।' ବର୍ତ୍ତମାନ ସୁଦ୍ଧା ପୁରାଣଗୁଡିକର ହୋଇଥିବା କାଳ ନିର୍ଣ୍ଣୟ ଦୃଷ୍ଟିରୁ ମନ୍ଦିର ଶବ୍ଦ ଏହି ପୁରାଣରେ ପ୍ରଥମେ ପ୍ରଦତ୍ତ ହୋଇଅଛି। କେବଳ ସେତିକି ନୁହେଁ-ଏହି ପୁରାଣରୁ ଜଣାଯାଇଛି ଉକ୍ତ ମନ୍ଦିରରେ ଏକ ରତ୍ନଖଚିତ ସିଂହାସନ ଥିଲା। 'ରତ୍ନ ସିଂହାସନ' ଶବ୍ଦ ମଧ ଏହି ପୁରାଣରେ ପ୍ରଥମେ ବ୍ୟବହୃତ ହୋଇଅଛି। ଯେଉଁ ରତ୍ନ ସିଂହାସନରେ ଶ୍ରୀପୁରୁଷୋତ୍ତମ ବିଜେ କରିଥିଲେ।

ପଦ୍ମପୁରାଣର ସମୟ ନିରୂପଣ ବିଶ୍ୱସ୍ତରରେ ହୋଇସାରିଛି। ମହାକବି କାଳିଦାସଙ୍କ ପୂର୍ବରୁ ଏହି ପୁରାଣର ପାତାଳଖଣ୍ଡ ରଚିତ ହୋଇସାରିଥିଲା। ଏଥିରୁ ଜଣାପଡୁଛି ଖ୍ରୀ.ପୂ. ପ୍ରଥମ ଶତାବ୍ଦୀ ପୂର୍ବରୁ ଥିବା ଶ୍ରୀପୁରୁଷୋତ୍ତମ ଆୟତନର ନିର୍ମାଣକାର୍ଯ୍ୟ ମନ୍ଦିର ଶୈଳୀରେ ସମ୍ପୂର୍ଣ୍ଣ କରାଯାଇଥିଲା। ଏହା ମହାପ୍ରଭୁଙ୍କର ବର୍ତ୍ତମାନ ସୁଦ୍ଧା ଗବେଷଣା ତଥ୍ୟ ଅନୁଯାୟୀ ଶାସ୍ତ୍ରୀୟମାର୍ଗ ଦୃଷ୍ଟିରୁ ତୃତୀୟ ମନ୍ଦିର।

**ଶ୍ରୀମନ୍ଦିର:** ମହର୍ଷି ଶାଣ୍ଡିଲ୍ୟଙ୍କ ରଚିତ 'ଶାଣ୍ଡିଲ୍ୟ ସଂହିତା'ର ପଞ୍ଚମ ଖଣ୍ଡର ନାମ ହେଉଛି ହରିଭକ୍ତିଖଣ୍ଡ। ଏହି ଖଣ୍ଡଟି 'ଶାଣ୍ଡିଲ୍ୟ ସଂହିତା' ଗ୍ରନ୍ଥରେ ସ୍ଥାନିତ ହୋଇ 'ଶାଣ୍ଡିଲ୍ୟ ସଂହିତା' ନାମରେ ପ୍ରକାଶ ପାଇଛି। ସମ୍ପାଦନା କରିଛନ୍ତି ବାରାଣସୀର ମହାମହୋପାଧ୍ୟାୟ ଗୋପୀନାଥ କବିରାଜ। ସମ୍ପୂର୍ଣ୍ଣାନନ୍ଦ ବିଶ୍ୱବିଦ୍ୟାଳୟ ଏହି ପୁସ୍ତକଟିକୁ ପ୍ରକାଶ କରିଛନ୍ତି। ପଞ୍ଚମ ଶତାବ୍ଦୀରେ ମହର୍ଷି ଶାଣ୍ଡିଲ୍ୟ ଏହାକୁ ରଚନା କରିଥିଲେ ବୋଲି କୁହାଯାଏ। ଏହି ଗ୍ରନ୍ଥରେ ଶ୍ରୀପୁରୁଷୋତ୍ତମଙ୍କୁ ଶ୍ରୀପତି ଓ ଶ୍ରୀମାନ୍ କୁହାଯିବା ସଙ୍ଗେସଙ୍ଗେ ସେ ଚତୁର୍ଭୁଜ ରୂପରେ ବିରାଜିତ ଅଛନ୍ତି ବୋଲି ବର୍ଣ୍ଣନା କରାଯାଇଛି (ଶା.ସଂ.୧/୧୮/୧୨)। ମହର୍ଷି ଶାଣ୍ଡିଲ୍ୟ କ୍ଷେତ୍ରର ଦୁଇଟି ନାମ ଉଲ୍ଲେଖ କରିଛନ୍ତି। ପୁରୁଷୋତ୍ତମ କ୍ଷେତ୍ର ଓ ସତ୍‌କ୍ଷେତ୍ର। ପୁରୁଷୋତ୍ତମ କ୍ଷେତ୍ରରେ ଭଗବତ୍ ସେବା ବର୍ଣ୍ଣନା ପ୍ରସଙ୍ଗରେ 'ଶ୍ରୀମନ୍ଦିର' ଶବ୍ଦ ବ୍ୟବହାର କରାଯାଇଛି (୨/୬/୧)।

ମହର୍ଷି ଶାଣ୍ଡିଲ୍ୟଙ୍କ ସମୟ ସର୍ବଭାରତୀୟ ସ୍ତରରେ ପଞ୍ଚମ ଶତାବ୍ଦୀ ବୋଲି ନିର୍ଣ୍ଣୟ କରାଯାଇଛି। ତାଙ୍କ ରଚିତ ସଂହିତାରେ 'ଶ୍ରୀମନ୍ଦିର' ଶବ୍ଦର ଉଲ୍ଲେଖ ରହିଥିବାରୁ ୫ମ ଶତାବ୍ଦୀ ବେଳକୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର 'ଶ୍ରୀମନ୍ଦିର' ଭାବରେ ପରିଚିତ ହୋଇସାରିଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ କହିବାରେ ସଙ୍କୋଚ ନାହିଁ ଯେ ଶ୍ରୀମନ୍ଦିର ଶବ୍ଦ ପ୍ରଥମେ ଏହି ଗ୍ରନ୍ଥରେ ଆସିଅଛି। ତେଣୁ ଶ୍ରୀମନ୍ଦିର ହେଉଛି ଶାସ୍ତ୍ରମାର୍ଗ ଦୃଷ୍ଟିରୁ ଚତୁର୍ଥ ମନ୍ଦିର।

**ଶ୍ରୀପୁରୁଷୋତ୍ତମ ଆଳୟ:** ଆଲୱାର ସମ୍ପ୍ରଦାୟର ତୃତୀୟ ଯୋଗୀ ମହଦ୍‌ଯୋଗୀ ନୀଳାଦ୍ରି କ୍ଷେତ୍ରକୁ ଆସିବା କଥା ଜଣାଯାଏ। ଏହି ଯୋଗୀ 'ମହଦାଦ୍ୱୟ ଯୋଗୀ' ବା ଭ୍ରାନ୍ତଯୋଗୀ ଭାବରେ ଦକ୍ଷିଣଭାରତରେ ପରିଚିତ ଥିଲେ। ଭାର୍ଗବ ଉପପୁରାଣ ମତରେ ଏହି ଯୋଗୀ ସମଗ୍ର ଭାରତବର୍ଷର ବାଇଶଟି କ୍ଷେତ୍ର ପରିକ୍ରମା କରିବା ପରେ ପୁରୁଷୋତ୍ତମ କ୍ଷେତ୍ରକୁ ଆସିଥିଲେ। ମହଦ୍‌ଯୋଗୀ ପୁରୁଷୋତ୍ତମ କ୍ଷେତ୍ରକୁ ପ୍ରବେଶ କରିବା ପୂର୍ବରୁ 'ନୀଳାଦ୍ରି' ଶବ୍ଦ କ୍ଷେତ୍ର ଅର୍ଥରେ ବ୍ୟବହାର କରିଛନ୍ତି। କ୍ଷେତ୍ର ପ୍ରବେଶ ପୂର୍ବରୁ ମନ୍ଦିର ଶିଖର ପ୍ରବେଶର ପତାକା ଦର୍ଶନ କରି ବାରମ୍ବାର ପ୍ରଣାମ କରିଛନ୍ତି। ଶେଷରେ କ୍ଷେତ୍ରକୁ ଆସି ଶ୍ରୀପୁରୁଷୋତ୍ତମଙ୍କୁ ଦର୍ଶନ କରିଛନ୍ତି।

ସପ୍ତମ ଶତାବ୍ଦୀର ଶେଷ ଦଶକ ବେଳକୁ ଆଉ ଜଣେ ଆଲୱାର ଯୋଗୀ ନୀଳାଦ୍ରି କ୍ଷେତ୍ରକୁ ଆସିଥିଲେ। ସେ ହେଉଛନ୍ତି ଶ୍ରୀବିଷ୍ଣୁଚିତ୍ତ ଯୋଗୀ। ସେ ସ୍ପଷ୍ଟ ମତ ଦେଇଛନ୍ତି ଶ୍ରୀ ପୁରୁଷୋତ୍ତମ ହେଉଛନ୍ତି ପତିତମାନଙ୍କର ପ୍ରଭୁ ଏବଂ ଶ୍ରୀମାନ ପତିତପାବନ।

୬. ପଟୋଳ : ବର୍ତ୍ତମାନ ପରିଦୃଶ୍ୟମାନ ମନ୍ଦିରର ପୂର୍ବ ମନ୍ଦିରଟି ପଟଳ ନାମରେ ବିଦିତ ଥିଲା। ଦୁଇଟି ଶବ୍ଦ ଏଥିପାଇଁ ବ୍ୟବହାର ହୋଇଥିବାର ଦେଖାଯାଏ- ପଟୋଳ ଏବଂ ପୋଟଳ। ସମ୍ରାଟ ଯଯାତିଙ୍କ ସମୟ ହାରାହାରି ନବମ ଶତାବ୍ଦୀ ପୂର୍ବାର୍ଦ୍ଧ। ମାଦଳା ପାଞ୍ଜିରେ ଭିତର ପଟୋଳ ଶବ୍ଦ ଭିତର ପୋଖରିଆ ଅର୍ଥରେ ମଧ ବ୍ୟବହୃତ ହୋଇଅଛି। ସମ୍ରାଟ ଯଯାତି ଯେଉଁ ପଟୋଳଟିକୁ ନିର୍ମାଣ କରିଥିଲେ ତାହା ୩୮ ହାତ ଉଚ୍ଚତାର ଥିଲା।

ଆମର ପ୍ରସଙ୍ଗ ଶ୍ରୀଜଗନ୍ନାଥଙ୍କ ଷଷ୍ଠ ମନ୍ଦିରର ପରିଚୟ। ତେଣୁ ଯଯାତିଙ୍କ ପଟୋଳ ବର୍ତ୍ତମାନର ଶ୍ରୀନୃସିଂହ ମନ୍ଦିର କି ନୁହେଁ, ଆମେ ସିଆଡକୁ ଯିବା ନାହିଁ। ପ୍ରଥମେ ନିଶ୍ଚିତ ହେବା-

୧. ମାଦଳାପାଞ୍ଜିର ଯଯାତି ହେଉଛନ୍ତି ସୋମବଂଶର ଯଯାତି ମହାଶିବଗୁପ୍ତ ବା ଯଯାତି (୧ମ)ଙ୍କ ନାତି ଯଯାତି ଦ୍ୱିତୀୟ।

୨. ସେ ୧୪୪ ବର୍ଷ ପରେ ସୋନପୁରରୁ ଶ୍ରୀବିଗ୍ରହମାନଙ୍କୁ ଆଣି ପୁରୀରେ ନିଜେ ନିର୍ମିତ କରିଥିବା ୩୮ ହାତ ପଟୋଳର ବିଜେ କରାଇଥିଲେ।

୩. ସେହି ପଟୋଳ (ମନ୍ଦିର) ୧୦୧୦-୧୦୨୦ ମସିହା ମଧ୍ୟରେ ନିର୍ମିତ ହୋଇଥିଲା।

ଏଇଠି ସନ୍ଦେହରେ ପଡିବାକୁ ହୁଏ ଯେ, ସୋନପୁରରୁ ମହାପ୍ରଭୁ ପୁରୀକୁ ପ୍ରତ୍ୟାବର୍ତ୍ତନର ସମୟ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରସଙ୍ଗ, ପ୍ରସଙ୍ଗ ଦୃଷ୍ଟିରୁ ୮୧୦-୮୨୦ ମସିହା। ଅର୍ଥାତ୍ ଯଯାତି (୨ୟ)ଙ୍କ ମନ୍ଦିର ନିର୍ମାଣର ୨୦୦ ବର୍ଷ ପୂର୍ବ। ଯଯାତି ୨ୟଙ୍କ ଜେଜେବାପା ଯଯାତି (୧ମ) ୯୫୦ ମସିହାରେ ସୋନପୁରରୁ ରାଜଧାନୀ ଉଠାଇ ଆଣିଥିଲେ ଅର୍ଥାତ୍ ତାଙ୍କର ଜନ୍ମ ହୋଇ ନ ଥିଲା ୮୧୯-୮୨୦ ମସିହା ବେଳକୁ। ତେଣୁ ତାଙ୍କର ଦି'ପୁରୁଷ ପୂର୍ବ କଥା। ତା ହେଲେ କ'ଣ ତାଙ୍କ ଦି' ପୁରୁଷ ପୂର୍ବରୁ କେହି ରାଜା ଯଯାତି ନାମରେ ଥିଲେ। ଯିଏ କି ୬୦୦-୬୧୫ ମସିହା ମଧ୍ୟରେ ନିର୍ମିତ ହୋଇଥିବା ୫ମ ମନ୍ଦିର ପରେ ହାରାହାରି ୧୪୪ ବର୍ଷ ପରେ ୮୧୯-୮୨୦ ମସିହାରେ ଷଷ୍ଠ ମନ୍ଦିର ନିର୍ମାଣ କରିଥିଲେ। ଏଇ ମଝି ୧୪୪ ବର୍ଷ ମହାପ୍ରଭୁ ମନ୍ଦିରରେ ନ ଥିବାରୁ ବୋଧହୁଏ ମନ୍ଦିରଟି ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟଭ୍ରଷ୍ଟ ହୋଇଯାଇଥିଲା, ଯାହାକି ୮୧୯-୮୨୦ ମସିହା ବେଳକୁ ମହାପ୍ରଭୁ ବିଜେ କରିବା ପାଇଁ ଅଳ୍ପ ସମୟ ମଧ୍ୟରେ ପଟୋଳ ଆକାରର ମନ୍ଦିରଟିଏ ନିର୍ମାଣ କରିବାକୁ ସେତିକି ବେଳର ରାଜା ଯଯାତି ନିର୍ଦ୍ଦେଶ ଦେଇଥିଲେ।

ଏଠାରେ ଦୁଇଟି କଥା ଉଠେ-

୧. ମାଦଳାପାଞ୍ଜି ଉଲ୍ଲେଖ କରିଥିବା ଯଯାତିଙ୍କୁ ଆମେ ଇତିହାସ ଦୃଷ୍ଟିରୁ ଚିହ୍ନିତ କରିପାରିନାହୁଁ।

୨. ଯଯାତି (୨ୟ)ଙ୍କ ପୂର୍ବ ୫ମ ପୁରୁଷରେ କେହି ରାଜା ପୁରୀର ଏହି ପଟୋଳକୁ ୮୧୯-୮୨୦ରେ ନିର୍ମିତ କରିଥିଲେ। ମାଦଳା ପାଞ୍ଜିରେ ତାଙ୍କୁ 'ଯଯାତି' ନାମରେ ବ୍ୟକ୍ତ କରାଯାଇଛି।

୩. କିମ୍ବା ପୂର୍ବରୁ ତିନି ପୁରୁଷରେ ନାଁ ବଦଳିବା ପରମ୍ପରା ଥିଲା, ଯଯାତି (୨ୟ)ଙ୍କ ଜେଜେବାପା ଯଯାତି (୧ମ) ହେଲା ଭଳି ତାଙ୍କ ଜେଜେବାପା ଯଯାତି (୨ୟ) ଥିଲେ ୮୧୯-୮୨୦ ମସିହା ବେଳକୁ;

୪. କିମ୍ବା ମହାପ୍ରଭୁ ସୋନପୁରରୁ ଆସିବା ବେଳେ ଆଦିଶଙ୍କରାଚାର୍ଯ୍ୟ ମୋଟେ ପୁରୀକୁ ଆସି ନ ଥିଲେ ?

ଏସବୁର ତର୍ଜମା କଲେ ଯଦି ୮୧୯-୮୨୦ ମସିହାରେ ପଟୋଳଟି ନିର୍ମିତ ହୋଇଥିବ ତାହା ବର୍ତ୍ତମାନର ମୂଳ ମନ୍ଦିର ସ୍ଥାନରେ ହୋଇଥିବ ଏବଂ ତାହା ଥିବ ମହାପ୍ରଭୁଙ୍କର ଷଷ୍ଠ ମନ୍ଦିର।

ମୂଳ ଜରାଜୀର୍ଣ୍ଣ ମନ୍ଦିରରେ ଶ୍ରୀପୁରୁଷୋତ୍ତମଙ୍କ ଆଗରେ ଚୋଡ଼ଗଙ୍ଗଦେବ ୧୧୨୮ ମସିହାରେ ନିଜର ପ୍ରଥମ ଅଙ୍କ ପ୍ରଚଳନ କରିଥିଲେ। ତେଣୁ ୧୦୧୦-୧୦୨୦ ମସିହା ମଧ୍ୟରେ ଯେଉଁ ମନ୍ଦିରଟି ନିର୍ମାଣ ହେବା କଥା ଡ. ରାଜଗୁରୁ ସମ୍ଭାବନା କରିଛନ୍ତି, ତାହା ସପ୍ତମ ମନ୍ଦିର। ଏହି ସପ୍ତମ ମନ୍ଦିରର ହାରାହାରି ୧୧୦ ବର୍ଷ ପରେ ଚୋଡ଼ଗଙ୍ଗଦେବ ତାହା ଦେଖି ମରାମତି କରିବାକୁ ଇଚ୍ଛା କରିଛନ୍ତି। ପରେ ମରାମତି ନ କରି ପୁନଃ ନିର୍ମାଣ ଆରମ୍ଭ କରିଛନ୍ତି। ସେହି ମନ୍ଦିରଟି ବର୍ତ୍ତମାନର ପରିଦୃଶ୍ୟମାନ ମନ୍ଦିର। ଏହା ମହାପ୍ରଭୁଙ୍କର ଅଷ୍ଟମ ମନ୍ଦିର।

**-ଡ. ସୁରେନ୍ଦ୍ର କୁମାର ମିଶ୍ର**





# ୩୭ଥର ବାହାର ଯାତ୍ରା କରନ୍ତି ଶ୍ରୀଦେବୀ ଓ ଭୂଦେବୀ



ଶ୍ରୀଦେବୀ

ଶ୍ରୀମନ୍ଦିର ରତ୍ନବେଦୀରେ ଉପାସିତ ହେଉଛନ୍ତି ଶ୍ରୀଦେବୀ ଓ ଭୂଦେବୀ। ଶ୍ରୀଜଗନ୍ନାଥଙ୍କ ଉପାସନାରେ ତାଙ୍କର ଭୂମିକା ଗୁରୁତ୍ୱଲାଭ କରିଛି। ମହାପ୍ରଭୁଙ୍କ ବାମପଟେ ଶ୍ରୀଦେବୀ ଓ ଡାହାଣପଟେ ଭୂଦେବୀ ବିଜେ କରିଛନ୍ତି। ରତ୍ନସିଂହାସନରେ ବିଜେ କରିଥିବା ଶ୍ରୀମାଧବ ଶାରଦୀୟ ଦୁର୍ଗାପୂଜା ଅବସରରେ ମହାପ୍ରଭୁଙ୍କ ଅନୁମତି (ଆଜ୍ଞାମାଳ) ନେଇ ରତ୍ନବେଦୀ ଛାଡ଼ିଥାନ୍ତି। ସେହିପରି ଶ୍ରୀଦେବୀ ଓ ଭୂଦେବୀ ମହାପ୍ରଭୁଙ୍କ ଅନୁମତି ନେଇ ୩୭ଥର ରତ୍ନବେଦୀ ଛାଡ଼ନ୍ତି। ମହାପ୍ରଭୁ ଶ୍ରୀମନ୍ଦିରରେ ନ ଥିଲାବେଳେ ଅର୍ଥାତ୍ ବାହାର ବିଜେ କଲାବେଳେ ବିନା ଅନୁମତିରେ ଶ୍ରୀଦେବୀ ଦୁଇଥର ରତ୍ନବେଦୀ ଛାଡି ବାହାରକୁ ବାହାରିଥାନ୍ତି।

ଚନ୍ଦନଯାତ୍ରା ସମୟରେ ୨୧ଦିନ ଧରି ଶ୍ରୀଦେବୀ ଓ ଭୂଦେବୀ ଚନ୍ଦନ ପୋଖରୀକୁ ମଣି ବିମାନରେ ଯାତ୍ରା କରିଥାନ୍ତି। ସରସ୍ୱତୀ ପୂଜାଦିନ ଆଜ୍ଞାମାଳ ପାଇବା ପରେ ଶ୍ରୀଦୋଳଗୋବିନ୍ଦଙ୍କ ସହିତ ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀଦେବୀ ବିଜେ କରିଥାନ୍ତି। ସେଇଠି ଫଗୁଖେଳ ନୀତିରେ ସେ ସାମିଲ ହୁଅନ୍ତି। ଫଗୁ ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ୪ଦିନ ଏହି ମଠକୁ ବିଜେ କରି ଚାଚେରି ଲୀଳା କରିଥାନ୍ତି। ଚୈତ୍ର ମାସ ପ୍ରତିପଦା ତିଥିରେ ମହାପ୍ରଭୁଙ୍କର ଅନ୍ୟତମ ପ୍ରତିନିଧି ଶ୍ରୀମଦନମୋହନଙ୍କ ସହିତ ବେଣ୍ଟ ଯାତ୍ରା କରିବା ପାଇଁ ନରେନ୍ଦ୍ର ପୋଖରୀକୁ ବିଜେ କରିଥାନ୍ତି। ଝୁଲଣ ଯାତ୍ରାବେଳେ ଝୁଲଣ ମୁଣ୍ଡି(ମଣ୍ଡପ)କୁ ୭ଦିନ ଧରି ଶ୍ରୀମଦନମୋହନଙ୍କ ସହ ବିଜେ କରନ୍ତି। ବ୍ରହ୍ମାସନ କୁହାଯାଉଥିବା ମୁକ୍ତିମଣ୍ଡପ ସ୍ଥାନଟି ଝୁଲଣବେଳେ ଝୁଲଣ ମଣ୍ଡପ ରୂପେ ବ୍ୟବହୃତ ହୋଇଥାଏ। ମାର୍ଗଶୀର ମାସ ଅମାବାସ୍ୟା ଶ୍ରୀମନ୍ଦିରରେ ଦେବ ଦୀପାବଳି ଭାବେ ପ୍ରସିଦ୍ଧ। ଏହା ତିନିଦିନ ଧରି ପାଳିତ ହୁଏ। ଶେଷଦିନ ଶ୍ରୀମଦନମୋହନଙ୍କ ସହିତ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରି ଜଗତ ମଙ୍ଗଳ ପାଇଁ କେତେକ ଲୀଳା କରିଥାନ୍ତି। ଏଥିମଧ୍ୟରେ ଜୀବିତ ଓ ମୃତ ମଣିଷଙ୍କ ମୁକ୍ତି ପାଇବାର ରହସ୍ୟ ଜଡ଼ିତ ଅଛି।



ଭୂଦେବୀ

# ଉପାସନାରେ ଜାତୀୟ ସଂହତି

ଶ୍ରୀଶ୍ରୀ ଜଗନ୍ନାଥଙ୍କର ଉପାସନା ମାନବିକ ମୂଲ୍ୟବୋଧକୁ ଆଧାରକରି ବିକାଶ ଲାଭ କରିଛି। ଜଗତ ଓ ଜଗନ୍ନାଥଙ୍କ ମଧ୍ୟରେ ଯେପରି କୌଣସି ପ୍ରଭେଦ ନାହିଁ, ଜଗତରେ ଦେହ ଧାରଣ କରିଥିବା ମଣିଷ ଓ ମହାପ୍ରଭୁଙ୍କ ମଧ୍ୟରେ ସେପରି କିଛି ପ୍ରଭେଦ ନାହିଁ। ଏହା ହିଁ ତାଙ୍କ ଉପାସନାର ସାମାଜିକ ବାର୍ତ୍ତା। ଯଥା ଦେହେ ତଥା ଦେବେ ଭାରତୀୟ ସନାତନ ପରମ୍ପରାରେ ପ୍ରତିଫଳିତ। ଏହି ଯାନିଯାତ୍ରା ହିଁ ଜାତୀୟ ସଂହତିର ଆଧାର ସ୍ତମ୍ଭ। ଏଥିରେ ଗହଣାଠାରୁ ପୋଷାକ, ହସ୍ତଶିଳ୍ପ, ଯାନବାହନ, କାଠର କାରୁକାର୍ଯ୍ୟ, ବାସନକୁସନ, ଫୁଲ, ପତ୍ର ଓ ପାରମ୍ପରିକ ଖାଦ୍ୟପେୟ ଜଡ଼ିତ ରହିଛି। ଜଡ଼ିତ ରହିବାର ରହସ୍ୟ ହେଉଛି ସମାଜରେ ସବୁ ବର୍ଗର ଲୋକେ ଉପାସନାର ନିକଟତର ହୋଇରହିବେ। ସମାଜରେ ସଂହତି ଓ ସହାବସ୍ଥାନ ପରମ୍ପରାର ଏହା ହେଉଛି ମୌଳିକ ସୂତ୍ର।



ମହାପ୍ରଭୁଙ୍କ ବସ୍ତ୍ର

**ଜାନୁୟାରୀ: ପୋଷାକ-** ଭାରତରେ ଋତୁ ଅନୁଯାୟୀ ବେଶପୋଷାକ ପରିଧାନ ପରମ୍ପରା ବହୁ ପ୍ରାଚୀନ। ଗୋଟିଏ ସଭ୍ୟ, ସଂସ୍କୃତିସମ୍ପନ୍ନ ଜାତିର ଆଭିଜାତ୍ୟ ଓ ସଂସ୍କାରର ସ୍ମାରକ ହେଉଛି ପୋଷାକ। କେବଳ ଜଳବାୟୁ ପରିବର୍ତ୍ତନକୁ ଲକ୍ଷ୍ୟକରି ଏହା ପ୍ରଚଳିତ ନୁହେଁ। ଏହା ପଛରେ ବୈଜ୍ଞାନିକ ଭିତ୍ତିଭୂମି ମଧ ରହିଛି। ମଣିଷଟିର ଶୀତରେ ଶୀତ ପୋଷାକ ଓ ଗରମରେ ହାଲ୍‌କା ପୋଷାକ ମର୍ଯ୍ୟାଦାର ସୀମା ମଧ୍ୟରେ ପରିଧାନ କଲାପରି ମହାପ୍ରଭୁ ମଧ ପରିଧାନ କରିଥାନ୍ତି।

**ଫେବୃୟାରୀ: ଗହଣା-** ଭାରତୀୟ ସଂସ୍କୃତିରେ ସୌନ୍ଦର୍ଯ୍ୟବୋଧ ପରମ୍ପରା ଖୁବ୍ ପ୍ରାଚୀନ। ଶାରୀରିକ ସୌନ୍ଦର୍ଯ୍ୟବୋଧ ପାଇଁ ପୋଷାକ ସହ ଗହଣା ବ୍ୟବହାର କରାଯାଏ। ସୁନା, ରୁପା, ହୀରା, ଲୀଳା, ମୋତି ଓ ମାଣିକ ପ୍ରଭୃତି ବିଭିନ୍ନ ଧାତୁରେ ଗହଣା ବିଭିନ୍ନ ରଙ୍ଗର ସୌନ୍ଦର୍ଯ୍ୟ ପାଇଁ ପିନ୍ଧାଯାଇଥାଏ। ମହାପ୍ରଭୁ ବର୍ଷକ ଭିତରେ ୫ଟି ସୁନାବେଶ ମଧ୍ୟରେ ଏବଂ ଅନ୍ୟାନ୍ୟ କେତେକ ବେଶରେ ବିଭିନ୍ନ ଧାତୁର ଗହଣା ପିନ୍ଧିଥାନ୍ତି।

**ମାର୍ଚ୍ଚ: ପାରମ୍ପରିକ ଖାଦ୍ୟ-** ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଚଳନ ରହିଛି। ଆଶ୍ଚର୍ଯ୍ୟ କଥା ଭାରତର ସବୁ ଅଞ୍ଚଳର ସାତ୍ତ୍ୱିକ ଖାଦ୍ୟ ଶ୍ରୀଜଗନ୍ନାଥଙ୍କ ଉପାସନାରେ ସାମିଲ ରହିଥିବା ଦେଖାଯାଏ। ପ୍ରତ୍ୟେକ ପ୍ରଦେଶର ଗୋଟିଏ ଗୋଟିଏ ପାରମ୍ପରିକ ଖାଦ୍ୟକୁ ଯଦି ଉଦାହରଣ ଭାବରେ ଗ୍ରହଣ କରି ଆଲୋଚନା କରିବା ତେବେ ଜାଣିହେବ ମହାପ୍ରଭୁଙ୍କ ପାଖରେ ପ୍ରଚଳିତ ଖାଦ୍ୟ ପରମ୍ପରା ମଧ ଜାତୀୟ ସଂହତିର ପ୍ରତୀକ।

**ଏପ୍ରିଲ:ଶୀତଳ ଭୋଗ-** ଶ୍ରୀଜଗନ୍ନାଥଙ୍କ ବାଳଭୋଗ ପରମ୍ପରାର ଐତିହ୍ୟ ଭକ୍ତି ଓ ଭାବର ନିଛକ ଉଦାହରଣ। ଏହି ଭୋଗରେ ରନ୍ଧାହୋଇଥିବା ଖାଦ୍ୟ ବଢ଼ାଯାଏ ନାହିଁ। ଶୁଖିଲା ବା ଶୀତଳ ଭୋଗ ବଢ଼ାଯାଏ। ଏଥିରେ କେତେକ ନିର୍ଦ୍ଦିଷ୍ଟ ପାରମ୍ପରିକ ଖାଦ୍ୟ ସାମଗ୍ରୀ ଅର୍ପଣ କରାଯାଏ। ଯାହା ଆୟୁର୍ବେଦ ବିଜ୍ଞାନ ଅନୁଯାୟୀ ସମର୍ଥିତ।

**ମେ: ବାସନକୁସନ-** ମହାପ୍ରଭୁଙ୍କ ଉପାସନାରେ ପାକଶାଳାରେ, ସ୍ନାନଯାତ୍ରାରେ, ରଥଯାତ୍ରା ଅବସରରେ, କୋଠଭୋଗ ବାଢ଼ିବା ବେଳରେ ଏବଂ ବିଜେ ପ୍ରତିମାମାନଙ୍କ ବାହାର ବିଜେ ସମୟରେ ସ୍ୱତନ୍ତ୍ର ଧରଣର ବାସନ ବ୍ୟବହାର କରାଯାଏ। ଏହି ବାସନଗୁଡ଼ିକ ପିତ୍ତଳ, କଂସା, ରୁପା ଓ ସୁନାରେ ନିର୍ମିତ ହୋଇଅଛି। ପ୍ରାଚୀନ ଭାରତୀୟ ପରମ୍ପରାରେ ବାସନ ମଧ ଏଥିରେ ଦେଖିବାକୁ ମିଳେ।



ଶ୍ରୀଜୀଉଙ୍କ ଅଳଙ୍କାର

**ଜୁନ୍: କାଠର କାରୁକାର୍ଯ୍ୟ-** ଶ୍ରୀଜଗନ୍ନାଥଙ୍କର ପୋଷାକଠାରୁ ଅଳଙ୍କାର ପର୍ଯ୍ୟନ୍ତ ସବୁକ୍ଷେତ୍ରରେ କାରୁକାର୍ଯ୍ୟର ପରାକାଷ୍ଠା ଦେଖାଯାଏ। ତାଙ୍କ ଉପାସନାରେ ବ୍ୟବହୃତ କାଠ ସାମଗ୍ରୀରେ ମଧ କାରୁକାର୍ଯ୍ୟ ଲକ୍ଷ୍ୟ କରାଯାଏ। ସେ ସ୍ୱୟଂ ଦାରୁବିଗ୍ରହ ରୂପ ଧାରଣ କରିଛନ୍ତି। ତାଙ୍କ ବ୍ୟବହାର ପାଇଁ ଶାସ୍ତ୍ର ଅନୁଯାୟୀ ନିର୍ଦ୍ଦିଷ୍ଟ କାଠରେ ପ୍ରସ୍ତୁତ ସାମଗ୍ରୀ ମଧ ସ୍ୱତନ୍ତ୍ର ନାମ ବହନ କରିଥାଏ।

**ଜୁଲାଇ: ଯାନବାହନ-** ଭାରତରେ ମନ୍ଦିରରୁ ମୂଳ ବିଗ୍ରହ ବାହାରକୁ ଯାନିଯାତ୍ରା କାଳରେ ଆସିବା ବିଶେଷ ଦେଖାଯାଏ ନାହିଁ। କିନ୍ତୁ ଶ୍ରୀଜଗନ୍ନାଥ ଧାମରେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ସ୍ୱୟଂ ରତ୍ନସିଂହାସନ ତ୍ୟାଗକରି ଜନଗଣଙ୍କ ମେଳକୁ ଓହ୍ଲାଇ ଆସନ୍ତି। ସେଥିପାଇଁ ସେ ବ୍ୟବହାର କରନ୍ତି ଯଥଯାନ। ତାଙ୍କ ବିଜେ ପ୍ରତିମାମାନେ ଚନ୍ଦନଯାତ୍ରାରେ ବ୍ୟବହାର କରନ୍ତି ମଣିବିମାନ ଓ ପାଲିଙ୍କି। ଅନ୍ୟ ବାହାର ବିଜେ କାଳରେ ମହାପ୍ରଭୁଙ୍କ ବିଜେପ୍ରତିମା ଚଉଦୋଳରେ ବିଜେ କରନ୍ତି।

**ଅଗଷ୍ଟ: କାରୁକାର୍ଯ୍ୟ-** ସୋଲର କାରୁକାର୍ଯ୍ୟ ଭାରତୀୟ ସୌନ୍ଦର୍ଯ୍ୟବୋଧର ଅନ୍ୟତମ ବିଭବ। ଦେଶରେ ଅନେକ ଅଞ୍ଚଳରେ ସୋଲ କାରୁକାର୍ଯ୍ୟ ଦେଖାଯାଏ। ଓଡ଼ିଶାର ପାରମ୍ପରିକ ସୋଲର କାରୁକାର୍ଯ୍ୟ ଶ୍ରୀଜଗନ୍ନାଥଙ୍କ ବେଶରେ ଦେଖାଯାଏ।

**ସେପ୍ଟେମ୍ବର: ହସ୍ତଶିଳ୍ପ କଳା-** ହାତତିଆରି ଶିଳ୍ପକଳାର ଚାତୁରି ଆଜି ବି ବିଶ୍ୱର ସୌନ୍ଦର୍ଯ୍ୟପିପାସୁଙ୍କୁ ଆସିବାକୁ ବାଧକରେ ଭାରତକୁ। ଭାରତର ହସ୍ତଶିଳ୍ପ କଳା ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଚିନ୍ତାନାୟକମାନଙ୍କୁ ବିମୁଗ୍ଧ କରିଆସିଛି। ମହାପ୍ରଭୁଙ୍କ ଉପାସନାରେ ହସ୍ତଶିଳ୍ପ କଳାର ଶ୍ରେଷ୍ଠ କୃତିମାନ ସାମିଲ ହୋଇଥିବା ଦେଖାଯାଏ।



ପାଲିଙ୍କିରେ ମଦନମୋହନ

**ଅକ୍ଟୋବର: କୋଠ ଭୋଗ:** ଶ୍ରୀଜଗନ୍ନାଥଙ୍କ ପୂଜା ଅବସରରେ 'କୋଠଭୋଗ' ପରମ୍ପରା ରହିଥିବା ଜଣାଯାଏ। ଓଡ଼ିଶାର ଗଜପତି ମହାରାଜାମାନେ ନିଜ ପକ୍ଷରୁ ସ୍ୱତନ୍ତ୍ର ଭାବରେ ସ୍ଥାବର ସମ୍ପତ୍ତି ଖଞ୍ଜାଦେଇ ଏହି ଭୋଗକୁ ପ୍ରଚଳନ କରିଥିଲେ। ଏଥିପାଇଁ ସ୍ୱତନ୍ତ୍ର ସେବକ ବ୍ୟବସ୍ଥା ମଧ କରିଥିଲେ। ସେମାନଙ୍କୁ 'କୋଠଭୋଗ ସୁଆର' ଓ କୋଠଭୋଗ ମହାସୁଆର କୁହାଯାଉଛି।

**ନଭେମ୍ବର: ଫୁଲ ଓ ପତ୍ର-** ଫୁଲ ହେଉଛି ଉପାସନାର ଅବିଚ୍ଛେଦ୍ୟ ଅଙ୍ଗ। ଷୋଡ଼ଶ ଉପଚାରର ପୂଜା କାଳରେ କେବଳ ଯେ ଫୁଲର ଆବଶ୍ୟକତା ଥାଏ, ତାହା ନୁହେଁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶ ପାଇଁ ଫୁଲ ହେଉଛି ମୁଖ୍ୟ ଆଧାର। ଦୈନିକ ନୀତି ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ପହଡ଼ ପର୍ଯ୍ୟନ୍ତ ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ହୋଇଥିବା ଫୁଲର ଆବଶ୍ୟକତା ରହିଛି। ଝୁଡ଼ାଫୁଲ ସହିତ ଫୁଲମାଳ, ହସ୍ତପଦକ, ହୃଦପଦକ, ଝୁମ୍ପା ପ୍ରଭୃତି ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରାଯାଏ। ଏଥିରେ ପତ୍ରର ବ୍ୟବହାର ମଧ ଦେଖାଯାଏ। ତୁଳସୀ, ଦୟଣା ଓ ମରୁଆପତ୍ର ମହାପ୍ରଭୁଙ୍କ ପୁଷ୍ପ ସମ୍ଭାରର ଗୁରୁତ୍ୱପୂର୍ଣ୍ଣ ବିଭବ। ସ୍ୱତନ୍ତ୍ର ପୁଷ୍ପ ବେଶ ମଧ ଖୁବ୍ ମନୋମୁଗ୍ଧକର।

**ଡିସେମ୍ବର: ମାଟି ନିର୍ମିତ ପାତ୍ର-** ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ବାଇହାଣ୍ଡି, ସମାଧିହାଣ୍ଡି, ମଠକୁଡୁଆ, ସରା, ଓଳି ଓ ତାଡ଼ ବ୍ୟବହୃତ ହୋଇଥାଏ। ଏଗୁଡ଼ିକ ମାଟିରେ ତିଆରି। ଏହା ଏକ ସ୍ୱତନ୍ତ୍ର ଶୈଳୀ ଓ ମାପରେ କୁମ୍ଭାର ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ରଥ ଉପରେ ସମର୍ପଣ ହେଉଥିବା ଅଧରପଣା ପାଇଁ ଏକ ସ୍ୱତନ୍ତ୍ର ହାଣ୍ଡି ନିର୍ମାଣ ହୁଏ,ଯାହାକୁ ଅଧରହାଣ୍ଡି କୁହାଯାଏ। ପ୍ରତ୍ୟେକ ମାଟି ନିର୍ମିତ ପାତ୍ର ପଛରେ ଗୋଟିଏ ଗୋଟିଏ ଐତିହ୍ୟ ରହିଛି।



ଠାକୁରଙ୍କ ପଲଙ୍କ ଓ ଶେଯ

ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ଦୀର୍ଘତମ ରଥପଥ ଛତିଆ ରଥଦାଣ୍ଡ

# ୧୧ କି.ମି. ଗଡ଼ି ଚାଲେ ମହାପ୍ରଭୁଙ୍କ ରଥ

ଦ୍ୱିତୀୟ ଶ୍ରୀକ୍ଷେତ୍ରଭାବେ ପରିଚିତ ଛତିଆଠାରେ ହେଉଥିବା ମହାପ୍ରଭୁଙ୍କ ରଥଯାତ୍ରା ଏକ ସ୍ୱତନ୍ତ୍ରତା ବହନ କରେ। ଛତିଆଠାରେ ଥିବା ରଥଦାଣ୍ଡ ଦେଶର ଦୀର୍ଘତମ ରଥଦାଣ୍ଡର ଆଖ୍ୟା ବହନ କରେ। ୧୧ କି.ମି. ପର୍ଯ୍ୟନ୍ତ ରଥ ଚାଲୁଥିବାରୁ ଏହାକୁ ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ଯେତିକି ଆବେଗ ଥାଏ ଏହାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ତରଫରୁ ପ୍ରସ୍ତୁତି ମଧ୍ୟ ସେତିକି ଜୋରଦାର ରହିଥାଏ।

ଛତିଆସ୍ଥିତ ଜଗନ୍ନାଥ ମନ୍ଦିରରୁ ବଡଘୁମୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀର୍ଘ ୧୧ କି.ମି. ରଥ ଟଣା ହେଉଥିବାରୁ ଏଠାରେ ଘୋଷଯାତ୍ରା ଶୀଘ୍ର ଆରମ୍ଭ ହୋଇଥାଏ। ପୁରୀ ଘୋଷ ଯାତ୍ରା ଆରମ୍ଭ ହେବାର ଦୁଇ ଘଣ୍ଟା ପୂର୍ବରୁ ଏଠାରେ ରଥଟଣା ଆରମ୍ଭ ହୋଇଥାଏ। ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ଛତିଆ ଜଗନ୍ନାଥ ମନ୍ଦିରରୁ ପୂର୍ବରୁ ଚମ୍ପାପୁର ପର୍ଯ୍ୟନ୍ତ ରଥଯାତ୍ରା ଅନୁଷ୍ଠିତ ହେଉଥିଲା। ତେବେ ଏହା ବନ୍ଦ ହେବା ପରେ ପୁନର୍ବାର ରଥଯାତ୍ରା କରିବା ପାଇଁ ଛତିଆ ଓଝା ପରିବାରକୁ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହୋଇଥିଲା। ସ୍ୱପ୍ନାଦେଶ ପରେ ୧୯୯୩ ମସିହାରେ ପୁରୀରୁ ଚତୁର୍ଦ୍ଧାମୂର୍ତ୍ତି

### ଗୋଟିଏ ରଥରେ ବିଜେ ହୁଅନ୍ତି ୩ ଠାକୁର

ପୁନର୍ବାର ଅଣାଯାଇ ଆରମ୍ଭ ହୋଇଥିଲା ରଥ ନିର୍ମାଣ। ତେବେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ଦୀର୍ଘ ୬ବର୍ଷ ପୂଜା ପାଇଥିଲେ ମଧ୍ୟ ରଥ ଗଡି ନ ଥିଲା। ୧୯୯୯ ମସିହାରେ ପ୍ରଥମ କରି ଏହି ରଥଯାତ୍ରା ଆରମ୍ଭ ହେଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶ ଓ ସ୍ୱପ୍ନାଦେଶ ପରେ ଏହା ସବୁଠାରୁ ଦୀର୍ଘପଥ ରଥଯାତ୍ରାରେ ପରିଣତ ହେଲା। ସେହିଦିନଠାରୁ ଛତିଆଠାରୁ ବଡଘୁମୁରୀ ପର୍ଯ୍ୟନ୍ତ ଏହି ଘୋଷଯାତ୍ରା ଅନୁଷ୍ଠିତ ହୋଇଆସୁଛି। ତେବେ ୧୯୯୯ରେ ୩ଟି ରଥରେ ପ୍ରଭୁ ଜଗନ୍ନାଥ, ବଳଦେବ ଓ ଭଉଣୀ ସୁଭଦ୍ରାଙ୍କୁ ଧରି ଘୋଷଯାତ୍ରା କରାଯାଉଥିଲା। ୩ ବର୍ଷପରେ ଆର୍ଥିକ ତଥା ସରଞ୍ଜାମର ଅଭାବ ଯୋଗୁ ୨୦୦୨ରୁ ୩ ଦିଅଁଙ୍କୁ ଗୋଟିଏ ରଥରେ ବସାଯାଇ ଘୋଷଯାତ୍ରା କରାଗଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଗୋଟିଏ ରଥ ଦୀର୍ଘ ୧୧ କି.ମି. ଅତିକ୍ରମ କରୁଥିବା କହିଛନ୍ତି ଏହାର ମୁଖ୍ୟ ପୁରୋଧା ଉପେନ୍ଦ୍ର ଓଝା।

ତେବେ ଏହାର ବିଶେଷତ୍ୱ ହେଲା ଏଠାରେ ପୂଜା ପାଉଥିବା ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିକୁ କୌଣସି ବ୍ରାହ୍ମଣ ପୂଜା କରି ନ ଥାନ୍ତି। ଏହା କେବଳ ସେହି ଓଝା ପରିବାରର ସଦସ୍ୟ ହିଁ ପୂଜା କରିଥାନ୍ତି। କେବଳ ରଥଯାତ୍ରା ସମୟରେ ବ୍ରାହ୍ମଣମାନେ ହିଁ ପୂଜା କରିଥାନ୍ତି। ପୁରୀରେ ମହାପ୍ରଭୁଙ୍କ ଘୋଷଯାତ୍ରା ଓ ବାହୁଡା ଯାତ୍ରା ଯେଉଁଭଳି ପାଳନ କରାଯାଏ ଏଠାରେ ମଧ୍ୟ ଠିକ୍ ସେହିଭଳି ପାଳନ କରାଯାଇଥାଏ। ମହାପୁରୁଷ ହାଡିଦାସଙ୍କ ମାଳିକାର ବର୍ଣ୍ଣନା ଅନୁଯାୟୀ ମହାପ୍ରଭୁ ଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡି ଆସିବେ ଏବଂ ଛତିଆରେ ତାଙ୍କର ଲୀଳା ଖେଳା ଆରମ୍ଭ କରିବେ। ସେହିଭଳି ଛତିଆଠାରୁ ବଡଘୁମୁରୀ ପର୍ଯ୍ୟନ୍ତ ବୃହତ୍ ବଡଦାଣ୍ଡରେ ହଜାର ହଜାର ଭକ୍ତ ସମାଗମ ହୋଇ ଏଠାରେ ରଥଯାତ୍ରା କରାଇବେ। ସେହି ମାଳିକା ଓ ପୌରାଣିକ କଥା କାହାଣୀକୁ ଆଧାର କରି ଦୀର୍ଘଦିନ ହେବ ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଏହି ରଥଯାତ୍ରା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଯାଜପୁର ଉପଜିଲାପାଳ



### ପୁରୀ ଘୋଷଯାତ୍ରାର ଦୁଇ ଘଣ୍ଟା ପୂର୍ବରୁ ଆରମ୍ଭ ହୁଏ ରଥ ଟଣା

ଓ ଦର୍ପଣ ତହସିଲଦାରଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ନିୟୋଜିତ ହେବାକୁ ପ୍ରଶାସନିକ ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଥିଲା। ତିନି ଜଣ ଇନ୍ସପେକ୍ଟରଙ୍କ ସମେତ ଦେଢ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ ବୋଲି ପ୍ରଶାସନ ତରଫରୁ ସୂଚନା ମିଳିଛି।

**– ପ୍ରଦୀପ୍ତ କୁମାର ପୃଷ୍ଟି, ସୌମ୍ୟରଞ୍ଜନ ସାହୁ**




## ଛେରା ପହଁରା କରନ୍ତି ଗାଁ ମୁଖିଆ

ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲାଉଥିବା କୋରାପୁଟ ସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ପାଳିତ ହେଉଥିବା ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି । ଏହି ରଥଯାତ୍ରାରେ ଆଦିବାସୀ ସଂସ୍କୃତିର ମହାମିଳନ ଦେଖିବାକୁ ମିଳେ, ଯେଉଁଠି ଗ୍ରାମ ମୁଖିଆ ତଥା ନାୟକଙ୍କୁ ରାଜାର ସମ୍ମାନ ଦିଆଯାଇଥାଏ । ପୁରୀ ଶ୍ରୀକ୍ଷେତ୍ର ଧାମରେ ଯେପରି ଗଜପତି ମହାରାଜା ରଥରେ ଛେରାପହଁରା କରନ୍ତି, ଠିକ୍ ସେହିପରି ଶାବର ଶ୍ରୀକ୍ଷେତ୍ରରେ କୁମ୍ଭା ଗ୍ରାମର ମୁଖିଆଙ୍କୁ ରାଜାଙ୍କ ଭଳି ସମ୍ମାନ ଦିଆଯାଇଥାଏ । ସେ ରାଜାଙ୍କ ଭଳି ରଥରେ ଛେରାପହଁରା କରନ୍ତି। ଶାବର ଶ୍ରୀକ୍ଷେତ୍ର ରଥଯାତ୍ରାରେ ଯୋଗଦେବା ପାଇଁ କୋରାପୁଟ ଜିଲାର ସମସ୍ତ ଆଦିବାସୀ ଗ୍ରାମକୁ ମନ୍ଦିର ପରିଚାଳନା କମିଟି ସ୍ୱତନ୍ତ୍ର ଗୁଆ ନିମନ୍ତ୍ରଣ ପଠାଇଥାଏ । ରଥଟଣା ପୂର୍ବରୁ ସମସ୍ତ ଗ୍ରାମ ମୁଖିଆଙ୍କୁ ଜିଲାପାଳ ଶିରୋପା ବାନ୍ଧି ସମ୍ମାନିତ କରିଥାନ୍ତି। ଏଠାକାର ରଥଯାତ୍ରାରେ ରାଜ୍ୟର ସବୁଠାରୁ ଅଧିକ ଆଦିବାସୀ ଭକ୍ତଙ୍କ ସମାଗମ ହୋଇଥାଏ। ଆଦିବାସୀମାନେ ନିଜ ବାଡିରୁ ଅମଳ ହୋଇଥିବା ଫଳ, ଫୁଲ ଧରି ରଥଯାତ୍ରାରେ ପହଞ୍ଚି ପ୍ରଥମେ ଶ୍ରୀଜୀଉଙ୍କୁ ସମର୍ପଣ କରିବା ପରେ ଅନ୍ୟ ଭୋଗ ଲାଗି ହୋଇଥାଏ। ସେହିପରି ବାହୁଡ଼ା ଦିନ ବଡ଼ଦାଣ୍ଡ ଅଧାବାଟରେ ଟାଉନ ଥାନା ପୋଲିସ ଅଧିକାରୀଙ୍କ ପୁରୁଣା ବାସଭବନଠାରେ ରଥ ରହିବା ପରେ ଶ୍ରୀଜୀଉଙ୍କୁ ଛେନାପୋଡ଼ ଓ ପଣା ଭୋଗ ଦିଆଯିବାର ଅନନ୍ୟ ପରମ୍ପରା ରହିଛି। ସବୁଥର ଶାବର ଶ୍ରକ୍ଷେତ୍ରରେ ଗୋଟିଏ ରଥ ତିଆରି କରାଯାଉଥିବାବେଳେ ସେଥିରେ ଚତୁର୍ଦ୍ଧା ମୂରତିଙ୍କୁ ବିଜେ କରାଯାଇ ରଥ ଟଣାଯାଏ। କିନ୍ତୁ ଚଳିତ ବର୍ଷ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପ୍ରଥମର ଥର ପାଇଁ ୩ଟି ରଥ କରାଯାଇଛି। ଏଥର ସୁଭଦ୍ରାଙ୍କ ରଥ କେବଳ ମହିଳାମାନେ ଟାଣିବେ। ସେହି ରଥରେ ୨ ଜଣ ମହିଳା ଡାହୁକ ରହିବେ। ସେହିପରି ଜଗନ୍ନାଥଙ୍କ ରଥରେ ଆଦିବାସୀ ରଙ୍ଗବାଲି କୁମ୍ଭାର ଦାସୀ ନାୟକ ଛେରାପହଁରା କରିବାକୁ ଥିବାବେଳେ ବଳଭଦ୍ରଙ୍କ ରଥରେ ଜିଲାପାଳ ଓ ସୁଭଦ୍ରାଙ୍କ ରଥରେ ଏସ୍‌ପି ଛେରାପହଁରା କରିବେ ବୋଲି ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି ।

**–ଅମିତାଭ ବେହେରା, କୋରାପୁଟ**

## ମହାପ୍ରଭୁଙ୍କ ମାନବୀୟ ଲୀଳା...

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ଅନ୍ୟତମ । ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ଏହି ଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ନିଜ ଜନ୍ମଭୂମିକୁ ଯାଇଥାନ୍ତି । ହେଲେ ସାଙ୍ଗରେ ପ୍ରାଣପ୍ରିୟା ମହାଲକ୍ଷ୍ମୀଙ୍କୁ ନେଇ ନ ଥାନ୍ତି । ଅଭିମାନିନୀ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇଉଠନ୍ତି । ତେଣୁ ରଥଯାତ୍ରାର ପଞ୍ଚମ ଦିନରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି । ମା' ମହାଲକ୍ଷ୍ମୀଙ୍କର ଏହି ଯାତ୍ରାକୁ ହେରାପଞ୍ଚମୀ ଯାତ୍ରା କୁହାଯାଏ । ହେରାପଞ୍ଚମୀ ମହାପ୍ରଭୁଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଉଦାହରଣ ।

ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଏହିଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ । ଭଣ୍ଡାର ଘରେ ବିଜେ କରିଥିବା ଲକ୍ଷ୍ମୀ ଠାକୁରାଣୀଙ୍କୁ ମାଜଣା କରାଯାଏ । ମାଜଣା ବଢି ବନକଲାଗି ସରିବା ପରେ ମହାଲକ୍ଷ୍ମୀ ପାଟ ପିନ୍ଧି ଅଳଙ୍କାରରେ ବିଭୂଷିତ ହୁଅନ୍ତି । ଏହାପରେ ପନ୍ତି ଭୋଗ ହୋଇଥାଏ । ଭୋଗ ବଢିବା ପରେ ଲକ୍ଷ୍ମୀ ଠାକୁରାଣୀ ବଟବୃକ୍ଷ ମୂଳରେ ରଖାଯାଇଥିବା ବିମାନରେ ବିଜେ ହୁଅନ୍ତି । ଆଡମ୍ବର ସହକାରେ ବିମାନକୁ ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ବାଟେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଥିବା ନନ୍ଦିଘୋଷ ରଥ ନିକଟକୁ ନିଆଯାଏ । ସେଠାରେ ପତିମହାପାତ୍ର ସେବକଙ୍କ ଦ୍ୱାରା ମା'ଙ୍କ ପାଖରେ ପ୍ରସାଦ ଲାଗି ବନ୍ଦାପନା ଓ ଚାମର ଆଲଟ ବିଧି ଅନୁଷ୍ଠିତ ହୋଇଥାଏ । ଏଥିସହ ଘଷା ବିଡ଼ିଆ ଓ ଦହିପଟି ମଣୋହି ହୋଇଥାଏ । ଏହି ସମୟ ମଧ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ଦିଅଁମାନଙ୍କର ମଧ୍ୟାହ୍ନ ଧୂପ ବଢି ଶାଢି ଲାଗି ହୋଇ ଆଳତି ସରିଥାଏ । ଏହାପରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ପଞ୍ଚାମୃତ ମହାସ୍ନାନ ବଢିବା ପରେ ତିନିବାଡ଼ରେ ସର୍ବାଙ୍ଗ ହୋଇ ବେଶ ବଢ଼େ । ମହାପ୍ରଭୁଙ୍କର ସନ୍ଧ୍ୟା ଧୂପ ପୂଜା ବସିଥିବା ସମୟରେ ମହାଲକ୍ଷ୍ମୀ ଠାକୁରାଣୀ ରଥପାର୍ଶ୍ୱର ନୀତି ସମାପନ କରି ଜଗମୋହନ ଜୟବିଜୟ ଦ୍ୱାର ନିକଟକୁ ଆସିଥାନ୍ତି । ମହାଲକ୍ଷ୍ମୀ ବିମାନରେ ଥାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ସମୟରେ ପତିମହାପାତ୍ର ସେବକ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ମହାଲକ୍ଷ୍ମୀଙ୍କୁ ପ୍ରଦାନ କରିଥାନ୍ତି । ପୂଜା ବଢିବା ପରେ ମା'ଙ୍କ ବିମାନ ଜଗମୋହନରୁ ବାହାରି ନାକଚଣା ଦ୍ୱାର ପାଖରେ ରଖାଯାଏ । ସେଠାରେ ଭିତରଚ୍ଛ ମହାପାତ୍ର ବନ୍ଦାପନା ଓ ମଣୋହି ବଢ଼ାନ୍ତି । ଏସବୁ ନୀତି ବଢ଼ିବା ପରେ ମହାଲକ୍ଷ୍ମୀ ଠାକୁରାଣୀଙ୍କ ବିମାନକୁ ଶ୍ରୀଜଗନ୍ନାଥଙ୍କ ରଥ ନିକଟକୁ ନିଆଯାଇ ରଥ କାଠ ଖଣ୍ଡିଏ ଭାଙ୍ଗି ଦିଆଯିବା ପରେ ହେରାଗୋହିରୀ ସାହି ବାଟଦେଇ ଶ୍ରୀମନ୍ଦିରକୁ ନିଆଯାଏ ।

ହେରାପଞ୍ଚମୀ ଯାତ୍ରା ସମ୍ବନ୍ଧରେ ଆଖ୍ୟାୟିକାଟିଏ ବି ରହିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ରଥରେ ଗୁଣ୍ଡିଚା ମନ୍ଦିରକୁ ମହାଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ସେ ତାଙ୍କ ଦୁଃଖକୁ ଭଉଣୀ ଦେବୀ ବିମଳାଙ୍କୁ ଜଣାଇଛନ୍ତି । ଏହାଶୁଣି ଦେବୀ ବିମଳା କହିଲେ–ତୁମେ ମୋ କଥା ଶୁଣ । ଯଦି ସ୍ୱାମୀ କେବେ ବିବେକଶୂନ୍ୟ କର୍ମ କରନ୍ତି ତେବେ ତାଙ୍କ ପାଇଁ ଉଚ୍ଚାଟନ କର୍ମ କରିବା ସର୍ବତ୍ର ପ୍ରସିଦ୍ଧ ଓ ଏହା ମଧ୍ୟ ଯୁକ୍ତିଯୁକ୍ତ । ତେଣୁ ହେ ସୁରେଶ୍ୱରୀ ! ତୁମେ ତୁମ ସ୍ୱାମୀ ଥିବା ସ୍ଥାନକୁ ଗମନ କର । ମହାପ୍ରଭୁଙ୍କୁ ବାହୁଡେଇ ନେବା ପାଇଁ ମହାଲକ୍ଷ୍ମୀ ଠାକୁରାଣୀ ରଥଯାତ୍ରାର ପଞ୍ଚମ ଦିନରେ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୁପ୍ତରେ ଯାଇ ପ୍ରଭୁଙ୍କୁ ଦର୍ଶନ କରି ମୋହାଞ୍ଜନ ନିକ୍ଷେପ ପୂର୍ବକ ବଶୀଭୂତ କରିଥିବାରୁ ତା' ପରଦିନ ରଥକୁ ଦକ୍ଷିଣାଭିମୁଖୀ କରିବା ପାଇଁ ସ୍ୱୟଂ ମହାପ୍ରଭୁ ଆଦେଶ ଦିଅନ୍ତି ।

–ପ୍ରସ୍ତୁତି: **ବୀରଭଦ୍ର ବିଶ୍ୱାଳ, ହେମନ୍ତ ନାୟକ, ପ୍ରଭାତ ପାଣିଗ୍ରାହୀ**
–ଅଳଙ୍କରଣ: **ନବକୃଷ୍ଣ ସାହୁ**





















ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ। -ଗୁରୁ ନାନକ

## ସଂକ୍ଷେପରେ

### ପୁନରୁଦ୍ଧାର ପରେ ପଞ୍ଚାୟତ ଅଫିସ ଉଦ୍‌ଘାଟିତ

ରେଙ୍ଗାଲି,୩।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପୁନରୁଦ୍ଧାର କରାଯାଇ ଉଦ୍‌ଘାଟନ କରାଯାଇଛି। ବୁଧବାର ବୀର ସୁରେନ୍ଦ୍ର ସାଏଙ୍କ ଦୟାଦ ତଥା ପୂର୍ବତନ ଖିଣ୍ଡା ସରପଞ୍ଚ ଲାଲଫକୀର ସାଏ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରେଙ୍ଗାଲି ବିଡିଓ ଶଙ୍କର ପ୍ରସାଦ ସାହୁ, ଏବିଡିଓ ରବୀନ୍ଦ୍ର ରଣା, ପଞ୍ଚାୟତ ନିର୍ବାହୀ ଅଧିକାରୀ ନଟବର ନାଏକ, ଖିଣ୍ଡା ସରପଞ୍ଚ ନୀଳାବତି ଓରାମ, ସମିତିସଭ୍ୟା କମଳିନୀ ରାଏ, ପୂର୍ବତନ ସରପଞ୍ଚ ଶଶୀ ମେହେର, ସ୍ୱେଚ୍ଛାସେବୀ ସଂଗଠନ ମାତୃଭୂମି ସଭାପତି ହେମନ୍ତ କୁମାର ପାଣ୍ଡେଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପୁନରୁଦ୍ଧାରରେ ୫ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି।

# ଜିଲାରେ କମିଛି ମ୍ୟାଲେରିଆ, ଡେଙ୍ଗୁ ରୋଗୀ ସଂଖ୍ୟା

ସମ୍ବଲପୁର,୩।୭(ବ୍ୟୁରୋ)

ସମ୍ବଲପୁର ଜିଲାରେ ପ୍ରତିବର୍ଷ ମ୍ୟାଲେରିଆ, ଡେଙ୍ଗୁରୋଗୀ ସଂଖ୍ୟା କମୁଛି। ସଚେତନତା ଓ ନିରାକରଣ ଦିଗରେ ନିଆଯାଉଥିବା ପଦକ୍ଷେପ ଯୋଗୁ ରୋଗୀସଂଖ୍ୟା କମୁଥିବା ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ବୈଠକରେ ଅଧିକାରୀମାନେ କହିଛନ୍ତି। ଆଶାକର୍ମୀ ଘର ଘର ବୁଲି ସଚେତନ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶାରି ବଣ୍ଟନ କରାଯାଉଛି। ଅଙ୍ଗନୱାଡି, ସ୍କୁଲଗୁଡ଼ିକରେ ବୈଠକ କରାଯାଉଛି। ତେଣୁ ରୋଗୀ ସଂଖ୍ୟା ହ୍ରାସ ପାଉଛି।



ସମ୍ବଲପୁର ଜିଲାପାଳ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲାପାଳ ଶୁଭମ ସକସେନା ଓ ଅନ୍ୟ ଅଧିକାରୀ।

ସିଡିଏମ୍‌ଓ ପଙ୍କଜିନୀ ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଶୁଭମ ସକସେନା ଯୋଗଦେଇ କହିଥିଲେ ଯେ ଜିଲାରେ ମ୍ୟାଲେରିଆ, ଡେଙ୍ଗୁ ରୋଗ ନିୟନ୍ତ୍ରଣ କରିବାରେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏ ଦିଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିଛି ବୋଲି ସକସେନା କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ ପଞ୍ଚାନନ ନାଏକ, ଡା. ଆଶୋକ ଦାସ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୫ ବର୍ଷର ରିପୋର୍ଟ ଅନୁସାରେ ୨୦୧୪ରେ ୨୦ହଜାର ୪୮୨ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହା କ୍ରମାଗତ ଭାବେ କମି ୨୦୧୯ ଜୁନ ସୁଦ୍ଧା ମାତ୍ର ୧୪ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କାହରି ମୃତ୍ୟୁ ହୋଇନାହିଁ। ସେହପରି ୨୦୧୮ରେ ୧୨ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲା। ହେଲେ ୨୦୧୯ ଜୁନ ସୁଦ୍ଧା ଜଣେ ହେଲେ ବି ରୋଗୀ ଚିହ୍ନଟ ହୋଇନାହାନ୍ତି। ୨୨୮୬ ଜଣ ଡାଇରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି ବୋଲି ବୈଠକରେ ସୂଚନା ଦିଆଯାଇଛି।

### ବିଏସ୍‌ଏନ୍‌ଏଲ୍ ଅସ୍ଥାୟୀ କର୍ମଚାରୀଙ୍କ ଧାରଣା

ସମ୍ବଲପୁର,୩।୭(ବ୍ୟୁରୋ)

ବିଭିନ୍ନ ଦାବି ନେଇ ବିଏସ୍‌ଏନ୍‌ଏଲ୍ ଅସ୍ଥାୟୀ କର୍ମଚାରୀମାନେ ବିଏସ୍‌ଏନ୍‌ଏଲ୍ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ବୁଧବାର ଧାରଣା ତୃତୀୟ ଦିନରେ ପହଞ୍ଚିଛି। ଜିଲା ସମ୍ପାଦକ ସୁରେଶ ବଡ଼ୋଇଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ସଭା ହୋଇଥିଲା। ୧୩୦ ଅସ୍ଥାୟୀ କର୍ମଚାରୀ ଏଥିରେ ଯୋଗଦେଇଛନ୍ତି। ରାଜ୍ୟ ସମ୍ପାଦକ ମହେଶ୍ୱର ଷଣ୍ଢ, ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ଜିଲା ଶାଖା ସମ୍ପାଦକ ଫଗନୁ ବାଗ, ଭଗତ ସିଂ, ରଙ୍କନିଧି ଦେହୁରୀ, ଯୋଗେନ୍ଦ୍ର ସାଗର, ବିଜୟ ଭୋଇ, ଶ୍ରୀମନ୍ତ ସୁନାନୀ, ବାବୁଲାଲ ଛତର ପ୍ରମୁଖ ୭ଦଫା ଦାବିପତ୍ର ଟେଲେକମ୍ ମହାପ୍ରବନ୍ଧକଙ୍କୁ ପ୍ରଦାନ କରିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ପରେ ଧାରଣା ସ୍ଥଗିତ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଡାକଘର ଜେନେରେଟର ଅଚଳ, ଗ୍ରାହକ ହନ୍ତସନ୍ତ

କୁଚିଣ୍ଡା,୩।୭(ଡି.ଏନ୍.ଏ.)

କୁଚିଣ୍ଡା ମୁଖ୍ୟ ଡାକଘର ଜେନେରେଟର ଅଚଳ ହୋଇଯାଇଥିବାରୁ ଗ୍ରାହକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଡାକଘର ଉପରେ ଅଞ୍ଚଳର ବହୁ ଲୋକ ନିର୍ଭର କରନ୍ତି। ହେଲେ ବିଦ୍ୟୁତ୍‌ର ଲୁଚକାଳି ଖେଳ ସାଙ୍ଗକୁ ଦୀର୍ଘ ସମୟ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ କୁଚିଣ୍ଡା ଉପଖଣ୍ଡ ମୁଖ୍ୟ ଡାକଘରକୁ କିଛିବର୍ଷ ହେବ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଜେନେରେଟର ସେଟ୍ ଯୋଗାଇ ଦିଆଯାଇଥିଲା। ତେବେ ଜେନେରେଟରଟି ଗତ ଦୁଇମାସରୁ ଅଧିକ ସମୟ ହେବ ଅଚଳ ହୋଇ ପଡ଼ିରହିଛି। ଫଳରେ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଏ ନେଇ ଉପଖଣ୍ଡ ମୁଖ୍ୟ ଡାକଘର ପୋଷ୍ଟ ମାଷ୍ଟର ଛତ୍ରପତି ବେହେରାଙ୍କୁ ପଚାରିବାରୁ କହିଲେ, ମୁଁ ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇ ସାରିଛି। ହେଲେ ଏଯାଏ ମରାମତି କରାଯାଇ ନାହିଁ। କମ୍ପାନୀ ଟେକ୍ନିସିଆନଙ୍କୁ ଖବର ଦିଅ, ସେମାନେ ଆସି ମରାମତି କରିଦେବେ ବୋଲି ଅଧିକାରୀ କହିଥିବା ବେହେରା ପ୍ରକାଶ କରିଛନ୍ତି।



ଅଚଳ ହୋଇ ପଡ଼ିଥିବା ଡାକଘର ଜେନେରେଟର।

### କେନ୍ଦୁପତ୍ର ଚୋରାଚାଲାଣ, ୪ ଗିରଫ

ରେଢ଼ାଖୋଲ,୩।୭(ଡି.ଏନ୍.ଏ.)

ସାଇକେଲ ଯୋଗେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଚାରମାଳ ରେଞ୍ଜ ବନ କର୍ମଚାରୀ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୪ ସାଇକେଲ ଓ ୩୭ ବିଡ଼ା କେନ୍ଦୁପତ୍ର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚାରମାଳ ଥାନା ଅନ୍ତର୍ଗତ ହେଲେଇ ଗ୍ରାମର ସାରଥି ସେଠୀ (୪୨), ଗିରିଧିଖମଣ ଗ୍ରାମର ବଳରାମ ବେହେରା (୫୦), କେଶବ ବେହେରା (୪୫) ଓ ଚାରମାଳ ଗ୍ରାମର ଟୁନା ବେହେରା (୩୬) ବୋଲି ରେଞ୍ଜ ଅଧିକାରୀ ହରେଶ କିଷାନ କହିଛନ୍ତି। ଏମାନେ ନିକଟସ୍ଥ ଗ୍ରାମଗୁଡ଼ିକରୁ ସାଇକେଲ ଯୋଗେ କେନ୍ଦୁପତ୍ର ବୋଝେଇ କରି ବଂଶାଜାଲ ପଞ୍ଚାୟତ କୋଇଲିପଦର ଗ୍ରାମ ନିକଟ ନାଳ ପାଖରେ ଗଚ୍ଛିତ କରୁଥିଲେ। ପରେ ଏହାକୁ ଟ୍ରକ୍ ଯୋଗେ ରାଜ୍ୟ ତଥା ରାଜ୍ୟ ବାହାରକୁ ଚାଲାଣ କରିବାକୁ ଯୋଜନା କରିଥିଲେ। ଖବର ପାଇ ରେଞ୍ଜ ଅଧିକାରୀଙ୍କ ସହ ଫରେଷ୍ଟର ଅନୀଲ କିଷାନ ଓ ଅନ୍ୟ କର୍ମଚାରୀମାନ ସେଠାରେ ଚଢ଼ାଉ କରି ଏମାନଙ୍କୁ ଗିରଫ କରିଥିଲେ। ଏ ନେଇ ଚାରମାଲ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଡିଜେଏମ୍ ଅଞ୍ଜଳି ମାଛଖଣ୍ଡ ଜାମିନ ଆବେଦନ ଶୁଣାଣି ପାଇଁ ଆସନ୍ତା ୫ ତାରିଖ ଧାର୍ଯ୍ୟ କରିଛନ୍ତି।

### ଜିଲାସ୍ତରୀୟ ପାଠଚକ୍ର ସମ୍ମିଳନୀ

## ଯୋଗଦେଲେ ୫ଶହ ଶିକ୍ଷୟିତ୍ରୀ, ଶିକ୍ଷକ


ବୁଧବାର ସମ୍ବଲପୁରରେ ଜିଲାସ୍ତରୀୟ ପାଠଚକ୍ର ସମ୍ମିଳନୀରେ ଯୋଗଦେଇଥିବା ପ୍ରତିନିଧିମାନେ।

ସମ୍ବଲପୁର,୩।୭(ବ୍ୟୁରୋ)

ଜିଲାସ୍ତରୀୟ ପାଠଚକ୍ର ସମ୍ମିଳନୀ ବୁଧବାର ସମ୍ବଲପୁର ଶ୍ରୀଅରବିନ୍ଦ କର୍ମ ମନ୍ଦିର ମାତୃ ନିବାସରେ ଅନୁଷ୍ଠିତ ହୋଇଛି। ପଶ୍ଚିମ ଓଡ଼ିଶାର ୪୨ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର (ଶ୍ରୀଅରବିନ୍ଦ ସ୍କୁଲ)ର ୫ଶହ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଯୋଗଦେଇଥିଲେ। ଅଶୋକ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ପାଠଚକ୍ର ହୋଇଥିଲା। ରାଜ୍ୟ ସଂଗଠକ ଗଦାଧର ମିଶ୍ର, ପ୍ରସାଦ ତ୍ରିପାଠୀ, କପିଳପ୍ରସାଦ ଦାଶ, ବ୍ରଜମୋହନ ବେହେରା, କପିଳ ପଣ୍ଡା, କୃଷ୍ଣଚନ୍ଦ୍ର ବାବୁ, ମନୋରଞ୍ଜନ ପଟ୍ଟନାୟକ ବକ୍ତାଭାବେ ଯୋଗଦେଇଥିଲେ। ଶିକ୍ଷା ଓ ଶିକ୍ଷଣୀୟ ପଦ୍ଧତି, ସ୍କୁଲ ପରିଚାଳନା ବିଷୟରେ ଆଲୋଚନା କରାଯାଇଥିଲା। ଗୁଣରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ଡ୍ରାଇଭରଙ୍କୁ ମାଡ଼ମାରି ଲୁଟ୍ ଘଟଣାରେ ୨ ଗିରଫ

ରେଙ୍ଗାଲି,୩।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ ଜୁନାଡିହି ବ୍ରିଜଠାରେ ଏକ ହାଇୱା ଡ୍ରାଇଭରଙ୍କୁ ମାଡ଼ମାରି ଟଙ୍କା, ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗରେ ପୋଲିସ ବୁଧବାର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା କୋଲାବିରା ଅଞ୍ଚଳର ପ୍ରଦୀପ ବୁଡୁଲା (୨୪) ଏବଂ ଜୁନାଡିହି ଗ୍ରାମର ଅମିତ ମିର୍ଦ୍ଧା (୨୬)। ଗତ ୧ ତାରିଖ ଅପରାହ୍ଣ ୩ଟାରେ ପ୍ରଦୀପ ଏବଂ ଅମିତ ବାଇକ (ନଂ. ଓଆର୍‌୧୫-ଇ୯୪୧୯)ରେ ଆସି ପୁରୁଣା ରାଞ୍ଚି ରାସ୍ତାର ଜୁନାଡିହି ବ୍ରିଜ ଉପରେ ହାଇୱା (ନଂ. ଓଆର୍‌୨୩-ଇ୮୬୦୧)କୁ ଅଟକାଇଥିଲେ। ଡ୍ରାଇଭରଙ୍କୁ ଆକ୍ରମଣ କରି ତାଙ୍କଠାରୁ ଲୁଟପାଟ କରିଥିଲେ। ଏହି ଘଟଣାରେ ପୋଲିସ ମାମଲା (ନଂ. ୯୨/୧୯) ରୁଜୁ କରି ତଦନ୍ତ କରୁଥିଲା। ଥାନା ଅଧିକାରୀ ଅଜୟ ଜେନା ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ବୁଧବାର ପ୍ରଦୀପ ଓ ଅମିତଙ୍କୁ ଗିରଫ କରି ସେମାନଙ୍କଠାରୁ ଲୁଟ୍ ମୋବାଇଲ ଏବଂ ଟଙ୍କା ଉଦ୍ଧାର କରିଥିଲେ। ଏଥିସହ ଲୁଟ୍‌ରେ ବ୍ୟବହୃତ ବାଇକ୍‌କୁ ପୋଲିସ ଜବତ କରିଛି।

## ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପୁଷ୍ଟି ବଗିଚା ପାଇଁ ତାଲିମ

ନାକଟିଦେଉଳ,୩।୭(ଡି.ଏନ୍.ଏ.)

ନାକଟିଦେଉଳ ବ୍ଲକରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବ୍ୟାପକ ପୁଷ୍ଟି ବଗିଚା ସୃଷ୍ଟି କରାଯିବ। ବାଟଗାଁ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ସ୍ଥାନ ଚିହ୍ନଟ କରାଯାଇ ମଙ୍ଗଳବାର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ତାଲିମ ପ୍ରଦାନ କରାଯାଇଛି। ଓଡ଼ିଶା ଜୀବିକା ମିଶନର ବିପିନ କୁମାର ବାଗ ମହିଳାମାନଙ୍କୁ ଜମି ପ୍ରସ୍ତୁତି ପ୍ରଣାଳୀ ସହ ଅନ୍ୟାନ୍ୟ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ମେଥୋଡିୟସ ଲାକ୍ରା, ଜିପିଇଓ ପ୍ରଜ୍ଞା ପାଣିଗ୍ରାହୀ, ଜୀବିକା ମିଶନ ବ୍ଲକ ସଂଯୋଜକ ଦେବକୀ ବିଶ୍ୱାଳ, ବାଟଗାଁ ସରପଞ୍ଚ ବେଦମତୀ କିଷାନ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ସଦସ୍ୟା ତାଲିମ ଗ୍ରହଣ କରିଥିଲେ। ଆଗାମୀ ଦିନରେ ବ୍ଲକର ସମସ୍ତ ପଞ୍ଚାୟତରେ ଏପରି ପୁଷ୍ଟି ବଗିଚା ପାଇଁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ପର୍ଯ୍ୟାୟ କ୍ରମେ ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଆବାସ ଯୋଜନା ହିତାଧିକାରୀ ଚୟନରେ ଦୁର୍ନୀତି

ଚିପିଲିମା,୩।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କର୍ଡୋଲା ପଞ୍ଚାୟତ ମରାଙ୍ଗୋଲା ଗ୍ରାମରେ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ଘର ପାଇବାରୁ ବଞ୍ଚିତ ଗ୍ରାମର ଅନେକ ଗରିବ, ଶ୍ରମିକ ତଥା ମାଟିଘର ଥିବା ଲୋକେ ପଞ୍ଚାୟତ ଅଫିସରେ ଆବେଦନ କରିଥିଲେ। ପ୍ରକାଶିତ ତାଲିକାରେ ସେମାନଙ୍କ ନାମ ଥିବାବେଳେ କେତେଜଣ ଅଧିକାରୀ ଆସି ଯାଞ୍ଚ କରି ମଧ୍ୟ ଯାଇଥିଲେ। ହେଲେ ଫାଇନାଲ ତାଲିକାରୁ ସେମାନଙ୍କ ନାମ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ହିତାଧିକାରୀ ଚୟନରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ହିତାଧିକାରୀମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନାଦି ଜଗଦଲା, ଆର୍.କେ. କୁମ୍ଭାର, ରାଜୁ କୁମ୍ଭାର, ପଲଉ ଛୁରିଆ, ଚନ୍ଦ୍ର ଜଗଦଲା, ନରସିଂହ ସୁନା, ପ୍ରମୋଦ ଜଗଦଲା, ଦୁଃଖନାଶନ ଛୁରିଆ, ନରେନ୍ଦ୍ର ବଡ଼େଇ, ସନ୍ତୋଷ ମାହାର, ବଳରାମ ବିଭାର, ଯୁଗିନ୍ଦ୍ର ଜଗଦଲା, କେ.ସି. ରାଜହଂସ, ପ୍ରକାଶ ମାହାର, ସି.ଏଚ୍. ଇରାବାବୁ, ଭଗବାନ ବେହେରା, ଗୋବିନ୍ଦ ବିଭାର, କଇଁଥି କୁମ୍ଭାର, ନବୀନ ବିଭାର ପ୍ରମୁଖ ବିଡିଓଙ୍କୁ ସାକ୍ଷାତ କରି ଏହି ଅଭିଯୋଗ କରିଛନ୍ତି।


ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ମରାଙ୍ଗୋଲା ଗ୍ରାମର ଲୋକେ।

**ଧନକଉଡ଼ା ବିଡିଓଙ୍କୁ ଅଭିଯୋଗ**

### କଏନ୍ ନେବାକୁ ନାରାଜ

କୁଚିଣ୍ଡା,୩।୭(ଡି.ଏନ୍.ଏ.)

କୁଚିଣ୍ଡା ଅଞ୍ଚଳରେ ୧ ଟଙ୍କିଆ ଓ ୨ ଟଙ୍କିଆ କଏନ ଏକରକମ ଅଚଳ ହୋଇଯାଇଛି। ଗ୍ରାହକ, ଦୋକାନୀ, ବ୍ୟାଙ୍କ କେହି କଏନ ନେଉନାହାନ୍ତି। ଗତ ୨୫ ତାରିଖରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ ବ୍ୟାଙ୍କ, ବ୍ୟବସାୟୀ, ଗ୍ରାହକ ସମସ୍ତେ କଏନ ଗ୍ରହଣ କରିବା ପାଇଁ କୁହାଯାଇଛି। ହେଲେ ରିଜର୍ଭ ବ୍ୟାଙ୍କର ଏହି ନିର୍ଦ୍ଦେଶକୁ କେହି ଯେମିତି କେହି ମାନିବାକୁ ନାରାଜ। ଏଣୁ ଏ ଦିଗରେ ସ୍ଥାନୀୟ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

## ଗୋଲବଜାର ପୋଲ ନିକଟରେ ଅତଡ଼ା ଖସୁଛି

ସମ୍ବଲପୁର,୩।୭(ବ୍ୟୁରୋ)

ସମ୍ପ୍ରତି ବର୍ଷା ହେବାରୁ ଧୋବିଯୋର ନାଳ କଂକ୍ରିଟ କାନ୍ଥ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ବନ୍ଦ ରହିଛି। କିନ୍ତୁ ଗୋଲବଜାର ପୋଲଠାରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିବାରୁ ଏହା ବିପଦସଙ୍କୁଳ ଭାବେ ରହିଛି। ମଙ୍ଗଳବାର ଝିପିଝିପି ବର୍ଷା ଲାଗି ରହିଥିବାରୁ କଂକ୍ରିଟ ଅତଡ଼ା ଖସି ଧୋବିଯୋର ନାଳାରେ ପଡ଼ିଛି। ନିକଟରେ ଥିବା ଦୋକାନ ବଜାର ଓ ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଭାବେ ରହିଛି। ଲକ୍ଷ୍ମୀ ଟକିଜ ଅଞ୍ଚଳର ବର୍ଷା ଜଳ ନାଳ ଯୋଗେ ଗୋଲବଜାର ପୋଲ ନିକଟରେ ନିଷ୍କାସିତ ହୋଇଥାଏ। ଏହା ଦ୍ୱାରା ଦୁର୍ଘଟଣା ହେବା ଆଶଙ୍କା ରହିଛି। ତେଣୁ ଧୋବିଯୋର ନାଳା କଂକ୍ରିଟ କାନ୍ଥ ପୋଲ ପର୍ଯ୍ୟନ୍ତ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ବୁଧବାର ସୋସିଆଲ ଷ୍ଟାର କ୍ଲବ ପ୍ରତିନିଧି ଦଳ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।


ସମ୍ବଲପୁର ଗୋଲବଜାର ପୋଲ ନିକଟରେ ଅତଡ଼ା ଖସି ବିପଦସଙ୍କୁଳ ହୋଇଛି।

## ଫଟୋରେ ଖବର





ବୁଧବାର ସମ୍ବଲପୁର ରାମକଳୀ ଦେବୀ ଟ୍ରଷ୍ଟ ଜୁନିୟର କଲେଜ ଯୁକ୍ତ ୨ କଳାରେ ନାମଲେଖା ସକାଶେ ଛାତ୍ରୀଛାତ୍ରମାନେ ଆବଶ୍ୟକ କାଗଜପତ୍ର ପ୍ରଦାନ କରୁଛନ୍ତି (ବାମ)। ସମ୍ବଲପୁର ସରକାରୀ ମହିଳା କଲେଜରେ ନାମଲେଖା ପୂର୍ବରୁ କାଗଜପତ୍ର ଯାଞ୍ଚ କରାଯାଉଛି।

# ସେମିଫାଇନାଲରେ ଇଂଲଣ୍ଡ

**ଚେଷ୍ଟର– ଲି– ଷ୍ଟ୍ରିଟ୍, ୩।୭(ପି.ଟି)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଆୟୋଜକ ଇଂଲଣ୍ଡ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ସେମିରେ ପ୍ରବେଶ କରିସାରିଛନ୍ତି। ବୁଧବାର ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଇଂଲଣ୍ଡ ବୃହତ୍ ୧୧୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ସେମି ଟିକେଟ ହାସଲ କରିଛି। ତେବେ ପରାସ୍ତ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ପାଇଁ ଏବେ ମଧ୍ୟ ସେମିଫାଇନାଲର ଆଶା ଉଜ୍ଜୀବିତ ରହିଛି। ଶୁକ୍ରବାର ଖେଳାଯିବାକୁ ଥିବା ପାକିସ୍ତାନ–ବାଂଲାଦେଶ ମ୍ୟାଚର ଫଳାଫଳ ଉପରେ ସବୁକିଛି ନିର୍ଭର କରୁଛି। ଏହାର ପରେ ଚତୁର୍ଥ ସେମିଫାଇନାଲିଷ୍ଟ କିଏ ହେବ ତାହା ସ୍ପଷ୍ଟ ହେବ। ୧୯୮୩ ପରେ ଇଂଲଣ୍ଡ ବିଶ୍ୱକପ୍‌ରେ କେବେବି ନ୍ୟୁଜିଲାଣ୍ଡକୁ ପରାସ୍ତ କରିପାରି ନ ଥିବା ବେଳେ ଏଥର କିନ୍ତୁ ସଫଳ ହୋଇଛି। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ଓପନର ଜନି ବେୟାରଷ୍ଟୋଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୦୫ ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୫ ଓଭରରେ ୧୮୬ ରନ କରି ଅଲଆଉଟ୍ ହୋଇଥିଲା। ଶତକ ହାସଲ କରିଥିବା ଜନି ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୦୬ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ୧୪ ରନରେ ଦୁଇ ଓପନର ମାର୍ଟିନ ଗୁପ୍ଟିଲ ଓ ହେନେରୀ ନିକୋଲ୍ସଙ୍କୁ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ହେନେରୀ ଖାତା ଖୋଲିବା ପୂର୍ବରୁ କ୍ରିସ୍ ୱୋକ୍ସଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିପରି ୮ ରନ କରିଥିବାବେଳେ ଗୁପ୍ଟିଲ ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଜୋସ ବଟଲରଙ୍କୁ କ୍ୟାଚଦେଇ ପ୍ୟାଭିଲିୟନ ଫେରିଥିଲେ।


ଶତକ ହାସଲ ପରେ ଜନି ବେୟାରଷ୍ଟୋ।

ଇନ୍‌ଫର୍ମ ଅଧିନାୟକ କେନ୍ ୱିଲିୟମସନ ୨୭ ରନ କରିଥିବା ବେଳେ ମାର୍କ ଉଡ୍‌ଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଏହାପରେ ଅଭିଜ୍ଞ ରସ୍ ଟେଲର ମଧ୍ୟ ଅନୁରୂପ ଭାବେ ପ୍ୟାଭିଲିୟନ ଫେରିଥିଲେ। ୨୮ ରନ କରିଥିବାବେଳେ ଆଦିଲ ରସିଦଙ୍କ ଥ୍ରୋରେ ସେ ଉଇକେଟକିପର ଜୋସ ବଟଲରଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ଦୁଇ ତାରକା ବ୍ୟାଟ୍ସମ୍ୟାନ ରନ୍ ଆଉଟ ହେବା ପରେ ନ୍ୟୁଜିଲାଣ୍ଡ ଇନିଂସ ଦୋହଲି ଯାଇଥିଲା। ଏହାପରେ ଜିମି ନିଶାମ ୧୯ ଓ କଲିନ ଡି ଗ୍ରାଣ୍ଡହୋମ ୩ ରନ କରି ଯଥାକ୍ରମେ ଉଡ୍ ଓ ଷ୍ଟୋକ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ନିଶାମ ବୋଲ୍ଡ ହୋଇଥିବା ବେଳେ ଗ୍ରାଣ୍ଡହୋମ ରୁଟଙ୍କୁ କ୍ୟାଚ୍ ଦେଇଥିଲେ। ଉଇକେଟକିପର ଟମ୍ ଲଥାମ ଲଢୁଆ ପ୍ରଦର୍ଶନ କରି ୬୫ ବଲର ସମ୍ମୁଖୀନ ହୋଇ ୫ ଚୌକା ସହ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ଲିୟମ ପ୍ଲଙ୍କେଟଙ୍କ ବଲରେ ଉଇକେଟ ପଛରେ ବଟଲରଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ପଞ୍ଚମ ଉଇକେଟରେ ଲଥାମ ଓ ନିଶାମ ୫୪ ରନ ସଂଗ୍ରହ କରିଥିଲେ। ଏହାପରେ ମିଚେଲ ସାଣ୍ଟନର ୧୨ ରନ କରି ଉଡ୍‌ଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୭ ରନ କରିଥିବାବେଳେ ମ୍ୟାଟ୍ ହେନେରୀ ବୋଲ୍ଡ ହୋଇ ଉଡ୍‌ଙ୍କ ତୃତୀୟ ଶିକାର ହୋଇଥିଲେ। ଶେଷରେ ଟ୍ରେଣ୍ଟ ବୋଲ୍ଟ ସ୍ପିନର ଆଦିଲ ରସିଦଙ୍କ ବଲ୍‌ରେ ବଟଲରଙ୍କୁ କ୍ୟାଚ୍ ଦେଇଥିଲେ। ଟିମ ସୌଦି ୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଉଡ୍ ୩, ୱୋକ୍ସ, ଆର୍ଚର, ପ୍ଲଙ୍କେଟ, ରସିଦ ଓ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଜବରଦସ୍ତ ଆରମ୍ଭ କରିଥିଲା। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୯ ଓଭର ପୂର୍ବରୁ ୧୨୩ ରନ ସଂଗ୍ରହ କରିନେଇଥିଲେ। ତେବେ ରୟ ୮ ଚୌକା ସହ ୬୧ ବଲରୁ ୬୦ ରନ କରି ଜିମି ନିଶାମଙ୍କ ବଲ୍‌ରେ ମିଚେଲ ସାଣ୍ଟନରଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ନିର୍ଭରଯୋଗ୍ୟ ଜୋ ରୁଟ୍ ୨୫ଟି ବଲ୍ ଖେଳି ୨୪ ରନ କରିଥିବା ବେଳେ ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ଉଇକେଟ ପଛରେ ଟମ୍ ଲଥାମଙ୍କୁ କ୍ୟାଚ୍ ଦେଇଥିଲେ ଓ ସେ ପୁଣିଥରେ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛନ୍ତି। ଏଥିସହିତ ରୁଟ୍ ଚଳିତ ବିଶ୍ୱକପ୍‌ରେ ପଞ୍ଚମ ବ୍ୟାଟ୍ସମ୍ୟାନ ଭାବେ ୫୦୦ ରନ ସଂଗ୍ରହ କରିଛନ୍ତି। ଏହାପରେ ଇନ୍‌ଫର୍ମ ଓପନର ବେୟାରଷ୍ଟୋ ୯୯ଟି ବଲର ସମ୍ମୁଖୀନ ହୋଇ ୧୫ ଚୌକା ଓ ୧ ଛକା ସହାୟତାରେ ୧୦୬ ରନର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଇଂଲଣ୍ଡ ୫୦ ଓଭରରେ ୩୦୫/୮ (ବେୟାରଷ୍ଟୋ– ୧୦୬, ରୟ– ୬୦, ମୋର୍ଗାନ– ୪୨, ରୁଟ୍– ୨୪, ବୋଲ୍ଟ– ୨/୫୬, ହେନେରୀ– ୨/ ୫୪, ନିଶାମ– ୨/୪୧)। ନ୍ୟୁଜିଲାଣ୍ଡ ୪୫ ଓଭରରେ ୧୮୬ ଅଲଆଉଟ୍ (ଲଥାମ– ୫୭, ଟେଲର– ୨୮, ୱିଲିୟମସନ– ୨୭, ଉଡ୍– ୩/୩୪)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | ୮ | ୬ | ୧ | ୦ | ୧ | ୧୩ | +୦.୮୧୧ |
| ଇଂଲଣ୍ଡ | ୯ | ୬ | ୩ | ୦ | ୦ | ୧୨ | +୧.୧୫୨ |
| ନ୍ୟୁଜିଲାଣ୍ଡ | ୯ | ୫ | ୩ | ୦ | ୧ | ୧୧ | +୦.୧୭୫ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | –୦.୭୯୨ |
| ଶ୍ରୀଲଙ୍କା | ୮ | ୩ | ୩ | ୦ | ୨ | ୮ | –୦.୯୩୪ |
| ବାଂଲାଦେଶ | ୮ | ୩ | ୪ | ୦ | ୧ | ୭ | –୦.୧୯୫ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | –୦.୦୮୦ |
| ୱେଷ୍ଟଇଣ୍ଡିଜ | ୮ | ୧ | ୬ | ୦ | ୧ | ୩ | –୦.୩୩୫ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | –୧.୪୧୮ |

# ୫୦୦ ରନ୍ କ୍ଲବରେ ରୁଟ୍



**ଚେଷ୍ଟର– ଲି– ଷ୍ଟ୍ରିଟ୍, ୩।୭(ପି.ଟି)**

ଚଳିତ ଆଇସିସି ବିଶ୍ୱକପରେ ୫ମ ଖେଳାଳିଭାବେ ଇଂଲଣ୍ଡର ଜୋ ରୁଟ୍ ୫୦୦ ରନ ପୂରଣ କରିଛନ୍ତି। ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ସେ ୨୪ ରନ ସ୍କୋର କରି ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ପୂର୍ବରୁ ଭାରତର ରୋହିତ ଶର୍ମା (୫୪୪), ବାଂଲାଦେଶର ସାକିବ ଅଲ ହାସନ (୫୪୨), ଅଷ୍ଟ୍ରେଲିଆର ଡେଭିଡ ୱାର୍ନର (୫୧୬) ଓ ଆରୋନ ଫିଞ୍ଚ୍ (୫୦୪) ଏହି କ୍ଲବର ସଦସ୍ୟ ଅଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫୧ ରନ କରି ଅଭିଯାନ ଆରମ୍ଭ କରିଥିବା ରୁଟ୍ ପାକିସ୍ତାନ ବିପକ୍ଷରେ ୧୦୭, ବାଂଲାଦେଶ ୨୧, ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୦୦*, ଆଫଗାନିସ୍ତାନ ବିପକ୍ଷରେ ୮୮, ଶ୍ରୀଲଙ୍କା ବିପକ୍ଷରେ ୫୭, ଅଷ୍ଟ୍ରେଲିଆ ବିପକ୍ଷରେ ୮, ଭାରତ ବିପକ୍ଷରେ ୪୪ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୪ ରନ ସ୍କୋର କରିଛନ୍ତି। ଫଳରେ ଇଂଲଣ୍ଡର ଲିଗ୍ ମ୍ୟାଚ୍ ଶେଷରେ ରୁଟ୍‌ଙ୍କ ରନ ସଂଖ୍ୟା ୫୦୦ ସ୍ପର୍ଶ କରିଛି।

# ବିଶ୍ୱକପ୍ ପରେ ଅବସର ନେଇପାରନ୍ତି ଧୋନୀ

**ବର୍ମିଂହାମ,୩।୭(ପିଟି)**

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳର ଅନ୍ତିମ ମ୍ୟାଚ୍ ଭେଟେରାନ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇପାରେ। ଯଦି ଭାରତୀୟ ଦଳ ଫାଇନାଲକୁ ଉନ୍ନୀତ ହୁଏ ଓ ବିଶ୍ୱକପ୍ ଜିତେ, ତେବେ ଏହା କିମ୍ବଦନ୍ତୀ ଭାରତୀୟ କ୍ରିକେଟରଙ୍କ ଶ୍ରେଷ୍ଠ ବିଦାୟୀ ହେବ। ଧୋନୀଙ୍କ ବିଷୟରେ କିଛି କହି ହେବ ନାହିଁ। କିନ୍ତୁ ବିଶ୍ୱକପ୍ ପରେ ଧୋନୀ ଭାରତୀୟ ଦଳରେ ଖେଳିବାର ସମ୍ଭାବନା ଖୁବ କମ୍। ସେ ଯେଉଁଭଳି ଅଧିନାୟକତ୍ୱରୁ ଅବସର ନେଇଥିଲେ, ତାହା ଦେଖିଲେ ଧୋନୀଙ୍କ ସମ୍ପର୍କରେ ଭବିଷ୍ୟବାଣୀ କରିହେବ ନାହିଁ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରେ ଧୋନୀଙ୍କୁ ଆଉ ୨ ବର୍ଷ ଅର୍ଥାତ ୨୦୧୯ ବିଶ୍ୱକପ୍ ପର୍ଯ୍ୟନ୍ତ ସମୟ ଦେବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଚଳିତ ଥର ଧୋନୀଙ୍କ ପ୍ରଦର୍ଶନ ସେତେଟା ଭଲ ନ ଥିଲେ ମଧ୍ୟ ଭାରତୀୟ ଦଳ ସେମିଫଇନାଲରେ ପ୍ରବେଶ କରିଛି। ଏଣୁ କୌଣସି ପରିସ୍ଥିତିରେ ତାଙ୍କୁ କେହି ଅବସର ଲାଗି ପଚାରି ପାରିବେ ନାହିଁ ବୋଲି ଜଣେ ସିନିୟର ବିସିସିଆଇ ଅଫିସିଆଲ କହିଛନ୍ତି। ବର୍ତ୍ତମାନ କାର୍ଯ୍ୟକାରୀ ଚୟନ କମିଟି ଚଳିତ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବ। ଏହାପରେ ଅଷ୍ଟ୍ରେଲିଆରେ ଆଗାମୀ ବର୍ଷ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍ ଲାଗି ଦଳକୁ ପ୍ରସ୍ତୁତ କରାଯିବ। ଏଣୁ ଦଳରେ କିଛି ପରିବର୍ତ୍ତନ ହୋଇପାରେ। ଧୋନୀ ଚଳିତ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୯୩ ଷ୍ଟ୍ରାଇକ ରେଟ୍‌ରେ ୨୨୩ ରନ୍ କରିଛନ୍ତି। ଧୋନୀଙ୍କ ଷ୍ଟ୍ରାଇକ ପରିବର୍ତ୍ତନ କରିବା ଓ ବଡ଼ ଶର୍ଟ ଖେଳିବା ଦକ୍ଷତା ଉପରେ ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲିଙ୍କ ଭଳି ଖେଳାଳି ପ୍ରଶ୍ନ ଉଠାଇଛନ୍ତି।



# ସମ୍ମାନ ପାଇଁ ଖେଳିବେ ଆଫଗାନିସ୍ତାନ–ୱେଷ୍ଟଇଣ୍ଡିଜ

**ଲିଡ୍ସ,୩।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ଦୁଇ ଦଳ ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ସେମାନଙ୍କ ଶେଷ ଲିଗ୍ ମ୍ୟାଚ୍‌ରେ ଗୁରୁବାର ପରସ୍ପରକୁ ଭେଟିବେ। ଲିଡ୍ସର ହେଡିଂଲେ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟର ଏହି ୪୨ତମ ମ୍ୟାଚ୍‌ରେ ଆଫଗାନିସ୍ତାନ ମନସ୍ତାତ୍ତ୍ୱିକ ଭାବେ ଆଗରେ ଥିବା ଭଳି ମନେହେଉଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲି ନ ପାରି ଟେବୁଲର ଦଶମ ତଥା ଅନ୍ତିମ ସ୍ଥାନରେ ରହିଛି। ସେହିପରି ୱେଷ୍ଟଇଣ୍ଡିଜ ୮ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୬ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ଟେବୁଲର ନବମ ସ୍ଥାନରେ ରହିଛି।

ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ଆଫଗାନିସ୍ତାନ ପ୍ରଥମ ବିଜୟ ହାସଲ କରି ସାନ୍ତ୍ୱନାମୂଳକ ବିଜୟ ସହ ସ୍ୱଦେଶ ଫେରିବା ଲକ୍ଷ୍ୟରେ ରହିଛି। ଗତବର୍ଷ ହରାରେଠାରେ ଆଫଗାନିସ୍ତାନ ତାରକା ଖଚିତ ୱେଷ୍ଟଇଣ୍ଡିଜକୁ ବିଶ୍ୱକପ୍ କ୍ୱାଲିଫାୟର୍ସରେ ଦୁଇଥର ପରାସ୍ତ କରିଛି। ସେତେବେଳେ ୱେଷ୍ଟଇଣ୍ଡିଜ ଦଳରେ କ୍ରିସ୍ ଗେଲ୍, କାର୍ଲୋସ ବ୍ରାଥୱେଟ୍ ଓ ସାଇ ହୋପଙ୍କ ଭଳି ତାରକା ଖେଳୁଥିଲେ। ଟୁର୍ନାମେଣ୍ଟରେ ସବୁ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଆଫଗାନିସ୍ତାନ ଏକାଧିକ ଶକ୍ତିଶାଳୀ ଦଳକୁ ପାଣି ପିଆଇଛି। ତେଣୁ ୱେଷ୍ଟଇଣ୍ଡିଜ ଶକ୍ତିଶାଳୀ ମନେହେଉଥିଲେ ମଧ୍ୟ ଆଫଗାନିସ୍ତାନ ବାଜି ମାରିବା ଲକ୍ଷ୍ୟରେ ରହିଛି। ଆଗଭଳି ଆଫଗାନିସ୍ତାନ ଏକ ଦୁର୍ବଳ ଦଳ ହୋଇ ରହିନାହିଁ। ଏହି ଦଳ ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କା ଭଳି ହେଭିୱେଟ୍ ଦଳଗୁଡିକୁ ସମସ୍ୟାରେ ପକାଇଛି। ଆଫଗାନିସ୍ତାନ ବିପକ୍ଷରେ ଏହି ୩ ଦଳ ବେଶ୍ ସଂଘର୍ଷ କରିବାର ଦେଖାଯାଇଛି। ମହମ୍ମଦ ନବୀ, ମୁଜିବ ଉର ରହମାନ ଓ ରସିଦ ଖାଁଙ୍କ ଭଳି ସ୍ପିନର ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ।

ତୃତୀୟଥର ପାଇଁ ଟୁର୍ନାମେଣ୍ଟରେ ସୋମବାର ଶ୍ରୀଲଙ୍କା ବିପକ୍ଷରେ ୱେଷ୍ଟଇଣ୍ଡିଜ ବିଜୟର ନିକଟଥର ହୋଇଥିଲେ ମଧ୍ୟ ପରାସ୍ତ ହୋଇଥିଲା। ଏହାପୂର୍ବରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଦଳ ବିପକ୍ଷରେ ମଧ୍ୟ ୱେଷ୍ଟଇଣ୍ଡିଜ ଅଳ୍ପକେ ବିଜୟ ହାତଛଡ଼ା କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ କାର୍ଲୋସ ବ୍ରାଥୱେଟ୍ ଧୂଆଁଧାର ବ୍ୟାଟିଂ କରି ଶତକ ହାସଲ କରିବା ପରେ ବିଜୟସୂଚକ ଛକା ମାରିବାକୁ ଯାଇ ବାଉଣ୍ଡାରିରେ ଧରା ପଡିଥିଲେ। ବିଜୟର ନିକତର ହୋଇ କେତୋଟି ମ୍ୟାଚ୍‌ରେ ଆମେ ପରାସ୍ତ ହୋଇଛୁ ଓ ଏହା ନୈରାଶ୍ୟଜନକ ଥିଲା ବୋଲି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର କହିଛନ୍ତି। ୧୯୭୫ ଓ ୧୯୭୯ରେ ବିଶ୍ୱକପ୍ ଟାଇଟଲ ଜିତିଥିବା ୱେଷ୍ଟଇଣ୍ଡିଜ୍ ପାକିସ୍ତାନକୁ ତା'ର ପ୍ରଥମ ମ୍ୟାଚ୍‌ରେ ୭ ଉଇକେଟରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା। ତେବେ ଏହାପରେ ୱେଷ୍ଟଇଣ୍ଡିଜ ଗୋଟିଏ ହେଲେ ବି ମ୍ୟାଚ୍‌ରେ ବିଜୟୀ ହୋଇ ପାରିନାହିଁ। ତେଣୁ ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହୋଇ ୱେଷ୍ଟଇଣ୍ଡିଜ ସାନ୍ତ୍ୱନାମୂଳକ ବିଜୟ ସହ ସ୍ୱଦେଶ ଫେରିବାକୁ ଚାହିଁବ। ଆଫଗାନିସ୍ତାନ ଅଧିନାୟକ ଗୁଲବଦିନ ନାଇବ ମଧ୍ୟ ଦଳର ବିଜୟ ନେଇ ବେଶ୍ ଆଶାବାଦୀ ଥିବା କଥା କହିଛନ୍ତି। ପୁଣିଥରେ ସ୍ପିନରମାନେ କମାଲ କରିବେ ଓ ଦଳକୁ ବିଜୟୀ କରାଇବେ ବୋଲି ସେ କହିଛନ୍ତି। ସେମି ଦୌଡ଼ରୁ ଦୁଇ ଦଳ ବାଦ୍ ପଡିସାରିଥିବାରୁ ଏହି ମ୍ୟାଚ୍ ଗୁରୁତ୍ୱ ହରାଇଛି। ତେବେ ବିଜୟ ସହ ଚଳିତ ବିଶ୍ୱକପ୍‌ରେ ଅଭିଯାନ ଶେଷ କରିବା ଲକ୍ଷ୍ୟରେ ଦୁଇ ଦଳ ରହିଥିବାରୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।





ଜାସନ ହୋଲ୍ଡର ଓ ଗୁଲବଦିନ ନାଇବ

# ଆଶା ଆଶଙ୍କାରେ ପାକିସ୍ତାନ

**ନୂଆଦିଲ୍ଲୀ, ୩।୭**

ଅଷ୍ଟ୍ରେଲିଆ ପରେ ୨ୟ ଦଳ ଭାବେ ଭାରତ ଚଳିତ ଆଇସିସି ବିଶ୍ୱକପ୍‌ର ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ୨୮ ରନରେ ବାଂଲାଦେଶକୁ ପରାସ୍ତ କରି ଅନ୍ତିମ–୪ରେ ପ୍ରବେଶ କରିଛି। ତେବେ ସେମିଫାଇନାଲ ଲାଇନ୍‌ଅପ୍ ବର୍ତ୍ତମାନ ଚୂଡ଼ାନ୍ତ ହୋଇ ନ ଥିଲେ ମଧ୍ୟ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଅନ୍ତିମ–୪ରେ ଭେଟିବା ସମ୍ଭାବନା ଶେଷ ହୋଇନାହିଁ। ଚଳିତ ବିଶ୍ୱକପ୍‌ରେ ୨ୟ ଥର ଲାଗି ଉଭୟ ଦଳ ପରସ୍ପରକୁ ଭେଟିପାରନ୍ତି। ଏଥିପୂର୍ବରୁ ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ ୮୯ ରନରେ ପାକିସ୍ତାନକୁ ହରାଇଥିଲା। ବିଶ୍ୱକପ୍‌ରେ ପାକିସ୍ତାନ ବର୍ତ୍ତମାନ ୮ ମ୍ୟାଚ୍ ଖେଳି ୪ ବିଜୟ ସହ ୯ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ଭାରତ ଓ ପାକିସ୍ତାନ ପରସ୍ପରକୁ ସେମିଫାଇନାଲରେ କେମିତି ଭେଟିପାରିବେ ତାହା ଦୃଶ୍ୟପଟ–୧ ଓ ୨ ନିମ୍ନରେ ପ୍ରଦାନ କରାଗଲା...



### ଦୃଶ୍ୟପଟ-୧

- ବୁଧବାର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ସେମିଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡ ୧୨ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଛି। ଅପରପକ୍ଷରେ ପରାଜୟ ସହିତ ନ୍ୟୁଜିଲାଣ୍ଡ ୧୧ ପଏଣ୍ଟରେ ୪ର୍ଥ ସ୍ଥାନରେ ରହିଛି।
- ସେହିଭଳି ପାକିସ୍ତାନ ଏହାର ଅନ୍ତିମ ମ୍ୟାଚ୍‌ରେ ବାଂଲାଦେଶକୁ ବଡ଼ ବ୍ୟବଧାନରେ ପରାସ୍ତ କରେ ତେବେ ଦଳ ମୋଟ୍ ୧୧ ପଏଣ୍ଟ ଅର୍ଜନ କରିବ। ଫଳରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଉଭୟ ୧୧ ପଏଣ୍ଟରେ ରହିବେ। କିନ୍ତୁ ରନ୍‌ରେଟ୍‌ରେ ଯଦି ନ୍ୟୁଜିଲାଣ୍ଡକୁ ପଛରେ ପକାଏ ତେବେ ପାକିସ୍ତାନ ୪ର୍ଥ ଦଳ ଭାବେ ସେମିଫାଇନାଲରେ ପହଞ୍ଚିପାରିବ।
- ଏହାପରେ ଶନିବାର ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ମାତ୍ ଦିଏ ଏବଂ ସେହିଦିନ ହେବାକୁ ଥିବା ଅନ୍ୟ ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ଅଷ୍ଟ୍ରେଲିଆ ହାରିଯାଏ ତେବେ ବିରାଟ ବାହିନୀ ୧୫ ପଏଣ୍ଟ ସହ ତାଲିକାର ଶୀର୍ଷ ସ୍ଥାନକୁ ଉନ୍ନୀତ ହେବ। ଅଷ୍ଟ୍ରେଲିଆ (୧୪) ୨ୟ ସ୍ଥାନକୁ ଖସି ଆସିବ।
- ଫଳରେ ବିଶ୍ୱକପ୍ ନିୟମ ଅନୁଯାୟୀ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଥିବା ଭାରତ ୪ର୍ଥ ସ୍ଥାନରେ ଥିବା ପାକିସ୍ତାନକୁ ସେମିଫାଇନାଲରେ ଭେଟିବ।

### ଦୃଶ୍ୟପଟ-୨

- ବୁଧବାର ଇଂଲଣ୍ଡ ଏହାର ଅନ୍ତିମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ୧୨ ପଏଣ୍ଟ ସହିତ ସହଜରେ ସେମିରେ ପ୍ରବେଶ କରିଛି। ନ୍ୟୁଜିଲାଣ୍ଡ ୧୧ ପଏଣ୍ଟ ସହ ୪ର୍ଥ ସ୍ଥାନକୁ ଖସି ଆସିଛି।
- ଯଦି ପାକିସ୍ତାନ ବୃହତ ବ୍ୟବଧାନରେ ବାଂଲାଦେଶକୁମାତ୍‌ଦିଏ ତେବେ ୧୧ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ (୧୧) ସହ ସମକକ୍ଷ ହେବ। ଫଳରେ ଯଦି ନ୍ୟୁଜିଲାଣ୍ଡଠାରୁ ଭଲ ରନ୍‌ରେଟ୍ ରୁହେ ତେବେ ପାକିସ୍ତାନ ୪ର୍ଥ ସ୍ଥାନ ଲାଭ କରି ସେମିଫାଇନାଲ ଟିକେଟ୍ ହାସଲ କରିବ।
- ଦୃଶ୍ୟପଟ ୧ ପରି ଏଠାରେ ମଧ୍ୟ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ସେମାନଙ୍କ ଅନ୍ତିମ ମ୍ୟାଚ୍‌ରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଓ ଭାରତ ନିକଟରୁ ହାରିଲେ ଯାଇ ସେମିଫାଇନାଲରେ ବିରାଟ ବାହିନୀ ପାକିସ୍ତାନକୁ ଭେଟିବ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



# ଧରାପଡ଼ିଲେ ୭ ଆନ୍ତଃ ଜିଲା ଡକାୟତ

**ସୁନ୍ଦରଗଡ଼, ୩।୭ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲାର ବିଭିନ୍ନ ସ୍ଥାନରେ ହୋଇଥିବା ପେଟ୍ରୋଲ ପମ୍ପ ଡକାୟତି, ଲୁଟ୍, ଅନ୍ୟାନ୍ୟ ଆପରାଧିକ ମାମଲାରେ ସମ୍ପୃକ୍ତ ୭ଜଣ ଆନ୍ତଃ ଜିଲା ଡକାୟତଙ୍କୁ ପୋଲିସ ଗିରଫ କରିଛି। ଏହି ଡକାୟତ ଦଳର ମାଷ୍ଟର ମାଇଣ୍ଡ ସମେତ ୭ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମାଷ୍ଟର ମାଇଣ୍ଡ ଅମିତ ତିୱାରୀ ଓରଫ ମାମା, ବଡଗାଁ ପଦ୍ମପୁରର ଶରତ ରାଉତ, ତଳସରା ଥାନା ତୁମୁଲିଆ ଗ୍ରାମର ରଞ୍ଜିତ୍ ପ୍ରଧାନ, ରାଜୁ ଆପାଟ, ସଦର ଥାନା ବେଲସରାର ଭୂପେନ୍ଦ୍ର ନିଖଣ୍ଡିଆ, ଉଜ୍ଜଳପୁରର ରାଜେଶ ଜୟପୁରିଆ, ବିଶାଲ ମୁଣ୍ଡା। ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପୋଲିସ ଏହି ଡକାୟତ ଦଳଠାରୁ ୨ଟି ଦେଶୀ ପିସ୍ତଲ, ୪ଟି ଅଫୁଟା ଗୁଳି, ୭ ମୋବାଇଲ ଫୋନ୍, ଗୋଟିଏ ଛୁରି, ନଗଦ ୪୭ହଜାର ୮୪୧ ଟଙ୍କା ଓ ୨ଟି ବାଇକ୍ ଜବତ କରିଛି। ପୋଲିସ ହାତରେ ଧରାପଡିଥିବା ଏହି ଡକାୟତ ଦଳର ମାଷ୍ଟର ମାଇଣ୍ଡ ରାଜଗାଙ୍ଗପୁରର ଅମିତ ତିୱାରୀ ଓରଫ ମାମା ଓ ତାଙ୍କ ସହଯୋଗୀମାନେ ସୁନ୍ଦରଗଡ ଜିଲା ସମେତ ପଡୋଶୀ ଝାରସୁଗୁଡା, ସମ୍ବଲପୁର ଓ ରାଉରକେଲା ଆଦି ଅଞ୍ଚଳରେ ବିଭିନ୍ନ ଡକାୟତି ଘଟଣାରେ ସମ୍ପୃକ୍ତ ଥିଲେ। ସୁନ୍ଦରଗଡ ଜିଲାରେ ଗତ ଜାନୁୟାରୀ ୭ରୁ ଜୁଲାଇ ୧ ମଧ୍ୟରେ ଘଟିଥିବା ୩ଟି ପେଟ୍ରୋଲ ପମ୍ପ ଡକାୟତି ଓ ଅନ୍ୟ ଘଟଣାରେ ଏମାନେ ସମ୍ପୃକ୍ତ ଥିବା ଏସ୍‌ପି ପ୍ରକାଶ କରିଛନ୍ତି। ଗତ ଜୁଲାଇ ୧ରେ ବଡଗାଁ ଥାନା ଅଞ୍ଚଳରେ ପେଟ୍ରୋଲ ପମ୍ପରେ ଡକାୟତି ଘଟଣା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଏହି ଡକାୟତ ଦଳକୁ କାବୁକରି ଘଟଣାର ପର୍ଦ୍ଦାଫାଶ କରିବାରେ ସକ୍ଷମ ହୋଇଛି। ଏହି ଡକାୟତ ଦଳ ବଡଗାଁ ପେଟ୍ରୋଲ ପମ୍ପ ଡକାୟତି ସମେତ ଜିଲାର ଧରୁଆଡିହି ଥାନା ଗଡିଆଯୋର ପେଟ୍ରୋଲ ପମ୍ପରେ ଗତ ମାର୍ଚ୍ଚ ୨୯ରେ ୧ଲକ୍ଷ ୬୫ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଡକାୟତି ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ଜେରାବେଳେ ସ୍ୱୀକାର କରିଛନ୍ତି। ଫେବୃୟାରୀ ୧୧ରେ କୁତ୍ରା ପେଟ୍ରୋଲ ପମ୍ପରୁ ହୋଇଥିବା ୧ଲକ୍ଷ ୨ହଜାର ୩୬୦ଟଙ୍କା ଲୁଟ୍ ଘଟଣାରେ ଏହି ଡକାୟତ ଦଳ ସମ୍ପୃକ୍ତ ଥିଲେ। ଏତଦ୍ ବ୍ୟତୀତ ସଦର ଥାନା ଅନ୍ତର୍ଗତ ଟାଙ୍ଗରପାଲି ମଦଦୋକାନରୁ ଗତ ମେ ୨୧ରେ ୧୦ହଜାର ଟଙ୍କା ଲୁଟ, ମହୁଲପାଲି ଇଣ୍ଡଷ୍ଟ୍ରିଆଲ ଛକ କୁକୁଡା ଫାର୍ମରୁ ଗତ ଏପ୍ରିଲ ୨୮ରେ ନଗଦ ୪୦ହଜାର ଟଙ୍କା, ୨ଟି ସୁନାଚେନ୍, ୨ଟି ମୋବାଇଲ ଫୋନ୍ ଓ ୨ଟି ବାଇକ୍ ଲୁଟ ଘଟଣା ସମେତ ଗତ ଜୁନ୍ ୧୬ରେ ଲେଫ୍ରିପଡା ଥାନା ଝରିଆପାଲି କୁକୁଡାଫାର୍ମରେ ନଗଦ ୪୪ହଜାର ୮ଶହ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଲୁଟ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ପୋଲିସ ଏହି ୭ ଡକାୟତଙ୍କ ବିରୋଧରେ ଲେଫ୍ରିପଡା, ଧରୁଆଡିହି, ସଦର, କୁତ୍ରା ଓ ବଡଗାଁ ଥାନାରେ ଡକାୟତି, ଲୁଟ ଆଦି ବିଭିନ୍ନ ଦଫା ସମେତ ୨୫/୨୭ ଆର୍ମସ ଆକ୍ଟରେ ୬ଟି ମାମଲା ରୁଜୁ କରିଛି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସବିତାରାଣୀ ପଣ୍ଡା, ରାଜଗାଙ୍ଗପୁର ଏସ୍‌ଡିପିଓ ବିଜୟ ନନ୍ଦ, ସଦର ଏସଡିପିଓ ବଳଭଦ୍ର ଦୀପ, ଡିଆଇବି ଡିଏସପି ଦାମୋଦର ମାଝି, ସଦର ଆଇଆଇସି ରମାକାନ୍ତ ସାଏ, ଟାଉନ ଥାନା ଆଇଆଇସି ବୀଭତ୍ସ ପ୍ରଧାନ ଉପସ୍ଥିତ ଥିଲେ।



ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଗିରଫ ଡକାୟତମାନେ ।

**୨ ରିଭଲଭର, ୪ ଅଫୁଟା ଗୁଳି, ମୋବାଇଲ ଫୋନ୍, ବାଇକ୍ ଜବତ**

## ସ୍କର୍ପିଓ ଧକ୍କାରେ ଯୁବକ ମୃତ

**ହେମଗିର, ୩।୭ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ବ୍ରାହ୍ମଣୀ ପୋଲଠାରେ ସ୍କୋର୍ପିଓ ଧକ୍କାରେ କନିକା ଗ୍ରାମର ଲିପୁନ ନାଏକ (୧୮)ଙ୍କ ମୃତ୍ୟୁ ଘଟିଛି। ସେ ଡୁଡୁକା କଲେଜ ସକାଳେ ଯାଇ ଦିନ ପ୍ରାୟ ଦେଢ଼ଟାରେ ଫେରୁଥିଲେ। ବ୍ରାହ୍ମଣୀ ପୋଲ ନିକଟରେ ଅଟକି ଥିବାବେଳେ ହେମଗିରରୁ କନିକା ପଟକୁ ଦ୍ରୁତ ଗତିରେ ଆସୁଥିବା ଏକ ସ୍କର୍ପିଓ ତାଙ୍କ ଉପରେ ମାଡି ଯାଇଥିଲା। ପରେ ଲୋକେ ଘଟଣାସ୍ଥଳରୁ ଲିପୁନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନେଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା ।

---

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER,
## BURLA IRRIGATION DIVISION, BURLA

No. 119-A:

PHONE NO.0663 – 2430445
E-mail id – sambalpurirrigation@rediffmail.com

**'e' Tender Call Notice No. BID-02/2019-20 (Online).**

| | | |
|---|---|---|
| 1. | Nature of Works | Construction & Renovation of VRB, CD, Fall, Guard Wall with bed lining & Canal Service Road |
| 2. | Nos. of works | 15 (Fifteen) Nos. |
| 3. | Estimated Cost | Rs. 5.26 Lakhs to 34.69 Lakhs Approximately. |
| 4. | Period of Completion | As per D.T.C.N. |
| 5. | Date and Time of availability of Bid Document in the Portal | Dt: 10.07.2019 at 11.00 AM TO Dt: 21.07.2019 up to 5.30 PM. |
| 6. | Last Date / Time for receipt of Bids in the Portal | Dt: 21.07.2019 up to 5.30 PM. |
| 7. | Date of opening of Bid | Dt: 25.07.2019 at 11.00 AM. |
| 8. | Name and Address of the Officer Inviting Bid | Executive Engineer, Burla Irrigation Division, Burla At/Po- Burla - 768017 Dist-Sambalpur Email Id:- sambalpurirrigation@rediffmail.com |

Further detail can be seen from the e-procurement portal www.tendersodisha.gov.in.

Executive Engineer,
Burla Irrigation Division, Burla

32129/11/0005/1920

---

DISTRICT RURAL DEVELOPMENT AGENCY, MAYURBHANJ
Odisha Livelihoods Mission, DMMU, Mayurbhanj
Baripada – 757002
E-mail: olmmayurbhanj@gmail.com
Tel-06792-260318

## QUOTATION CALL NOTICE

CAD-161

Sealed quotations are invited from interested reputed Travel Agencies/ Tour Operators or private individuals for providing of (1) no of Non-AC Diesel driven vehicles (like Bolero / Scorpio / Innova / Indica e V2) having sitting capacity not more than ten including driver to be engaged in the Odisha Livelihoods Mission, DMMU, DRDA, Mayurbhanj, Baripada-757002. Last date of submission of quotation is 19.07.2019. The details of the tendering process, terms & conditions for hiring are available in the office Notice Board of DRDA & Collectorate as well as district website www.mayurbhanj.nic.in .

Sd/- Project Director-cum-District Mission Coordinator
OLM, DMMU, DRDA, Mayurbhanj

26010/11/0002/1920

---

## ଜିଲ୍ଲା କୃଷି କାର୍ଯ୍ୟାଳୟ, ବାଙ୍କୀ
**ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯-୨୦**

ରାଜ୍ୟ ଯୋଜନାରେ ଚଳିତ ଖରିଫ ଋତୁରେ ବାଙ୍କୀ କୃଷି ଜିଲ୍ଲା ଅନ୍ତର୍ଗତ ଦୁଇଗୋଟି ବ୍ଲକ ଯଥା– ବାଙ୍କୀ ୧ ଓ ଡ଼ମପଡା ବ୍ଲକର ସ୍ଥିରୀକୃତ ଗ୍ରାମମାନଙ୍କରେ ଜୁନମାସ ଶେଷ ସପ୍ତାହଠାରୁ ଜୁଲାଇ ମାସ ତା.୧୫।୦୭।୧୯ରିଖ ମଧ୍ୟରେ ଧାନ ଫସଲ ନିମନ୍ତେ ବିହନ ବିଶୋଧନ କାର୍ଯ୍ୟକ୍ରମ ସମ୍ପନ୍ନ ହେବ। ଏହି କାର୍ଯ୍ୟକ୍ରମରେ ଚାଷୀଭାଇ ଓ ଭଉଣୀମାନଙ୍କୁ ସଚେତନ କରାଯିବା ସହିତ ଏହାର କୌଶଳ ପ୍ରଦର୍ଶନ କରାଯିବ। ଏଣୁ ନିର୍ଦ୍ଧାରିତ ତାରିଖରେ ସମ୍ପୃକ୍ତ ଗ୍ରାମର ଚାଷୀଭାଇ ଓ ଭଉଣୀମାନେ ଅଂଶଗ୍ରହଣ କରି ନିଜର ସାଇତା ବିହନକୁ ବିଶୋଧନ କରି ଫସଲକୁ ରୋଗଦାଉରୁ ସୁରକ୍ଷା ପ୍ରଦାନ କରିବାକୁ ବିଶେଷ ଅନୁରୋଧ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ବାଙ୍କୀ

---

ROURKELA DEVELOPMENT AUTHORITY, UDITNAGAR, ROURKELA-769012
Telephone: +91-0661-2500224, GSTIN: 21AAALR 0294812K, E-mail: secretaryrda@gmail.com, Website: www.rda-rourkela.in
No. 1651 /RDA Dt. 03.07.2019

**ADVERTISEMENT**

**EXTENSION OF PERIOD OF APPLICATION UNDER THE SCHEME FOR REGULARIZATION OF UNAUTHORIZED CONSTRUCTIONS, 2018**

The Govt. of Odisha in Housing & Urban Development Department had notified the Scheme namely "REGULARISATION OF UNAUTHORISED CONSTRUCTIONS, 2018" VIDE Notification No. 15646, dated 20.06.2018 & 32086 dated 19.12.2018 for the period from 20.06.2018 to 18.06.2019.

Now, the State Government have been pleased to extend the period for a further period of six months from the date of this Notification No. 10384/HUD, dated 18.06.2019. It is therefore informed to the general public who have unauthorisedly constructed their respective Houses/Plots without prior approval of this Authority within the jurisdiction of the RDA comprising over 104 Revenue Villages to come forward and avail the further golden opportunity to regularize Unauthorized Constructions within the stipulated period of SIX MONTHS from 18.06.2019 & the last date receipt of application under this scheme is 17.12.19. The Guide Lines of the said Notification are available in RDA Website "rda-rourkela.in". The details of Application Form, documents to be attached to the Application Forms are also available at HELP DESK in RDA.

The names of the Architects/ Registered Technical persons and their Phone Numbers are available in the RDA website as well as RDA HELP DESK.

ADVISORY TO GENERAL PUBLIC BEFORE BUYING OF SUB-DIVIDED PLOTS WITHIN THE JURISDICTION OF ROURKELA DEVELOPMENT AREA

The general public are hereby advised not to buy any sub-divided or part plots within the jurisdiction of Rorukela Development Authority, Rourkela, for which prior approval of RDA has not been taken RDA shall not accord approval of building plan over any unauthorisedly subdivided plot acquired after 30.05.17.

**Sd./- Secretary, Rourkela Development Authority**

---

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, ANGUL
**(Blood Bank Wing)**

**Tender Call No.337 BB** **Dt:02.07.19**

**Tender Call Notice**

Sealed Tenders are invited from the Registered Printing Press of Local Market for Printing of Blood Bank Printing Material of Blood Bank, Angul. The details regarding the terms and conditions are available in the district website **www.angul.nic.in.** The undersigned reserves the right to cancel any or all tender without assigning any reason thereof.

**Sd./- Chief District Medical & Public Health Officer, Angul**

---

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, ANGUL
**(Blood Bank Wing)**

**Tender Call No.335 BB** **Dt:02.07.19**

**Tender Call Notice**

Sealed Tenders are invited from the Registered Suppliers/ Distributor/ Firms & Manufacturer for supply of Blood Bank Regents, kits, Blood Bag & consumables to Blood Bank, DHH, Angul. The details regarding the terms and conditions are available in the district website **www.angul.nic.in.** The undersigned reserves the right to cancel any or all tender without assigning any reason thereof.

**Sd./- Chief District Medical & Public Health Officer, Angul**

---

## ODISHA MADHYAMIKA SHIKSHA MISSION
**N-1/9, Nayapalli, Po.- Sainik School**
**Bhubaneswar-751005**
**Phone No.0674-2302324**
**Email- mis.omsmbbsr.od@gov.in**

**Letter No.1717** **Dated: 03.07.19**
**File No.748/OMSM/2016**

## TENDER CALL NOTICE

Sealed tenders are invited from Manpower supply agencies/Service providers to provide the services of Data entry Operators, Office Assistants, Peons and Security Guards on outsourcing basis to the SPD, OMSM(RMSA). The Tender Document containing the details Terms and conditions can be obtained from the office of the State Project Director OMSM(RMSA), Bhubaneswar during office hour from 4th July 2019 to 25, July 2019 on payment of Rs. 1,000/- (Rupees One Thousand) only in shape of Bank Draft drawn in favour of "State Project Director, OMSM (RMSA), Bhubaneswar'. The Tender document can also be downloaded from website **www.oavs.in** In case the application form is downloaded from website, the applicant shall furnish a demand draft for an amount of Rs. 1,000/- (Rupees One Thousand) only drawn in favour of "State Project Director, OMSM(RMSA), Bhubaneswar" towards the cost of application along with the application. The tender document complete in all respect should reach the undersigned **on or before 25.07.2019 by 2 PM through registered post/speed post & courier** only and shall be opened on the same date **at 3 PM.**

**Sd./- Financial Advisor**
**OMSM (RMSA)**

---

GOVERNMENT OF ODISHA E_mail:eerwkesinga@yahoo.com
OFFICE OF THE EXECUTIVE ENGINEER, RURAL WORKS DIVISION, KESINGA
e-Procurement Notice No.144-O
BID IDENTIFICATION NO.EERWKSNG-online-01/2019-20

1. Name of works : 1 No. Building work
2. Total No. of work : 1 No.
3. Estimated Cost : Please refer DTCN
4. E.M.D : 1% of estimated cost.
5. Cost of tender document : Please refer DTCN
6. Class of Contractor : Please refer DTCN
7. Period of completion : As per DTCN
8. Other details : As per DTCN

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | EERWKSNG-online-01/2019-20 | 11.07.2019 up to 10.00 A.M. | 20.07.2019 up to 5.00 P.M. | 19.07.2019 up to 5.00 P.M. | 24.07.2019 at 11.00 A.M. |

Further details can be seen from the Website i.e www.tenderorissa.gov.in.
25153/11/0001/1920 Sd./- Executive Engineer, Rural Works Division, Kesinga

---

## GOVERNMENT OF ODISHA "e" PROCUREMENT NOTICE

No.148-O **Bid Identification No 02 of 2019 - 20**

1. **Name of the Work :- Execution of different civil works in the district of Kandhamal. (Refer DTCN available in the website :- tendersorissa.gov.in)**
2. **Total No of work :- 06 Nos.**
3. **Estimated Cost :- Rs. 17.50 lakh to 45.00 lakh**
4. **Eligible Class of Contractor :- B & A, C & B and D & C**
5. **Period of Completion :- 06 months (Refer DTCN available in the website tendersorissa.gov.in)**
6. **Other Details :**

| Procurement Officer | Bid Identification No. | Availability of Tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 02 of 2019-20 | Dt. 10.07.2019 At. 10.00 Hrs | Dt. 24.07.2019 Up to. 17.00 Hrs | Dt.25.07.2019 at 11. 00 A.M |

**Further details can be seen from the website** www.tendersorissa.gov.in
**Corrigendum, if any, will be uploaded in website only.**

25006/11/0002/1920
Executive Engineer,
R WS&S Division, Phulbani

---

GOVERNMENT OF ODISHA No.06-AA
ELECTRICAL LICENSING BOARD
OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,
3RD FLOOR HEADS OF DEPARTMENT BUILDING, BHUBANESWAR-751001
Email-secyelbo@nic.in, Phone- 0674-2394572

**INDICATIVE ADVERTISEMENT FOR**
WORKMAN PERMIT (WIREMAN-MV, LINEMAN-MV, WORKMAN-HT)
AND
ENDORSEMENT OF CABLE JOINTING & MINING EXAMINATION-2019

No.684 Dated: 03.07.2019

Indicative advertisement inviting application for Workman Permit (Wireman-MV / Lineman-MV / Workman-HT) and Endorsement of Cable Jointing & Mining Examination-2019 as per the ELBO Regulation Odisha, 2014.

**IMPORTANT**

1. Online application will be available from 08.07.2019 till 07.08.2019 (up to 11.59 PM) in the EIC(Electricity) website: "http://eicelectricityodisha.nic.in".
2. Hard copy of application with enclosures is required to be submitted to the concerned Superintending Engineer-cum-Electrical Inspector office on or before 5:00 PM of 27.08.2019. ELBO shall not be responsible for any postal delay.
3. Candidates must ensure their eligibility before applying.
4. Candidates need to upload scanned copy of required documents during the online application process.
5. Candidates meeting the eligibility requirements shall only be shortlisted.
6. The shortlisted candidates shall be intimated by SMS and have to download the Admit Card from EIC(Electricity) website. No individual admit card will be sent to candidates by Post.
7. These candidates shall have to furnish the original documents for verification on the date of the examination.
8. In case of any discrepancy between the documents uploaded (with the online application) and the original documents submitted for verification, the applicant shall be disqualified.
9. Online applications incomplete in any shape shall be rejected.
10. Only the Regular employee working under distribution licenses shall be considered for obtaining experience certificate from the Higher Technical Authority (**not below the rank of Executive Engineer / Manager**) of Distribution Company.

**For detailed advertisement visit: - EIC(Electricity) Website: "http://eicelectricityodisha.nic.in". An examination fee of Rs.200/- for each category** is to be remitted online through Odisha Treasury Portal (e-challan) under the prescribed Head of Account: "0043-00-102-0034-01001-000".

In case of SC & ST applicants, the examination fees shall be Rs.100/- for each category subject to furnishing self-attested copy of the caste certificate issued by an officer not below the rank of **Tehsildar / Additional Tehsildar.**

**NOTE:**

This advertisement is indicative in nature and provisional. The candidates are advised to go through the detailed advertisement available in the official website of the EIC(Electricity) **"http://eicelectricityodisha.nic.in"**. The EIC(Electricity) reserves the right to reject any application or cancel the examination without assigning any reason thereof.

**Sd./-**
**SE-cum-Secretary, ELBO**
**Bhubaneswar**

04004/11/0005/1920

---

## OFFICE OF THE SPECIAL PLANNING AUTHORITY, TALASARI

**No.01 / SPAT, Balasore, dated the 28th June.2019**

## QUOTATION CALL NOTICE

Sealed Quotations in plain paper are invited from Bidders having past experience for "Operation & Management of Parking Place and Toilet Block at Udaypur" for a period of eight months beginning from 01.08.2019 to 31.03.2020 in this financial year. The eligible Organization/individual having no criminal records interested to operate the Parking place & Toilet block may submit their quotations latest by 2 P.M. of 25.07.2019 through (Registered/ Speed post only) in the office of the Tourist Officer, Balasore cum Secretary, Special Planning Authority, Talasari which will be taken up for evaluation on the same day, i.e.25/07/2019 at 4 P.M. in presence of the quotationers /bidders or their authorized representatives. The upset price for the year 2018-19 has been fixed at Rs.2,00,500 (Rupees Two lakh five hundred) only. The successful bidder shall have to deposit the bid price in full in shape of Bank Draft in favour of the Collector,Balasore & Chairman, Special Planning Authority,Talasari at any Nationalized Bank before issue of Work Order. He /She shall have to execute agreement prior to issue of the Work Order as per the terms & conditions. If the successful bidder fails lo accept the award in his/ her favour, his/her EMD shall be forfeited.

The tender document may be obtained from the office of the Tourist Officer, Balasore cum Secretary,SPA.Talasari on payment of Rs.500/- (Non-refundable) in favour of Collector, Balasore & Chairman, Special Planning Authority, Talasari in shape of Bank Draft, payable at Balasore. Applications received after due date & time will not be entertained for any reason. The Special Planning Authority, Talasari reserves the right to reject any or all the quotations without assigning any reason thereof.

**Sd./-**
**Collector, Balasore &**
**Chairman, Special Planning Authority,Talasari**

---

## BERHAMPUR CITY COLLEGE AMBAPUA, BERHAMPUR
**EXPRESSION OF INTEREST**

Interested firms are hereby informed to submit willingness to the undersigned for Annual Maintenance of Computers, Printers Xerox machines and other Electronic Accessories of the College. For detail they may contact the office during office hour from 10.07.2019 to 17.07.2019. Further they are informed to submit their willingness by 24.07.2019.

**Sd./-**
**Principal-cum-Secretary**

---

## OFFICE OF THE RAJGANGPUR MUNICIPALITY

**No.2724** **Dtd: 01.07.2019**

NOTICE INVITING TENDER
**TENDER REFERENCE NO.EO/RGP/05 OF 2019-20**
**TENDER IDENTIFICATION NO.2019_ORULB_55259_1**

The Bid Document, Work Specification and set of term & conditions of contract are available at www.tendersodisha.gov.in

| | | |
|---|---|---|
| Total Number of Work | : | 01 No. |
| 1) Nature of Work | : | Labour supply for Sanitation Work |
| 2) Estimated Cost | : | 14.37 Lakh for One Month |
| 3) Date & time of availability of the bid documents in the portal | : | 02.07.2019 at 11.00 A.M. to 15.07.2019 up to 5.00 P.M |
| 4) Last date of Receipt of Bids in the portal | : | 15.07.2019 up to 5.00 P.M. |
| 5) Bids Receipt online shall be opened on | : | 17.07.2019 at 11.00 A.M. |

**Sd./-**
**Executive Officer**
**Rajgangpur Municipality**

---

OFFICE OF THE DIVISIONAL FOREST OFFICER,
## BARIPADA FOREST DIVISION, BARIPADA, MAYURBHANJ, ODISHA
Telephone no. 06792-252613,252622 and Fax 255770, e-mail: dfobaripada.od@gmail.com

**ଚାରା ବଣ୍ଟନ ପାଇଁ ଦିଗଦର୍ଶନ**

୧. ପ୍ରଥମେ ଆସିଥିବା ବ୍ୟକ୍ତି ପ୍ରଥମେ ଚାରାଗଛ ପାଇବେ ।
୨. ଚାରା ବଣ୍ଟନ ତା.୦୧.୦୭.୨୦୧୯ ରିଖ ଠାରୁ ଆରମ୍ଭ ହେବ ।
୩. ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ ଭୋଟ୍ ପରିଚୟ ପତ୍ର/ ଗାଡିଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନମ୍ବର ଯାଞ୍ଚ ନିମନ୍ତେ ଦେବାକୁ ପଡିବ । ଏତଦ୍‌ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନମ୍ବର ସହିତ ଦରଖାସ୍ତ କରିବାକୁ ପଡିବ ।
୪. ସହରାଞ୍ଚଳରେ ଥିବା ବ୍ୟକ୍ତି ଜଣକୁ ସର୍ବାଧିକ ୫ ଗୋଟି ଓ ଗ୍ରାମାଞ୍ଚଳ ରେ ସର୍ବାଧିକ ୧୦ ଗୋଟି ଚାରା ଦିଆଯିବ ।
୫. ଏକ ସଂସ୍ଥା (ବେସରକାରୀ/ ସରକାରୀ/ ଏନ.ଜି.ଓ) କୁ ସର୍ବାଧିକ ୧୦୦ ଗୋଟି ଚାରା ଦିଆଯିବ ।
୬. ଅଧିକ ଚାରା ପାଇଁ ଉପଯୁକ୍ତ କାରଣ ଓ ସ୍ଥାନର ବିଷଦବିବରଣୀ ସହିତ ଏକ ଦରଖାସ୍ତ ଦେବାକୁ ପଡିବ ଏବଂ ସଂପୃକ୍ତ ବନାଞ୍ଚଳ ଅଧିକାରୀ ଆବଶ୍ୟକୀୟ ବିଚାରକରି ସଂପୃକ୍ତ ବ୍ୟକ୍ତିଙ୍କୁ ସର୍ବାଧିକ ୧୦୦ ଓ ସଂସ୍ଥାକୁ ସର୍ବାଧିକ ୧୦୦୦ ଗୋଟି ଚାରା ଯୋଗାଇ ଦେବେ ।
୭. ବନଖଣ୍ଡ ଅଧିକାରୀଙ୍କ ଉପଯୁକ୍ତ ବିଚାର ପରେ କୌଣସି ସଂସ୍ଥା ଏବଂ ବ୍ୟକ୍ତିଙ୍କୁ ଏହାକୁ ଅଧିକ ଚାରା ଯୋଗାଇ ଦିଆଯିବ ।

**୨୦୧୯-୨୦ ବର୍ଷର ଚାରା ବଣ୍ଟନର ପ୍ରସାର ନିମନ୍ତେ ବାରିପଦା ବନଖଣ୍ଡର ଆଦର୍ଶ ସାରଣୀ**

| କ୍ର. ସଂ. | ବନାଞ୍ଚଳର ନାମ | କେନ୍ଦ୍ରର ଅବସ୍ଥିତି | ଚାରା ଉତ୍ପାଦନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନାମ ଏବଂ ମୋବାଇଲ ନଂ. | ଉପଲବ୍ଧ ଥିବା ଚାରା ଓ ତାର ସଂଖ୍ୟା | | | | | | | | | | | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| | | | | ଆକାସିଆ | ଆକାସିଆ ମେଞ୍ଜିଅମ | ଶାଗୁଆନ | ମେହୋଗାନି | କରଞ୍ଜ | ନିମ | ସିସୁ | କୃଷ୍ଣଚୂଡ଼ା | [illegible] | ଅଁଳା | ଦେବଦାରୁ | [illegible] | [illegible] | [illegible] | [illegible] | [illegible] | ରାଧାଚୂଡ଼ା | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | ସମୁଦାୟ |
| ୧ | ବେତନଟି | ଗଡଗଡିଆ | ସୁଶାନ୍ତ ବାଗ, ବନପାଳ, ୯୬୯୨୪୨୧୮୪୩ | ୫୦୦୦ | ୧୦୦୦୦ | ୨୦୦୦ | ୨୦୦୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୧୦୦୦ | ୦ | ୨୦୦୦୦ |
| ୨ | ଉଦଳା | ଉଦଳା | ଆଶିଷ କୁ. ବେହେରା, ବନପାଳ. ୯୪୩୯୩୪୫୯୨୩ | ୨୦୦୦ | ୦ | ୬୦୦୦ | ୦ | ୧୦୦୦ | ୧୦୦୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୧୦୦୦୦ |
| ୩ | କପ୍ତିପଦା | ସୁତସୁତିଆ | ସୋଭାକର ସିଂହ, ବନପାଳ. ୯୧୭୮୨୪୦୮୦୬ | ୪୦୦୦ | ୦ | ୫୦୦୦ | ୦ | ୦ | ୦ | ୧୦୦୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୧୦୦୦୦ |
| ୪ | ଦୁକୁରା | ଦୁକୁରା | ତ୍ରିନାଥ ସାମଲ, ବନରକ୍ଷୀ. ୮୨୪୯୫୧୯୧୪୩ | ୧୦୦୦ | ୧୦୦୦ | ୨୦୦୦ | ୦ | ୦ | ୦ | ୦ | ୮୦୦ | ୧୦୦୦ | ୦ | ୬୫୦ | ୮୫୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୭୦୦ | ୮୦୦୦ |
| ୫ | ରାସଗୋବିନ୍ଦପୁର | ବଳଦିଆ | ମନୋଜ କୁ.ମୁର୍ମୁ, ବନପାଳ. ୮୨୪୯୧୧୦୫୯୧ | ୫୦୦୦ | ୦ | ୩୦୦୦ | ୦ | ୦ | ୦ | ୦ | ୦ | ୫୦୦ | ୧୦୦୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୦ | ୫୦୦ | ୧୦୦୦୦ |
| ୬ | ଦେଉଳି | ମୋହାବିଲା | ମଧୁସ୍ମିତା ପ୍ରଧାନ, ବନରକ୍ଷୀ.୭୬୮୨୯୦୦୮୯୬ | | | ୧୫୦୦ | ୦ | ୦ | ୦ | ୧୮୦୦ | ୦ | ୪୦୦ | ୨୬୬ | ୧୦୨୪ | ୦ | ୮୫୦ | ୭୦୦ | ୧୫୦ | ୪୫୦ | ୧୫୦ | ୩୮୦ | ୨୪୦ | ୮୫୦ | ୦ | ୦ | ୦ | ୦ | ୦ | ୦ | ୦ | ୬୫୦ | ୫୦୦ | ୧୦୦୦୦ |
| ୭ | ପିଠାବଟା | ମଞ୍ଜାବନ୍ଧା | ବିଷ୍ଣୁ ମୋହନ ରାଉତ, ବନରକ୍ଷୀ. ୮୩୨୨୭୮୨୦୭୭ | ୧୨୨୫ | ୦ | ୧୧୫୦୦ | ୨୫୦ | ୫୨୫ | ୫୦୦ | ୨୦୦୦ | ୧୧୦୦ | ୨୫୦ | ୧୫୦୦ | ୦ | ୧୭୦୦ | ୦ | ୦ | ୦ | ୦ | ୧୭୦୦ | ୦ | ୦ | ୨୫୦ | ୨୫୦୦ | ୧୪୦୦ | ୨୫୦ | ୨୫୦ | ୨୦୦ | ୨୦୦ | ୨୦୦୦ | ୦ | ୧୪୦୦ | ୪୨୩୦୦ |

ବନଖଣ୍ଡ ଅଧିକାରୀ, ବାରିପଦା ବନଖଣ୍ଡ

## ନିଜ କଥା
ଭେଡ଼େନ ବିଡ଼ିଓ ମୁରଲୀଧର ନାୟକ



ଭେଡ଼େନ ବିଡ଼ିଓ ମୁରଲୀଧର ନାୟକ । ଜଣେ ଆଶୁକବି । ବିଭିନ୍ନ ସଭାସମିତିରେ ସୁନ୍ଦର କବିତା, ଗୀତ ମାଧ୍ୟମରେ ନିଜର ବକ୍ତବ୍ୟ ରଖୁଥିବା ମୁରଲୀଧରଙ୍କ ଜନ୍ମ ଅନୁଗୋଳ ଜିଲା କଣିହା ବ୍ଲକ ଅନ୍ତର୍ଗତ ରେଙ୍ଗାଲି ଡ୍ୟାମ ନିକଟସ୍ଥ ସୁଣୁବା ଗ୍ରାମରେ । ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା, ଜନତା ହାଇସ୍କୁଲ ବଜ୍ରକୋଟ, ପରେ ଅନୁଗୋଳ ସାଇନ୍ସ କଲେଜ, ଭୁବନେଶ୍ୱର ବିଜେବି କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ଏମ୍‌ଏ କରିଛନ୍ତି ସେ । ଅଫିସ କାମ ସହ ଭଜନ, ସଂକୀର୍ତ୍ତନ, ସତ୍‌ସଙ୍ଗ, ପ୍ରବଚନରେ ତାଙ୍କର ରୁଚି ରହିଛି । ଏଥର ନିଜ କଥା ସ୍ତମ୍ଭରେ ତାଙ୍କ କଥା.. ।

# କମ୍ ମାର୍କ ପାଇଁ ମାଟ୍ରିକ ବେଷ୍ଟଟେନ୍‌ରୁ ବଞ୍ଚିତ ହୋଇଥିଲି

**☆ପ୍ରଥମ ଚାକିରି କେଉଁଠି ?**

▶ଭୁବନେଶ୍ୱର କେନ୍ଦ୍ର ଏକ୍‌ସାଇଜ୍ ଡିପାର୍ଟମେଣ୍ଟରେ ଆକାଉଣ୍ଟାଣ୍ଟ ଭାବେ ପ୍ରଥମେ ଚାକିରି କରିଥିଲି। ୧୯୮୮ ମସିହାରେ ଓଏଏସ୍ ପାଇଲି । ସେହିବର୍ଷ ଅକ୍ଟୋବର ୧୪ ତାରିଖରେ କୋରାପୁଟ ଜିଲାରେ ପ୍ରଶାସନିକ ଅଧିକାରୀ ଜୀବନ ଆରମ୍ଭ ହୋଇଥିଲା। ୨୦୧୮ ଅକ୍ଟୋବର ୩ ତାରିଖରେ ଭେଡ଼େନ ବିଡ଼ିଓ ଭାବେ ଯୋଗ ଦେଇଥିଲି।

**☆କବିତା ପ୍ରତି କିପରି ଆକୃଷ୍ଟ ହେଲେ ?**

▶ସ୍କୁଲରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତାରେ ଅନ୍ୟ ପ୍ରତିଯୋଗୀମାନେ ଭାଷଣ ଦେଉଥିବା ବେଳେ ମୁଁ କବିତା ମାଧ୍ୟମରେ ବକ୍ତବ୍ୟ ରଖୁଥିଲି । ଯେକୌଣସି ବିଷୟରେ ସଙ୍ଗେ ସଙ୍ଗେ କବିତାଟିଏ ପ୍ରସ୍ତୁତ କରି ଗାଇ ପାରୁଥିଲି । ଯାହା ଏପର୍ଯ୍ୟନ୍ତ ଜାରି ରହିଛି।

**☆ଆପଣଙ୍କ କେତୋଟି କବିତା ବହି ପ୍ରକାଶିତ ହୋଇଛି ?**

▶ଏ ପର୍ଯ୍ୟନ୍ତ ମୋର ୧୩ ଖଣ୍ଡ ବହି ପ୍ରକାଶିତ ହୋଇଛି। ୧୪ତମ ବହି ପ୍ରକାଶନ ଅପେକ୍ଷାରେ ରହିଛି ।

**☆ନିଜ ଦାୟିତ୍ୱ ସହିତ କବିତା,ସତ୍‌ସଙ୍ଗ କିପରି ସମ୍ଭବ ହୁଏ ?**

▶ସମୟ ବାହାର କରି ସତ୍‌ସଙ୍ଗ, ନାମଯଜ୍ଞ, ପ୍ରବଚନରେ ଯୋଗ ଦେଇଥାଏ। ଗୀତ ଗାଇ ଥାଏ। ଡ୍ୟୁଟିରେ ଅବହେଳା କରେ ନାହିଁ । ଅଫିସ କାମ ସହ ଆଡ୍‌ଜଷ୍ଟ କରେ । ରାତି ୧୦ଟା ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କବିତା ଲେଖିଥାଏ।

**☆ଟିଭି,ସିନେମା ଦେଖନ୍ତି?**

▶ସିନେମା ଦେଖେ ନାହିଁ । ଟିଭିରେ ନ୍ୟୁଜ ସହ ପାଲା, ଦାଶକାଠିଆ, ଆଧ୍ୟାତ୍ମିକ ପ୍ରବଚନ ଦେଖେ।

**☆କିଛି ଅବଶୋଷ ଅଛି କି ?**

▶ମାଟ୍ରିକ ପରୀକ୍ଷାରେ ବେଷ୍ଟ ଟେନ୍‌ରେ ଆସିବି ବୋଲି ଆଶା କରିଥିଲି । କିନ୍ତୁ ମାତ୍ର ଅଳ୍ପ ମାର୍କ ଯୋଗୁ ସେହି ସଫଳତାରୁ ବଞ୍ଚିତ ହୋଇଥିଲି।

**☆ପରିବାର ବିଷୟ କିଛି କହିବେ ?**

▶ସ୍ତ୍ରୀ,ତିନି ଝିଅଙ୍କୁ ନେଇ ମୋର ସଂସାର । ବଡ଼ ଝିଅ ଅଧ୍ୟାପିକା, ମଝିଆ ଜୁଡିସିଆଲ ଲାଇନ ଏବଂ ସାନଝିଅ ବ୍ୟାଙ୍କିଙ୍ଗ୍ ଲାଇନକୁ ଯିବ ବୋଲି ଆଶା କରିଛନ୍ତି।

**☆ରୋଷେଇ ଜାଣନ୍ତି?**

▶ହଁ, କିନ୍ତୁ କେବଳ ନିରାମିଷ ଖାଏ ଓ ନିରାମିଷ ରୋଷେଇ କରେ ।

ରିପୋର୍ଟ –ନିର୍ମଳ କୁମାର ମେହେର

# ବର୍ଷାଦିନେ ଷ୍ଟ୍ରିଟ୍‌ଫୁଡ୍

ମୌସୁମୀ ଆସିଲେ ପ୍ରଥମେ ସମସ୍ତଙ୍କ ମନକୁ ଆସେ ଘରେ ବସି କେମିତି ଗରମ ଗରମ ଖାଦ୍ୟର ମଜାନେବା। ଗରମ ପକୁଡ଼ି ସାଙ୍ଗକୁ ଗରମ ଚା’ ହୋଇଗଲେ ବର୍ଷାଦିନିଆ ସନ୍ଧ୍ୟା ଆଉ ସକାଳର ମଜା ଆହୁରି ଜମିଯାଏ। ହେଲେ ଏହାପରେ ବି ମନ ଖୋଜେ ବାହାରର କିଛି ଚଟ୍‌ପଟା ଖାଦ୍ୟ। ବର୍ଷାଦିନେ ଷ୍ଟ୍ରିଟ୍ ଫୁଡ୍ ଖାଇବାକୁ ଡାକ୍ତର ମନାକଲେ ବି ମନ ମାନେନା। ବର୍ଷାପାଗର ମଜାନେବାକୁ ମନ ଖୋଜେ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ। ତେବେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ବର୍ଷାଦିନେ ସବୁଠାରୁ ଅଧିକ ଜରୁରୀ ହୋଇଥିବା ବେଳେ ଚାଟ୍, ଗୁପ୍‌ଚୁପ୍, ଦହିବରା, ଫ୍ରୁଟ୍ ସାଲାଡ୍ କିମ୍ବା ରାସ୍ତାକଡ଼ ଫ୍ରୁଟ୍ ଜୁସ୍ ଭଳି ଖାଦ୍ୟଠାରୁ ଦୂରେଇ ରହିବା ଏହିଦିନେ ସବୁଠାରୁ ଭଲ। ନଚେତ୍ ଫୁଡ୍ ପଏଜନିଂ, ଝାଡ଼ାବାନ୍ତି ଭଳି ରୋଗରେ ପଡ଼ିବା ଆଶଙ୍କା ରହିଥାଏ। ହେଲେ ଷ୍ଟ୍ରିଟ୍‌ଫୁଡ୍‌କୁ ଭଲପାଉଥିବା ଲୋକଙ୍କ ପାଇଁ କିନ୍ତୁ ବର୍ଷାଦିନେ ରହିଛି କିଛି ଭିନ୍ନ ଅପ୍‌ସନ୍, ଯାହାକି କେବଳ ସୁସ୍ୱାଦୁ ନୁହେଁ, ସ୍ୱାସ୍ଥ୍ୟକର ମଧ୍ୟ। ବର୍ଷାଦିନେ ରାସ୍ତାକଡ଼ରେ ମିଳୁଥିବା ସେଭଳି କିଛି ଖାଦ୍ୟ ମଧ୍ୟରେ ରହିଛି ମକା ପୋଡ଼ା, ଗ୍ରୀଲ୍‌ଡ କିମ୍ବା ତନ୍ଦୁରି ଖାଦ୍ୟ, ମୋମୋ କିମ୍ବା ଗରମ ଗରମ ଭେଜ୍ ଓ ନନ୍‌ଭେଜ୍ ସୁପ୍ ଇତ୍ୟାଦି।

## ମକାପୋଡ଼ା/ମକାସିଝା



ବର୍ଷାରେ ରାସ୍ତାରେ ଯାଉଥିବା ବେଳେ ରାସ୍ତାକଡ଼ରେ ବିକ୍ରି ହେଉଥିବା ପୋଡ଼ା ମକାର ବାସ୍ନା ଆମକୁ ଅଟକାଇ ଦିଏ। ଲୁଣ, ଲଙ୍କାଗୁଣ୍ଡ ସହ ଲେମ୍ବୁ ଲଗାଯାଇଥିବା ଗରମ ଗରମ ମକା ପୋଡ଼ାର ମଜା ସବୁବେଳେ ନିଆରା। ବର୍ଷାଦିନେ କୋଣ ଅନୁକୋଣରେ ମକା ବିକାଳିମାନଙ୍କୁ ଦେଖିବାକୁ ମିଳୁଥିବାବେଳେ ମକାରେ ଥିବା ଆଣ୍ଟିଅକ୍ସିଡାଣ୍ଟ୍‌ସ ଓ ହାଇ ଫାଇବର୍ ଆମକୁ ବର୍ଷାରେ ଫିଟ୍ ରଖିବାରେ ସାହାଯ୍ୟକରେ। ଏହାସହ ଅତ୍ୟଧିକ ତାପମାତ୍ରାରେ ଏହାକୁ ସିଝା ଏବଂ ପୋଡ଼ାଯାଉଥିବାରୁ ଏଥିରେ ବ୍ୟାକ୍ଟେରିଆଲ ଇନ୍‌ଫେକ୍ସନ ହେବାର ଆଶଙ୍କା ମଧ୍ୟ ନ ଥାଏ। ତେଣୁ ସାଙ୍ଗମାନଙ୍କ ସହ ଏକାଠି ରାସ୍ତାକଡ଼ରେ ଛିଡାହୋଇ ଗରମ ଗରମ ଚା’ ସହ ମକା ଖାଇବାର ମଜା ଏ ବର୍ଷାରେ ନିଶ୍ଚୟ ଉଠାନ୍ତୁ।

## ଗରମ ପକୁଡ଼ିକୁ ମସଲା ଚା’



ପକୁଡ଼ି ଓ ଚା’ ମୌସୁମୀର ସବୁଠାରୁ ଫେଭରାଇଟ୍ ଫୁଡ୍ କହିଲେ ଅତ୍ୟୁକ୍ତି ହେବନାହିଁ। ଘରେ ହେଉ କି ବାହାରେ ଚା’ ସହ ପକୁଡ଼ି ଖାଇବାକୁ ସମସ୍ତେ ଭଲପାଆନ୍ତି। ତେବେ ବର୍ଷାରେ ପାଗକୁ ମାତ୍ ଦେବାକୁ ପକୁଡ଼ି ସହ ଟିକେ ମସଲା ଚା’ ହୋଇଗଲେ ଖଟି ଆହୁରି ଜମେ। ଗୁଜୁରାତି, ଲବଙ୍ଗ, ଡାଲଚିନି, ପାନମଧୁରୀ, ଗୋଲମରିଚ, ଜାଇଫଳ ଓ ଅଦା ପଡ଼ିଥିବା ମସଲା ଚା’ ବର୍ଷାରେ ଯେତିକି ଆରାମଦାୟକ ସେତିକି ସ୍ୱାସ୍ଥ୍ୟ ଉପଯୋଗୀ ମଧ୍ୟ। ଏଥିରେ ଥିବା ମସଲା ଥଣ୍ଡାରୁ ଦୂରେଇ ରଖିବା ସହ ଇମ୍ୟୁନିଟି ବା ରୋଗ ନିରାକରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏହାସହ ତନ୍ଦୁରୀ ଚା’ ମଧ୍ୟ ଆଜିକାଲି ବିଭିନ୍ନ ସ୍ଥାନରେ ଉପଲବ୍ଧ ହେଲାଣି। ଭୁବନେଶ୍ୱରରେ ୟୁନିଟ୍-୩ କେଶରୀ ହଲ୍ ନିକଟ ଏବଂ ଶହୀଦନଗର ଦୁର୍ଗାମଣ୍ଡପ ଅଞ୍ଚଳ ମସଲା ଚା’ ପାଇଁ ପ୍ରସିଦ୍ଧ ହୋଇଥିବାବେଳେ କିଟ୍ ରୋଡ୍ ଏବଂ ବମିଖାଲ କେନାଲ ରୋଡରେ ଥିବା ତନ୍ଦୁରି ଚା’ ବେଶ୍ ଲୋକପ୍ରିୟ।

## ଗ୍ରୀଲ୍‌ଡ/ତନ୍ଦୁରି ଖାଦ୍ୟ

ବର୍ଷାଦିନେ ଗ୍ରୀଲ୍‌ଡ ଓ ତନ୍ଦୁରି ଖାଦ୍ୟ ଖାଇବାର ମଜା ନିଆରା। ବର୍ଷାରେ ଅଧିକ ଡିପ୍ ଫ୍ରାଇଡ୍ ଫୁଡ୍ ଏସିଡିଟି ଓ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରୁଥିବା ବେଳେ ଏହିଦିନେ ଗ୍ରୀଲ୍‌ଡ ଓ ତନ୍ଦୁରୀ ଖାଦ୍ୟ ଏକ ଭଲ ଅପ୍‌ସନ୍। ଏଥିରେ କମ୍ ତେଲ ଓ ବଟର୍ ବ୍ୟବହାର ହେଉଥିବାରୁ ଏହା ସହଜରେ ହଜମ ହେବାସହ ଏଥିରେ ସଂକ୍ରମଣର ଆଶଙ୍କା ରହି ନ ଥାଏ। ହେଲେ ତନ୍ଦୁରି ହେଉ ଗ୍ରୀଲ୍‌ଡ ସର୍ବଦା ଗରମ ଗରମ ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ। ଏହାବ୍ୟତୀତ କମ୍ ମସଲା ଓ କମ୍ ଲୁଣ ବ୍ୟବହୃତ ଖାଦ୍ୟ ଖାଆନ୍ତୁ। ଭୁବନେଶ୍ୱରର ରାମମନ୍ଦିର ନିକଟରେ ଥିବା ଖାଓଗଳି ତନ୍ଦୁରି ଓ ଗ୍ରୀଲ୍‌ଡ ଖାଦ୍ୟ ପାଇଁ ପ୍ରସିଦ୍ଧ ହୋଇଥିବା ବେଳେ କିଟ୍ ରୋଡ୍‌ରେ ମଧ୍ୟ ଏହା ବହୁଳଭାବେ ଉପଲବ୍ଧ।

## ମୋମୋ/ସୁପ୍



ଷ୍ଟିମର୍‌ରୁ ବାହାରିଥିବା ଗରମ ଗରମ ମୋମୋ ଓ ତା’ ସହ ଚଟପଟା ଚଟଣି, ପ୍ରାୟତଃ ସମସ୍ତେ ଏହାକୁ ଭଲପାଆନ୍ତି। ଏହାସହ ବର୍ଷାରେ ଫୁଡ୍‌ଷ୍ଟଲରେ ମିଳୁଥିବା ଚିକେନ୍, ମଟନ୍ ସୁପ୍ ଓ ଭଳିକି ଭଳି ଭେଜ୍ ସୁପ୍ ପିଇବା ବର୍ଷାରେ ହିତକର। ଏହା ଥଣ୍ଡା ଓ ସଂକ୍ରମଣରୁ ମୁକ୍ତ ରଖିବା ସହ ଶରୀରକୁ ଗରମ ରଖିବାରେ ସାହାଯ୍ୟକରେ। ଆଜିକାଲି ତନ୍ଦୁରି ମୋମୋ ଭୁବନେଶ୍ୱରରେ ଏକ ଲୋକପ୍ରିୟ ଷ୍ଟ୍ରିଟ୍‌ଫୁଡ୍ ହୋଇଛି।



–ରିପୋର୍ଟ: ସସ୍ମିତା ପାଇକରାୟ
ଫଟୋ: ବିକାଶ ନାୟକ

# ନେତାଙ୍କୁ ବୁଝାଇଦେଇଥିଲି ଚୋରର ଅର୍ଥ...



ଜ୍ଞାନ ହୋତା

## ମୋ ଅନୁଭୂତି

ଆଠମଲ୍ଲିକରେ ଏକ ସାହିତ୍ୟ ସଭା ଥାଏ। ବର୍ଷ କି ବାର ଠିକ୍ ମନେ ନ ଥିଲେ ବି ଘଟଣା କ’ଣ ଥିଲା ତାହା ଏଯାଏ ମନରେ ଅଛି। କାର୍ଯ୍ୟକ୍ରମରେ ମୁଁ ଥାଏ ମୁଖ୍ୟବକ୍ତା ଓ ରାଜ୍ୟର ଜଣେ ନେତା ଥାନ୍ତି ମୁଖ୍ୟଅତିଥି। କାର୍ଯ୍ୟକ୍ରମକୁ ଯିବା ବାଟରେ ମୋ ଗାଡ଼ି ଖରାପ ହେଲା। ତେଣୁ ଫୋନରେ ଜଣାଇଦେଲି, ଯିବାରେ ବିଳମ୍ବ ହେବ, ଆପଣ କାର୍ଯ୍ୟକ୍ରମ ଆରମ୍ଭ କରି ଦିଅନ୍ତୁ। ସଭାସ୍ଥଳରେ ପହଞ୍ଚିବା ବେଳକୁ କାର୍ଯ୍ୟକ୍ରମ ଚାଲିଥାଏ ଓ ମଞ୍ଚରେ ଥାନ୍ତି ମୁଖ୍ୟଅତିଥି ନେତା ମହୋଦୟ। ତାଙ୍କର ପୂର୍ବରୁ କ’ଣ ଭାଷଣ ଥିଲା ଜାଣିନି ହେଲେ ମୋତେ ଦେଖି ମୋଡ଼ ବଦଳାଇଦେଲେ। ହଠାତ୍ କହିବା ଆରମ୍ଭ କଲେ ଆଜିକାଲି ବ୍ୟଙ୍ଗକବିମାନେ ନେତାମାନଙ୍କ ଅବଦାନ, ଉତ୍ସର୍ଗକୁ ବୁଝୁନାହାନ୍ତି। କଦର୍ଯ୍ୟ କରି, ଚିଗୁଲେଇ ନେତାମାନଙ୍କ ବିରୋଧରେ ଲେଖୁଛନ୍ତି। ଏପରିକି ଚୋର ବି କହୁଛନ୍ତି। ସିଧା ନ ହେଲେ ବି ବୁଲେଇକି ସେ ମୋତେ ଗାଳି କରୁଛନ୍ତି ବୋଲି ଲାଗିଲା। ପାଳି ଆସିଲା ମୋର। ମୁଖ୍ୟବକ୍ତା ଭାବେ ମାଇକ ଧରିବା ପରେ ଚୋର ଭଳି ପବିତ୍ର ଅର୍ଥକୁ ନେତାଙ୍କ ନାଁରେ ଯୋଡ଼ିବାର ସାହସ ନାହିଁ ବୋଲି ମୁଁ ଉତ୍ତର ରଖିଥିଲି। ବ୍ରଜେ ଚୋରି କଲୁ ଲହୁଣୀ ସର, ବାସ ହରି ନେଲୁ ଗୋପ ନାରୀର, ସତରେ ଯଦି ତୁ ଏଡିକି ଚୋର, ଚୋରି କରି ନେ ଜନମଜନମ ପାପକୁ ମୋର.. ଏହା ହେଉଛି ମୋର ଏକ ଅନୁବାଦିତ କବିତାରୁ କିଛି। ଏହି ପଦକୁ କହିବା ପରେ ଭଗବାନ କୃଷ୍ଣ ବି କିପରି ଚୋର ଥିଲେ ତାହାର ପ୍ରମାଣ ଦେଇଥିଲି। ପରେ ନେତାଙ୍କ ଉଦ୍ଦେଶ୍ୟରେ କହିଥିଲି, ତୁମେ ପାଣି, ଖଣି, ଡାଲି ଯାହା ପାଉଛ ଚୋରି କର। ଚିଟ୍‌ଫଣ୍ଡ ଟଙ୍କା ବି ହଜମ କରିଦିଅ। ଆମର କିଛି କହିବାର ନାହିଁ। ହେଲେ ଥରେ ଲୋକଙ୍କ ଦୁଃଖକୁ ଚୋରି କର ହେ ନେତା ମହୋଦୟ। ସେତେବେଳେ ଆମେ ତୁମକୁ ଚୋର ଡାକି ପାରି ଖୁସି ହେବୁ। ସଭାସ୍ଥଳ କରତାଳିରେ ଭରି ଉଠିଥିଲା। କିଛି ଦିନ ବୋଧେ ଚୋର ଶବ୍ଦକୁ ନେଇ ଆଲୋଡ଼ନ ହୋଇଥିଲା ସେ ଜାଗାରେ, ସାହିତ୍ୟ ଚର୍ଚ୍ଚାରେ ଓ ଓଡ଼ିଶାରେ ବି। ରାଜ୍ୟର ବେଶ୍ ପରିଚିତ ବ୍ୟଙ୍ଗ କବି ଜ୍ଞାନ ହୋତାଙ୍କର ଏହା ଅନୁଭୂତିର ଏକ ଅଂଶ। ଆଠମଲ୍ଲିକର ମାଧପୁର ଗ୍ରାମରେ ଜ୍ଞାନଙ୍କର ଜନ୍ମ। ୭ ଭାଇ ଓ ୩ ଭଉଣୀ ମଧ୍ୟରୁ ଜ୍ଞାନ ହେଉଛନ୍ତି ସବୁଠୁ ସାନ ଭାଇ। ଏପରିକି ୭ଜଣ ଭାଇଙ୍କର ନାମ ଇଂଲିଶ ଆଲଫାବେଟ୍ ଏ ଠାରୁ ଜି ପର୍ଯ୍ୟନ୍ତରେ ନାମକରଣ ହୋଇଛି। ଜ୍ଞାନଙ୍କର ମୂଳନାମ ଜ୍ଞାନାନନ୍ଦ ହୋତା। ହେଲେ ନନ୍ଦ ଓ ହୋତା ଭଳି ଦୁଇଟି ସାଙ୍ଗିଆ ଭିତରେ କଳି ନ ହେଉ, ତେଣୁ ସେ ଜ୍ଞାନ ହୋତା ନାମ ରଖିଛନ୍ତି ବୋଲି ବ୍ୟଙ୍ଗର ସହ କହିଥିଲେ। ବାରବାଟୀ ଷ୍ଟାଡିୟମରେ ହେଉଥିବା ଏକ ପୁସ୍ତକ ମେଳାରେ ଜ୍ଞାନ ପ୍ରଥମେ ବ୍ୟଙ୍ଗ କବିତା ଆବୃତ୍ତି କରିଥିଲେ। ପିଲାଟି ବେଳୁ କବିତା ଲେଖିବାର ରୁଚି ନ ଥିଲେ ମଧ୍ୟ ଆପେଆପେ ସେ ଏଥିରେ ଯୋଡ଼ିହୋଇଯାଇଛନ୍ତି। ପିଲା ବେଳେ ଦୁଷ୍ଟାମି କରି ଗାଳି ଓ ଏବେ ଦୁଷ୍ଟାମି କରି ତାଳି ପାଉଛନ୍ତି ବୋଲି ଜ୍ଞାନ କୁହନ୍ତି। ପୁସ୍ତକମେଳାରେ ତାଙ୍କର କବିତା ଶୁଣି ଆକାଶବାଣୀର ବରିଷ୍ଠ ପଦାଧିକାରୀ ସ୍ୱର୍ଗତ ଡ. ବ୍ରଜମୋହନ ମହାନ୍ତି ତାଙ୍କୁ ରେଡିଓର ଚହଟା ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେବାକୁ କହିଥିଲେ। ସେହି ସମୟର ଅନୁଭୂତି ସମ୍ପର୍କରେ ଜ୍ଞାନ କୁହନ୍ତି, ଡ. ମହାନ୍ତି କହିଥିଲେ ଜ୍ଞାନ ତୁମେ ଭଲ କବିତା ଲେଖୁଛ। ଆଉ କିଛି କବିତା ଲେଖିଛ ନା ନାହିଁ ବୋଲି ପଚାରିଥିଲେ। ବାହାଦୁରି ମାରି ଆହୁରି କବିତା ଅଛି ବୋଲି ଜ୍ଞାନ କହି ଦେଇଥିଲେ। ହେଲେ ସତ କଥା ହେଉଛି ପୁସ୍ତକ ମେଳାରେ ଆବୃତ୍ତି କରିଥିବା କବିତା ହିଁ ତାଙ୍କର ପ୍ରଥମ ରଚନା ଥିଲା। ପରଦିନ ୩ଟି କବିତା ଆଣି ଆକାଶବାଣୀରେ ଦେଖା କରିବାକୁ ଡ.ମହାନ୍ତି କହିଲେ। ରାତି ଭିତରେ ୩ଟି କବିତା କିପରି ଲେଖିବେ ବୋଲି ଭାବି ଚିନ୍ତା ବଢ଼ିଯାଇଥିଲା। ସକାଳୁ ମିଛରେ ଡ.ମହାନ୍ତିଙ୍କୁ କହିଥିଲେ ଅଜା ଚାଲି ଯାଇଛନ୍ତି ଆଉ ତୁରନ୍ତ ଗାଁକୁ ଯିବାକୁ ହେବ। ୧୦ଦିନ ପରେ ଆସିବି। ଏକଥାରେ ଡ. ମହାନ୍ତି ରାଜି ହେଲେ। ୧୦ଦିନରେ ୩ଟି କବିତା ଲେଖାସାରି ଡ. ମହାନ୍ତିଙ୍କୁ ଦେଖା କରିଥିଲେ। କବିତାଗୁଡ଼ିକ ପ୍ରଶଂସିତ ହେଲା ଏବଂ ଏହି କବିତା ରଚନା ଭିତରେ ରହିଗଲେ ଜ୍ଞାନ।

–ରିପୋର୍ଟ: କୁମାରଶ୍ରୀ ସାହୁ

# ସେଲ୍‌ଫି କର୍ନର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



@ ଶଶିକାନ୍ତ



@ ଶାନ୍ତନୁ



@ ସନାକା



@ ଆନନ୍ଦରାମ



@ ସ୍ନିଗ୍ଧା



@ ଦୁବାଦଳ



@ ଧର୍ମରାଜ



@ ଚନ୍ଦ୍ରମା



@ ଧନେଶ୍ୱର



@ ଯଶୋବନ୍ତ



@ ଦିଲୀପ

Dollar 68.89 (6) | Sensex 22.77 39,839.25 | Nifty 6.45 11,916.75 | Gold ₹260 34,380.00 | Silver ₹150 38,650.00

“କମର୍ସିଆଲ ଭେହିକିଲ ଋଣ ପ୍ରଦାନ ଲାଗି ଇଣ୍ଡୋଷ୍ଟାର୍ କ୍ୟାପିଟାଲ ସହ ଆଇସିଆଇସିଆଇ ବ୍ୟାଙ୍କ ହାତ ମିଳାଇଛି। ଟିୟର-୨,୩,୪ ସହରରେ କମର୍ସିଆଲ ଗାଡ଼ିର ଗ୍ରାହକ ଖୋଜିବା ଏହାଦ୍ୱାରା ସହଜ ହେବ।

– ରବି ନାରାୟନନ, ଆଇସିଆଇସିଆଇ ବ୍ୟାଙ୍କ ସିକ୍ୟୁର୍ଡ ଆସେଟ ମୁଖ୍ୟ



“କେନ୍ଦ୍ର ସରକାର ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର ଲାଗି ପ୍ରତିଶ୍ରୁତିବଦ୍ଧ। ତେବେ ଏଥିପୂର୍ବରୁ କମ୍ପାନୀକୁ ଲାଭ ମାର୍ଗରେ ଆଣିବାକୁ ପ୍ରୟାସ କରାଯାଉଛି।

– ହରଦୀପ ସିଂ ପୁରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ



## ସଂକ୍ଷେପରେ

## ଆଜି ଆସିବ ଆର୍ଥିକ ସର୍ଭେ ରିପୋର୍ଟ

**ନୂଆଦିଲ୍ଲୀ,୩-୭:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଶୁକ୍ରବାର ଉପସ୍ଥାପନ କରିବେ। ପରମ୍ପରା ଅନୁଯାୟୀ ଏହାର ଦିନକ ପୂର୍ବରୁ ଗୁରୁବାର ଅର୍ଥମନ୍ତ୍ରୀ ସୀତାରାମନ୍ ୨୦୧୯-୨୦ର ଆର୍ଥିକ ସର୍ଭେ ରିପୋର୍ଟ ସଂସଦରେ ଉପସ୍ଥାପନ କରିବେ। ଦେଶର ମୁଖ୍ୟ ଆର୍ଥିକ ଉପଦେଷ୍ଟା କେ.ଭି.ସୁବ୍ରମଣ୍ୟନଙ୍କ ନେତୃତ୍ୱରେ ପ୍ରସ୍ତୁତ ଏହି ରିପୋର୍ଟରୁ ହିଁ ଚଳିତ ଆର୍ଥିକ ବର୍ଷର ବଜେଟ ରୂପରେଖ ସ୍ପଷ୍ଟ ହୋଇଯିବ। ଚଳିତ ଆର୍ଥିକ ବର୍ଷରେ ଅର୍ଥ ମନ୍ତ୍ରଣାଳୟ ଓ କେନ୍ଦ୍ର ସରକାର କିପରି ଯୋଜନା ପ୍ରସ୍ତୁତ କରିବେ ସେ ସଂକ୍ରାନ୍ତରେ ସର୍ଭେ ରିପୋର୍ଟରେ ଦର୍ଶାଯାଇଥାଏ। ସାଧାରଣତଃ ଗତ ଆର୍ଥିକ ବର୍ଷରେ ଦେଶର ଅର୍ଥନୀତିର ଗତି କେଉଁଆଡେ ରହିଥିଲା, ସେସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ କରାଯିବା ସହ ଚଳିତ ଆର୍ଥିକ ବର୍ଷରେ ସରକାର କ'ଣ କରିବାକୁ ଚାହୁଁଛନ୍ତି, ସେ ବିଷୟରେ ଦର୍ଶାଯାଇଥାଏ। ଅର୍ଥନୀତିର ପୂର୍ଣ୍ଣାଙ୍ଗ ଦୃଶ୍ୟପଟକୁ ପରିସଂଖ୍ୟାନ ତଥ୍ୟ ମାଧମରେ ସର୍ଭେ ରିପୋର୍ଟରେ ପ୍ରଦର୍ଶନ କରାଯାଇଥାଏ। ସମ୍ଭବତଃ ମଧାହ୍ନ ୧୨ଟାରେ ଏହି ଆର୍ଥିକ ସର୍ଭେ ରିପୋର୍ଟକୁ ଉପସ୍ଥାପନ କରାଯିବ ବୋଲି ଆଶାକରାଯାଉଛି।

## ବାଙ୍ଗା, ପ୍ରେମ୍‌ଜୀଙ୍କୁ ମିଳିବ ଗ୍ଲୋବାଲ ଏକ୍ସଲେନ୍ସ ଆୱାର୍ଡ

**ନୂଆଦିଲ୍ଲୀ,୩-୭:** ଆମେରିକା-ଭାରତ ଷ୍ଟ୍ରାଟେଜିକ ପାର୍ଟନରଶିପ୍ ଫୋରମ (ୟୁଏସ୍‌ଆଇଏସ୍‌ପିଏଫ୍) ମାଷ୍ଟରକାର୍ଡ ସିଇଓ ତଥା ପ୍ରେସିଡେଣ୍ଟ ଅଜୟ୍ ବାଙ୍ଗା ଏବଂ ୱିପ୍ରୋ ଅଧ୍ୟକ୍ଷ ଅଜିମ୍ ପ୍ରେମ୍‌ଜୀଙ୍କୁ ଚଳିତବର୍ଷ ଲାଗି ଗ୍ଲୋବାଲ ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ୧୧ରେ ୱାଶିଂଟନରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ବାର୍ଷିକ ସମ୍ମିଳନୀରେ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ଫୋରମ ପକ୍ଷରୁ କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବରିଷ୍ଠ ପରାମର୍ଶଦାତା ଜାରେଡ କୁଶନେଟ ଏହି ପୁରସ୍କାର ପ୍ରଦାନ କରିବେ ବୋଲି ୟୁଏସ୍‌ଆଇଏସ୍‌ପିଏଫ୍ ବୋର୍ଡ ଅଧ୍ୟକ୍ଷ ଜନ୍ ଚାମ୍ବର୍ସ କହିଛନ୍ତି। ଏହି ଆୱାର୍ଡ ପାଇବା ଲାଗି ମନୋନୀତ ହୋଇଥିବା ଅଜିମ ପ୍ରେମ୍‌ଜୀ ଧନ୍ୟ ମନେ କରିଛନ୍ତି।

## ■ ମୋଦି ୨.୦ର ପ୍ରଥମ ବଜେଟ

# ନିର୍ମଳାଙ୍କ ସମ୍ମୁଖରେ ବିକାଶ ବୃଦ୍ଧିର ଆହ୍ୱାନ

ନୂଆଦିଲ୍ଲୀ,୩-୭

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବଜେଟ ଉପସ୍ଥାପନ କରିବେ। ସେ ଏଭଳି ସମୟରେ ଦେଶର ଅର୍ଥମନ୍ତ୍ରୀ ପଦଭାର ଗ୍ରହଣ କରିଛନ୍ତି ଯେତେବେଳେ ଦେଶର ଅର୍ଥନୀତି ବିକାଶ ହାର ହ୍ରାସ ପାଇଛି। ନିଯୁକ୍ତି,ସଞ୍ଚୟ ଓ ଉପଭୋକ୍ତା ସାମଗ୍ରୀ କ୍ରୟ କ୍ଷମତା ହ୍ରାସ ସାଙ୍ଗକୁ ଆରମ୍ଭରୁ ମୌସୁମୀ ଧୋକା ଦେବା, ଟ୍ରେଡ ୱାର ସମସ୍ୟା ଅର୍ଥନୀତି ଅଭିବୃଦ୍ଧି କ୍ଷେତ୍ରରେ ବାଧକ ସାଜିଛି। ଏହାର ସମାଧାନ ଲାଗି ସୀତାରାମନ୍‌ଙ୍କ ସମ୍ମୁଖରେ ବହୁ ସାହସିକ ପଦକ୍ଷେପ ନେବାର ଆହ୍ୱାନ ରହିଛି।



ନିର୍ମଳା ସୀତାରାମନ୍

### ବିକାଶ ହାର

ଅର୍ଥମନ୍ତ୍ରୀ ତାଙ୍କର ବଜେଟ ମାଧ୍ୟମରେ ଦେଶର ଅର୍ଥନୀତି ବିକାଶ ହାରକୁ କିପରି ବୃଦ୍ଧି କରିବେ, ତାହା ଉପରେ ଏବେ ସମସ୍ତଙ୍କର ନଜର ରହିଛି। ଦେଶର ବିକାଶ ହାର ୨୦୧୫ରେ ୭.୫% ଥିବା ବେଳେ ୨୦୧୮-୧୯ରେ ଏହା ୬.୮%କୁ ଖସି ଆସିଛି। ବିକାଶ ହାର ୫ ବର୍ଷର ସର୍ବନିମ୍ନ ସ୍ତରରେ ରହିଥିବା ବେଳେ ଜିଡିପି ଅଭିବୃଦ୍ଧି ଲାଗି ନିର୍ମଳା ଏକାଧିକ ବଡ଼ ପଦକ୍ଷେପ ଘୋଷଣା କରିପାରନ୍ତି।

### ବିତ୍ତୀୟ ନିଅଣ୍ଟ ରୋଡମ୍ୟାପ୍‌ରେ ସଂଶୋଧନ

ପ୍ରୋତ୍ସାହନ ପ୍ରଦାନ କରିବାକୁ ଯାଇ ବିତ୍ତୀୟ ନିଅଣ୍ଟ ରୋଡମ୍ୟାପ୍‌କୁ ସଂଶୋଧିତ କରାଯାଇପାରେ। ଆର୍ଥିକ ବର୍ଷ ୨୦୨୦ ଲାଗି ଅନ୍ତରୀଣ ବଜେଟରେ ରାଜସ୍ୱ ନିଅଣ୍ଟ ପରିମାଣ ଜିଡିପିର ୩.୪% ନିର୍ଦ୍ଧାରିତ କରାଯାଇଥିଲା। ଯାହା କି ଆର୍ଥିକ ବର୍ଷ ୨୦୧୭ ଓ ୨୦୧୮ରେ ୩.୫% ରହିଥିଲା।

### ଟିକସ ହ୍ରାସ

ଅର୍ଥମନ୍ତ୍ରୀ ସୀତାରାମନ ଉପଭୋକ୍ତା ବ୍ୟୟ ବଢ଼ାଇବା ଉଦ୍ଦେଶ୍ୟରେ ଟିକସ ହ୍ରାସ ଘୋଷଣା କରିପାରନ୍ତି। ଏହି କ୍ରମରେ ଟିକସ ଛାଡ଼ ସୀମାକୁ ୨.୫ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଏହାବ୍ୟତୀତ କମ୍ପାନୀଙ୍କ ଲାଗି ୟୁନିଫର୍ମ କର୍ପୋରେଟ ଟିକସ ପରିମାଣକୁ ୨୫%କୁ ହ୍ରାସ ଘୋଷଣା ହୋଇପାରେ।

### ସଞ୍ଚୟ ବୃଦ୍ଧି ଉପାୟ

ବ୍ୟାଙ୍କ, ପୋଷ୍ଟ ଅଫିସରେ ସଞ୍ଚୟ କ୍ରମାଗତ ହ୍ରାସ ପାଉଛି। ସରକାର ଏହାକୁ ରୋକିବା ଲାଗି ଏବଂ ସଞ୍ଚୟ ବୃଦ୍ଧି ଉଦ୍ଦେଶ୍ୟରେ କେତେକ ନୂଆ ଉପାୟ ଗ୍ରହଣ କରିପାରନ୍ତି। ପରିବାର ଯେପରି ଅଧିକ ସଞ୍ଚୟ କରିବେ, ସେଥିନେଇ ଟିକସ ପ୍ରୋତ୍ସାହନ ସମ୍ପର୍କରେ ବଜେଟରେ ଘୋଷଣା ହୋଇପାରେ। ଆର୍ଥିକ ବର୍ଷ ୨୦୧୪ରେ ସଞ୍ଚୟ ଆକାଉଣ୍ଟରେ ଜିଡିପିର ୩୨.୧% ଅର୍ଥ ରହିଥିଲା। ଏହା ଆର୍ଥିକ ବର୍ଷ ୨୦୧୮ରେ ହ୍ରାସ ପାଇ ୩୦.୫% ହୋଇଛି।

### ପୁଞ୍ଜି ପ୍ରତ୍ୟାହାର ବୃଦ୍ଧି

ଅର୍ଥମନ୍ତ୍ରୀ ସୀତାରାମନ ପୁଞ୍ଜି ପ୍ରତ୍ୟାହାର ରାସ୍ତାରେ ଯାଇପାରନ୍ତି। ଆର୍ଥିକ ବର୍ଷ ୨୦୧୭ରେ ୪୬,୨୪୬ କୋଟି ଟଙ୍କା ପୁଞ୍ଜି ପ୍ରତ୍ୟାହାର ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ଆର୍ଥିକ ବର୍ଷ ୨୦୧୮ରେ ଏହାକୁ ୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଅନ୍ତରୀଣ ବଜେଟରେ ୯୦ ହଜାର କୋଟି ଟଙ୍କା ରଖାଯାଇଥିଲା।

### ନିଯୁକ୍ତି ବୃଦ୍ଧି ଲାଗି ଶ୍ରମ ସୁଧାର

ନିଯୁକ୍ତି ବୃଦ୍ଧି ଲାଗି ଦୀର୍ଘ ଦିନ ହେଲା ଅଟକି ରହିଥିବା ଶ୍ରମ ସୁଧାରକୁ ଆଗକୁ ବଢ଼ାଯାଇପାରେ। ନିଯୁକ୍ତିଦାତାଙ୍କ ପକ୍ଷରୁ ଚାକିରି ଦେବା ଓ ହଟାଇବା ନିୟମରେ ପରିବର୍ତ୍ତନ ହୋଇପାରେ। ଟିକସ ପ୍ରୋତ୍ସାହନ ଦେଇ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରେ।

### ଗ୍ରାମୀଣ ଭାରତ ଲାଗି ପ୍ୟାକେଜ୍

କେନ୍ଦ୍ର ଅର୍ଥମନ୍ତ୍ରୀ ଗ୍ରାମାଞ୍ଚଳରେ ଖର୍ଚ୍ଚ ବୃଦ୍ଧି କରିବା ଲାଗି କେତେକ ଉପାୟ ଘୋଷଣା କରିପାରନ୍ତି। ଚାଷୀଙ୍କ ଲାଗି ଋଣ ଉପରେ ସୁଧ ହାର ହ୍ରାସ କରାଯାଇପାରେ। ସାର ସବ୍‌ସିଡିକୁ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବା ନେଇ ଘୋଷଣା ହୋଇପାରେ। ଅନ୍ତରୀଣ ବଜେଟରେ ଏମ୍‌ଜିଏନ୍‌ଆର୍‌ଜିଏ ଲାଗି ସରକାର ୬୦ ହଜାର କୋଟି ଟଙ୍କା ଆବଣ୍ଟିତ କରିଥିଲେ, ଯାହା କି ଆର୍ଥିକ ବର୍ଷ ୨୦୧୭ରେ ୩୮,୫୦୦ କୋଟି ଟଙ୍କା ଥିଲା।

### ଜଳସଙ୍କଟ ଲାଗି ପ୍ୟାକେଜ୍

ଦେଶରେ ଜଳସଙ୍କଟ କ୍ରମାଗତ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି 'ଜଳ ଶକ୍ତି' ନାମରେ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରାଯାଇଛି। ସରକାର ଚଳିତ ବଜେଟରେ ଜଳ ଲାଗି ସ୍ୱତନ୍ତ୍ର ଭାବେ ଏକ ପାଣ୍ଠି ଘୋଷଣା କରିପାରନ୍ତି। ଏହି ପାଣ୍ଠିରେ ବଡ଼ ଧରଣର ଅର୍ଥ ଆବଣ୍ଟନ କରାଯାଇପାରେ। ୨୦୦୧ରେ ପ୍ରତି ବ୍ୟକ୍ତିଙ୍କ ଲାଗି ୧୮୧୬ କ୍ୟୁବିକ୍ ମିଟର ପାଣି ଉପଲବ୍ଧ ଥିଲା, ଯାହା କି ୨୦୨୫ରେ ୧୩୪୦ ଓ ୨୦୫୦ ସୁଦ୍ଧା ୧୧୪୦ କ୍ୟୁବିକ ମିଟର ରହିଯିବ ବୋଲି ଆଶଙ୍କା କରାଯାଉଛି।

### ଭିତ୍ତିଭୂମି ଉପରେ ଜୋର୍

ଭିତ୍ତିଭୂମି ସେକ୍ଟରରେ ଖର୍ଚ୍ଚ ବୃଦ୍ଧି କରାଯାଇପାରେ। ଏଥିଲାଗି କେତେକ ବଡ଼ ପ୍ରୋଜେକ୍ଟ ଘୋଷଣା ହୋଇପାରେ। ପାଣ୍ଠି ଯୋଗାଡ ଲାଗି ବଣ୍ଡ ଅଣାଯାଇପାରେ।

### ନୂଆ ଟିକସ ଘୋଷଣା

ସରକାର ରାଜସ୍ୱ ବଢ଼ାଇବା ଲାଗି ଲଙ୍ଗ୍ ଟର୍ମ କ୍ୟାପିଟାଲ ଗେନ୍ସ ଟ୍ୟାକ୍ସ ହାର ବୃଦ୍ଧି କରାଯାଇପାରେ। ସେହିପରି ସରକାର ଦୀର୍ଘ ୩୪ ବର୍ଷ ପରେ ଇନ୍‌ହେରିଟେନ୍ସ ବା ଉତ୍ତରାଧିକାରୀ ଟିକସ ଲାଗୁ କରିପାରନ୍ତି। ସେହିପରି ବ୍ୟାଙ୍କିଙ୍ଗ୍ ଟ୍ରାଞ୍ଜାକ୍ସନ ଟିକସ ବଢ଼ାଇ ରାଜସ୍ୱ ଆଦାୟ ବୃଦ୍ଧି କରାଯାଇପାରେ।

# ଭୁବନେଶ୍ୱରରେ ଖୋଲିଲା ହୋମ୍ ଟାଉନ




ସିଇଓ ସୁମୀତ ମିଧା (ମଝି) ନୂଆ ଷ୍ଟୋରର ଶୁଭାରମ୍ଭ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୩-୭(ବ୍ୟୁରୋ)

ପ୍ରମୁଖ ହୋମ୍‌ଷ୍ଟୋର 'ହୋମ୍‌ଟାଉନ' ପକ୍ଷରୁ ସ୍ଥାନୀୟ ସତ୍ୟ ନଗର, ଜନପଥଠାରେ ନୂଆ ଷ୍ଟୋରର ଶୁଭାରମ୍ଭ ଘୋଷଣା ହୋଇଛି। ଏହା ରାଜ୍ୟରେ ହୋମ୍ ଟାଉନର ପ୍ରଥମ ଷ୍ଟୋର। ୪ ଜୁଲାଇରେ ଆନୁଷ୍ଠାନିକ ଭାବେ ଖୋଲିବ। ବୁଧବାର ଏହି ଅବସରରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ପ୍ରାକ୍ସିସ ହୋମ୍ ରିଟେଲ ଲିମିଟେଡର ସିଇଓ ସୁମୀତ ମିଧା, ପୂର୍ବାଚଳ ସାଧାରଣ ପ୍ରବନ୍ଧକ ସୌମ୍ୟଜିତ୍ ବାନାର୍ଜୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ୩୫,୦୦୦ ବର୍ଗଫୁଟ ସ୍ଥାନରେ ଷ୍ଟୋରଟି ଅବସ୍ଥିତ। ଏଠାରେ ଗୋଟିଏ ଛାତ ତଳେ ଡିଜାଇନର ଉପକରଣ, ହୋମ୍‌ୱେର, ଇଲେକଟ୍ରୋନିକ୍ସ, ମଡ୍ୟୁଲାର କିଚେନ୍, ମଡ୍ୟୁଲାର ୱାର୍ଡରୋବ୍‌ଗୁଡିକର ବିସ୍ତୃତ ସମ୍ଭାର ରହିଛି। ବିସ୍ତୃତ ରେଞ୍ଜ ଲିଭିଂ ରୁମ୍, ଡାଇନିଂ ରୁମ୍, ବେଡ୍‌ରୁମ ଉପକରଣ ଏଠାରେ ଉପଲବ୍ଧ।

## କଷ୍ଟମାଇଜ୍ ସଲ୍ୟୁଶନ ପାଇଁ ଗ୍ରାହକଙ୍କ ନିକଟତର ହୋଇଛୁ: ସିଇଓ

*ଫ୍ୟୁଚର ଗ୍ରୁପର ଏକ ଅଂଶ ଭାବେ ହୋମ୍ ଟାଉନ ବର୍ତ୍ତମାନ ଦେଶର ୨୩ ସହରର ୪୬ ଷ୍ଟୋର ସହ ସେବା ଯୋଗାଉଛି। ଭୁବନେଶ୍ୱର ଷ୍ଟୋର୍ ଆରମ୍ଭ ଅବସରରେ ସିଇଓ ସୁମିତ ମିଧା ଧରିତ୍ରୀକୁ ଦେଇଥିବା ସାକ୍ଷାତ୍‌କାର....*

**✪ଟାୟାର-୨ ସହରଗୁଡିକରେ ଗ୍ରାହକ ଚାହିଦାରେ କିଭଳି ପରିବର୍ତ୍ତନ ଦେଖୁଛନ୍ତି?**

☆ ଗତ ୧୨ ବର୍ଷ ତଳେ ପ୍ରଥମେ ହୋମ୍ ଟାଉନ ଷ୍ଟୋର ଖୋଲିଥିଲୁ। ପ୍ରାୟ ବଡ ସହରଗୁଡିକରେ ଆମର ଉପସ୍ଥିତି ରହିଛି। ଟାୟାର-୨ ସହରଗୁଡିକରେ ମଧ୍ୟବୀତ୍ତ ପରିବାରଗୁଡିକର ଚାହିଦା ବଢିଛି। ଏ କ୍ଷେତ୍ରରେ ସଙ୍ଗଠିତ ବଜାର ଅଂଶ ଏବେ ମଧ କମ୍ ରହିଛି। ମାତ୍ର ଏଥିରେ ଦ୍ରୁତ ପରିବର୍ତ୍ତନ ହେଉଥିବାରୁ ଟାୟାର-୨ ସହରଗୁଡିକ ଉପରେ ଏବେ ଫୋକସ୍ କରିଛୁ। ଏ କ୍ଷେତ୍ରରେ ଭୁବନେଶ୍ୱର ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ସହର ହୋଇଥିବାରୁ ଷ୍ଟୋର ଖୋଲିବା ନେଇ ନିଷ୍ପତ୍ତି ନେଇଥିଲୁ।

**✪ବର୍ତ୍ତମାନ ଅନ୍ୟ ବ୍ରାଣ୍ଡଗୁଡିକ ଓଡିଶାରେ ସେମାନଙ୍କ ସ୍ଥିତି ଜାହିର କରିଛନ୍ତି। ନୂଆ ପ୍ଲେୟାର ଭାବେ କିଭଳି ଲୋକଙ୍କର ନିକଟତର ହେବେ?**

☆ ଗତ ୧୨ ବର୍ଷ ହେବ ଆମେ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଛୁ। ଏଠାରେ ନୂଆ। ହେଲେ ମଧ କଷ୍ଟମାଇଜ ସଲ୍ୟୁଶନ, ସମନ୍ୱିତ ସେବା ଆମକୁ ଗ୍ରାହକଙ୍କ ନିକଟତର କରିଛି। ଗ୍ରାହକ ଆମ ଷ୍ଟୋରରୁ ଥରେ ସାମଗ୍ରୀ କିଣିବା ପରେ ପୁଣି ଥରେ ଆସୁଛନ୍ତି। ଭୁବନେଶ୍ୱରର ଗ୍ରାହକଙ୍କଠାରୁ ଭଲ ରେସପନ୍ସ ପାଇବା ନେଇ ଆଶାବାଦୀ। ଆମର ନିରନ୍ତର ଗ୍ରାହକଙ୍କ ପ୍ରତିଶତ ହେଉଛି ପ୍ରାୟ ୩୫%। ଭଲ ସେବା ପାଇବା ପରେ ସେହି ଗ୍ରାହକଙ୍କ ରେଫରେନ୍ସ ଦ୍ୱାରା ଅନ୍ୟ ଗ୍ରାହକ ଆସୁଛନ୍ତି। ଏଣ୍ଡ-ଟୁ-ଏଣ୍ଡ ସର୍ଭିସ ଦେଉଛୁ। ଘର ସାମଗ୍ରୀର କୌଣସି ଗୋଟିଏ ସେଗ୍‌ମେଣ୍ଟରେ ଫୋକସ୍ ନ କରି ସମ୍ପୂର୍ଣ୍ଣ ଆବଶ୍ୟକତାକୁ ପ୍ରାଥମିକତା ଦେଉଛୁ।

**✪କେଉଁ କେଉଁ ସ୍ୱତନ୍ତ୍ର ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି?**

☆ ଷ୍ଟୋର ଆରମ୍ଭ ଉପଲକ୍ଷେ ୫୦ରୁ ୬୦% ପର୍ଯ୍ୟନ୍ତ ଅଫର ରହିଛି। ଆମର ନିଜସ୍ୱ ଡିଜାଇନମାନଙ୍କ ଦ୍ୱାରା ଗ୍ରାହକଙ୍କ ସ୍ୱେଶ ଆବଶ୍ୟକତା ଅନୁସାରେ କିଚେନ, ୱାର୍ଡରୋବ ଏବଂ ମଡ୍ୟୁଲାର ସମାଧାନ ଦେଉଛୁ। ୧ ବର୍ଷର ୱାରେଣ୍ଟି, ମାଗଣା ସର୍ଭିସ କ୍ୟାମ୍ପ, ସେମ୍ ଡେ ଇନଷ୍ଟାଲେଶନ, ଡେଲିଭରି ସେବା , କମ୍ପିଟେଟିଭ ମୂଲ୍ୟ, ଏକ୍ସଚେଞ୍ଜ ଅପ୍‌ଗ୍ରେଡ, ସ୍ୱତନ୍ତ୍ର 'ମାନେ ୟା ନା ମାନେ' ସେଲ, ସର୍ବୋତ୍ତମ ବିକ୍ରି ପରବର୍ତ୍ତୀ ସେବା, ଦୀର୍ଘକାଳୀନ ମେଣ୍ଟେନାନ୍ସ ସୁବିଧା ଦେଉଛୁ। ସେହିଭଳି ଫାଇନାନ୍ସ ସୁବିଧା ମଧ ଗ୍ରାହକ ପାଇପାରିବେ।

**✪ସମ୍ପ୍ରସାରଣ ନେଇ କ'ଣ ଯୋଜନା ରହିଛି?**

☆ଚଳିତ ବର୍ଷ ବିହାରର ପାଟନା, ସିଲିଗୁଡି ଏବଂ ହାଇଦ୍ରାବାଦରେ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରଖିଛୁ। ଆଉ କିଛି ଷ୍ଟୋର ଖୋଲିବା ନେଇ ସ୍ଥାନ ଚୟନ କରାଯାଉଛି। ସମ୍ପ୍ରସାରଣ ଧାରା ଜାରି ରହିବ।

# ଏସ୍‌ପ୍ଲାନେଡ୍ ୱାନ୍‌ର ପୂର୍ତ୍ତି ଅଫର

ଭୁବନେଶ୍ୱର,୩-୭

ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୫,୬ ଏବଂ ୭ ତାରିଖରେ ମଲ୍‌ରୁ କ୍ରୟ କ୍ରୟରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବ୍ରାଣ୍ଡ ଉପରେ ଗ୍ରାହକମାନେ ଫ୍ଲାଟ ୫୦% ରିହାତି ପାଇ ପାରିବେ। ମଲ୍‌ରେ ବର୍ତ୍ତମାନ 'ଅସ୍‌ଲି ହାପିନେସବାଲା ସେଲ୍' ଚାଲୁ ରହିଛି। ଏହା ସହିତ ୪ ତାରିଖରେ ରଥଯାତ୍ରା ପାଳନ ସହ ଅଫରର ଲାଭ ନେବାକୁ ଗ୍ରାହକଙ୍କୁ ସୂଚନା ରହିଛି। ଗୋଟିଏ ବର୍ଷ ମଧ୍ୟରେ ଏସ୍‌ପ୍ଲାନେଡ ବହୁ ଲୋକପ୍ରିୟତା ହାସଲ କରିବାକୁ ସକ୍ଷମ ହୋଇଥିବା ଏହା ସୂଚନା ଦେଇଛି। ରଥଯାତ୍ରା ପାଳନ ସହ ଫ୍ୟାଶନ, ଫୁଡ ଏବଂ ଫନ୍ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଏଠାରେ ପାଳନ କରାଯାଉଛି। ଗତ ଗୋଟିଏ ବର୍ଷ ମଧ୍ୟରୁ ଲୋକଙ୍କଠାରୁ ବହୁତ ଭଲ ପାଇବା ଏବଂ ସହଯୋଗ ଲାଭ କରିଛୁ ବୋଲି ଏସ୍‌ପ୍ଲାନେଡ ୱାନର ସେଣ୍ଟର ନିର୍ଦ୍ଦେଶକ ପାର୍ଥ ପ୍ରତିମ ନାୟକ କହିଛନ୍ତି। 'ଅସ୍‌ଲି ହାପିନେସବାଲା ସେଲ୍' ୧୫ ଅଗଷ୍ଟ ପର୍ଯ୍ୟନ୍ତ ଚାଲୁ ରହିବ। ୨୫୦୦ ଟଙ୍କାର କ୍ରୟ ଉପରେ ଗ୍ରାହକମାନେ ନିଶ୍ଚିନ୍ତ ଗିଫ୍ଟ ଭାଉଚର ଜିତିବାର ସୁଯୋଗ ପାଇପାରିବେ।

## ଶିଳ୍ପପତି ବି.କେ.ବିର୍ଲାଙ୍କ ପରଲୋକ

ନୂଆଦିଲ୍ଲୀ,୩-୭

ଶିଳ୍ପପତି କୁମାର ମଙ୍ଗଳମ ବିର୍ଲାଙ୍କ ଜେଜେବାପା ତଥା ବି.କେ.ବିର୍ଲା ଗ୍ରୁପ୍ ଅଫ୍ କମ୍ପାନୀର ଅଧ୍ୟକ୍ଷ ବି.କେ.ବିର୍ଲାଙ୍କର ୯୮ ବର୍ଷରେ ବୁଧବାର ମୁମ୍ବାଇରେ ପରଲୋକ ହୋଇଯାଇଛି। ୧୯୨୧ ଜାନୁୟାରୀ ୧୨ରେ ଜନ୍ମିତ ବସନ୍ତ କୁମାର ବିର୍ଲା ଶିଳ୍ପ ଜଗତରେ ବି.କେ. ନାମରେ ପରିଚିତ ଥିଲେ। ବିଶିଷ୍ଟ ଉଦ୍ୟୋଗପତି ଘନଶ୍ୟାମ ବିର୍ଲାଙ୍କର ସେ ସର୍ବକନିଷ୍ଠ ପୁତ୍ର ଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ବ୍ୟବସାୟ ସହ ଜଡ଼ିତ ହୋଇଥିଲେ। ତାଙ୍କର ତିନି ସନ୍ତାନଙ୍କ ମଧ୍ୟରୁ ଏକମାତ୍ର ପୁତ୍ର ଆଦିତ୍ୟ ବିକ୍ରମ ବିର୍ଲାଙ୍କର ୧୯୯୫ରେ ପରଲୋକ ହୋଇଯାଇଛି। କେସୋରାମ ଇଣ୍ଡଷ୍ଟ୍ରିଜର ୮୮ତମ ବାର୍ଷିକ ସାଧାରଣ ବୈଠକରେ ଯୋଗ ଦେଇ ସେ କହିଥିଲେ ଯେ, ୯୦ ବର୍ଷବୟସରେ ଅବସର ନେବେ।

**PARADIP PORT TRUST**

CORRIGENDUM TO E-TENDER CALL NOTICE NO. EM/MM/P/IOHP/17/2019/1906TDR110 DT. 04/06/2019 FOR SUPPLY OF NYLON CONVEYOR BELT.

The due date of submission of Tender & opening of EMD Bid is hereby further extended as below.
1. Last Date of submission of tender up to 5.00 PM of Dt. 17/07/2019. 2. Opening of EMD Bid at 3.30 PM of Dt. 19/07/2019. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

Sr. Dy. Materials Manager
PPT/PR/164/19-20 Dt. 02/07/2019

**COLLEGE OF ENGINEERING & TECHNOLOGY (Autonomous)**
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India

No. 1700/CET Date: 03.07.2019

**ADDENDUM TO ADMISSION NOTICE**

**(ADMISSION INTO REGULAR TWO-YEAR MASTER OF SCIENCE (M.SC.) PROGRAMME – 2019; PUBLISHED VIDE THIS OFFICE LETTER NO. 1547/CET DATED 31.05.2019)**

The last date for admission into **REGULAR TWO-YEAR MASTER OF SCIENCE (M.SC.) PROGRAMME – 2019** is hereby extended to **July 15, 2019**. For detailed information visit our college website **www.cet.edu.in**

Sd/-
PRINCIPAL

**GOVERNMENT POLYTECHNIC, SONEPUR**
At- Badajhinki, Dist.- Subarnapur, PIN- 767017
E-mail: principalgpsonepur@rediffmail.com
Web: www.govtpolysonepur.org

**DIPLOMA ENGINEERING ADMISSION FOR 2019-20**

Candidates desire to take admission in Diploma Engineering in **Civil / Electrical / Mechanical / Metallurgy** Branch at Govt. Polytechnic, Sonepur may apply online through **http://www.dtetodisha.gov.in** or **http://skill.samsodisha.gov.in/diploma.aspx for registration**.

*For any query please contact:*
Office: 06654-220622, Principal: 94380-76622
Admission in-charge: 98746-15765
DEO: 95567-37087

*Sd./- Principal*
*Govt. Polytechnic, Sonepur*

**Sambalpur University Institute of Information Technology**
**SPOT ADMISSION: 2019-20**
Advt. No.: 730 / SUIIT Dated: 03/07/2019

*Few General and Reserved (ST & SC) seats are available for admission in to the following programmes of SUIIT. Interested candidates (in person) are required to report the Administrative Officer, SUIIT on 11th July, 2019 (Thursday) within 8.30 AM to 10.30 AM (positively) for spot admission.*

| Sl. No. | Programme Name | Amount required at the time of admission (including 1st Sem fees) |
|---|---|---|
| 1 | ◆ Master in Computer Application | Rs. 37,000.00 |
| 2 | ◆ M. Sc Electronics<br>◆ M. Sc Computer Science | Rs. 32,000.00 |
| 3 | ◆ M. Tech Computer Science and Engg.<br>◆ M. Tech Communication System Engg.<br>◆ M. Tech Embedded Systems Design | Rs. 47,000.00 |
| 4 | ◆ M. Phil Electronics *(ST & SC only)*<br>◆ M. Phil Computer Science *(ST & SC only)* | Rs. 37,000.00 |

Come prepared with all testimonials (in original & two sets of photocopy), 6 passport size coloured photographs, CLC & Conduct certificate in original. If selected you have to pay the required amount (as mentioned against each) in shape of Demand Draft or can deposit in the SBI A/C directly.

**INSTRUCTIONS**

Interested candidates should report to the Administrative Officer, SUIIT within 8.30 AM to 10.30 AM (positively) and submit the filled in application form (available at website and office) along with photocopy of all testimonials and a sum of Rs. 500.00 (cash) as processing fee. There will be a written examination at 11.00 AM for all programmes. Selection will be done on same day, as per rule.

**FOR DETAIL INFORMATION AND ELIGIBILITY CRITERIA**
**Visit: www.suiit.ac.in**
*Contact:*
*Dr. S. Jena, HOD, CSE&A – 8247679467,*
Dr. N. K. Barpanda, HOD, EL – 9438074077, Mrs. S. Kar, HOD, ECE – 9439657668

Email: admin.office@suiit.ac.in/director@suiit.ac.in Director, SUIIT

**CENTRAL UNIVERSITY OF ORISSA**
(Established Under the Act of Parliament, 2009)
Sunabeda, Dist.Koraput, Odisha. PIN-763004

No.CUO/Admn./EGF/116 Dtd. 1st July 2019

**WALK-IN-INTERVIEW FOR EMPANELMENT OF GUEST FACULTY**

The Central University of Orissa, Koraput is going to conduct 'walk-in-interview' for empanelment of Guest Faculty in various Departments for one semester for the academic session 2019-20. The engagement of Guest Faculty will be made from the panel prepared through walk-in-interview. The engagement is purely temporary, likely to be extended for another semester on satisfactory performance. However, the engagement will be terminated on the joining of a regular faculty in between. Minimum eligibility (Qualifications) shall be as per UGC Regulations on Minimum Qualifications for appointment of Teachers, 2018. The selected candidates shall be paid an honorarium of ₹1500 per lecture subject to maximum of ₹50,000 per month. The Guest Faculty will not be given the benefit of allowances, pension, gratuity and leave etc. as admissible to the regular teachers.

The superannuated teachers will also be considered for engagement as Guest Faculty subject to maximum age limit of 70 years.

The candidates seeking empanelment as Guest Faculty are requested to appear in the walk-in-interview on the date, time and venue specified along with filled in application form and original certificates, mark-sheets and testimonials with one set of photocopy.

| Sl. No. | Subject | Date and Reporting Time | Venue |
|---|---|---|---|
| 1 | Hindi, Sanskrit and Statistics | 10.07.2019, 9:00 AM | CUO Camp Office, New Govt. Colony, Type-C, Block-4, Gajapati Nagar, Bhubaneswar |
| 2. | English and Sociology | 11.07.2019, 9:00 AM | |
| 3. | Economics, Mathematics and Computer Science | 12.07.2019, 9:00 AM | |
| 4. | Education and Business Administration | 13.07.2019, 9:00 AM | |

For details of eligibility, terms and conditions prescribed for the posts, see the Central University of Orissa website (www.cuo.ac.in). The University reserves the right to withdraw partial or full notification without assigning any reason.

Sd/-
Registrar

> ବାଂଲାଦେଶ ବିପକ୍ଷରେ ମହେନ୍ଦ୍ର ସିଂ ଧୋନୀଙ୍କ ଇନିଂସ ଗୁରୁତ୍ୱପୂର୍ଣ୍ଣ ଥିଲା। ଦଳର ଆବଶ୍ୟକତା ଅନୁସାରେ ସେ ଖେଳିଥିଲେ ।
> –ସଚିନ ତେନ୍ଦୁଲକର, କ୍ରିକେଟ କିମ୍ବଦନ୍ତୀ



> ରିଷଭ ପନ୍ତଙ୍କ ଫିଲ୍ଡିଂରେ ଉନ୍ନତି ଆବଶ୍ୟକ। ବିଶେଷକରି ତାଙ୍କ ଥ୍ରୋଇଂ ଟେକ୍ନିକ୍‌ରେ ସୁଧାର ଆଣିବାକୁ ହେବ ।
> –ଆର. ଶ୍ରୀଧର, ଭାରତୀୟ ଫିଲ୍ଡିଂ କୋଚ୍



**ସଂକ୍ଷେପରେ**

## ଧୋନୀଙ୍କ ସପକ୍ଷରେ ସଚିନ

ବର୍ମିଂହାମ, ୩।୭ (ପି.ଟି.)- ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଭେଟେରାନ ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂରେ କୌଣସି ତ୍ରୁଟି ଦେଖିବାକୁ ମିଳି ନ ଥିଲା ବୋଲି କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର କହିଛନ୍ତି। ନିକଟରେ ସଚିନ କିନ୍ତୁ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ପରେ ଧୋନୀଙ୍କୁ ତାଙ୍କ ଧିମା ବ୍ୟାଟିଂ ଲାଗି ସମାଲୋଚନା କରିଥିଲେ। ଧୋନୀଙ୍କର ‘ଇଚ୍ଛା ଶକ୍ତିର ଅଭାବ’ ରହିଛି ବୋଲି କହି ସଚିନ ସେତେବେଳେ ତାଙ୍କୁ ସମାଲୋଚନା କରିଥିଲେ।

ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଧୋନୀ ୩୩ ବଲରୁ ୩୫ ରନ କରିଥିବାବେଳେ ଭାରତ ଶେଷ ୧୦ ଓଭରରୁ ମାତ୍ର ୬୩ ରନ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଏହି ଧିମା ବ୍ୟାଟିଂକୁ ନେଇ ସୋସିଆଲ ମିଡିଆରେ ପ୍ରଶଂସକମାନେ ଧୋନୀଙ୍କୁ ସମାଲୋଚନା କରିବା ଆରମ୍ଭ କରି ଦେଇଛନ୍ତି। କିନ୍ତୁ ସଚିନ ଏହି ଇନିଂସକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରି ଧୋନୀଙ୍କ ସପକ୍ଷରେ ବାହାରିଛନ୍ତି। ‘ମୋତେ ଲାଗୁଛି ଏହା ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଥିଲା। ସେ (ଧୋନୀ) ତାହା କରିଛନ୍ତି, ଯାହା ଟିମ୍ ପାଇଁ ଠିକ୍ ଥିଲା। ଯଦି ସେ ୫୦ ଓଭର ପର୍ଯ୍ୟନ୍ତ କ୍ରିଜରେ ରହୁଛନ୍ତି, ତେବେ ତାଙ୍କ ସାଥୀରେ ଖେଳୁଥିବା ଅନ୍ୟ ଖେଳାଳିଙ୍କୁ ସାହାଯ୍ୟ କରିପାରିବେ। ତାଙ୍କଠାରୁ ଯାହା ଆଶା କରାଯାଉଥିଲା ସେ ତାହ କରିଛନ୍ତି’ ବୋଲି ସଚିନ ଏକ ସାକ୍ଷାତକାର ଅବସରରେ କହିଛନ୍ତି। ଏଥିସହ ଟିମ୍ ପ୍ରତି ଧୋନୀଙ୍କ ପ୍ରତିବଦ୍ଧତାକୁ ମଧ୍ୟ ସଚିନ ପ୍ରଶଂସା କରିଛନ୍ତି। ‘ଟିମ୍ ପ୍ରତି ଧୋନୀଙ୍କର ଏହା ପ୍ରତିବଦ୍ଧତା। ଯେଉଁ ସମୟରେ ଯାହା ଆବଶ୍ୟକତା ହେଉଥାଏ ତାହା କରିବାକୁ ହିଁ ପଡ଼ିଥାଏ। ମଙ୍ଗଳବାର ସେ ତାହାହିଁ କରିଛନ୍ତି’ ବୋଲି ମାଷ୍ଟର ବ୍ଲାଷ୍ଟର ଏହି ଅବସରରେ ପ୍ରକାଶ କରିଛନ୍ତି।

# ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ପରେ ରାୟୁଡୁଙ୍କ ଅବସର

ନୂଆଦିଲ୍ଲୀ,୩।୭(ପି.ଟି.)

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳରୁ ବାଦ୍ ପଡ଼ିବା ପରେ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିନେଇ ସେ କୌଣସି କାରଣ ଦର୍ଶାଇ ନ ଥିବା ବିସିସିଆଇ ଅଫିସିଆଲ କହିଛନ୍ତି। ୩୩ ବର୍ଷୀୟ ଆନ୍ଧ୍ରପ୍ରଦେଶ ଖେଳାଳିଙ୍କୁ ବିଶ୍ୱକପ୍ ଲାଗି ଷ୍ଟାଣ୍ଡବାଇ ରଖାଯାଇଥିଲା। ହେଲେ ଅଲରାଉଣ୍ଡର ବିଜୟ ଶଙ୍କର ଆହତ ସମସ୍ୟା ଯୋଗୁ ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ପରେ ମଧ୍ୟ ରାୟୁଡୁଙ୍କୁ ଉପେକ୍ଷା କରାଯାଇ ଓପନର ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସାମିଲ କରାଯାଇଥିଲା। ଏଥିଯୋଗୁ ରାୟୁଡୁ ଦୁଃଖିତ ଥିଲେ। ଅବସର ସମ୍ପର୍କରେ ସେ ଖୁବ ଶୀଘ୍ର ଘୋଷଣା କରିବେ। କିନ୍ତୁ ନିଜ ନିଷ୍ପତ୍ତି ବିଷୟରେ ବିସିସିଆଇକୁ ଯୋଗାଯୋଗ କରି ଜଣାଇ ଦେଇଛନ୍ତି। ଆମେ ସକାଳେ ତାଙ୍କର ଏକ ମେଲ୍ ପାଇଥିଲୁ। ଅବସର ଲାଗି ନିର୍ଦ୍ଦିଷ୍ଟ କାରଣ ଦେଇନାହାନ୍ତି। ଯେଉଁ ଅଧିନାୟକଙ୍କ ନେତୃତ୍ୱରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳିଛି, ସେମାନଙ୍କୁ ଓ ବିସିସିଆଇକୁ ରାୟୁଡୁ ଧନ୍ୟବାଦ ଜଣାଇଛନ୍ତି ବୋଲି ବିସିସିଆଇ କର୍ମକର୍ତ୍ତା କହିଛନ୍ତି। ଦେଶ ପାଇଁ ୫୫ ଦିନିକିଆ ଖେଳି ୪୭.୦୫ ଆଭରେଜରେ ମୋଟ ୧୬୯୪ ରନ୍ କରିଛନ୍ତି। ତାଙ୍କୁ ଟେଷ୍ଟ ଦଳରେ କଦାପି ସ୍ଥାନ ମିଳିନାହିଁ। ପୂର୍ବରୁ ଶଙ୍କର ୩ ଡାଇମେନସନାଲ ଖେଳାଳି ହୋଇଥିବାରୁ ତାଙ୍କୁ ଦଳରେ ସ୍ଥାନ ଦିଆଯାଇଥିବା ଏମ୍.ଏସ୍.କେ. ପ୍ରସାଦ କହିଥିଲେ। ରାୟୁଡୁଙ୍କୁ ଷ୍ଟାଣ୍ଡବାଇ ଖେଳାଳିଙ୍କ ତାଲିକାରେ ରଖାଯାଇଥିଲା। ସେ ଦିନିକିଆ ଫର୍ମାଟକୁ ଗୁରୁତ୍ୱ ଦେବା ଲାଗି ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଇସାରିଛନ୍ତି। ଘଟଣାକ୍ରମେ ବାସନ୍ଦ ୭୯ ଖେଳାଳିଙ୍କ ମଧ୍ୟରେ ରାୟୁଡୁ ସାମିଲ ଥିଲେ। ତାଙ୍କୁ ୨୦୦୯ରେ ବିସିସିଆଇ କ୍ଷମା କରିଥିଲା। ଏହାପରେ ୨୦୧୩ ଜିମ୍ବାୱେ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ।



## ଚୟନକର୍ତ୍ତାଙ୍କୁ ଗମ୍ଭୀରଙ୍କ ସମାଲୋଚନା, ସେହ୍ୱାଗଙ୍କ ଦରଦ

ଭାରତୀୟ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଅବସର ନେବା ପରେ ତାଙ୍କ ସପକ୍ଷରେ ବାହାରିଛନ୍ତି ପୂର୍ବତନ ଭାରତୀୟ ଓପନର ତଥା ଏମ୍‌ପି ଗୌତମ ଗମ୍ଭୀର ଓ ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ। ଚଳିତ ବିଶ୍ୱକପ୍‌ରେ ଚୟନକର୍ତ୍ତାଙ୍କ ଅବହେଳାର ଶିକାର ହେବା ପରେ ରାୟୁଡୁ ଅବସର ନେଇଛନ୍ତି। ଏଥିପାଇଁ ଗମ୍ଭୀର ଚୟନକର୍ତ୍ତାଙ୍କୁ ଦାୟୀ କରିଛନ୍ତି। ଭାରତୀୟ କ୍ରିକେଟ ପାଇଁ ଏହା ଦୁଃଖଦାୟକ ବୋଲି ସେ କହିଛନ୍ତି। ଦେଶ ପାଇଁ ଓ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାୟୁଡୁ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଆସିଛନ୍ତି। ରାୟୁଡୁ ୩ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏହା ସତ୍ତ୍ୱେ ତାଙ୍କୁ ଅବସର ନେବାକୁ ପଡିଲା। ଏଥିପାଇଁ ଦୁଃଖିତ ବୋଲି ସେ କହିଛନ୍ତି। ଆଘାତ ସମସ୍ୟା କାରଣରୁ ବିଶ୍ୱକପ୍ ମଝିରେ ରିଷଭ ପନ୍ତ ଓ ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସୁଯୋଗ ଦିଆଗଲା। ରାୟୁଡୁଙ୍କ ସ୍ଥାନରେ ଯିଏ ବି ଥିଲେ ସେ ନିରାଶ ହୋଇଥାନ୍ତା। ଚୟନକର୍ତ୍ତାଙ୍କ କାରଣରୁ ରାୟୁଡୁ ଅବସର ନିଷ୍ପତ୍ତି ନେଲେ ବୋଲି ଗମ୍ଭୀର କହିଛନ୍ତି। ଉଲ୍ଲେଖଥାଉ କି, ୪ ନମ୍ବର ସ୍ଥାନ ପାଇଁ ରାୟୁଡୁ ଫିଟ୍ ବୋଲି ଅଧିନାୟକ ବିରାଟ କୋହଲି ଏକଦା କହିଥିଲେ। କିନ୍ତୁ ବିଶ୍ୱକପ୍‌ରେ ଚୟନକର୍ତ୍ତା ତାଙ୍କୁ ନ ନେଇ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ଦଳରେ ସାମିଲ କରିଥିଲେ। ରାୟୁଡୁ ମଧ୍ୟ ସେତେବେଳେ ଚୟନକର୍ତ୍ତାଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ।

ଅବସର ନେବା ପରେ ସେହ୍ୱାଗ ରାୟୁଡୁଙ୍କୁ ସହାନୁଭୂତି ଜଣାଇଛନ୍ତି। ବିଶ୍ୱକପ୍‌ରୁ ବାଦ୍ ପଡିବା ରାୟୁଡୁଙ୍କ ପାଇଁ ନିଶ୍ଚିତ ଭାବେ ଯନ୍ତ୍ରଣାଦାୟକ। ଚଳିତ ବିଶ୍ୱକପ୍‌ରେ ତାଙ୍କୁ ଦୁଇଥର ଅଣଦେଖା କରାଯିବା ପରେ ରାୟୁଡୁ ଏଭଳି କଡ଼ା ନିଷ୍ପତ୍ତି ନେଇଛନ୍ତି। ତେବେ ଅବସର ପରେ ରାୟୁଡୁ ନିଜ ଜୀବନକୁ ଉପଭୋଗ କରନ୍ତୁ ଓ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସେହ୍ୱାଗ ଟୁଇଟ୍ କରିଛନ୍ତି। ରାୟୁଡୁ ଭାରତ ପାଇଁ ୫୫ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି ଓ ୪୭. ୦୫ ହାରରେ ରନ ସଂଗ୍ରହ କରିଛନ୍ତି। ବିଶ୍ୱକପ୍‌ରେ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଥିଲେ ମଧ୍ୟ ଶେଷରେ ତାଙ୍କୁ ଉପେକ୍ଷା କରାଯାଇଛି।

## ଭାରତ ଏ’ ଦଳରେ ଋତୁରାଜ, ଅନମୋଲପ୍ରୀତ, ଇଶାନ

ନୂଆଦିଲ୍ଲୀ,୩।୭(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତ ଏ’ ଦଳ ଘୋଷଣା କରିଛି। ଏହି ଦଳରେ କେତୋଟି ପରିବର୍ତ୍ତନ କରାଯାଇଛି। ଆଗାମୀ ୱେଷ୍ଟଇଣ୍ଡିଜ ଏ’ ଗସ୍ତ ପାଇଁ ବୁଧବାର ଏକ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ମହାରାଷ୍ଟ୍ରର ୨୨ ବର୍ଷୀୟ ବ୍ୟାଟ୍ସମ୍ୟାନ ଋତୁରାଜ ଦଳରେ ସ୍ଥାନ ପାଇଛନ୍ତି। ପୃଥ୍ୱୀ ଶ ଆହତ ହୋଇଥିବାରୁ ତାଙ୍କ ସ୍ଥାନରେ ଋତୁରାଜଙ୍କୁ ସୁଯୋଗ ମିଳିଛି। ସେହିପରି ମୟଙ୍କ ଅଗ୍ରୱାଲ ଓ ରିଷଭ ପନ୍ତଙ୍କ ସ୍ଥାନରେ ଅନମୋଲପ୍ରୀତ ଓ ଇଶାନ କିଷନଙ୍କୁ ଦଳରେ ସାମିଲ କରାଯାଇଛି। ମୟଙ୍କ ଓ ରିଷଭ ଏବେ ଇଂଲଣ୍ଡରେ ଚାଲିଥିବା ବିଶ୍ୱକପ୍‌ରେ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ମନୀଷ ପାଣ୍ଡେଙ୍କୁ ଭାରତ ଏ’ ଦଳରେ ନେତୃତ୍ୱ ପ୍ରଦାନ କରାଯାଇଛି। ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ଭାରତ ଏ’ ଦଳ ୫ଟି ଅନ୍‌ଅଫିସିଆଲ ଦିନିକିଆ ଓ ୩ଟି ଟେଷ୍ଟ ଖେଳିବ। ଜୁଲାଇ ୧୧ ତାରିଖରୁ ଭାରତ ଏ’ ଦଳ ଅଭିଯାନ ଆରମ୍ଭ କରିବ।

**ପରିବର୍ତ୍ତିତ ଭାରତ ଏ ଦଳ:** ମନୀଷ ପାଣ୍ଡେ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଅନମୋଲପ୍ରୀତ ସିଂ, ଶୁବମନ ଗିଲ, ଶ୍ରେୟାସ ଆୟାର, ହନୁମା ବିହାରୀ, ଇଶାନ କିଷନ (ଉଇକେଟ କିପର), ରାହୁଲ ଚହର, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କ୍ରୁନାଲ ପାଣ୍ଡ୍ୟା, ଦୀପକ ଚହର, ଖଲିଲ ଅହମଦ, ଆଭେସ ଖାଁ ଓ ନବଦୀପ ସଇନି।

# ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା

ଲିଓନ,୩।୭(ଏଏଫ୍‌ପି)

**ଫିଫା ମହିଳା ବିଶ୍ୱକପ୍**

ଆଲେକ୍ସ ମୋର୍ଗାନଙ୍କ ଗୋଲ ବଳରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ଚଳିତ ମହିଳା ଫିଫା ବିଶ୍ୱକପ୍ ଫାଇନାଲରେ ସ୍ଥାନ ପକ୍କା କରିଛି। ସେମିଫାଇନାଲରେ ଆମେରିକା ୨–୧ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଛି। ମ୍ୟାଚ୍ ଆରମ୍ଭରୁ ଖ୍ରିଷ୍ଟେନ ପ୍ରେସ (୧୦ମ ମିନିଟ୍) ହେଡର ଜରିଆରେ ଗୋଲ ଦେଇ ଆମେରିକାକୁ ୧–୦ ଗୋଲରେ ଆଗୁଆ କରାଇଥିଲେ। ଏହାର ୯ ମିନିଟ୍‌ରେ ଇଲେନ ହ୍ୱାଇଟ୍‌ଙ୍କ ଗୋଲ ଯୋଗୁ ଇଂଲଣ୍ଡ ମ୍ୟାଚ୍‌କୁ ଫେରିଥିଲା। ମ୍ୟାଚ୍‌ର ୩୧ ତମ ମିନିଟ୍‌ରେ ମୋର୍ଗାନଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଇଂଲଣ୍ଡ ପକ୍ଷରୁ ୬୯ତମ ମିନିଟ୍‌ରେ ଗୋଲ କରାଯାଇଥିଲା। ଏହାକୁ ଅଫ୍‌ସାଇଡ୍ ଦର୍ଶାଇ ରେଫିର ଏଡିନା ଆଲଭେସ ବାତିସ୍ତା ଗୋଲକୁ ନାକଚ କରିଥିଲେ। ମ୍ୟାଚ୍‌ରେ ଇଂଲଣ୍ଡକୁ ଫେରିବା ଲାଗି ପେନାଲ୍ଟି ଦ୍ୱାରା ୮୪ ତମ ମିନିଟ୍‌ରେ ଆଉ ଏକ ସୁଯୋଗ ମିଳିଥିଲା। କିନ୍ତୁ ଅଧିନାୟିକା ଷ୍ଟିଫ ହଗଟନ ସ୍କୋର କରିବାରେ ସଫଳ ହୋଇ ନ ଥିଲେ। ତେବେ ଇଂଲଣ୍ଡ ଦଳ ଷ୍ଟାର ଖେଳାଳି ମେଗନ ରାପିନୋଙ୍କ ଅନୁପସ୍ଥିତି ଅନୁଭବ କରିଥିଲା। ଲିଗ୍ ଓ କ୍ୱାର୍ଟର ଫାଇନାଲରେ ମେଗନ ମୋଟ ୪ ଗୋଲ ଦେଇଥିଲେ। କିନ୍ତୁ ୩୩ ବର୍ଷୀୟ ଫରୱାର୍ଡ ମାଂସପେଶୀ ସମସ୍ୟା ଯୋଗୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଖେଳି ପାରି ନ ଥିଲେ। ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ସ୍ୱିଡେନ ଓ ନେଦରଲାଣ୍ଡ ମଧ୍ୟରେ ଖେଳାଯିବ।



ଆମେରିକା ଖେଳାଳିଙ୍କ ସେଲିବ୍ରେଶନ।

## ସାକିବଙ୍କ ରେକର୍ଡ

ବର୍ମିଂହାମ,୩।୭(ପି.ଟି.)

ଚଳିତ ବିଶ୍ୱକପ୍‌ରେ ବାଂଲାଦେଶ ଅଲରାଉଣ୍ଡର ସାକିବ ଅଲ ହାସନ ଏକ ବିରଳ ସଫଳତା ହାସଲ କରିଛନ୍ତି। ସେ ପ୍ରଥମ କ୍ରିକେଟରଭାବେ ବିଶ୍ୱକପ୍ ଇତିହାସରେ ୫୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିବା ସହ ୧୦ରୁ ଅଧିକ ଉଇକେଟ ଅକ୍ତିଆର କରିଛନ୍ତି। ଭାରତ ବିପକ୍ଷ ମ୍ୟାଚ୍‌ରେ ୬୬ ରନ କରିବା ପରେ ସେ ଏହି ସଫଳତା ପାଇଛନ୍ତି। ଟୁର୍ନାମେଣ୍ଟରେ ସର୍ବାଧିକ ରନ୍ ସ୍କୋରର ତାଲିକାରେ ସାକିବ ଭାରତର ରୋହିତ ଶର୍ମାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୭ଟି ଇନିଂସରୁ ସେ ୫୪୨ ରନ ସଂଗ୍ରହ କରିଛନ୍ତି। ସେ ଏପର୍ଯ୍ୟନ୍ତ ୨ଟି ଶତକ ଓ ୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି ଏବଂ ମୋଟ ଉପରେ ୧୧ ଉଇକେଟ ହାସଲ କରିଛନ୍ତି।

## ଥିମ୍ ପରାସ୍ତ

ଲଣ୍ଡନ, ୩।୭

ଫ୍ରେଞ୍ଚ ଓପନ୍ ଫାଇନାଲିଷ୍ଟ ଡୋମିନିକ୍ ଥିମ୍ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଆମେରିକାର ସାମ୍ କ୍ୱେରୀ ତାଙ୍କୁ ୬-୭ (୪-୭), ୭-୬ (୭-୧) ୬-୩, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି।

# ସେମିରେ ବ୍ରାଜିଲ: ଆର୍ଜେଣ୍ଟିନା ବିଦା





ଗୋଲ ସ୍କୋର ପରେ ବ୍ରାଜିଲର ଗାବ୍ରିଏଲ ଜିସସ। ପରାଜୟ ଗ୍ଲାନିରେ ଆର୍ଜେଣ୍ଟିନାର ଲିଓନେଲ ମେସି।

**କୋପା ଆମେରିକା**

ବେଲୋ ହରିଜୋଣ୍ଟେ,୩।୭(ଏଏଫ୍‌ପି)

ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଟାଇଟଲ ମୁକାବିଲାରେ ବ୍ରାଜିଲ ପ୍ରବେଶ କରିଛି। ଗାବ୍ରିଏଲ ଜିସସ ଓ ରବର୍ଟ ଫିର୍ମିନୋଙ୍କ ଗୋଟିଏ ଲେଖାଏ ଗୋଲ ବଳରେ ଆୟୋଜକ ଦଳ ତା’ର ଚିର ପ୍ରତିଦ୍ୱନ୍ଦ୍ୱୀ ଆର୍ଜେଣ୍ଟିନାକୁ ୨–୦ ଗୋଲରେ ହରାଇ ଦେଇଛି। ଚିଲି ଓ ପେରୁ ମଧ୍ୟରେ ଖେଳାଯିବାକୁ ଥିବା ସେମିଫାଇନାଲର ବିଜେତାକୁ ବ୍ରାଜିଲ ଫାଇନାଲରେ ଭେଟିବ। ବିଶ୍ୱର ଲୋକପ୍ରିୟ ଫୁଟ୍‌ବଲ ଖେଳାଳି ଲିଓନେଲ ମେସି କୋପା ଆମେରିକା ଟୁର୍ନାମେଣ୍ଟରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରଥମାର୍ଦ୍ଧରେ ମେସି ସ୍କୋର ଦେବାର ନିକଟତର ହୋଇଥିଲେ। କିନ୍ତୁ ତାଙ୍କ ଶଟ୍ ଗୋଲ ବାରରେ ବାଜିଥିଲା। ତାଙ୍କ ସାଥୀ ଫରୱାର୍ଡ ସେର୍ଗିଓ ଅଗୁରୋଙ୍କୁ ମଧ୍ୟ ସମାନ ଅବସ୍ଥା ଭୋଗ କରିବାକୁ ପଡ଼ିଥିଲା। ୨୦୦୭ ପରେ ପ୍ରଥମ ଥର ପାଇଁ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳ କୌଣସି ବଡ଼ ଟୁର୍ନାମେଣ୍ଟରେ ପରସ୍ପରକୁ ଭେଟିଥିଲେ। ଗତ ଥର ୨୦୦୭ କୋପା ଆମେରିକା ଫାଇନାଲରେ ବ୍ରାଜିଲ ୩–୦ ଗୋଲରେ ଆର୍ଜେଣ୍ଟିନାକୁ ମାତ୍ ଦେଇଥିଲା।

# ଟିକେଟ୍ ଦେବାକୁ କୋହଲିଙ୍କ ପ୍ରତିଶ୍ରୁତି



ଚାରୁଲତା ପଟେଲଙ୍କ ସହ ବିରାଟ କୋହଲି।

ବର୍ମିଂହାମ,୩।୭(ପିଟି)

ବାଂଲାଦେଶ ବିପକ୍ଷରେ ଏଠାରେ ଖେଳାଯାଇଥିବା ମ୍ୟାଚ୍ ଦେଖିବା ଲାଗି ଚାରୁଲତା ପଟେଲ ନାମ୍ନୀ ଜଣେ ବୃଦ୍ଧା (୮୭) ଷ୍ଟାଡିୟମରେ ଉପସ୍ଥିତ ରହି ଭାରତୀୟ ଦଳକୁ ଉତ୍ସାହିତ କରିଥିଲେ। ଚାରୁଲତାଙ୍କୁ ଭାରତୀୟ ଦଳର ବଳକା ବିଶ୍ୱକପ୍ ମ୍ୟାଚ୍ ଲାଗି ବିରାଟ କୋହଲି ଟିକେଟ ପ୍ରଦାନ କରିବେ। ଏ ନେଇ ଅଧିନାୟକ କୋହଲି ପ୍ରତିଶ୍ରୁତି ଦେଇଥିବା ଚାରୁଲତା କହିଛନ୍ତି। ଭାରତୀୟ ଦଳର ପ୍ରତ୍ୟେକ ଚୌକାରେ ସେ ଭାରତୀୟ ପତାକା ଉଠାଉ ଦେଖାଉଥିଲେ। ଏହା କୋହଲିଙ୍କ ଧ୍ୟାନ ଆକର୍ଷଣ କରିଥିଲା। ମ୍ୟାଚ୍ ପରେ କୋହଲି ଓ ଉପଅଧିନାୟକ ରୋହିତ ଶର୍ମା ବୃଦ୍ଧା ଫ୍ୟାନଙ୍କ ଆଶୀର୍ବାଦ ନେଇଥିଲେ। ମ୍ୟାଚ୍ ପରେ କୋହଲି ମୋତେ ଭେଟିଥିଲେ। ମୁଁ ତାଙ୍କୁ ଭଲ ପ୍ରଦର୍ଶନ କରି ବିଶ୍ୱକପ୍ ଜିତିବାକୁ କହିଛି। ମୋତେ ଦଳର ବଳକା ଦୁଇରୁ ୩ଟି ମ୍ୟାଚ୍ ଉପଭୋଗ କରିବା ଲାଗି କୋହଲି କହିଥିଲେ। ହେଲେ ମୋ ପାଖରେ ଟିକେଟ୍ ନ ଥିବା ଜଣାଇଥିଲି। ଏହାପରେ ସେ ମୋତେ ଟିକେଟ୍ ସମ୍ପର୍କରେ ଚିନ୍ତା ନ କରିବାକୁ କହିଥିଲେ। ଏହି ଭାରତୀୟ ଦଳର ବଡ଼ ପ୍ରଶଂସକ ରାତାରାତି ସୋସିଆଲ ମିଡିଆରେ ପରିଚିତ ହୋଇଯାଇଛନ୍ତି।

# ଅଜୟ,ସୌରଭ, ଲକ୍ଷ୍ୟଙ୍କ ବିଜୟ ଅଭିଯାନ

କାଲଗାରୀ,୩।୭(ପିଟି)

ଭାରତୀୟ ଶଟଲର ଅଜୟ ଜୟରାମ, ସୌରଭ ବର୍ମା ଓ ଲକ୍ଷ୍ୟ ସେନ ଏଠାରେ ଚାଲିଥିବା କାନାଡା ଓପନ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଜୟରାମ ୨୧-୧୫, ୨୦-୨୨, ୨୧-୧୫ ଗେମ୍‌ରେ ହୁଆଙ୍ଗ ଗୁକ୍ସିଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ଆଗାମୀ ମୁକାବିଲାରେ ଇଂଲଣ୍ଡର ରାଜୀବ ଓସେଫଙ୍କୁ ଭେଟିବେ। ଜାତୀୟ ଚାମ୍ପିୟନ ସୌରଭ ଓ ପୂର୍ବତନ ଏସିଆନ ଜୁନିୟର ଚାମ୍ପିୟନ ଲକ୍ଷ୍ୟଙ୍କ ବିଜୟ ଲାଗି ଅଧିକ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ସୌରଭ ୨୧-୧୮, ୨୧-୧୩ରେ କାନାଡାର ଆଣ୍ଟିନୋଙ୍କୁ ପରାସ୍ତ କରିଥିବାବେଳେ ଲକ୍ଷ୍ୟ ଇଂଲଣ୍ଡର ଚୁନ କର ଲୁଙ୍ଗଙ୍କୁ ୨୧-୭, ୨୧-୮ ବ୍ୟବଧାନରେ ପ୍ରଥମ ରାଉଣ୍ଡ ମ୍ୟାଚ୍‌କୁ ଜିତିଛନ୍ତି। ଦୁଇ ଭାରତୀୟ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ଯଥାକ୍ରମେ କାନାଡାର ବି.ଆର୍. ସନକିର୍ଥ ଓ ଚାଇନାର ୱେଙ୍ଗ ହଙ୍ଗ ୟାଙ୍ଗଙ୍କ ସହ ମୁକାବିଲା କରିବେ।





ୱିମ୍ବେଲଡନ: ବିଜୟ ହାସଲ ପରେ ରାଫାଲ ନାଡାଲ ଓ ଆମେରିକାର ଆଲିସନ ରିସ୍କି ଖୁସି ମନାଉଛନ୍ତି।

## ବିସିସିଆଇ ଘରୋଇ କାର୍ଯ୍ୟସୂଚୀ

# ଏଥର ୨୦୩୬ ମ୍ୟାଚ୍

ନୂଆଦିଲ୍ଲୀ, ୩।୭(ପି.ଟି.)

ଆଗାମୀ ଘରୋଇ ସେସନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ତା’ର ଘରୋଇ କାର୍ଯସୂଚୀ ଘୋଷଣା କରିଛି। ଏହି କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇ ସୁଧାର ଅଣାଯାଇଛି। ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଳି ନିଲାମ ପୂର୍ବରୁ ଜାତୀୟ ଟି୨୦ ଟୁର୍ନାମେଣ୍ଟ ତଥା ସୟଦ ମୁସ୍ତାକ ଅଲି ଟ୍ରଫି ଆୟୋଜନ ହେବ। ୨୦୧୯–୨୦ ଘରୋଇ କାର୍ଯ୍ୟସୂଚୀରେ ଏହି ଉଲ୍ଲେଖନୀୟ ପରିବର୍ତ୍ତନ କରାଯାଇଛି। ଏଥର ଘରୋଇ ସିଜନରେ ମୋଟ ୨୦୩୬ଟି ମ୍ୟାଚ୍ ଖେଳାଯିବ। ମୁସ୍ତାକ ଅଲି ଟୁର୍ନାମେଣ୍ଟ ନଭେମ୍ବର ୮ରୁ ଆରମ୍ଭ ହୋଇ ଡିସେମ୍ବର ୧ ତାରିଖରେ ଶେଷ ହେବ। ଗତଥର ଏହି ଟୁର୍ନାମେଣ୍ଟ ଫେବୃୟାରୀ–ମାର୍ଚ୍ଚରେ ଖେଳାଯାଇଥିଲା। ଆଇପିଏଲ୍ ଖେଳାଳିନିଲାମ ସାଧାରଣତଃ ଡିସେମ୍ବର–ଜାନୁୟାରୀରେ ଆୟୋଜନ ହୋଇଥାଏ।

ଦେଶର ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ଡିସେମ୍ବର ୯ରୁ ଆରମ୍ଭ ହୋଇ ମାର୍ଚ୍ଚରେ ଶେଷ ହେବ। ରଣଜୀ ଟ୍ରଫି ଫାଇନାଲ ମାର୍ଚ୍ଚ ୧୩ ତାରିଖରେ ଖେଳାଯିବ। ଗତ ସେସନ ଭଳି ଏଥରର ଫର୍ମାଟ ସମାନ ରହିଛି। ପ୍ଲେଟ ଗ୍ରୁପ୍‌ରୁ କ୍ୱାର୍ଟର ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଥିବା ଦଳଗୁଡିକ ଏଲିଟ ଗ୍ରୁପ୍ ସି’କୁ ଉତ୍ତୀର୍ଣ୍ଣ ହେବେ। ସେହିପରି ଏଲିଟ୍ ଗ୍ରୁପ୍ ସି’ରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଶ୍ରେଷ୍ଠ ଦୁଇଟି ଦଳ ଏଲିଟ୍ ଗ୍ରୁପ୍ ଏ’ ଓ ଏଲିଟ୍ ଗ୍ରୁପ୍ ବି’କୁ ଆଗାମୀ ସେସନରେ ଉତ୍ତୀର୍ଣ୍ଣ ହେବେ। ପୂର୍ବପରି ଦୁଲୀପ୍ ଟ୍ରଫିରୁ ହିଁ ସେସନ ଆରମ୍ଭ ହେବ। ଏହାପରେ ବିଜୟ ହଜାରେ ୫୦ ଓଭର ଟ୍ରଫି, ଦେଓଧର ଟ୍ରଫି, ରଜଣୀ ଟ୍ରଫି ଓ ଇରାନୀ ଟ୍ରଫି ଖେଳାଯିବ।

ସେହିପରି ସିନିୟର ମହିଳା ଘରୋଇ ସେସନ ଟି୨୦ ଲିଗ୍ ସହିତ ଅକ୍ଟୋବରରୁ ଆରମ୍ଭ ହେବ। ଅଷ୍ଟ୍ରେଲିଆରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୮ ତାରିଖ ମଧ୍ୟରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ଏହି ବିଶ୍ୱକପ୍ ଲାଗି ଭାରତୀୟ ମହିଳା ଦଳର ମୁଖ୍ୟ କାର୍ଯ୍ୟ ହେଲା ଖେଳାଳିଙ୍କ ସଂକ୍ଷିପ୍ତ ତାଲିକା ପ୍ରକାଶ କରିବା। ଗତ ସଂସ୍କରଣରେ ବିସିସିଆଇ ୯ଟି ନୂଆ ଦଳ ସାମିଲ କରିବା ଫଳରେ ମୋଟ ମ୍ୟାଚ୍ ସଂଖ୍ୟା ୨୦୧୭ରେ ପହଞ୍ଚିଥିଲା। ଚଳିତବର୍ଷ ୧୯ଟି ମ୍ୟାଚ୍ ଅଧିକ ଖେଳାଯିବ ବୋଲି ପ୍ରକାଶିତ କାର୍ଯ୍ୟସୂଚୀରୁ ସ୍ପଷ୍ଟ ହୋଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁସଙ୍ଗତିରେ ସାଙ୍ଗ ହେଲେ**
**ଲୁହାର ଘଣ୍ଟି ବାଜେ**
**ସୁସଙ୍ଗତିରେ ସାଙ୍ଗ ହେଲେ**
**ସୁନାର ଘଣ୍ଟିବାଜେ ।**

କୁ-ବନ୍ଧୁ ବା କୁସଙ୍ଗତିରେ ପଡ଼ିଲେ ସମାଜରେ ନିନ୍ଦିତ ହେବାକୁ ପଡ଼ିଥାଏ । ତିରସ୍କାର ମିଳିବା ସହ ଦୁର୍ଭାଗ୍ୟ ଅର୍ଜିବା ହିଁ ସାର ହୋଇଥାଏ । ସେହିପରି ଉତ୍ତମ ବା ସୁପୁରୁଷ ସଙ୍ଗେ ବନ୍ଧୁତା ସ୍ଥାପନ କଲେ ଜୀବନରେ ଅଗ୍ରଗତି ଘଟିଥାଏ । ଭଲମନ୍ଦ ଅବଗତ କରାଇବା ସହ ସେମାନଙ୍କ ସୁପରାମର୍ଶ ଅନେକ ପ୍ରକାରର ବିପଦରୁ ରକ୍ଷା କରିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

**କଅଁଳା ବାଛୁରୀ କାନ**
**ନନା ଦେଇଥିଲେ କନିଆଦାନ**
**ହାଣ୍ଡିଶାଳେ ଗଲା ଦିନ ।**

ବାପଘରେ ଝିଅ ବେଶ୍ ଫୁଲାଫାଙ୍କିଆ ହୋଇଥାଏ । କିନ୍ତୁ ଯେତେବେଳେ ସେ ବାହାହୋଇ ଶାଶୁଘରକୁ ଆସେ ସେତେବେଳେ ତା'ର ଦାୟିତ୍ୱ ବହୁ ପରିମାଣରେ ବଢ଼ିଯାଇଥାଏ । ରନ୍ଧାବଢ଼ାଠାରୁ ଆରମ୍ଭ କରି ଘରର ସବୁ ଟିକିନିଖି କାମ ତୁଲାଇବାକୁ ପଡ଼ିଥାଏ । ଶାଶୁଘରର କାର୍ଯ୍ୟବ୍ୟସ୍ତତାରେ ଧନ୍ଦି ହୋଇ ପଡୁଥିବା ବୋହୂ ବାପଘରର ସୁଖକୁ ଝୁରିହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ୧୦ ସଂସ୍ଥା ପକ୍ଷରୁ ୭୭ ଲକ୍ଷ ଟଙ୍କା ସହାୟତା

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ବାତ୍ୟା ଫନୀ ଦ୍ୱାରା ପ୍ରଭାବିତଙ୍କ ପାଇଁ ବିଭିନ୍ନ ସଂସ୍ଥା ଏବଂ ବ୍ୟକ୍ତି ବିଶେଷ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଛନ୍ତି । ଅରନେଷ୍ଟ ଏବଂ ୟଙ୍ଗ ପକ୍ଷରୁ ୫୦ ଲକ୍ଷ ଟଙ୍କା, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ କର୍ମଚାରୀଙ୍କ ପକ୍ଷରୁ ୧୪,୩୫,୫୮୦ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ଟିଟଲାଗଡର ଓମ୍ ଭ୍ୟାଲି ସ୍କୁଲ ପକ୍ଷରୁ ୫ ଲକ୍ଷ ଟଙ୍କା, ବିଏସଏନ୍ଏଲ ପେନସନ ୱେଲଫେୟାର ସଂଘ ପକ୍ଷରୁ ୨ ଲକ୍ଷ ଟଙ୍କା, ଭୁବନେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ୧.୫ ଲକ୍ଷ, ବାଙ୍ଗାଲୋରର ଯୁବ ଶିଳ୍ପପତି ଅଂଶୁମାନ ମହାପାତ୍ର ୧ ଲକ୍ଷ, ରାଜ୍ୟ ପର୍ଯ୍ୟଟନ ବିଭାଗ ସଂସ୍କୃତିକ ପରିଷଦ ପକ୍ଷରୁ ୧ ଲକ୍ଷ ଟଙ୍କା, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୧ ଲକ୍ଷ ଟଙ୍କା, ଇପିକଲ କର୍ମଚାରୀମାନଙ୍କ ପକ୍ଷରୁ ୪୯ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏହାସହ ବ୍ରାଜିଲରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଅଶୋକ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୩୧ ହଜାରର ଚେକ୍ ପ୍ରଦାନ କରିଛନ୍ତି । ଏହିପରି ସମୁଦାୟ ୧୦ଟି ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ୭୬,୬୬,୪୭୩ ଟଙ୍କା ସହାୟତା ପ୍ରଦାନ କରାଯାଇଛି ।


**ବ୍ରତୋପନୟନ ଶୁଭେଚ୍ଛା**



ଅବିନାଶ ଆଚାର୍ଯ୍ୟ(ସାନୁ)
ଆଜି ତୋର ବ୍ରତୋପନୟନ ଉପଲକ୍ଷେ ଏବଂ (ପବିତ୍ର ରଥଯାତ୍ରା ଉପଲକ୍ଷେ) ଅଭିନନ୍ଦନ ଓ ଶୁଭେଚ୍ଛା । ତୋର ଚଲାପଥ କୁସୁମିତ ତଥା ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏତିକି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆନ୍ତର ବିନମ୍ର ପ୍ରାର୍ଥନା ।
ଶୁଭେଚ୍ଛା ସହ
ଶ୍ରୀରାମଚନ୍ଦ୍ର ମିଶ୍ର (ଅଜା), ଶ୍ରୀମତୀ ଶାନ୍ତିମଣି ମିଶ୍ର (ଆଈ), ବାପା, ମା, ବନ୍ଧୁ ଓ ପରିବାରବର୍ଗ ।
ସମେଇ ଗାଡ଼ିଆ, ଭୁବନେଶ୍ୱର ।
ଧ-୧୩୨୩୬

**55th Birthday Wish**



HAPPY BIRTHDAY MAMA
(Namita Pattanaik)
Bank Colony,Brahmeswar Patna
"MAY GOD GIVE YOU EVERYTHING"
From:
GUDU
D-13234

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



ପ୍ରତୀକ୍ଷା ପାତ୍ର
ସାଇବାବାଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ ।
ଶୁଭେଚ୍ଛାସହ:
ବାବା, ମାମା, ଜେଜେବାପା, ଜେଜେମା' ଓ ପରିବାରବର୍ଗ ।
ଧ-୫୩୬୪୪

**୬୯ତମ ଜନ୍ମବାର୍ଷିକ ଶୁଭେଚ୍ଛା**



ମହନ୍ତ ଶ୍ରୀ ଗୋପୀନାଥ ଦାସ ମହାରାଜ
ନରୋତ୍ତମ ଆଶ୍ରମ, ଦାମୋଦର ରୋଡ, ପୁରୀ
ପ୍ରଭୁ ଜଗନ୍ନାଥଙ୍କ କରୁଣାରୁ ଆପଣଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ ।
ଶୁଭେଚ୍ଛା ସହ:
ଆପଣଙ୍କର ଲଡୁ ଗୋପାଳ ଦାସ,ଲତିକା ସେନ, ଅକ୍ଷୟ କୁମାର, ଗୋବିନ୍ଦ ଚନ୍ଦ୍ର, ସୁଦାମ, ସମୀର, ଗଣେଶ, କାଳୁ ଓ ଶିଷ୍ୟବୃନ୍ଦ ।
ଧ-୩୪୯୦୦

**ଗୁଗୁଲ'ର ଜନ୍ମବାର୍ଷିକ ଶୁଭେଚ୍ଛା**



ଶୁଭଶ୍ରୀ ପୃଷ୍ଟି
କାକଟପୁର, ପୁରୀ
ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା' ଶ୍ରୀରାଧାରାଣୀ ତୋ ଚଲାପଥ ଉଜ୍ଜ୍ୱଳମୟ କରନ୍ତୁ ।
ଶୁଭେଚ୍ଛା ସହ:
ଅଜା, ଆଈ, ବୁବୁଲ, ଡିବୁଲ ଓ ସାଙ୍ଗସାଥୀ ।
ଧ-୩୪୮୯୯

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



ଶିବାଂଶୀ (ସିଦ୍ଧି)
ଝୁମୁଝୁମା ହାଉସିଂ ବୋର୍ଡ କଲୋନୀ, ଘର ନଂ: ଏଲଆଇଜି-୫୬୫
ଜନ୍ମ ତା. ୨୫।୦୬।୨୦୧୭
ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ, ଏତିକି କାମନା ।
ଶୁଭେଚ୍ଛାସହ: ଜେଜେବାପା: ଶଙ୍କର, ଜେଜେମା: ମନପ୍ରିୟା, ବାପା: ସୌମ୍ୟ, ମା: ସ୍ୱର୍ଣ୍ଣମୟୀ, ବଡ଼ବାପା: ତ୍ରୈଲୋକ୍ୟ, ବଡ଼ମା: ରଞ୍ଜିତା, ବଡ଼ବାପା: ସ୍ମୃତି, ମଦ୍ଦମା: ଲୋପାମୁଦ୍ରା, ଅପା: ରିଦ୍ଧି ଓ ବନ୍ଧୁ ପ୍ରିୟଜନବର୍ଗ ।
ଧ-୧୩୧୨୩





# ଧାନର ଏମ୍ଏସ୍ପି ବୃଦ୍ଧି, ଚାଷୀଙ୍କ ଆଶା ଭରିନି

କେନ୍ଦ୍ର ସରକାର ବୁଧବାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଉପରେ କୁଇଣ୍ଟାଲ ପ୍ରତି ୬୫ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି । ଏହାଦ୍ୱାରା ଧାନର ଏମ୍ଏସ୍ପି ୧୮୧୫ ଟଙ୍କାରେ ପହଞ୍ଚିଛି । ଗତବର୍ଷ ଅର୍ଥାତ୍ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଧାନର ଏମ୍ଏସ୍ପି କୁଇଣ୍ଟାଲ ପ୍ରତି ୨୦୦ ଟଙ୍କା ବୃଦ୍ଧି କରିଥିବାବେଳେ ନିର୍ବାଚନ ପରେ ତାକୁ ୬୫ଟଙ୍କାରେ ସୀମିତ ରଖିବାକୁ ଚାଷୀମାନେ ସହଜରେ ଗ୍ରହଣ କରିନାହାନ୍ତି । ଶାସନ ଗାଦି ଦଖଲ ଆଶାରେ କେନ୍ଦ୍ର ସରକାର ଧାନର ଏମ୍ଏସ୍ପି ୨ଶହ ଟଙ୍କା ବୃଦ୍ଧି କରିଥିବା ସ୍ପଷ୍ଟ ହେଲା ବୋଲି ଚାଷୀମାନେ କହିଛନ୍ତି । ଅନ୍ୟପକ୍ଷେ ସ୍ୱାମୀନାଥନ କମିଶନକୁ ଲାଗୁ କରିବା ପାଇଁ ପ୍ରତିଶ୍ରୁତି ଦେଇ ୨୦୧୪ରେ ଏନଡିଏ ଶାସନକୁ ଆସିଥିଲା । ଏଥର ମୋଦି ସରକାର ଦ୍ୱିତୀୟ ପାଳିରେ ଥିବା ସତ୍ତ୍ୱେ ସେହି ପ୍ରତିଶ୍ରୁତିକୁ ଲାଗୁ କରି ନ ପାରିବା ଚାଷୀଙ୍କ ପାଇଁ ବିଡ଼ମ୍ବନାର ବିଷୟ ହୋଇଛି । ଏହି ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶାର ଚାଷୀ,ଚାଷୀନେତାଙ୍କ ପ୍ରତିକ୍ରିୟାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।

### ଚାଷୀଙ୍କ ପାଇଁ ଚରମ ପ୍ରତାରଣା



କେନ୍ଦ୍ର ସରକାର ଗତବର୍ଷ ଧାନର ଏମଏସପି କୁଇଣ୍ଟାଲ ୨୦୦ଟଙ୍କା ବୃଦ୍ଧି କରିଥିଲେ ଏବଂ ତାକୁ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ବୋଲି ବାହାସ୍ଫୋଟ ମାରିଥିଲେ । ମାତ୍ର ଏବେ ସେଥିରେ କେବଳ ୬୫ଟଙ୍କା ବୃଦ୍ଧି କରିଛନ୍ତି । ଯାହାକି ସାଧାରଣ ନିର୍ବାଚନ ପୂର୍ବବର୍ଷରେ ଯେଉଁ ହାରରେ ଧାନର ଏମଏସପିରେ ବୃଦ୍ଧି ହୋଇଥିଲା, ନିର୍ବାଚନ ଜିତିବା ବର୍ଷରେ ଏମଏସପି ବୃଦ୍ଧି ତହିଁର ଏକ ତୃତୀୟାଂଶରୁ କମ୍ ଅଟେ । ଏଥିରୁ ମୋଦି ସରକାରଙ୍କ ଅସଲି ଚେହେରା ପଦାରେ ପଡ଼ିଛି ।
-ଲିଙ୍ଗରାଜ, ଆବାହକ, ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି

### ଏମ୍ଏସ୍ପି ବୃଦ୍ଧିରେ କୌଣସି ଆଧାର ନାହିଁ



କେନ୍ଦ୍ର ସରକାରଙ୍କ ଏମଏସପି ବୃଦ୍ଧିରେ କୌଣସି ଆଧାର ନାହିଁ । ଏପରିକି କେଉଁ ଆଧାରକୁ ନେଇ ସେଭଳି ଯଥେଷ୍ଟ କମ୍ ହାରରେ ଏମଏସପି ବୃଦ୍ଧି କରାଯାଉଛି, ତାକୁ ମଧ୍ୟ ସରକାର ସ୍ପଷ୍ଟ କରି ପାରୁ ନାହାନ୍ତି । ଚାଷ, ଚାଷୀଙ୍କ ଆନୁସଙ୍ଗିକ ବ୍ୟୟକୁ ଦେଖିଲେ ଧାନର କୁଇଣ୍ଟାଲ ପ୍ରତି ମାତ୍ର ୬୫ ଟଙ୍କା ବୃଦ୍ଧିର କିଛି ମାନେ ନାହିଁ । ଏଭଳି ଅବିଚାରିତ ଏମଏସପି ବୃଦ୍ଧି ଯୋଗୁ ଚାଷୀମାନେ ଦିନକୁ ଦିନ ଚାଷ ପ୍ରତି ବିମୁଖ ହୋଇ ଅନ୍ୟ ବିକଳ୍ପ ପନ୍ଥା ଆଦରିବାରେ ବାଧ୍ୟ ହେଉଛନ୍ତି ।
କିଶୋର ଦେବତା, ସମ୍ପାଦକ, ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତି, ବରଗଡ଼

### ଏମ୍ଏସ୍ପି ବୃଦ୍ଧି ସନ୍ତୋଷଜନକ ନୁହେଁ



ଧାନର ଏମଏସପିରେ କୁଇଣ୍ଟାଲ ପ୍ରତି୬୫ଟଙ୍କା ବୃଦ୍ଧିରେ ଆମେ ଆଦୌ ସନ୍ତୁଷ୍ଟ ନୋହୁଁ । ଚାଷକାର୍ଯ୍ୟରେ ଯେଭଳି ଖର୍ଚ୍ଚ ହେଉଛି, ସେଭଳି ମଧ୍ୟ ଧାନଦର ବଢ଼ିବା କଥା । କିନ୍ତୁ କେନ୍ଦ୍ର ସରକାର ତାକୁ ଧ୍ୟାନ ଦେଉ ନାହାନ୍ତି । ଅପରପକ୍ଷେ ଚାଷକାର୍ଯ୍ୟ ପାଇଁ ଲାଗୁଥିବା ସାର, କୀଟନାଶକ ଦର ଢ଼େରଗୁଣାରେ ବଢ଼ାଇ ଚାଲିଛନ୍ତି । ପୁଣି ଏବେ ଆମେ ଧାନ ବିକି ସାରିବା ପରେ ସରକାର ଧାନ ଦର ବଢ଼ାଇଲେ । ଏଥିରୁ ବର୍ତ୍ତମାନ ଆମକୁ କିଛି ଲାଭ ମିଳିବ ନାହିଁ ।
ଏକାଦଶିଆ ସାହୁ, ଚାଷୀନେତା, ବରଗଡ଼

### ଚାଷୀଙ୍କ ପ୍ରତି ଦରଦ ନାହିଁ



ମୋଦି ସରକାର ସ୍ୱାମୀନାଥନ କମିଶନ ଲାଗୁ କରିବାକୁ ପ୍ରତିଶୃତି ଦେଇଥିଲେ । ତାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରି ପାରିନାହାନ୍ତି । ପୁଣି ଏବେ ଧାନର ଏମଏସପିରେ ଯେଉଁ ମାତ୍ର ୬୫ ଟଙ୍କା ବୃଦ୍ଧି କଲେ, ତାହା ବର୍ତ୍ତମାନ ଏମଏସପିର ମାତ୍ର ୩.୭୧ ପ୍ରତିଶତ ଅଟେ । ଫଳରେ ଏଥିରୁ ଚାଷୀଙ୍କୁ କିଛି ବି ଲାଭ ମିଳି ପାରିବ ନାହିଁ । ଯେଉଁ ସରକାର ପେଟ୍ରୋଲ, ସରକାରୀ କର୍ମଚାରୀ, ଅଧିକାରୀଙ୍କ ଦରମା ତଥା ଅନ୍ୟକ୍ଷେତ୍ରରେ ଢ଼େରଗୁଣା ବୃଦ୍ଧି କରୁଛନ୍ତି ଏବଂ ଧାନର ଏମଏସପି ବୃଦ୍ଧି ବେଳକୁ ତାକୁ ମାତ୍ର ୨/୩ପ୍ରତିଶତରେ ସୀମିତ ରଖୁଛନ୍ତି, ଚାଷୀଙ୍କ ପ୍ରତି ସେହି ସରକାରଙ୍କ ଦରଦ କିଭଳି ରହିଛି, ତାହା ସହଜରେ ଅନୁମେୟ ।
-ରମେଶ ମହାପାତ୍ର, ଆବାହକ, ଜୟକିଷାନ ଆନ୍ଦୋଳନ, ବରଗଡ

### ଚାଷୀଙ୍କ ବିଶ୍ୱାସ ପ୍ରତି କୁଠାରାଘାତ



୨୦୧୯ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ବୁଧବାର କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) କୁଇଣ୍ଟାଲ ପ୍ରତି ମାତ୍ର ୬୫ଟଙ୍କା ବୃଦ୍ଧି କରିଛନ୍ତି । ବିପୁଳ ବିଜୟ ପରେ ଚାଷୀଙ୍କ ବିଶ୍ୱାସ ପ୍ରତି ଏହା କୁଠାରଘାତ ସଦୃଶ । ନୂତନ ଦରବୃଦ୍ଧି ଚାଷୀଙ୍କ ଆର୍ଥିକ ସ୍ଥିତିକୁ କୌଣସି ମତେ ପରିବର୍ତ୍ତନ କରି ପାରିବ ନାହିଁ । ଖର୍ଚ୍ଚ ତୁଳନାରେ ଆୟ କମ୍ ହେଉଥିବାରୁ ଚାଷୀ ଆତ୍ମହତ୍ୟା ଭଳି ଘଟଣା ଘଟୁଛି । କେନ୍ଦ୍ର ସରକାର କୃଷକଙ୍କ ଆୟପ୍ରତି ଦୃଷ୍ଟି ଏମଏସପି ୨୬୦୦ ଟଙ୍କା କରିବା ଆବଶ୍ୟକ ।
-ଶାନ୍ତନୁ କୁମାର ବେହେରା, ଚାଷୀ, ରିଷିଗାଁ, ଭବାନୀପାଟଣା

### ଚାଷୀଙ୍କ ସ୍ୱାର୍ଥ ସାଧନ କରିବ ନାହିଁ



ଧାନର ଏମ୍ଏସ୍ପି କୁଇଣ୍ଟାଲ ପ୍ରତି ୬୫ଟଙ୍କା ବଢ଼ିବା ପରେ ଏହା ୧୭୫୦ଟଙ୍କାରୁ ବୃଦ୍ଧି ପାଇ ୧୮୧୫ ହେଲା । ଏହି ଟଙ୍କା ଚାଷୀର ଖର୍ଚ୍ଚଠାରୁ ଢେର କମ୍ । ତେଣୁ ନୂତନ ଘୋଷଣା ଚାଷୀଙ୍କ ପ୍ରତି ଉପହାସ । ଲଲିପପ ସଦୃଶ । ତେଣୁ ସେମାନଙ୍କୁ ଲଲିପପ୍ ନଦେଖାଇ କ୍ୟାପିନେଟ କମିଟି ତୁରନ୍ତ ଏମଏସପିର ପୁନର୍ବିଚାର କରିବା ଜରୁରୀ ।
- ସୁନୀଲ କୁମାର ବେହେରା, ଚାଷୀ, ଭବାନୀପାଟଣା

### ଚାଷୀକୁଳ ପ୍ରତି କ୍ରୁର ଉପହାସ



କେନ୍ଦ୍ର ସରକାର ସାର ଦର ଅହେତୁକ ଭାବେ ବୃଦ୍ଧି କରିଚାଲିଥିବାବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ମାତ୍ର ୬୫ ଟଙ୍କାର ବୃଦ୍ଧି କରିବା ସମଗ୍ର ଚାଷୀକୁଳ ପ୍ରତି ଏକ କ୍ରୁର ଉପହାସ । ତୈଳଦର ବୃଦ୍ଧି କରିବାରେ ସରକାର ପଛଘୁଞ୍ଚା ଦେଉନାହାନ୍ତି । ଆଗାମୀ ଦିନରେ ଚାଷୀ ଘୋର ସଙ୍କଟର ସମ୍ମୁଖୀନ ହେବେ । ଚାଷୀ କାନ୍ଦିଲେ ତାଙ୍କ ଲୁହରେ ମୋଦୀ ସରକାର ଭାସିଯିବା ହିଁ ସାର ହେବ । କେନ୍ଦ୍ର ସରକାରଙ୍କ ଏମ୍ଏସ୍ପି ବୃଦ୍ଧିକୁ ଜିଲା କୃଷକ ମହାସଂଘ ଦୃଢ଼ ନିନ୍ଦା କରୁଛି ।
- ଡା ସୁଧୀର କୁମାର ପରିଚ୍ଛା, ସଭାପତି, ଜିଲା କୃଷକ ମହାସଂଘ, ବଲାଙ୍ଗୀର

### ଚାଷୀକୁ ହତାଶ କରିଛି ନୂତନ ଦର ଧାର୍ଯ୍ୟ



ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୬୫ ଟଙ୍କା ବୃଦ୍ଧି କରିବାରମାନେ ହେଲା ଲୋକଙ୍କୁ ଚାଷ ଛାଡି ଦେବାକୁ ଉସୁକାଇବା । ଚାଷୀ କେତେ କଷ୍ଟରେ ଧାନ ଉତ୍ପାଦନ କରୁଛି ସରକାର ବୁଝିଥିଲେ ଏଭଳି ଉପହାସ କଲାଭଳି ମୂଲ୍ୟ ବୃଦ୍ଧି କରି ନ ଥାନ୍ତେ । ସରକାରଙ୍କ ଏଭଳି ଆଭିମୁଖ୍ୟ ଦ୍ୱାରା ଚାଷୀକୁଳ ନିରାଶ ହୋଇଛନ୍ତି । ଚାଷୀ ହାତାଶା ପାଇଁ ସରକାର ଦାୟୀ ରହିବେ ।
ପ୍ରେମରାଜ ରାଜପୁତ, ଚାଷୀ, ଅନ୍ତପାଲି, ବଲାଙ୍ଗୀର

### ସ୍ୱାଗତଯୋଗ୍ୟ ପଦକ୍ଷେପ



କେନ୍ଦ୍ର ସରକାର ୨୦୧୫-୧୬ରେ ଧାନରେ କୁଇଣ୍ଟାଲ ପ୍ରତି ୬୦ ଟଙ୍କା ଓ ୨୦୧୭-୧୮ରେ ୨୦୦ଟଙ୍କା ଏମଏସପି ବୃଦ୍ଧି କରିଥିଲେ । ଚଳିତ ଖରିଫ ପାଇଁ ୬୫ ଟଙ୍କା ବୃଦ୍ଧି କରିଛନ୍ତି । ତେବେ ଧାନ ଉତ୍ପାଦନ ଖର୍ଚ୍ଚକୁ ନେଇ ଦ୍ୱନ୍ଦ୍ୱ ରହିଛି । ବିଶେଷଜ୍ଞ କମିଟିଙ୍କ ମତ ଅନୁଯାୟୀ କୁଇଣ୍ଟାଲ ପ୍ରତି ଖର୍ଚ୍ଚ ୧୧୬୬ ଟଙ୍କା । ତଦନୁଯାୟୀ କେନ୍ଦ୍ର ସରକାର ସ୍ୱାମୀନାଥନ କମିଟିର ସୁପାରିଶ ଅନୁଯାୟୀ ଖର୍ଚ୍ଚର ଦେଢଗୁଣା ଏମଏସପି କରିଛନ୍ତି । ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ।
-କରମଚାନ୍ଦ ମହାନ୍ତି, ଆଗୁଆ ଚାଷୀ, ଗଡିଆ, ସୋନପୁର

### ଏମ୍ଏସ୍ପି ବୃଦ୍ଧି ଯଥେଷ୍ଟ ନୁହଁ



କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଠୋସ ପଦକ୍ଷେପ ନେବା ଜରୁରି । ଚାଷୀ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇଲେ ଖୁସିରେ ପରିବାର ପ୍ରତିପୋଷଣ କରିପାରିବ । ଧାନ ଚାଷରେ ଉତ୍ପାଦନ ଖର୍ଚ୍ଚ କୁଇଣ୍ଟାଲ ପ୍ରତି ୧୪ଶହ ଟଙ୍କା ରହୁଛି । କୁଇଣ୍ଟାଲ ପ୍ରତି ଏମ୍ଏସପି ୧୮୧୫ଟଙ୍କା ଯଥେଷ୍ଟ ନୁହଁ । ରାଜ୍ୟ ସରକାର ଚାଷୀଙ୍କୁ ବୋନସ ଦେବା ଉଚିତ୍ । ସେହିଭଳି ଚାଷୀ ଯେପରି ସରକାରୀ ଦରରେ ଧାନ ବିକ୍ରି କରିପାରିବ ତାହା ସୁନିଶ୍ଚିତ କରିବା ଆବଶ୍ୟକ ।
-ଚୈତନ୍ୟ ପଧାନ, ଚାଷୀ, ଖଇରମାଳ, ବିନିକା

### ଚାଷୀଙ୍କୁ ଉଚିତ ଦର ମିଳୁ

ନିର୍ବାଚନ ବେଳେ ଖାଲି ପାଟି କରି ଚାଷୀଙ୍କ ପ୍ରତି ଦରଦ ଥିବା ସବୁ ଦଳ କହୁଥିଲେ । ଚାଷୀ କିପରି ଉଚିତ ଦର ପାଇପାରିବ ସେ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ । ରାଜ୍ୟରେ ବଜାର ବ୍ୟବସ୍ଥା ନ ଥିବାରୁ ସମସ୍ୟା ହେଉଛି । ଏଥିପ୍ରତି ଗୁରୁତ୍ୱ ଦିଆଯାଉ ।



-ସରୋଜ ମହାନ୍ତି, ଚାଷୀ, ସମ୍ବଲପୁର ।

### ଚାଷୀଙ୍କ ପ୍ରତି ଅନ୍ୟାୟ ହୋଇଛି



ମାତ୍ର ୬୫ ଟଙ୍କା ଏମ୍ଏସ୍ପି ବଢ଼ାଇ କେନ୍ଦ୍ର ସରକାର ଚାଷୀଙ୍କ ପ୍ରତି ଅନ୍ୟାୟ କରିଛନ୍ତି । ଚାଷୀ ସବୁବେଳେ ସହାୟକ ମୂଲ୍ୟ ବୃଦ୍ଧି କରିବାକୁ ଦାବି କରିଆସୁଛି । ଯଦି ଉଚିତ ଦର ମିଳେ ତେବେ ଚାଷୀମାନଙ୍କୁ ଅନ୍ୟ କୌଣସି ସହଯୋଗ ଦରକାର ପଡ଼ିବ ନାହିଁ । ରାଜ୍ୟ ଓ କେନ୍ଦ୍ର ସରକାର କାହାର ବି ଚାଷୀଙ୍କ ପ୍ରତି ଦରଦ ନାହିଁ ।
-ଉମେଶ ମିଶ୍ର, ଚାଷୀ, ସମ୍ବଲପୁର ।

### ସ୍ୱାଗତ କଲେ ଜୟନାରାୟଣ, ରୋହିତଙ୍କ ବିରୋଧ

**ସମ୍ବଲପୁର,୩।୭(ବ୍ୟୁରୋ)**

କେନ୍ଦ୍ର ସରକାର ବୁଧବାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଉପରେ କୁଇଣ୍ଟାଲ ପ୍ରତି ୬୫ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି । ଏହାଦ୍ୱାରା ଧାନର ଏମ୍ଏସ୍ପି ୧୮୧୫ ଟଙ୍କାରେ ପହଞ୍ଚିଛି । ଏହାକୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସ୍ୱାଗତ କରିଥିବା ବେଳେ ରୋଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ବିରୋଧ କରିଛନ୍ତି ।

ବିଧାୟକ ମିଶ୍ର କହିଛନ୍ତି, କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ବୃଦ୍ଧି କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ହେଲେ ଚାଷୀଙ୍କ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଏହାକୁ ଆହୁରି ଅଧିକ ବୃଦ୍ଧି କରିବା କଥା । ରାଜ୍ୟ ସରକାରଙ୍କ ମଧ ଚାଷୀଙ୍କ ପ୍ରତି କିଛି ଦାୟିତ୍ୱ ରହିଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହେଉଥିବା ଦର ଚାଷୀମାନେ ପାଉନାହାନ୍ତି । ବଜାର ବ୍ୟବସ୍ଥା ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ତେଣୁ ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ଉଚିତ ।

ଅନ୍ୟପକ୍ଷେ ବିଧାୟକ ପୂଜାରୀ କହିଛନ୍ତି, କେନ୍ଦ୍ର ସରକାର ଧାନ ଏମ୍ଏସ୍ପି ମାତ୍ର ୬୫ ଟଙ୍କା ବୃଦ୍ଧି କରିବା ଚାଷୀଙ୍କ କଟା ଘା'ରେ ଚୂନ ଦେବା ସଦୃଶ । ବିଧାନସଭାରେ ଧାନ ଏମ୍ଏସ୍ପି ୨୯୩୦ ଟଙ୍କା କରିବା ପାଇଁ ଦାବି କରାଯାଇଥିଲା । ଏହାକୁ ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ସମର୍ଥନ କରିଥିଲେ । ନିର୍ବାଚନ ବେଳେ ମଧ ଚାଷୀଙ୍କ ଆୟ ଦୁଇଗୁଣ କରାଯିବ ବୋଲି ଭାଜପା କହିଥିଲା । ହେଲେ ସମ୍ପୃକ୍ତ ଦଳ ସରକାର ଗଠନ କରିବା ପରେ ଏବେ ତାହା ଭୁଲିଯାଇଛି । ଚାଷରେ ବ୍ୟବହୃତ ସାର କୀଟନାଶକ ଓ ଅନ୍ୟ ସାମଗ୍ରୀ ଦର ଯେଉଁ ଅନୁପାତରେ ବୃଦ୍ଧି ପାଉଛି, ସହାୟକ ମୂଲ୍ୟ ମଧ ସେତିକି ବୃଦ୍ଧି କରାଯିବା କଥା ।

ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ସଞ୍ଜିବ ଯୋଶୀ, ବୀରେନ୍ଦ୍ର ଝାଙ୍କର, ମୃତ୍ୟୁଞ୍ଜୟ ଶତପଥୀ, ଶୁଭାଷିସ ପାଢ଼ୀ

# ବ୍ରାହ୍ମଣୀକୁ ଡେଇଁ ଯୁବକ ମୃତ

## ମଦ ଚାଲାଣବେଳେ ଗୋଡ଼ାଇଲେ ଅବକାରୀ କର୍ମଚାରୀ

**ପରଜଙ୍ଗ, ୩।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି । ବାଇକ୍‌ରେ ମଦଚାଲାଣ କରୁଥିବାବେଳେ ଅବକାରୀ ବିଭାଗ କର୍ମଚାରୀଙ୍କ କବଳରୁ ବର୍ତ୍ତିବା ପାଇଁ ବ୍ରାହ୍ମଣୀ ନଦୀକୁ ଡେଇଁପଡ଼ିଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତକ ହେଲେ ଆମ୍ବପଳାସ ଗ୍ରାମର ଶାନ୍ତନୁ ମହାପାତ୍ର ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଶାନ୍ତନୁ ବୁଧବାର ଭୋର୍ ସାଢେ ୫ଟା ବେଳେ ୫୩ନଂ. ଜାତୀୟ ରାଜପଥରେ ବାଇକ୍ (ଓଡ଼ି ୧୯ ଏଚ୍ ୧୭୮୩) ଯୋଗେ ମହୁଲି ମଦ ନେଇ ଆମ୍ବପଳାସରୁ ତାଳଚେର ଆଡ଼କୁ ଯାଉଥିଲେ । ଏହି ସମୟରେ ଏକ ସ୍କର୍ପିଓରେ ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ପିଛା କରିଥିଲେ । ଗିରଫ ଭୟରେ ସେ ବାଇକ୍‌କୁ ବ୍ରିଜ୍ ପାର୍ଶ୍ୱରେ ରଖିଦେଇ କିଛି ବାଟ ଦୌଡ଼ିଥିଲେ । ଅବକାରୀ ବିଭାଗ କର୍ମଚାରୀମାନେ ନିକଟତର ହୋଇଯିବାରୁ ସେ ନଦୀକୁ ଡେଇଁ ପଡ଼ିଥିଲେ । ପାଣି ପରିବର୍ତ୍ତେ ବାଲିରେ ପଡ଼ିବାରୁ ତାଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ସଙ୍କଟାପନ୍ନ ଅବସ୍ଥାରେ ତାଳଚେର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଘଟଣାସ୍ଥଳରେ ଅବକାରୀ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ ମଧ ସେଠାରୁ ପଳାଇ ଆସିଥିବା ଅଞ୍ଚଳବାସୀ କହିଛନ୍ତି ।

ଅନ୍ୟପଟେ ଏହି ଘଟଣା ପାଇଁ ଅବକାରୀ ବିଭାଗକୁ ଦାୟୀ କରିଛନ୍ତି ଶାନ୍ତନୁଙ୍କ ଭାଇ ମୁନୁ ମହାପାତ୍ର । ଅବକାରୀ ଏଏସ୍ଆଇ ବଟକୃଷ୍ଣ ରାଉଳ ମଦ ଚାଲାଣ କରାଯାଉଥିବା ବାଇକ୍‌କୁ ପିଛା କରୁଥିବା ସ୍ୱୀକାର କରିଛନ୍ତି ।

### ଶହେ ଟଙ୍କା ନ ଦେଲେ ମାଟ୍ରିକ୍ ସାର୍ଟିଫିକେଟ ମିଳୁନି

**ରାଉରକେଲା ଅଫିସ, ୩।୭**

ମାଟ୍ରିକ ପରୀକ୍ଷା ଫଳ ପ୍ରକାଶନ ପରେ ଛାତ୍ରୀଛାତ୍ର ବୋର୍ଡ ସାର୍ଟିଫିକେଟ ପାଇବାକୁ ସ୍କୁଲକୁ ଧାଉଁଛନ୍ତି । ହେଲେ ଶହେ ଟଙ୍କା ନ ଦେଲେ ସାର୍ଟିଫିକେଟ ଦିଆ ଯାଉନି । କେଉଁ କାରଣରୁ ୧୦୦ଟଙ୍କା ଆଦାୟ କରାଯାଉଛି ସେ ନେଇ ପ୍ରଶ୍ନ କଲେ ସାର୍ଟିଫିକେଟ ପାଇବାକୁ ନେହୁରା ହେବାକୁ ପଡୁଛି । କେତେକ ବିଦ୍ୟାଳୟ୍ କର୍ତ୍ତୃପକ୍ଷ ଉତ୍ତର ଦେଉଛନ୍ତି ଯେ, ପିଲା ପାଶ୍ କରିଛନ୍ତି । ସେହି ଖୁସିରେ କିଛି ଦେବା କଥା ବୋଲି ଉତ୍ତର ଦେଉଛନ୍ତି । ଅନ୍ୟପକ୍ଷେ ଭଲ ଗ୍ରେଡ୍ ରଖି ପାଶ କରିଥିବା ପିଲାଙ୍କଠାରୁ ଅଧିକ ଟଙ୍କା ଆଦାୟ୍ କରାଯାଉଛି । ତେବେ ଏଭଳି ବେଆଇନ ଅର୍ଥ ଆଦାୟ୍ ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି । ଏ ନେଇ ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରିଙ୍କୁ ଯୋଗାଯୋଗ କରାଯିବାରୁ ସେ ଫୋନ୍ ଉଠାଇ ନ ଥିଲେ ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ମହେଶ୍ୱର ପରିଡ଼ା
ଦଦରାକୁଣ୍ଡ, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୦୨।୦୨।୧୯୪୩
ତିରୋଧାନ: ୨୪।୦୬।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ପୁତ୍ର: ଚିତ୍ତରଞ୍ଜନ ପରିଡ଼ା, ଦେବରାଜ ପରିଡ଼ା, ଆର୍ତ୍ତ, ଗଦାଧର, ଝିଅଜ୍ୱାଇଁ, ନାତି ନାତୁଣୀ ମାନେ ।
ଧ-୧୩୨୩୫

**୨୯ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ୧୨।୦୪।୧୯୪୫
ତିରୋଧାନ: ୦୪।୦୭।୧୯୯୦
ଆମେ ଆଜିର ୨୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନିଧ ଲାଭ କରନ୍ତୁ, ଏହା ହିଁ କାମନା କରୁଛୁ ।
Director and Staff "x" Security Service (P) Ltd.
ଧ-୧୩୨୩୩

**ଅଷ୍ଟାଦଶତମ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତ ଚିତ୍ତରଞ୍ଜନ ଦାସ
ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୬।୧୯୨୪
ତିରୋଧାନ: ୨୨।୦୬।୨୦୦୧
ତୁମର ସ୍ନେହ, ସରଳ ଜୀବନ, ନିରପେକ୍ଷ ବିଚାର ଆମ ପାଇଁ ଆଦର୍ଶ । ତୁମକୁ ଚିରଦିନ ପାଇଁ ହରାଇ ଆମେ ଶୋକାକୁଳ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ ।
ଧ-୬୬୫୯୬

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଦିଲୀପ ମିଶ୍ର
୧୮୫, ଜନପଥ, ଭୁବନେଶ୍ୱର
ଆବିର୍ଭାବ: ୨୧ ସେପ୍ଟେମ୍ବର ୧୯୪୦
ତିରୋଧାନ: ୨୭ ଜୁନ ୨୦୦୬ (ଶ୍ରୀଗୁଣ୍ଡିଚା)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
ଶ୍ରଦ୍ଧାଞ୍ଜଳି ସହ:
ବନ୍ଧୁ ଓ ପରିବାରବର୍ଗ
ଧ-୧୩୨୩୧

**୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଯତୀନ୍ଦ୍ର ମୋହନ ମହାନ୍ତି
Senior Advocate, Odisha High Court
ଆବିର୍ଭାବ: ୧୯୪୭ ମସିହା ସରସ୍ୱତୀ ପୂଜା
ତିରୋଧାନ: ୨୦୧୬ ମସିହା ଶ୍ରୀଗୁଣ୍ଡିଚା
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ପରିବାରବର୍ଗ
ଧ-୧୩୨୩୭

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜୁଲାଇ ୪/୨୦୧୯ Sambalpur, Thursday, July 4 / 2019




## ବ୍ରହ୍ମପୁର, କେନ୍ଦୁଝରରେ ୨ କଏଦୀ ମୃତ

ବ୍ରହ୍ମପୁର ଅଫିସ/କେନ୍ଦୁଝର(ସ୍ୱ.ପ୍ର.) ୩।୭

ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଦାମୀ ଗ୍ରାମର ଦଣ୍ଡୁଆ ଦିଗାଲ। ବୁଧବାର ବୈଦ୍ୟନାଥପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ. ୩୪୩/୧୯) ରୁଜୁ କରିଛି।

ଦଣ୍ଡୁଆ ୨୦୧୭ ମେ ୧ ତାରିଖରୁ ଫୁଲବାଣୀ ଜିଲା ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ। ଛାତିରେ ଯନ୍ତ୍ରଣା ହେବାରୁ ଗତ ୨୮ ତାରିଖରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ବୁଧବାର ସକାଳେ ପରିବାର ଲୋକେ ବ୍ରହ୍ମପୁର ମେଡିକାଲରେ ପହଞ୍ଚିବା ପରେ ମାଜିଷ୍ଟ୍ରେଟ ତଥା ସହକାରୀ ଜିଲାପାଳ ଡି. ମାଲେଶ୍ୱର ପାତ୍ରଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସେହିପରି କେନ୍ଦୁଝର ଜିଲା ମୁଖ୍ୟ କାରାଗାରରେ ଜେଲଦଣ୍ଡ ଭୋଗୁଥିବା ସୁନୀଲ ମୁଣ୍ଡା ନାମକ ଜଣେ ବନ୍ଦୀଙ୍କ ବୁଧବାର କଟକ ଏସସିବି ମେଡିକାଲରେ ମୃତ୍ୟୁ ଘଟିଛି। ତାଙ୍କ ଘର ଯୋଡା ଥାନା ଅନ୍ତର୍ଗତ ଆଜାଦ ବସ୍ତିରେ। ୨୦୦୭ ମସିହାରେ ଏକ ହତ୍ୟା ଘଟଣାରେ ସେ ଗିରଫ ହୋଇଥିଲେ । ଉକ୍ତ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୦୮ରୁ ସଜା କାଟୁଥିଲେ । ଗତ କିଛି ମାସ ହେବ ତାଙ୍କର ମାନସିକ ସ୍ଥିତି ବିଗିଡି ଯାଇଥିଲା। ଜୁନ ୨୬ ତାରିଖରେ ସେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ଆବାସ ଯୋଜନାରୁ ବଁଚିତ୍ ବୁରୁଧ୍ କନ୍ଦର୍ପ

କେସିଙ୍ଗା, ୩।୭ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍‌ଦୁଖି, ଭୂମିହୀନ, ବାସହୀନମାନକର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ କେନ୍‌ଠାନେ ଭୂମିହୀନ ଘରଡିହ ପାଉଛେ ତ ଘର ନାଇଁ, ଆର କିଏ ଘର ପାଏଲେ କିସ୍‌ତି ଟଁକା ପାଏବାର ଲାଗି ଅଫିସ ନରଦି ନରଦି ନିହାଲ ହେଉଛେ। ସେନ୍‌ତା ଅନେକ ଗରିବ୍ ଦୁଖି ସରକାରୀ ସର୍ଭେରେ ଭୁଲଭଟକା ଲାଗି ତାଲିକାରୁ ବାଦ୍ ପଡ଼ି ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଘଟନା ଦେଖ୍‌ବାକେ ମିଲିଛେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ କନ୍ତେଶିର ପଁଚେତ୍‌ର ଗେଠିପଡ଼ା ଗାଁରେ।

ସୂଚନା ଅନ୍‌ସାରେ ଗେଠିପଡ଼ାର ବାସିନ୍‌ଦା ହେଉଛନ୍ କନ୍ଦର୍ପ ମାଝି(୬୫)। ପରିବାର କହେଲେ ମାଏକିନା ଗୁରୁବାରୀ (୬୨) ଆର ଗୁଟେବଲି ଝିଁ'। ଝିଁ'କେ ଅନେକ ଦିନୁ ବିହାଚୁରା କରିଦେଇ ବୁଢ଼ାବୁଢ଼ି ଗୁଟେ ମାଏଟ୍‌କୁରିଆରେ ରହିଆସୁଛନ୍। ସେ ୪୦ ବଛରରୁ ଅଧିକା ହେଲା ଇ ପଡ଼ାରେ ରହିଆସୁଥିଲାବେଲେ ଅନେକ ଥର ଦରିଦ୍ରିଆ ସୀମାରେଖା ତଲେ ଥିବାର ଲୁକ୍‌କର ସର୍ଭେ ହେଇଛେ। ହେଲେ ଦୁଖର କଥା କନ୍ଦର୍ପ ଝନେ ଭୂମିହୀନ ଗରିବ୍ ହେଇଥିଲେ ବି ସର୍ଭେ ବେଲେ କେହେନ୍‌ସି ସରକାରୀ ବାବୁର ନଜର ତାକର ଉପରେ ନାଇଁପଡ଼ି। ୨୦୦୦ ସାଲେ ସରକାରକଁର ତରଫୁ ତାହାକୁ ୪ ଡେସିମିଲ ଜାଗା ମିଲିଥିଲେ ବି ଏସ୍‌ଇସିସି ତାଲିକାରେ ନାଁ ନାଇଁଥିବାର ଲାଗି ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ସରକାରନୁ ପାଇଥିବାର ୪ ଡେସିମିଲ ଜାଗାରେ ବୁଢ଼ାବୁଢ଼ି ମାଏଟ୍ କୁରିଆଟେ କରି ବଡ଼ା ଗୁଲଗୁଲା ହେଇ ଜୀବନ୍ ବିତଉଛନ୍। ଗଲା ବଛର ଧୁକାଗରେଲରେ ଘରଟା ଭାଂଗିରୁଜି ଗଲାରୁ ତାକର ଦୁଖ୍ ଗାଉନିଯାଉଛେ। ହେଲେ ଇ ବାବ୍‌ଦେ ସେ ଆଏଜ୍‌ତକ୍ ସରକାରୀ ସାହାଯ୍ ନାଇଁ ପାଇପାରି। ଏନ୍‌ତାଥି କନ୍ଦର୍ପ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପଁଚେତ୍‌କେ ଦଉଡି ଦଉଡି ନିରାଶ ହେଇଛନ୍। ସେ ଘର ଲାଗି ଅନେକ ଥର ଆବେଦନ ବି କରିଛନ୍, ହେଲେ ତାକର କଥା ଶୁନୁଛେ କିଏ। ଦୁଇ ବୁଢ଼ାବୁଢ଼ି ସରକାରୀ ସାହାଯ୍ କହେଲେ ମାସିକ ପାଉଥିବାର ୧୦ କେ.ଜି. ଚାଉଲ ଆର ଭତା ବାବ୍‌ଦେ ୧ ହଜାର ଟଁକା। ଏତ୍‌କିରେ ଦୁଇଝନ୍ ମାସେ ଚଲବାର ସମ୍‌ଭବ ନୁହେ, ସେଥିରଲାଗି ବୁଢ଼ାବୁଢ଼ି କାଲେ ବି ଦୁଇ ମାଏଝିମୁନୁଷ ପରହର କାମବୁତା କରି ପେଟ ପାଲୁଛନ୍। ଇ ବାବ୍‌ଦେ କନ୍ତେଶିର ପଁଚେତ୍‌ର ପିଇଓକୁଁ ପଚରାଲାରୁ କିଛି ନାଇଁ ହେଇ, କାଣା ହେଇଛେ, ମୁଇଁ ତ କିଛି ନାଇଁ ଜାନି ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଥାନୀୟ ସରପଁଚ୍ ଜିତେନ୍ଦ୍ର ବ୍ରହ୍ମାକୁଁ ପଚରାଲାରୁ ଏସ୍‌ଇସିସି ତାଲିକାରେ ତାକର ନାଁ ନାଁଇନ, ସେଥିରଲାଗି ସେ ଘର ନାଇଁ ପାଏବାର ବଲି କହିଥିଲେ।


ଭଂଗା ଘରଆଗେ କନ୍ଦର୍ପ ଆର ତାକର ମାଏକିନା ଗୁରୁବାରୀ।

**ଉପହାସ କରୁଛେ ସରକାରୀ ଯୋଜନା**

- ୧୯ ବଛର ହେଲା ଡିହ ମିଲିଛେ, ଘର ନାଇଁ
- ଘର ଭାଂଗବାର ବଛରେ ହେଲା, ସାହାଯ୍ ନାଇଁ

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସଫେଇ କର୍ମଚାରୀ ମୃତ

ବରପାଲି, ୩।୭ (ଡି.ଏନ.ଏ.)

ବରଗଡ ଜିଲା ବରପାଲି କଲେଜ ଛକ ନିକଟରେ ବୁଧବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସ୍ଥାନୀୟ ଏନଏସିର ସଫେଇ କର୍ମଚାରୀ (ମେହେନ୍ତର) ବେହେରାପଡାର ସନ୍ୟାସୀ ବେହେରା(୩୦)ଙ୍କ ମୃତ୍ୟୁ ଘଟିଛି। ବରପାଲି କଲେଜ ପାଚେରିକୁ ଲାଗି ରହିଥିବା ଏକ ପରିତ୍ୟକ୍ତ ସ୍ଥାନରେ ଏକ ଘୁଷୁରୀ ମରି ପଡିଥିଲା। ତାକୁ ଉଠାଇବାକୁ ଯାଇଥିବା ବେଳେ ବର୍ଷା ଯୋଗୁଁ ଶର୍ଟ ହୋଇ ଯାଇଥିବା ଓଦା ପାଚେରି ସଂସ୍ପର୍ଶରେ ସନ୍ୟାସୀ ଆସି ଚେତାଶୂନ୍ୟ ହୋଇ ପଡି ଯାଇଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯/୧୯)ରୁଜୁହୋଇଛି ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଉଲୁଣ୍ଡା, ୩।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଫିସର ଡାକ୍ତର ଆଶୁତୋଷ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ମିତାଳି ମହାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ଷାଋତୁରେ ସ୍ୱାସ୍ଥ୍ୟ ସଚେତନତ ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ମାରାତ୍ମକ ରୋଗକୁ ସଚେତନ ହୋଇ କିପରି ରୋକା ଯାଇ ପାରିବ ସେନେଇ ଆଶା କର୍ମୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସିଡିପିଓ ତିଲୋତମା ନାଏକ, ବ୍ଲକ ପୋଗ୍ରାମ ମ୍ୟାନେଜର ମହେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକ୍ରମରେ ସମସ୍ତ ସୁପରଭାଇଜର, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀମାନେ ଯୋଗ ଦେଇଥିଲେ। ଶେଷରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାଝି ଗୌରୀ ପାତ୍ରଙ୍କ ଧନ୍ୟବାଦ ଦେଇଥିଲେ।

### ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର: ଶୁଦ୍ଧ ପାନୀୟଜଳ ଯୋଗାଣ ଶୁଭାରମ୍ଭ

ପୁରୁଣାକଟକ,୩।୭(ଡି.ଏନ୍.ଏ.) ବୌଦ୍ଧ ଜିଲା ପୁରୁଣାକଟକସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ଶୁଦ୍ଧ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଛି। ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜନ କିଶୋର ମହାନ୍ତି ଏହାର ଉଦ୍‌ଘାଟନ କରିଥିଲେ। ବିଡିପିଏଲ୍ ପ୍ରବନ୍ଧକ ନିର୍ଦ୍ଦେଶକ ରିତେଶ ସାହୁ ଯୋଗ ଦେଇଥିଲେ। ଡ. ରବିନାରାୟଣ ପାରମାଣିକଙ୍କ ସମେତ ଡାକ୍ତରଖାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଆହୁରି ଜନ ହିତକର ପ୍ରକଳ୍ପ କରାଯିବ ବୋଲି ବୌଦ୍ଧ ଡିଷ୍ଟିଲାରୀ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରିତେଶ ସାହୁ ସୂଚନା ଦେଇଥିଲେ।

ଗଡ଼ିଲା ସଚେତନତା ରଥ

# ପିଏମ୍‌ଏଫ୍‌ବିୱାଇ ସମ୍ପର୍କରେ ଚାଷୀ ହେବେ ସଚେତନ

**ସୋନପୁର,୩।୭(ନି.ପ୍ର.)**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ଏଫବିୱାଇ)ରେ ଚଳିତ ଖରିଫ ଋତୁ ସକାଶେ ଚାଷୀ ବୀମାଭୁକ୍ତ ହେବା ପାଇଁ ଅନ୍ତିମ ତାରିଖ ଜୁଲାଇ ମାସ ୧୧ ତାରିଖ। ଋଣୀ କିମ୍ବା ଅଣଋଣୀ କୃଷକ ଏହି ସମୟ ମଧ୍ୟରେ ପ୍ରସ୍ତାବ ପତ୍ର ଏବଂ ବୀମା ପ୍ରିମିୟମ ରାଶି ବ୍ୟାଙ୍କ ମାଧ୍ୟମରେ ଦାଖଲ କରି ବୀମାଭୁକ୍ତ ହୋଇପାରିବେ। ତେଣୁ ଚାଷୀଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ଏକ ସଚେତନତା ରଥ ବୁଧବାରଠାରୁ ସୁବର୍ଣ୍ଣପୁର ଜିଲା ପରିକ୍ରମା କରିବ। ଏହି ରଥକୁ ଜିଲାପାଳ ମଧୁସୂଦନ ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ୬ଟି ବ୍ଲକ ପରିକ୍ରମା କରି ଚାଷୀଙ୍କୁ ସଚେତନ କରିବ। ଜିଲାପାଳ କହିଥିଲେ ଯେ, ଏହି ଯୋଜନା ମାଧ୍ୟମରେ ପ୍ରାକୃତିକ ଦୈବୀ ଦୁର୍ବିପାକ ଦ୍ୱାରା ଫସଲ ନଷ୍ଟ ହେଲେ ବୀମା ସହିତ ଫସଲକୁ ପରିମାପ ପ୍ରଦାନ ସହିତ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବ। ତେଣୁ ଚାଷୀ ବୀମାଭୁକ୍ତ ହେବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ ଜେନା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କୃଷି ଅଧିକାରୀ ସୁନୀଲ କୁମାର ଠାକୁର, ପ୍ରକାଶ ଚନ୍ଦ୍ର ପାଣି, ବସନ୍ତ କୁମାର ପାଣିଗ୍ରାହୀ, ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଏର୍ଗୋର ଏକ୍‌ଜିକ୍ୟୁଟିଭ କ୍ଲେମ ଅଜିତ ପ୍ରତାପ ସିଂ, ଜିଲା ସଂଯୋଜକ ସୌରଭ ଶର୍ମା ଓ ଜ୍ୟୋତି ରଞ୍ଜନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳ ମଧୁସୂଦନ ମିଶ୍ର ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।



ପାଣିରେ ପଶି ଜଣେ ଅଭିଭାବିକା ତାଙ୍କ ପିଲାଙ୍କୁ ସ୍କୁଲ ପରିସରକୁ ନେଉଛନ୍ତି।

## ବିଦ୍ୟାଳୟ ସମ୍ମୁଖରେ ଆଣ୍ଠୁଏ ପାଣି

**ତରଭା, ୩।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କଲୋନୀସ୍ଥିତ ବିକାଶ ପ୍ରାଥମିକ ବିଦ୍ୟାଳୟରେ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ପାଠପଢ଼ା। ସାମାନ୍ୟ ବର୍ଷା ହେଲେ ବିଦ୍ୟାଳୟ ସାମନାରେ ଅଣ୍ଠୁଏ ପାଣି ଜମି ରହୁଛି। ପରିସ୍ଥିତି ଏମିତି ହେଉଛି ଯେ ଛାତ୍ରୀଛାତ୍ରମାନେ ଡ୍ରେସ, ଜୋତା ଓ ମୋଜା ପିନ୍ଧି ବିଦ୍ୟାଳୟ ଭିତରକୁ ପଢିବାକୁ ଯାଇପାରୁ ନାହାନ୍ତି। ମା'ମାନେ ପିଲାଙ୍କୁ କାଖ କରି ନେଇ ଶ୍ରେଣୀଗୃହରେ ପହଞ୍ଚାଉଛନ୍ତି। ବର୍ଷା ଋତୁ ଆସିଯାଇଥିବାରୁ ଆଗକୁ ପିଲାଙ୍କ ପାଠପଢ଼ା ନେଇ ଅଭିଭାବକ ମହଲରେ ଚିନ୍ତା ବଢିଯାଇଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଅଧାପନ୍ତରିଆ

**ବିନିକା, ୩।୭(ଡି.ଏନ୍.ଏ.)**

ବିନିକା ବ୍ଲକ ବାଙ୍କିଗିର୍ଡି ସଂହରାଟିକ୍ରା ଅଙ୍ଗନୱାଡ଼ି କେନ୍ଦ୍ର-୨ର ନୂତନ ଗୃହ ନିର୍ମାଣ କାମ ଅଧାପନ୍ତରିଆ ହୋଇ ପଡି ରହିଛି। ଇତିମଧ୍ୟରେ ତିନିବର୍ଷ ବିତି ଯାଇଥିଲେ ବି ନିର୍ମାଣ ସମ୍ପୂର୍ଣ୍ଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଏହି କେନ୍ଦ୍ର ଅଧୀନରେ ଥିବା ୧୭ ଜଣ ଶିଶୁ ପିଲାମାନେ ପାଖ ସ୍କୁଲ ବାରଣ୍ଡାରେ ବସି ପଢୁଛନ୍ତି। ୨୦୧୬-୧୭ ଆର୍ଥିକ ବର୍ଷରେ ଏହି କେନ୍ଦ୍ରର ନିଜସ୍ୱ କୋଠା ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା। କାମ ଛାତ ପଡିଲା ପର୍ଯ୍ୟନ୍ତ ଠିକ୍ ଚାଲିଲା। ପରେ ଫିନିସିଙ୍ଗ କାମ ବି କରାଗଲା। ହେଲେ କବାଟ ଓ ଝରକା ଏ ଯାଏ ଲଗା ଯାଇନାହିଁ। ଏ ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀ ବିଳାସିନୀ ଧରୁଆ କହିଛନ୍ତି ଯେ, ତୁରନ୍ତ କାମ ସମ୍ପୂର୍ଣ୍ଣ କରିବାକୁ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ସିଡିପିଓ ସୁଭାଗିନି ହରିପାଲ ବି ସମାନ କଥା କହିଛନ୍ତି। ଅବିଳମ୍ବେ ବ୍ଲକ ପ୍ରଶାସନ କାମ ସମ୍ପୂର୍ଣ୍ଣ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



ଅଧାପନ୍ତରିଆ ହୋଇ ପଡି ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ର।

## ବନ ମହୋତ୍ସବରେ ବୃକ୍ଷରୋପଣ

**ସୋନପୁର,୩।୭(ନି.ପ୍ର.)**

୭୦ତମ ବନ ମହୋତ୍ସବ ଅବସରରେ ସହରର ପଟାଭାଡ଼ିସ୍ଥିତ ଜୁଡିସିଆରି କଲୋନୀ ପରିସରରେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋନପୁର ଫରେଷ୍ଟ ରେଞ୍ଜ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଜିଲା ଦୌରାଜଜ୍ ରାଜକୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବୃକ୍ଷରୋପଣ ଓ ପରିବେଶର ସୁରକ୍ଷା ସମ୍ପର୍କରେ ସାହୁ ବୁଝାଇଥିଲେ। ପରିବାର ଜଜ୍ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଅତିରିକ୍ତ ଜିଲା ଦୌରାଜଜ୍ ମାନସ କୁମାର ରଥ, ସିଜେଏମ ମାନସ କୁମାର ରଥ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ବରିଷ୍ଠ ସିଭିଲ ଜଜ୍ ଚିନ୍ମୟ ଗୋଛାୟତ, ଡିଏଲଏସଏ ସମ୍ପାଦକ ସୀମା ତ୍ରିପାଠୀ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମ୍‌ଏଫସି ଅଙ୍କିତା ଶର୍ମା, କୋର୍ଟ ମ୍ୟାନେଜର ଅଚ୍ୟୁତାନନ୍ଦ ସାମନ୍ତରା, ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ଏସିଏଫ ସୁଶିଳ କୁମାର ତ୍ରିପାଠୀ, ସୋନପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି ଓ ବନପାଳ ଜୟକୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନିମ୍ବ, କରଞ୍ଜ, ବଡ ଚାଖୁଣ୍ଡା, ଶିଶୁ, ବଉଳ ଓ ଆମ୍ବ ଭଳି ଗଛ ଲଗାଯାଇଥିଲା।




ବିଚାରପତିଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଉଛି।

### ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ଜଳେଶ୍ୱର, ୩।୭(ଡି.ଏନ.ଏ.):** ବାଲେଶ୍ୱର ଜିଲାରେ ବ୍ରାଉନସୁଗାର ଭଳି ମାରାତ୍ମକ ନିଶାଦ୍ରବ୍ୟର ଚୋରା କାରବାର ଦିନକୁ ଦିନ କାୟା ବିସ୍ତାର କରିଚାଲିଛି। ଗୋଇନ୍ଦା ସୂଚନାକୁ ଆଧାର କରିବୁଧବାର ପୂର୍ବାହ୍ନ ୯ଟା ସମୟରେ ଅବକାରୀ ବିଭାଗ ଜଳେଶ୍ୱର ରେଳ ଷ୍ଟେଶନ ନିକଟ ଖାଡ଼େଶ୍ୱରପୁର ରାସ୍ତାରେ ଚଢାଉ କରି ଜଣେ ବେପାରୀଙ୍କଠାରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ୧୩ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରିଛି। ଏହି ବେପାରୀ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ତେଲେଙ୍ଗାପଡ଼ାର ପି. ସନ୍ତୋଷ (୨୫)।

## ବୃକ୍ଷରୋପଣ ଉପରେ ସଚେତନତା

**ବରଗଡ଼ ଅଫିସ,୩।୭**

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ପଡ୍ରାପାଲି ପଞ୍ଚାୟତ ହାଇସ୍କୁଲରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଥିଲା। ପ୍ରଧାନଶିକ୍ଷକ ନରେଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବନାଞ୍ଚଳ ଅଧିକାରୀ ମହେନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବୃକ୍ଷରୋପଣର ଆବଶ୍ୟକତା ଏବଂ ସୁରକ୍ଷା ଉପରେ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବନଖଣ୍ଡର ଅନ୍ୟାନ୍ୟ କର୍ମଚାରୀ ଏବଂ ସ୍କୁଲର ଇକୋ କ୍ଲବ ଇନ୍‌ଚାର୍ଜ ଗିରିଜା ପ୍ରସାଦ ନାଥ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଗରିଆଟିକ୍ରା ପ୍ରାଥମିକ ସ୍କୁଲର ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା।


# CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHARITRI Career appointment Every Wednesday and Saturday

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ୍, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

See Color Display Classified on every Tuesday & Friday

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ। ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ। ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ। -ଗୁରୁ ନାନକ

## ସଂକ୍ଷେପରେ

### ଅଜଣା ରୋଗ: ୪ ଦିନରେ ୫ ଗାଈ ମୃତ

ଭେଡ଼େନ,୩।୭(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ କୁଶନପୁରୀ ଗ୍ରାମର ଥନାପତି ଟିକ୍ରାପଡ଼ାରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ୪ଦିନରେ ୫ଗୋରୁ ମୃତ୍ୟୁମୁଖରେ ପଡିଛନ୍ତି। ପଡାରେ ପ୍ରଥମେ ଦୀନବନ୍ଧୁ ସୁବନ କେତକୀଙ୍କ ପ୍ରାୟ ୩୦ ହଜାର ଟଙ୍କା ମୂଲ୍ୟର ଏକ ଗାଈ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିଲା। ସେହିପରି ମଧୁ ମହାପାତ୍ରଙ୍କ ଗୋଟିଏ ଗାଈ, ସନ୍ତୋଷ ମହାପାତ୍ରଙ୍କ ୨ଟି ଗର୍ଭବତୀ ଗାଈ ଏବଂ ପ୍ରମୋଦ ମହାପାତ୍ରଙ୍କ ଗୋଟିଏ ଗାଈ ଏବଂ ଗୋଟିଏ ବାଛୁରୀର ମୃତ୍ୟୁ ହୋଇଛି। ଫଳରେ ଅଞ୍ଚଳର ଦୁଗ୍ଧଚାଷୀଙ୍କ ମଧରେ ଆତଙ୍କ ଖେଳିଯାଇଛି। ଖବର ପାଇ ଲୁପୁରସିଂହାର ଏଲ୍ଆଇ ଏବଂ ବକଟି ଓ ଚିଚିଣ୍ଡାର ଗୋମିତ୍ର ଟିକ୍ରାପଡ଼ାରେ ପହଞ୍ଚି ଘଟଣାର ଅନୁଧାନ କରିଛନ୍ତି। ଅନ୍ୟପକ୍ଷେ ପଶୁ ବିଶେଷଜ୍ଞ ତଥା ବିଭାଗୀୟ ଉଚ୍ଚ ଅଧିକାରୀ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି। ଏପରି କି ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ପଦ୍ମପୁର ଜେଲ କଲୋନୀରେ ବନ ମହୋତ୍ସବ

ପଦ୍ମପୁର,୩।୭(ଡି.ଏନ.ଏ.)

ସ୍ଥାନୀୟ ସବ୍‌ଜେଲ କଲୋନୀ ପରିସରରେ ଜେଲର ଦଶମୀ ବାଗଙ୍କ ସଂଯୋଜନାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମପୁର ବନଖଣ୍ଡ ଅଧିକାରୀ ପ୍ରମୋଦ କୁମାର ସାହୁ, ସାମାଜିକ କର୍ମୀ ନିରୋଜ ଦୋରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ପାଳନର ଉଦେଶ୍ୟ ଜ୍ଞାପନ କରିଥିଲେ । ଫରେଷ୍ଟର ସୁଶାନ୍ତ ଦାଶ, ସବ୍‌ଜେଲର ସମରେନ୍ଦ୍ର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟୋତିଷ ସାହୁ, ପଦ୍ମପୁର ଜେଲ କର୍ମଚାରୀ ବିଜୟ ମିଶ୍ର, ମନୋରଞ୍ଜନ ଦାଶ, ପ୍ରକାଶ ଚନ୍ଦ୍ର ଡାଲୁଆ, ସୁବ୍ରତ ସ୍ୱାଇଁ, ବିମଳ ବରିହା, ବିକ୍ରମ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା।

### ରଥଯାତ୍ରା ଲାଗି ରାସ୍ତା ସଫେଇ

ତଳଗାଁ,୩।୭(ଡି.ଏନ୍.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଦର ମହକୁମା ଚାରିଛକରେ ହେବାକୁ ଥିବା ଘୋଷଯାତ୍ରାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଠିଡିକାଯୋର ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସ୍ୱେଚ୍ଛାକୃତ ଭାବେ ବୁଧବାର ରାସ୍ତା ସଫେଇ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସୁକାନ୍ତି ମଲ୍ଲିକ, ସୁଭଦ୍ରା କହଁର, ଲଳିତା ବାଘ, ସୁମିଶ୍ରୀ ମଲ୍ଲିକ, ନମିତା ମଲ୍ଲିକ, ସୁଭଦ୍ରା ମାଝି, ଲିଲି କହଁର, ଗୀତାଞ୍ଜଳି ସାହୁଙ୍କ ଅନ୍ୟ ମହିଳା ସଦସ୍ୟାମାନେ ଠିଡିକାଯୋର ଜଗନ୍ନାଥ ମନ୍ଦିରରୁ ଚାରିଛକ ବଜାରସ୍ଥିତ ମଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସଫା କରିଥିଲେ।

■ ଚାଷୀ ଦେଲେ ଚେତାବନୀ

# ଧାନକ୍ରୟ ନ ହେଲେ ରାସ୍ତାକୁ ଓହ୍ଲାଇବୁ

ବରଗଡ଼ ଅଫିସ୍,୩।୭



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଅନ୍ୟବର୍ଷ ତୁଳନାରେ ଏଥର ଅଧିକ ଜଟିଳ ହୋଇପଡ଼ିଛି। ଜିଲାର ଚାଷୀମାନେ ନିଜର ବିକ୍ରିଯୋଗ୍ୟ ଧାନକୁ ବିକି ପାରି ନ ଥିବାବେଳେ ମଣ୍ଡିଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଫଳରେ ଚାଷୀଙ୍କ ହଜାର ହଜାର ବସ୍ତା ଧାନ ଖୋଲା ଆକାଶତଳେ ପଡ଼ିରହିଛି। ଅପରପକ୍ଷରେ ନିଜ ଅମଳ ଧାନ ବିକି ନ ପାରି ଚାଷୀ ବହୁ ହଟହଟାର ସମ୍ମୁଖୀନ ହୋଇଛି । ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ଚାଷୀ ପାରିଶ୍ରମିକ ଦେଇ ପାରୁ ନଥିବାବେଳେ ହାତରେ ଟଙ୍କା ନଥିବା ଯୋଗୁ ଖରିଫ ଚାଷକାର୍ଯ୍ୟକୁ ମଧ୍ୟ ଆଗେଇ ପାରୁନାହିଁ। ଏଭଳି ସ୍ଥିତିରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି । ତେବେ ଆସନ୍ତା ୫ତାରିଖ ସୁଦ୍ଧା ସେମାନଙ୍କ ପାଖରେ ରହିଥିବା ବିକ୍ରିଯୋଗ୍ୟ ଧାନକୁ କିଣିବାର ବ୍ୟବସ୍ଥା କରାନଗଲେ ଚାଷୀମାନେ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବୁଧବାର ଜିଲାର ଖଣ୍ଡହଥା, ଗାଇସୀମା, ଅଡ଼ଗାଁ, ଝରାପାଲି, କଲାପାଣି, ବରମକେଲା ଆଦି ଅଞ୍ଚଳର ଚାଷୀମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଚାଷୀମାନେ କରିଛନ୍ତି, ଏବେ ମଧ୍ୟ ସେମାନଙ୍କ ପାଖରେ ହଜାରହଜାର ବିକ୍ରିଯୋଗ୍ୟ ଧାନ ପଡ଼ି ରହିଛି। ଚାଷୀ ପରିଚୟ ପତ୍ରରେ ଯେଉଁ ପରିମାଣରେ ବିକ୍ରିଯୋଗ୍ୟ ଧାନ ରହିଛି, ସେମାନେ ଏପର୍ଯ୍ୟନ୍ତ ତାହା ବିକ୍ରି କରି ପାରି ନାହାନ୍ତି। ମାତ୍ର ଗତ ୨୦ତାରିଖରୁ ଧାନ ସଂଗ୍ରହ ପାଇଁ ରହିଥିବା ମଣ୍ଡିଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଏ ନେଇ ଚାଷୀମାନେ ବାରମ୍ବାର ଜିଲାପାଳ ଏବଂ ଜିଲା ଯୋଗାଣ ଅଧିକାରୀ (ସିଏସଓ)ଙ୍କ ଅଫିସକୁ ଧାଁ ଧପଡ଼ ହେଉଛନ୍ତି । ବିଭାଗୀୟ ଅଧିକାରୀମାନେ ଧାନ ଉଠାଇବା ଦିଗରେ ତ୍ୱରିତ୍ ପଦକ୍ଷେପ ନେବା ବଦଳରେ କେବଳ ଦିନ ଗଡ଼ାଇ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଧାନ ଧରି ରାସ୍ତାକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଥିବା ଚାଷୀମାନେ କହିଛନ୍ତି । ସ୍ମାରକପତ୍ର ପ୍ରଦାନବେଳେ ଏକାଦଶିଆ ସାହୁ, ସଂସାର ପଧାନ, ସୁରେଶ ନେକେଣ୍ଟି, ଶାନ୍ତନୁ କୁମାର ସାହୁ, ଉମାଚରଣ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

### ବୌଦ୍ଧରେ ବନ ମହୋତ୍ସବ ପାଳିତ

ବଘିଆପଡ଼ା,୩।୭(ଡି.ଏନ୍.ଏ.)

ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆନୁକୁଲ୍ୟରେ ବୌଦ୍ଧ ବନାଞ୍ଚଳର କରୁଣାପାଲି ବନ ସଂରକ୍ଷଣ ସମିତିଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ଦିଲୀପ କୁମାର ସିଂ, ବାମଣ୍ଡା ସରପଞ୍ଚ ଲଳିତ ଥାଟି, ରେଞ୍ଜର ବିପିନ ବିହାରୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨ହଜାର ଚାରା ରୋପଣ କରାଯାଇଥିଲା। ବନପାଳ ଗୋବର୍ଦ୍ଧନ ମେହେର, ବନରକ୍ଷୀ ସୁଶାନ୍ତ କୁମାର ସାହୁ, ପ୍ରକଳ୍ପ ସହଯୋଗୀ ତଥା ସଭାପତି କୃପା ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।

### ଝାରବନ୍ଧରେ ବନ ମହୋତ୍ସବ ପାଳିତ

ଝାରବନ୍ଧ,୩।୭ (ଡି.ଏନ.ଏ.)

ଝାରବନ୍ଧ ବ୍ଲକ ଅଧୀନ ପଞ୍ଚାୟତ ହାଇସ୍କୁଲ୍ କୁମୀରଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପବିତ୍ର ବନଛୋରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଝାରବନ୍ଧ ବନପାଳ ଲବ ସାହୁ, ବନରକ୍ଷୀ ଗିରି ପାଉଲେ ଉପସ୍ଥିତ ରହି ବୃକ୍ଷର ଆବଶ୍ୟକତା ଏବଂ ଏହାର ସୁରକ୍ଷା ପ୍ରତି ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ଶିକ୍ଷକ ରଘୁମଣୀ ଭୋଇ, ଗୋକୁଳା ନନ୍ଦ ସାହୁ, ମୁରାରୀ ପ୍ରସାଦ ସାହୁ, ଇକୋ କ୍ଲବ ସଦସ୍ୟ ଲକ୍ଷ୍ମଣ ଚୌହାନ, ଜଗଦୀଶ ସିଦାର, ପଞ୍ଚୁ କୁମାର ସାହୁ, ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୮୦ଟି ଚାରା ରୋପଣ କାରାଯାଇଥିଲା।

### ସ୍କୁଲ ପରିଚାଳନା କମିଟି ବୈଠକ

ଜାମଟିକ୍ରା,୩।୭(ଡି.ଏନ.ଏ.)

ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ସ୍କୁଲ ଚେୟାରମ୍ୟାନ ବୈକୁଣ୍ଠ ସେଠ, ଏନ୍ଏସି ଚେୟାରମ୍ୟାନ ଦୀପାଞ୍ଜଳି ଭୋରାସାଗରଙ୍କ ସମେତ ଶିକ୍ଷୟିତ୍ରୀ ଲୀନା ଚକ୍ରବର୍ତ୍ତି, ସଚିଦାନନ୍ଦ ଧରୁଆ, କୃଷ୍ଣଚନ୍ଦ୍ର ଗୁଗାଙ୍କ ସମେତ କମିଟି ସଦସ୍ୟ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା କରିଥିଲେ।

ଅଘୋଷିତ ବିଦ୍ୟୁତ୍ କାଟ

## ଏସ୍‌ଡିଓଙ୍କ ଅଫିସ ଘେରିଲେ ମହିଳା

ମନମୁଣ୍ଡା,୩।୭(ଡି.ଏନ.ଏ.)

ଖୁଣ୍ଟିଗୋରାରୁ ଶାହାଜପାଲ ପର୍ଯ୍ୟନ୍ତ ପ୍ରାୟ ୩୫ଟି ପଞ୍ଚାୟତକୁ ନେଇ ମନମୁଣ୍ଡା ବିଦ୍ୟୁତ୍ ସବ୍‌ଡିଭିଜନ ଗଠିତ । ହେଲେ ଏହି ସବ୍‌ଡିଭିଜନରେ ଅଘୋଷିତ ବିଦ୍ୟୁତ କାଟ ଏକ ନିତିଦିନିଆ ଘଟଣା ହୋଇଛି। ଏନେଇ ଜନ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦ ସ୍ୱରୁପ ନୂର୍ପା ଗ୍ରାମର ସବିତା ପଟ୍ଟନାୟକ, ରାଜକୁମାରୀ ବେହେରା, ସଂଯୁକ୍ତା ମେହେର ପ୍ରମୁଖଙ୍କ ସହ ଗ୍ରାମର ମହିଳାମାନେ ବୁଧବାର ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରାଜେଶ କୁମାର ସାହୁଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏପରି କି ମହିଳାମାନେ ଏସ୍‌ଡିଓ ସାହୁଙ୍କ ସହ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ୩ ଦିନ ମଧରେ ସମସ୍ୟାର ସମାଧାନ କରିବାକୁ ଏସ୍‌ଡିଓ ସାହୁ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଘରକୁ ଫେରି ଥିଲେ। ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଅଫିସରେ ତାଲା ପକାଇ ଆନ୍ଦୋଳନକୁ ଜୋରଦାର୍ ବିରୋଧ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଥିଲେ। ମହିଳାମାନଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏପରି କି ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଠିକ୍ ଭାବେ ନିଜ କାର୍ଯ୍ୟ ସମ୍ପାଦନ କରୁ ନ ଥିବା ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ମହିଳାମାନେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରାଜେଶ କୁମାର ସାହୁଙ୍କ ସହ ଆଲୋଚନା କରୁଛନ୍ତି।

### ଜାତୀୟ ରାଜପଥରେ ଗର୍ତ୍ତ: ଦୁର୍ଘଟଣା ଆଶଙ୍କା

ଅତାବିରା, ୩।୭(ଡି.ଏନ.ଏ.)

ବରଗଡ଼- ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ ସରଣ୍ଡା- ଚକୁଲିଫାର୍ମ ରାସ୍ତା ମଝିରେ ଏକ ବଡ ଗର୍ତ୍ତ ହୋଇଛି। ହେଲେ ଏହାର ମରାମତି କାର୍ଯ୍ୟ ହେଉନାହିଁ। ଫଳରେ ରାସ୍ତାରେ ଦୁର୍ଘଟଣାର ଆଶଙ୍କା ଦେଖାଦେଇଛି। ଏନେଇ ତୁରନ୍ତ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



୫୩ ନମ୍ବର ରାଜପଥରେ ହୋଇଥିବା ଗର୍ତ୍ତ ।

### ଭାଲୁ ଆକ୍ରମଣରେ ୨ ଗୁରୁତର

ବାଉଁଶୁଣୀ,୩।୭(ଡି.ଏନ୍.ଏ.)

ବୌଦ୍ଧ ବ୍ଲକ ଅଧୀନ ଗୋଚ୍ଛାପଡ଼ା ପଞ୍ଚାୟତ ମାଲିସାହି ଗ୍ରାମରେ ଭାଲୁ ଆକ୍ରମଣରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପ୍ରଦୀପ ସାହୁ(୩୮) ଏବଂ ଅଚ୍ୟୁତ ସାହୁ(୨୨)। ସେମାନେ ୨ଭାଇ ବୋଲି ଜଣାପଡିଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡିଛି। ଏନେଇ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ଆଜି ଘୋଷଯାତ୍ରା: ଚଳଚଞ୍ଚଳ ବୌଦ୍ଧ ସହର

ବୌଦ୍ଧ,୩।୭(ସ୍ୱ.ପ୍ର.)

ଆଜି ଘୋଷ ଯାତ୍ରା। ଚଳଚଞ୍ଚଳ ହୋଇପଡିଛି ବୌଦ୍ଧ ସହର। ମଙ୍ଗଳବାର ଶ୍ରୀଜିଉଙ୍କ ନବଯୌବନ ଦର୍ଶନ ସହ ରଥରେ ନେତ ବନ୍ଧା ହୋଇଥିଲା। ଅନ୍ୟପକ୍ଷେ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏକରି କି ବଡ ଦାଣ୍ଡରେ ବିଜେ ପାଇଁ ରଥ ଦଣ୍ଡାୟମାନ ରହିଛି। ବୌଦ୍ଧରେ ଗୋଟିଏ ରଥରେ ତିନି ଠାକୁର ବିଜେ କରିଥାନ୍ତି। ରଥଟଣା ପାଇଁ ବଡଦାଣ୍ଡକୁ ସଫା କରାଯାଇଛି। ଠାକୁରଙ୍କ ପହଣ୍ଡି ବିଜେ ବ୍ରାହ୍ମଣ ସମାଜ ପକ୍ଷରୁ ସକାଳ ୯.୩୦ରୁ ୧୧.୩୦ ମଧ୍ୟରେ ସ୍ଥିର ହୋଇଛି। ଠିକ୍ ସମୟରେ ଠାକୁରମାନଙ୍କ ନୀତିକାନ୍ତି ସମାପ୍ତ କରି ପହଣ୍ଡି ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏନେଇ ପୂଜାପଣ୍ଡାଙ୍କ ସହ ରଥଯାତ୍ରା ପ୍ରସ୍ତୁତି ବୈଠକରେ ମଧ ଆଲୋଚନା କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ପାଳନ ପାଇଁ ମତ ପ୍ରକାଶ ପାଇଥିଲା। ତେବେ ପହଣ୍ଡି ବିଜେ ପୂର୍ବରୁ ଟାହ୍ୟା ପହଞ୍ଚାଇବା ଏବଂ ସଂକିର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି। ତିନି ଠାକୁରଙ୍କ ପହଣ୍ଡି ବିଜେ ପାଇଁ ସ୍ୱତନ୍ତ୍ର ଭାବେ ସେବକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ପହଣ୍ଡି କାର୍ଯ୍ୟ ତଦାରଖ ପାଇଁ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୌଦ୍ଧ ରଥଯାତ୍ରାରେ ଠାକୁରଙ୍କ ପହଣ୍ଡି ବିଜେ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ହୋଇଥାଏ। ଯାତ୍ରାରେ ପ୍ରାୟ ୬ ଘଣ୍ଟା ଠାକୁର ସେବାୟତଙ୍କ କାନ୍ଧରେ ଝୁଲି ପହଣ୍ଡି ହୋଇ ୭ ଥର ରଥ ପରିକ୍ରମା କରିବା ପରେ ରଥାରୁଢ ହୋଇଥାନ୍ତି। ଗତବର୍ଷଠାରୁ ବାଟଭୋଗ ବିବାଦର ଅବସାନ ଘଟିଥିବା ବେଳେ ଗୋଟି ପହଣ୍ଡିରେ ଯେକୌଣସି ସ୍ଥାନରେ ଭକ୍ତମାନେ ଠାକୁରଙ୍କୁ ବାଟଭୋଗ ଲାଗାଇ ପାରିବେ। ଠାକୁରଙ୍କ ରଥାରୁଢ ପରେ ଯାତ୍ରାର ଅନନ୍ୟ ପରାମ୍ପରା ରଥଛୁଆଁ ପର୍ବ ମଧ୍ୟ ଏକ ଘଣ୍ଟା ମଧରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଛେରା ପହଁରା ପରେ ଅପରାହ୍ନ ୪ରେ ରଥଟଣା ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବୌଦ୍ଧର ପୋଡାପୋଡା ହରିଗୁଡି ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ହରିଗୁଡି ଜଗନ୍ନାଥଙ୍କ ରଥଯାତ୍ରାରେ କେବଳ ମହିଳାମାନେ ରଥ ଟାଣିଥାନ୍ତି। ରଥଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଷ୍ଟାଡିୟମ ପଡ଼ିଆରେ ମୀନାବଜାର ସହ ବିଭିନ୍ନ ଖେଳର ପସରା ମେଲିଛି। ବୌଦ୍ଧ ରଥଯାତ୍ରା ଦେଖିବା ପାଇଁ ଜିଲା ଓ ଜିଲା ବାହାରର ଭକ୍ତଙ୍କ ସମାଗମ ହୋଇଥାଏ। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।



ବୌଦ୍ଧ ବଡଦାଣ୍ଡରେ ରଥ।

## ଫସଲବୀମା ନେଇ ଜିଲାପାଳଙ୍କୁ ଭେଟିଲେ

ବରଗଡ଼ ଅଫିସ୍,୩।୭

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଚାଷୀ ଅସନ୍ତୋଷ ଥମିବାର ନାଁ ନେଉନାହିଁ। ଚାଷୀମାନେ ଫସଲବୀମା ବାବଦକୁ ନିୟମିତ ପ୍ରିମିୟମ ଭରି ଆସୁଥିଲେ ସୁଦ୍ଧା ଫସଲକ୍ଷତି ପରେ ବୀମା କ୍ଷତିପୂରଣ ପ୍ରଦାନରେ ବ୍ୟାପକ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ବୀମା କ୍ଷତିପୂରଣ ପ୍ରଦାନ ସମୟରେ ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ବାଦ୍ ଦିଆଯାଉଥିବା ଯୋଗୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ବୁଧବାର ଜିଲାର ବିଜେପୁର ଚାଷୀ ସଂଗଠନର ଏକ ପ୍ରତିନିଧି ଦଳ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ ଅତିରିକ୍ତ ଜିଲାପାଳ ତପୀରାମ ମାଝିଙ୍କୁ ଭେଟି ଉକ୍ତ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି।

୨୦୧୮ ଖରିଫରେ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ସେତେବେଳେ ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରି ଫସଲକ୍ଷତିକୁ ମଧ୍ୟ ସ୍ୱୀକାର କରିଥିଲେ। ତେବେ ବୀମା ପ୍ରଦାନ ତାଲିକାରେ ମାତ୍ର ୬୫ହଜାର ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି ଏବଂ ଜିଲାର ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେଥିରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳି ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ବାଦ୍ ପଡ଼ିଥିବା କ୍ଷତିଗ୍ରସ୍ତ ଚାଷୀମାନେ ଯେଭଳି ସେମାନଙ୍କ ବୀମା କ୍ଷତିପୂରଣ ରାଶି ପାଇ ପାରିବେ, ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଉପରୋକ୍ତ ସମସ୍ୟା ନେଇ ବିଜେପୁର ଚାଷୀ ସଂଗଠନର ସଭାପତି ସୁବାଷ ପ୍ରଧାନ, ସମ୍ପାଦକ ବିକ୍ରମାଦିତ୍ୟ ପ୍ରଧାନ, ଯଦୁମଣି ପଟେଲ, ସଞ୍ଜିବ ପଣ୍ଡା, ଶଙ୍କଷଣ ପ୍ରଧାନ ପ୍ରମୁଖ ଜିଲାପାଳ, ଅତିରିକ୍ତ ଜିଲାପାଳ ଅଫିସ ଆସିଥିଲେ ।



ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

■ ଟିହିକିପାଲିରେ କିଡ୍‌ନୀ ରୋଗ ବ୍ୟାପିବା ଘଟଣା

## ଗାଁରେ ପହଞ୍ଚିଲେ ପ୍ରଶାସନିକ ଅଧିକାରୀ

ଗଣ୍ଡତୁରୁମ, ୩।୭(ଡି.ଏନ.ଏ.)

ବରଗଡ଼ ଜିଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅଧୀନ ଟିହିକିପାଲି ଗ୍ରାମରେ ଦିନକୁ ଦିନ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ୩ବର୍ଷ ମଧ୍ୟରେ ଗ୍ରାମର ୬ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଗ୍ରାମର ୨୦ରୁ ୨୫ ଜଣ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୂଷିତ ପାନୀୟ ଜଳ ଏହାର ମୁଖ୍ୟ କାରଣ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କିତ ଏକ ଖବର ଗତ ୨୬ ଓ ୨୭ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏନେଇ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଥିଲା। ବୁଧବାର ବରଗଡ଼ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ନନ୍ଦକିଶୋର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଡାକ୍ତରୀ ଦଳଙ୍କ ସହ ଭେଡେନ ବିଡିଓ ମୁରଳୀଧର ନାଏକ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଉପଖଣ୍ଡ ଅଧିକାରୀ ବିପ୍ଳବ କିଷାନ, କନିଷ୍ଠଯନ୍ତ୍ରୀ ମଞ୍ଜୁ ସୁହୁଲା, ସ୍ଥାନୀୟ ସରପଞ୍ଚ ପିଙ୍କି ବଢ଼େଇ, ନିର୍ବାହୀ ଅଧିକାରୀ ରବି ମେହେର ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଗ୍ରାମରେ ରହିଥିବା ୯ଟି ନଳକୂଅ ମଧ୍ୟରୁ ୩ଟି ନଳକୂଅର ପାଣି ଠିକ୍ ଥିବା ଦର୍ଶାଇଥିଲେ। ଅନ୍ୟ ୬ଟି ନଳକୂଅର ପାଣିରେ ଫ୍ଲୋରାଇଡ, ଆଇରନ୍ ଏବଂ ଅନ୍ୟାନ୍ୟ କ୍ଷତିକାରକ ମିଶ୍ରଣ ଥିବା କହିଥିଲେ । ସପ୍ତାହକ ମଧ୍ୟରେ ସବୁ ନଳକୂଅକୁ ଠିକ କରାଯିବା ସହିତ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଆର୍‌ଡବ୍ଲ୍ୟୁଏସ୍ ଉପଖଣ୍ଡ ଅଧିକାରୀ କିଷାନ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ଗ୍ରାମବାସୀ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ।



ଗ୍ରାମବାସୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ



**ଜଳେଶ୍ୱର, ୩।୭(ଡି.ଏନ.ଏ.):** ବାଲେଶ୍ୱର ଜିଲାରେ ବ୍ରାଉନସୁଗାର ଭଳି ମାରାତ୍ମକ ନିଶାଦ୍ରବ୍ୟର ଚୋରା କାରବାର ଦିନକୁ ଦିନ କାୟା ବିସ୍ତାର କରି ଚାଲିଛି। ଗୋଇନ୍ଦା ସୂଚନାକୁ ଆଧାର କରି ବୁଧବାର ପୂର୍ବାହ୍ନ ୯ଟା ସମୟରେ ଅବକାରୀ ବିଭାଗ ଜଳେଶ୍ୱର ରେଳ ଷ୍ଟେଶନ ନିକଟ ଝାଡ଼େଶ୍ୱରପୁର ରାସ୍ତାରେ ଚଢ଼ାଉ କରି ଜଣେ ବେପାରୀଙ୍କଠାରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ୧୩ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରିଛି। ଏହି ବେପାରୀ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତେଲେଙ୍ଗାପଡ଼ା ଗ୍ରାମର ପି. ସନ୍ତୋଷ (୨୫)। ସେ ଝାଡ଼େଶ୍ୱରପୁର ଅଞ୍ଚଳର ଜଣେ ବେପାରୀଙ୍କଠାରୁ ବ୍ରାଉନ୍‌ସୁଗାର କିଣି ଭଦ୍ରକକୁ ଯିବା ଲାଗି ରେଳ ଷ୍ଟେଶନକୁ ଆସୁଥିବାବେଳେ ଅବକାରୀ ବିଭାଗ ହାତରେ ଧରାପଡିଥିଲେ। ଜଳେଶ୍ୱର ଅବକାରୀ ଥାନା ଓଆଇସି ହରପ୍ରସାଦ ରଣା ସଦଳବଳ ଚଢ଼ାଉ କରି ଅଭିଯୁକ୍ତ ପି. ସନ୍ତୋଷଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟକୁ ମିଳିଥିବା ବ୍ରାଉନସୁଗାରକୁ ଜବତ କରାଯାଇ ଏନ୍‌ଡ଼ିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୩୩/୧୯-୨୦) ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ପରେ ବାଲେଶ୍ୱରସ୍ଥିତ ସ୍ୱତନ୍ତ୍ର ଦୌରାଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଛି। ଚଢ଼ାଉ କାର୍ଯ୍ୟରେ ଜଳେଶ୍ୱର ଅବକାରୀ ଥାନାର ଏଏସ୍‌ଆଇ ଦୋଳଗୋବିନ୍ଦ ଧଳ, ବିଭାଗୀୟ କନ୍‌ଷ୍ଟେବଲ ରାଜୀବ ଭଞ୍ଜ, ମଙ୍ଗଲ ସିଂ, ମିନତୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ସୁଦୂର ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ବାଲେଶ୍ୱରକୁ ବ୍ରାଉନସୁଗାର ଅଣାଯାଇ ଏଠାରୁ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିବା ସୂଚନା ମିଳିଛି।

ଗଢ଼ିଲା ସଚେତନତା ରଥ

# ପିଏମ୍‌ଏଫ୍‌ବିୱାଇ ସମ୍ପର୍କରେ ଚାଷୀ ହେବେ ସଚେତନ

**ସୋନପୁର,୩।୭(ନି.ପ୍ର.)**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ଏଫବିୱାଇ)ରେ ଚଳିତ ଖରିଫ ଋତୁ ସକାଶେ ଚାଷୀ ବୀମାଭୁକ୍ତ ହେବା ପାଇଁ ଅନ୍ତିମ ତାରିଖ ଜୁଲାଇ ମାସ ୧୧ ତାରିଖ। ଋଣୀ କିମ୍ବା ଅଣଋଣୀ କୃଷକ ଏହି ସମୟ ମଧ୍ୟରେ ପ୍ରସ୍ତାବ ପତ୍ର ଏବଂ ବୀମା ପ୍ରିମିୟମ ରାଶି ବ୍ୟାଙ୍କ ମାଧ୍ୟମରେ ଦାଖଲ କରି ବୀମାଭୁକ୍ତ ହୋଇପାରିବେ। ତେଣୁ ଚାଷୀଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ଏକ ସଚେତନତା ରଥ ବୁଧବାରଠାରୁ ସୁବର୍ଣ୍ଣପୁର ଜିଲା ପରିକ୍ରମା କରିବ। ଏହି ରଥକୁ ଜିଲାପାଳ ମଧୁସୂଦନ ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ୬ଟି ବ୍ଲକ ପରିକ୍ରମା କରି ଚାଷୀଙ୍କୁ ସଚେତନ କରିବ। ଜିଲାପାଳ କହିଥିଲେ ଯେ, ଏହି ଯୋଜନା ମାଧ୍ୟମରେ ପ୍ରାକୃତିକ ଦୈବୀ ଦୁର୍ବିପାକ ଦ୍ୱାରା ଫସଲ ନଷ୍ଟ ହେଲେ ବୀମା ସହିତ ଫସଲକୁ ପରିମାପ ପ୍ରଦାନ ସହିତ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବ। ତେଣୁ ଚାଷୀ ବୀମାଭୁକ୍ତ ହେବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ ଜେନା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କୃଷି ଅଧିକାରୀ ସୁନୀଲ କୁମାର ଠାକୁର, ପ୍ରକାଶ ଚନ୍ଦ୍ର ପାଣି, ବସନ୍ତ କୁମାର ପାଣିଗ୍ରାହୀ, ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଏର୍ଗୋର ଏକ୍‌ଜିକ୍ୟୁଟିଭ କ୍ଲେମ ଅଜିତ ପ୍ରତାପ ସିଂ, ଜିଲା ସଂଯୋଜକ ସୌରଭ ଶର୍ମା ଓ ଜ୍ୟୋତି ରଞ୍ଜନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାପାଳ ମଧୁସୂଦନ ମିଶ୍ର ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।



ପାଣିରେ ପଶି ଜଣେ ଅଭିଭାବିକା ତାଙ୍କ ପିଲାଙ୍କୁ ସ୍କୁଲ ପରିସରକୁ ନେଉଛନ୍ତି।

# ବିଦ୍ୟାଳୟ ସମ୍ମୁଖରେ ଆଣ୍ଠୁଏ ପାଣି

**ତରଭା, ୩।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କଲୋନୀସ୍ଥିତ ବିକାଶ ପ୍ରାଥମିକ ବିଦ୍ୟାଳୟରେ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ପାଠପଢ଼ା। ସାମାନ୍ୟ ବର୍ଷା ହେଲେ ବିଦ୍ୟାଳୟ ସାମନାରେ ଅଣ୍ଠୁଏ ପାଣି ଜମି ରହୁଛି । ପରିସ୍ଥିତି ଏମିତି ହେଉଛି ଯେ ଛାତ୍ରୀଛାତ୍ରମାନେ ଡ୍ରେସ, ଜୋତା ଓ ମୋଜା ପିନ୍ଧି ବିଦ୍ୟାଳୟ ଭିତରକୁ ପଢିବାକୁ ଯାଇପାରୁ ନାହାନ୍ତି। ମା'ମାନେ ପିଲାଙ୍କୁ କାଖ କରି ନେଇ ଶ୍ରେଣୀଗୃହରେ ପହଞ୍ଚାଉଛନ୍ତି। ବର୍ଷା ଋତୁ ଆସିଯାଇଥିବାରୁ ଆଗକୁ ପିଲାଙ୍କ ପାଠପଢ଼ା ନେଇ ଅଭିଭାବକ ମହଲରେ ଚିନ୍ତା ବଢ଼ିଯାଇଛି । ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଅଧାପନ୍ତରିଆ

**ବିନିକା, ୩।୭(ଡି.ଏନ୍.ଏ.)**

ବିନିକା ବ୍ଲକ ବାଙ୍କିଘିର୍ଡି ସଂହରାଟିକ୍ରା ଅଙ୍ଗନୱାଡି କେନ୍ଦ୍ର-୨ର ନୂତନ ଗୃହ ନିର୍ମାଣ କାମ ଅଧାପନ୍ତରିଆ ହୋଇ ପଡି ରହିଛି। ଇତିମଧ୍ୟରେ ତିନିବର୍ଷ ବିତି ଯାଇଥିଲେ ବି ନିର୍ମାଣ ସମ୍ପୂର୍ଣ୍ଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଏହି କେନ୍ଦ୍ର ଅଧୀନରେ ଥିବା ୧୭ ଜଣ ଶିଶୁ ପିଲାମାନେ ପାଖ ସ୍କୁଲ ବାରଣ୍ଡାରେ ବସି ପଢୁଛନ୍ତି। ୨୦୧୬-୧୭ ଆର୍ଥିକ ବର୍ଷରେ ଏହି କେନ୍ଦ୍ରର ନିଜସ୍ୱ କୋଠା ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା । କାମ ଛାତ ପଡିଲା ପର୍ଯ୍ୟନ୍ତ ଠିକ୍ ଚାଲିଲା। ପରେ ଫିନିସିଙ୍ଗ କାମ ବି କରାଗଲା। ହେଲେ କବାଟ ଓ ଝରକା ଏ ଯାଏ ଲଗା ଯାଇନାହିଁ। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ବିଳାସିନୀ ଧରୁଆ କହିଛନ୍ତି ଯେ, ତୁରନ୍ତ କାମ ସମ୍ପୂର୍ଣ୍ଣ କରିବାକୁ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ସିଡିପିଓ ସୁଭାଗିନି ହରିପାଲ ବି ସମାନ କଥା କହିଛନ୍ତି । ଅବିଳମ୍ବେ ବ୍ଲକ ପ୍ରଶାସନ କାମ ସମ୍ପୂର୍ଣ୍ଣ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



ଅଧାପନ୍ତରିଆ ହୋଇ ପଡି ରହିଥିବା ଅଙ୍ଗନୱାଡି କେନ୍ଦ୍ର।

ରୋଟାରି କ୍ଲବ୍ ଅଫ୍ ସେଣ୍ଟ୍ରାଲର ପ୍ରତିଷ୍ଠା ଉତ୍ସବ

# ସେବା ହିଁ ରୋଟାରିର ପରିଚୟ




ରୋଟାରି କ୍ଲବ୍ ଅଫ୍ ସେଣ୍ଟ୍ରାଲର ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର ଅଫିସ, ୩।୭**

ବଲାଙ୍ଗୀର ରୋଟାରୀ କ୍ଲବ୍ ଅଫ୍ ସେଣ୍ଟ୍ରାଲର ପ୍ରତିଷ୍ଠା ଉତ୍ସବ ବୁଧବାର ସନ୍ଧ୍ୟାରେ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଛି । ସଭାପତି ସଙ୍ଗୀତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରୀ ଗଭର୍ନର ଫକୀରଚନ୍ଦ୍ର ମହାନ୍ତି ଯୋଗ ଦେଇ କରି ସେବା ହିଁ ରୋଟାରୀର ପରିଚୟ ବୋଲି କହିଥିଲେ । ଏହି ଅବସରରେ ରୋଟାରୀ ଆସିଷ୍ଟାଣ୍ଟ ଗଭର୍ନର ଅଶୋକ କୁମାର ପାଢ଼ୀ, ଭଜନଲାଲ ଅଗ୍ରୱାଲ, ବିଦାୟୀ ସମ୍ପାଦକ ନିର୍ମଳ ଅଗ୍ରୱାଲ, ନୂଆ ସଭାପତି ଦିନଦୟାଲ ଅଗ୍ରୱାଲ, ସମ୍ପାଦକ ଜ୍ଞାନରଞ୍ଜନ ଶତପଥୀ ମଞ୍ଚାସୀନ ଥିଲେ । ଉତ୍ସବରେ ରୋଟାରୀ ଡାଇରେକ୍ଟର୍ସ ସତ୍ୟ ନାରାୟଣ ଅଗ୍ରୱାଲ, ରାଜ କୁମାର ମୋଦୀ, ରାଜୀବ ହୋତା, ରାଜେଶ ଅଗ୍ରୱାଲ, ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଆଡଭୋକେଟ୍ ଅମରେନ୍ଦ୍ର ମିଶ୍ର, ଗୋପୀନାଥ ଅଗ୍ରୱାଲ, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ଅସିତ୍ ଷଡଙ୍ଗୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ବନ ମହୋତ୍ସବରେ ବୃକ୍ଷରୋପଣ

**ସୋନପୁର,୩।୭(ନି.ପ୍ର.)**

ବନ ମହୋତ୍ସବ ଅବସରରେ ସହରର ପଟାଭାଡିସ୍ଥିତ ଜୁଡିସିଆରି କଲୋନୀ ପରିସରରେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋନପୁର ଫରେଷ୍ଟ ରେଞ୍ଜ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଜିଲା ଦୌରାଜଜ୍ ରାଜକୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବୃକ୍ଷରୋପଣ ଓ ପରିବେଶର ସୁରକ୍ଷା ସମ୍ପର୍କରେ ସାହୁ ବୁଝାଇଥିଲେ। ପରିବାର ଜଜ୍ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଅତିରିକ୍ତ ଜିଲା ଦୌରାଜଜ୍ ମାନସ କୁମାର ରଥ, ସିଜେଏମ ମାନସ କୁମାର ରଥ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ବରିଷ୍ଠ ସିଭିଲ ଜଜ୍ ଚିନ୍ମୟ ଗୋଛାୟତ, ଡିଏଲଏସଏ ସମ୍ପାଦକ ସୀମା ତ୍ରିପାଠୀ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମ୍‌ଏଫସି ଅଙ୍କିତା ଶର୍ମା, କୋର୍ଟ ମ୍ୟାନେଜର ଅଚ୍ୟୁତାନନ୍ଦ ସାମନ୍ତରା, ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ଏସିଏଫ ସୁଶିଲ କୁମାର ତ୍ରିପାଠୀ, ସୋନପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି ଓ ବନପାଳ ଜୟକୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


# CLASSIFIED DISPLAY

**ALL EDITION - B/W (Everyday)**

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-25 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

See Color Display Classified on every Tuesday & Friday

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

DHARITRI Career appointment Every Wednesday and Saturday

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ



### ବର୍ଷା ଆରମ୍ଭରୁ ଜାତୀୟ ରାଜପଥ ଅବସ୍ଥା ବେହାଲ

**ସଇଁତଲା,୩।୭ (ଡି.ଏନ.ଏ.):** ବରଗଡ଼ ବୋରିଗୁମ୍ମା ଜାତୀୟ ରାଜପଥ-୨୬ର ଅବସ୍ଥା ବର୍ତ୍ତମାନ ନ କହିବା ଭଲ। ବର୍ଷା ଆରମ୍ଭ ନ ହେଉଣୁ ରାସ୍ତା ସାରା ବଡ଼ ବଡ଼ ଗାତ ସୃଷ୍ଟି ହେଲାଣି। ପାଣି ଜମି ରହୁଛି। ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ତଳେ ଧରିତ୍ରୀରେ ପ୍ରକାଶିତ ଖବରକୁ ନେଇ ଜାତୀୟ ରାଜପଥ ବିଭାଗ ତରଫରୁ ଲାନ୍ଥନଦୀ ଉପରେ ଜମୁଥିବା ପାଣିକୁ ନିଷ୍କାସନ ପାଇଁ କିଛି କର୍ମଚାରୀଙ୍କୁ ନିୟୋଜିତ କରା ଯାଇଥିଲା। କେବଳ ପାଣି ନିଷ୍କାସନ ପାଇଁ ଥିବା ଗାତ ଗୁଡ଼ିକୁ ସଫା କରାଯାଇଥିଲା। ଉକ୍ତ ଗାତ ଗୁଡ଼ିକ ପାଣି ଜମିବାରୁ ବାଲି ଆସି ପୁନଃ ପୋତି ହୋଇଗଲାଣି । ଏହା ଫଳରେ ଅବସ୍ଥା ପୂର୍ବରୁ ଯାହା ଥିଲା ସେମିତି ରହିଛି । ଏହା ସହ ଭଦ୍ରା ଗ୍ରାମର ନିକଟସ୍ଥ ଏକ ପୋଲ ପାଖରେ ମଧ୍ୟ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ବର୍ଷାପାଣି ଜମି ରହୁଛି, ଯାହା ଫଳରେ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଚାରିଚକିଆ ଯାନ ଏବଂ ଦୁଇଚକିଆ ଯାନ ଉକ୍ତ ଖାତରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗତ ସୋମବାର ରାତିରେ ଏକ ବାଇକ ଉକ୍ତ ଗାତରେ ପଡ଼ିବାରୁ ବାଇକ ଚାଳକ ଆହତ ହୋଇଥିଲେ। ତେବେ ଏ ବିଷୟରେ ଜାତୀୟ ରାଜପଥ ବିଭାଗର ଯନ୍ତ୍ରୀ ହରେନ୍ଦ୍ର ଆଚାର୍ଯ୍ୟଙ୍କୁ ପଚାରିବାରୁ ଗୁରୁବାର ଉକ୍ତ ଖାତକୁ ପୋତାଯିବ ବୋଲି କହିଥିଲେ।

### ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଉଲୁଣ୍ଡା, ୩।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଫିସର ଡାକ୍ତର ଆଶୁତୋଷ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ମିତାଳି ମହାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ଷାଋତୁରେ ସ୍ୱାସ୍ଥ୍ୟ ସଚେତନତ ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ମାରାତ୍ମକ ରୋଗକୁ ସଚେତନ ହୋଇ କିପରି ରୋକା ଯାଇ ପାରିବ ସେନେଇ ଆଶା କର୍ମୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସିଡିପିଓ ତିଲୋତମା ନାଏକ, ବ୍ଲକ ପୋଗ୍ରାମ ମ୍ୟାନେଜର ମହେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକ୍ରମରେ ସମସ୍ତ ସୁପରଭାଇଜର, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀମାନେ ଯୋଗ ଦେଇଥିଲେ। ଶେଷରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାଝି ଗୌରୀ ପାତ୍ରଙ୍କ ଧନ୍ୟବାଦ ଦେଇଥିଲେ।

ନଦୀ କୂଳରେ ଖର୍ଡ଼ା ଗାଁ

# ପାଣି ନ ପାଇ ୧୨ ଘଣ୍ଟା ରାସ୍ତା ଅବରୋଧ

**ଗୁଡ଼ଭେଲା, ୩।୭(ଡି.ଏନ.ଏ.)**

ଡୁଷୁରା ଏନଏସିର ୨ ନମ୍ବର ୱାର୍ଡ଼ ଅଧୀନ ଖର୍ଡ଼ା ଗାଁକୁ ଜଳ ଯୋଗାଣ ହେଉନି। ଏହାର ପ୍ରତିବାଦ କରି ବୁଧବାର ସକାଳ ୭ଟାରୁ ଲୋକେ ଡୁଷୁରା-ଲିଖିରିଆ ରାସ୍ତାରେ ଗରା, ବାଲଟି ରଖି ରାସ୍ତା ଅବରୋଧ କରିଥିଲେ। ଏହି ସମସ୍ୟାର ସମାଧାନ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ବଟକୃଷ୍ଣ କିଷାନ ପହଞ୍ଚି ଲୋଚନା କରିବା ସହ ସମସ୍ୟାର ସମାଧାନ ଲାଗି ୭ ଦିନ ସମୟ ମାଗିଛନ୍ତି। ୧୨ ଘଣ୍ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ପ୍ରଦୀପ ସାହୁ, ମନୋଜ ସାହୁ, ଗୋପ ମହାଲିଙ୍ଗ, ବ୍ରହ୍ମାନନ୍ଦ ସାହୁ, ସାମୁଏଲ ସୁନା, ସୁରେନ୍ଦ୍ର ସୁନା, ସୌମିତ୍ରୀ ସାହୁ, ସନ୍ତୋଷ ସାହୁଙ୍କ ସମେତ ଗାଁ ଲୋକେ ସାମିଲ ଥିଲେ।

ଖର୍ଡ଼ା ଗାଁ ସୋନଗଡ଼ ନଦୀ କୂଳରେ ଅବସ୍ଥିତ। ଏହି ନଦୀରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ଖର୍ଡ଼ା ଓ ଲିଖିରିଆକୁ ପାନୀୟ ଜଳ ଯୋଗାଣ ହୋଇ ଆସୁଥିଲା। ଡୁଷୁରା ଏନଏସି ହେବା ପୂର୍ବରୁ ଲିଖିରିଆ ଓ ଖର୍ଡ଼ା ଡୁଷୁରା ପଞ୍ଚାୟତ ଅଧୀନରେ ଥିଲା। ଡୁଷୁରା ଏନଏସି ହେବା ପରେ ଲିଖିରିଆ ରୁଷୁଡ଼ା ପଞ୍ଚାୟତ ସହିତ ମିଶିଲା। ଏଣୁ ପାନୀୟ ଜଳ ଯୋଗାଣ ନେଇ ରୁଷୁଡ଼ା ପଞ୍ଚାୟତ ଓ ଡୁଷରା ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ବିଦ୍ୟୁତ୍ ବିଲ୍ ଓ ମରାମତିକୁ ନେଇ ଟଣାଓଟରା ଚାଲିଥିଲା। ରୁଷୁଡ଼ା ସରପଞ୍ଚ ସବିତା ବୁଡେକଙ୍କ କହିବା ମୁତାବକ ପଞ୍ଚାୟତ ଓ ଜନ ସ୍ୱାସ୍ଥ୍ୟ ବିଭାଗ ମିଶି ବିଦ୍ୟୁତ୍ ବିଲଦେବା ପାଇଁ ବିଭିନ୍ନ ସମୟରେ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଜନ ସ୍ୱାସ୍ଥ୍ୟ ବିଭାଗର ଅସହଯୋଗ ମନୋଭାବ ଯୋଗୁ କୌଣସି ଉତ୍ତର ମିଳି ନ ଥିଲା। ଫଳରେ ୪ ମାସ ତଳେ ରୁଷୁଡା ପଞ୍ଚାୟତ କର୍ମଚାରୀ ଖର୍ଡ଼ାକୁ ଯାଇଥିବା ପାଇପ୍ ଲାଇନକୁ କାଟି ଦେଇଥିଲେ। ଖର୍ଡ଼ା ଲୋକେ ଜନସ୍ୱାସ୍ଥ୍ୟ ବିଭାଗକୁ କହିବାରୁ କର୍ମଚାରୀମାନେ ଖର୍ଡ଼ା ଲୋକଙ୍କ ଅଗୋଚରରେ ରାତିରେ ଯାଇ ଖର୍ଡ଼ା ନିକଟସ୍ଥ ୧୭ ନମ୍ବର କଁଟାଠାରେ ଏକ ପାତାଳ ବୋରିଂ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ପାତାଳ ବୋରିଂ ପାଣି ଆଣି ଖର୍ଡ଼ାକୁ ୯ଟି ଷ୍ଟାଣ୍ଡପୋଷ୍ଟରେ ଜଳ ଯୋଗାଣ ହେଉଥିଲା। କିନ୍ତୁ ଖର୍ଡ଼ାବାସୀ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କୁ ନଦୀ ପାଣି ହିଁ ଦରକାର। ଏହାପରେ ଡୁଷୁରା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କରରେ ପାଣି ଯୋଗାଣ କରାଯାଉଥିଲା। କିନ୍ତୁ କେବଳ ଗୋଟିଏ ଟ୍ୟାଙ୍କର ପାଣି ଦିଆଯାଉଥିବାବେଳେ କେବେ ନ କେବେ ଆଦୌ ପାଣି ମଧ୍ୟ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି। ମଙ୍ଗଳବାର ଶତାଧିକ ମହିଳା ଉକ୍ତ ଟ୍ୟାଙ୍କରକୁ ଘେରି ଯାଇ ପାଣି ନ ନେବା ସହ ଯେ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ନ ହେବ ସେ ପର୍ଯ୍ୟନ୍ତ ଟ୍ୟାଙ୍କରକୁ ମଧ ଅଟକ ରଖିଥିଲେ।



ରାସ୍ତା ଅବରୋଧ କରିଥିବା ଖର୍ଡ଼ା ଗ୍ରାମବାସୀ।

# କଳାକାରଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇ ନାହିଁ

**ଲୋଇସିଂହା,୩।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ୫୭ ଜଣ କଳାକାରଙ୍କୁ ପ୍ରମାଣ ପତ୍ର ସହ ୨ ମାସର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶି ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା। ବିଧାୟକ ମୁକେଶ ମହାଲିଙ୍ଗ କଳକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଇତି ମଧ୍ୟରେ ୧୦ ଦିନରୁ ଅଧିକ ବିତି ଯାଇଥିଲେ ସୁଦ୍ଧା କଳାକରଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇନାହିଁ । ହିତାଧିକାରୀ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଯାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି।

ଗତ ୨୧ ତାରିଖ ବ୍ଲକ ସଭାଗୃହରେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜାନୁୟାରୀ ଓ ଫେବୃୟାରୀ ମାସର କଳାକାର ଭତ୍ତା ୨୪ଶହ ଟଙ୍କା ସିଧାସଳଖ ଆକାଉଣ୍ଟରରେ ପଡିବ ବୋଲି କୁହାଯାଇଥିଲା। ଇତିମଧ୍ୟରେ ୧୦ ଦିନ ବିତି ଯାଇଛି, ହେଲେ ଟଙ୍କା ଆସିନି। କୁଶଙ୍ଗପଞ୍ଚାୟତ ଅଧୀନ ବାରି ଗ୍ରାମର ବୁଧୁ ବନଛୋର, ଦଶ ହାତୀ, ଅକ୍ଷାତୁ ପାଣ୍ଡେ ଏବଂ ଦାଶରଥୀ ଦାଶ ପ୍ରମୁଖ କଳାକରା ଖୁଶଙ୍ଗସ୍ଥିତ ଏସ୍‌ବିଆଇକୁ ଟଙ୍କା ଉଠାଇବା ପାଇଁ ଆସିଥିଲେ । ହେଲେ ଆକାଉଣ୍ଟରେ ଟଙ୍କା ପଡି ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ବ୍ଲକକୁ ଆସି ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ହେଲେ ଗତ ୨୫ତାରିଖଠାରୁ ଟଙ୍କା ପୈଠ ହୋଇଥିବା ବ୍ଲକ୍ ପକ୍ଷରୁ ସମ୍ପୃକ୍ତ ଅଧିକାରୀ ଏହି କଳାକାରମାନଙ୍କୁ ସୂଚନା ଦେଇଥିଲେ।



ବ୍ଲକକୁ ଆସିଥିବା କଳାକାର।

# ଜିଲାପାଳଙ୍କୁ ଅଭିଯୋଗ କଲେ ଲୋକେ



ବୁର୍ଡା ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ଲୋକଙ୍କ ସମସ୍ୟା ବୁଝୁଛନ୍ତି ଜିଲାପାଳ।

**ଲୋଇସିଂହା,୩।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ବୁଧବାର ଲୋଇସିଂହା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କର ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ବୁର୍ଡା ଗ୍ରାମର ଅନେକ ମହିଳା ବିଭିନ୍ନ ଆବାସ ଯୋଜନା ଏବଂ ଗାଈ ଗୁହାଳ ଯୋଜନାରୁ ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଥିଲେ। ଟଙ୍କା ଲାଞ୍ଚ ନେଇ ଘର ଓ ଗୁହାଳ ଦେଉଥିବା ଅଭିଯୋଗ କରିଥିଲେ। ପୂର୍ବାହ୍ନ ସାଢେ ୯ ଟାରେ ଜିଲାପାଳ ବୁର୍ଡା ପଞ୍ଚାୟତ ଗସ୍ତ କରିଥିଲେ। ବୁର୍ଡା ଗ୍ରାମରେ ବହିମୁଣ୍ଡା ପଙ୍କ ପୁନରୁଦ୍ଧର କାମ, ସେହି ନିକଟରେ ନବ ନିର୍ମିତ ୨ଟି କମ୍ୟୁନିଟି ସେଣ୍ଟର ବୁଲି ଦେଖିଥିଲେ । ସେଠାରୁ ଫେରିଲା ବାଟରେ ଅନେକଙ୍କ ଘର ଛପର ଦେଖିବାକୁ ପାଇଥିଲେ । କାହିଁକି ଏମାନଙ୍କୁ ଘର ମିଳୁନି ବୋଲି ତାଙ୍କସହ ଗସ୍ତରେ ହୋଇଥିବା ବିଡିଓ, ପିଇଓଙ୍କୁ ପଚାରି ବୁଝିଥିଲେ। ଟଙ୍କା ନ ଦେଲେ ଘର ମିଳୁ ନ ଥିବା କେତେକ ମହିଳା ଜିଲାପାଳଙ୍କୁ କହିଥିଲେ। ଯାହାର ଗାଈବାଛୁରୀ ଅଛି ତାକୁ ଗୁହାଳ ମିଳୁନି। ହେଲେ ୮/୧୦ ହଜାର ଟଙ୍କା ଦେଲେ ଅଣ ପଶୁ ପାଳକଙ୍କୁ ଗୁହାଳ ନିର୍ମାଣ ପାଇଁ ଟଙ୍କା ଦିଆଯାଉଛି ବୋଲି ଲୋକଙ୍କଠାର ଜିଲାପାଳ ଅଭିଯୋଗ ପାଇଥିଲେ। କେତେକଙ୍କ ଘରକୁ ଯାଇ ଜିଲାପାଳ ସେମାନଙ୍କ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଠାରୁ ଯୋଗୀସର୍ଡା, ବାଦିବାହାଲା ପଞ୍ଚାୟତ ଗସ୍ତ କରି ଉନ୍ନୟନ କାମ ପରିଦର୍ଶନ କରିଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ୨ ଗିରଫ

**ଲୋଇସିଂହା,୩।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ଅନ୍ତର୍ଗତ ଡୁଙ୍ଗରିପାଲି ଗ୍ରାମର ଏସଏଚଜି ମହିଳାଙ୍କୁ ଦୁର୍ବ୍ୟବହାର କରିବା ୨ ଜଣ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି । ଏ ନେଇ ଏସଏଚଜି ଗ୍ରୁପ ପକ୍ଷରୁ ଲୋଇସିଂହା ଥାନାରେ ଅଭିଯୋଗ ପରେ ଉପରୋକ୍ତ ଦୁଇ ବ୍ୟକ୍ତିଙ୍କୁ ବୁଧବାର ଗିରଫ କରାଯାଇଛି । ସେମୋନେ ହେଲେ ଡୁଙ୍ଗରିପାଲି ଗାଁର ଅନାମ କଲତା ଏବଂ ସେମେଲମୁଣ୍ଡାର ଶଶିକାନ୍ତ ପଧାନ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଡୁଙ୍ଗରିପାଲି ଗାଁରେ କେତେକ ବ୍ୟକ୍ତି ବେଆଇନ ମଦ ବିକ୍ରି କରୁଛନ୍ତି। ଏହାର ପ୍ରତିବାଦରେ ଗାଁର ସମସ୍ତ ଏସଏଚଜି ଗ୍ରୁପ୍ ମଦ ବିରୋଧୀ ଅଭିଯାନ ଚଳାଇଥିଲେ । ମଦ୍ୟପାନ ବିକ୍ରି କରୁଥିବା ବ୍ୟକ୍ତିବିଶେଷଙ୍କୁ ବାରଣ କରିଥିଲେ । ଏସଏଚଜି ମହିଳାଙ୍କ ତାଗିଦ ସତ୍ତ୍ୱେ କେତେକ ବ୍ୟକ୍ତି ବେଆଇନ ମଦ ବିକ୍ରି କରି ଆସୁଥିଲେ। ମଙ୍ଗଳବାର ଅନାମ ଏବଂ ଶଶିକାନ୍ତ ମଦ ବିକ୍ରି କରୁଥିବାବେଳେ ମହିଳମାନେ ଧରିଥିଲେ। ହେଲେ ଏ ଦିହେଁ ମହିଳାମାନଙ୍କୁ ଦୁର୍ବ୍ୟବହାର କରିବାକୁ ପଛାଇ ନ ଥିଲେ । ମଙ୍ଗଳବାର ଏସଏଚଜ ମହିଳା ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ । ବୁଧବାର ଲୋଇସିଂହା ପୋଲିସ ଚଢାଉ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଛି।

## ଗୋଟିଏ ଦିନରେ ମାଟ୍ରିକ ସାର୍ଟିଫିକେଟ ପ୍ରଦାନ, ଯୁକ୍ତ୨ ଅନ୍‌ଲାଇନ ଆବେଦନ

### ଅଭିଭାବକ ମହଲରେ ଅସନ୍ତୋଷ, ଅନେକେ ବଞ୍ଚିତ

**ଦେଓଗାଁ, ୩/୭(ଡି.ଏନ.ଏ)**

ଗୋଟିଏ ଦିନରେ ମାଟ୍ରିକ ସାର୍ଟିଫିକେଟ ପ୍ରଦାନ ଓ ଉକ୍ତ ଦିନରେ ଯୁକ୍ତ ୨ ପାଇଁ ଅନଲାଇନରେ ନାମଲେଖା ଆବେଦନ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ଚିନ୍ତାରେ ପକାଇଛି । ଦେଓଗାଁ ବ୍ଲକରେ ଏ ନେଇ ଅନେକ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଦେଓଗାଁ ବ୍ଲକ ଉଡାରର ପଞ୍ଚାନନ ସାହୁଙ୍କ କହିବାନୁସାରେ ତାଙ୍କ ପୁଅ ଜରାସିଂହା ନେତ୍ରଭାନୁ ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ହେଲେ ବୁଧବାର ଅପରାହ୍ନରେ ଉକ୍ତ ହାଇସ୍କୁଲ ମାଟ୍ରିକ ସାର୍ଟିଫିକେଟ ଦେଇଛି। ବୁଧବାର ଯୁକ୍ତ ଦୁଇରେ ନାମଲେଖା ପାଇଁ ଆବେଦନ ଶେଷ ତାରିଖ ରହିଥିବାରୁ ସେ ଚିନ୍ତାରେ ପଡିଥିବା କହିଛନ୍ତି। ଏଣୁ ଅନଲାଇନରେ ନାମ ଲେଖାଇବା କିଛିଦିନ ପାଇଁ ବୃଦ୍ଧିକଲେ ସମସ୍ତ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ସେ ହୋଇଛି। ଏ ନେଇ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ମତ ଲୋଡିବାରୁ ମଙ୍ଗଳବାର ସାର୍ଟିଫିକେଟ ଆସିଲା। ବୁଧବାର ବଣ୍ଟନ କରାଯାଇଛି। ଯୁକ୍ତ ଦୁଇ ନାମଲେଖା ପାଇଁ ଅନଲାଇନରେ ସମସୟସୀମା ବୃଦ୍ଧି ହୋଇପାରେ ବୋଲି କହିଛନ୍ତି।

## ଗଛ ଲଗାଇବାକୁ ଆହ୍ୱାନ ଦେଲେ ଛାତ୍ରୀଛାତ୍ର

**ଲାଠୋର,୩।୭ (ଡି.ଏନ.ଏ.)**

ଲାଠୋର ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଭୂଷିନୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା ଲାଠୋର ପରିକ୍ରମା କରିଥିଲା। ଶିକ୍ଷକ କୋଦଣ୍ଡ ନାଏକ, ସନ୍ତୋଷିନୀ କାଲସାଏ, କାହ୍ନା ମେହେର, ରୀମା ବେହେରା, ମହାଦେବ ନାଗ, ଅରୁଣ ଅଗସ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଦିଲୀପ ନାଏକ, ଭୁବନ ଭଇଁଷାଲ ପ୍ରମୁଖ ସହଯୋଗ କରିଥିଲେ। ସିଆରସିସି କୁଞ୍ଜବିହାରୀ ସରାପ ଧନ୍ୟବାଦ ଅର୍ପଣ କରିଥିଲେ।




ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

# ୫ ହେକ୍ଟର ଜାଗାରେ ୮ ହଜାର ଚାରା ଲାଗିଲା

**ମୁରିବାହାଲ, ୩।୭ (ଡି.ଏନ.ଏ.)**

ମୁରିବାହାଲ ବନାଞ୍ଚଳ ଅନ୍ତର୍ଗତ ହଳଦୀ ଗ୍ରାମ ପଞ୍ଚାୟତର ତେନ୍ତୁଲିଖୁଣ୍ଟି ଓ ଡଙ୍ଗରପଡା ଗ୍ରାମର ଏସଆର ପ୍ଲାଣ୍ଟେସନଠାରେ ବୁଧବାର ସାମୂହିକ ବନୀକରଣ ଉତ୍ସବ ପାଳିତ ହୋଇଛି। ଏଥିରେ ଜଙ୍ଗଲ ବିଭାଗ ପକ୍ଷରୁ ୫ ହେକ୍ଟର ଜମିରେ ୮ ହଜାର ବୃକ୍ଷ ରୋପଣ କରାଯାଇଛି । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ଶିକ୍ଷାବିତ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ମୁରିବାହାଲ ଫରେଷ୍ଟର କାମେଶ୍ୱର ତାଣ୍ଡିଙ୍କର ସଭାପତିତ୍ୱରେ ଏକ ବନୀକରଣ ସଚେତନତା ସଭା କରାଯାଇଥିଲା । ଏଥିରେ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ନାଏକ ମୁଖ୍ୟଅତିଥି, ସାମାଜିକ କର୍ମୀ ନିମାଇଁଚରଣ ବଘାର, ସିଦ୍ଧେଶ୍ୱର ଦାସ, ରାଜୀବ କୁମାର ମହାନ୍ତି, ଅବସରପ୍ରାପ୍ତ ଫରେଷ୍ଟର ଲିଙ୍ଗରାଜ ଭୋଇ, ଶିକ୍ଷକ ଗୋପବନ୍ଧୁ ଦାସ ଓ ଅନଙ୍ଗ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ ଉପକାରିତା, ଗଛ କାଟିବା ଦ୍ୱାରା ଜଳବାୟୁ ପରିବର୍ତ୍ତନ ସହ ପରିବେଶ ସନ୍ତୁଳନ ଉପରେ ମତବ୍ୟକ୍ତ କରିଥିଲେ । ଏହାପରେ ତେନ୍ତୁଳିଖୁଣ୍ଟି ବିଟ୍‌ର ୫ ହେକ୍ଟର ଜମିରେ ୮ ହଜାର ବୃକ୍ଷ ରୋପଣ କରାଯାଇଥିଲା।




ତେନ୍ତୁଳିଖୁଣ୍ଟିରେ ବନମହୋତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଉପରଝର ପଞ୍ଚାୟତରେ ଗୁହାଳ ନିର୍ମାଣରେ ଅନିୟମିତତା ଘଟଣା

# ତଦନ୍ତ ପରେ ଦୁର୍ନୀତି ହୋଇ ନ ଥିବା ସ୍ପଷ୍ଟ କଲେ ବିଡିଓ

**ଦେଓଗାଁ, ୩।୭(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ପଞ୍ଚାୟତରେ ବିଭିନ୍ନ ସମୟରେ ଅନିୟମିତତା ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଆସୁଥିବା ବେଳେ କିଛି ଦିନ ହେଲା ଗୁହାଳ ନିର୍ମାଣରେ ଅନିୟମିତତା ଅଭିଯୋଗ ଉଠିଛି। ଏହାକୁ ନେଇ କେତେ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ସାମାଜିକ ଗଣମାଧ୍ୟମରେ ମଧ୍ୟ ଭାଇରାଲ ହୋଇଥିଲା । ଏହାକୁ ନେଇ ବୁଧବାର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ବିଡିଓ ବେର୍ଣ୍ଣାଦେତ ଲାକ୍ରା ଓ ଏପିଓ ପ୍ରଶାନ୍ତ କୁମାର ସାହୁ ଉପରଝର ପଞ୍ଚାୟତକୁ ଯାଇ ହିତାଧିକାରୀଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ । ପଞ୍ଚାୟତର ୩୦ ଜଣ ହିତାଧିକାରୀ ତଦନ୍ତ ସମୟରେ ଉପସ୍ଥିତ ରହିଥିଲେ । ତଦନ୍ତ ପରେ କୌଣସି ଦୁର୍ନୀତି ହୋଇ ନ ଥିବା ବିଡିଓ ଲାକ୍ରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବିଡିଓଙ୍କ ସ୍ପଷ୍ଟୀକରଣ ଅନୁସାରେ, ଗତ ବର୍ଷ ନଭେମ୍ବର ୧୨ରେ ହୋଇଥିବା ଗ୍ରାମସଭାର ଅନୁମୋଦନ ଅନୁଯାୟୀ ପଞ୍ଚାୟତର ସମସ୍ତ ଗାଁର ୧୨୨ ଜଣ ହିତାଧିକାରୀଙ୍କ ଗୁହାଳ ନିର୍ମାଣ ପାଇଁ ଏକ ତାଲିକା ସହ ପ୍ରାଣୀଧନ ଚିକିତ୍ସକଙ୍କ ପ୍ରମାଣପତ୍ର ସଂଲଗ୍ନ କରି ଡିଆରଡିଏକୁ ଅନୁମୋଦନ ପାଇଁ ପଠାଯାଇଥିଲା। ହେଲେ ୨୦୧୯ ସାଧାରଣ ନିର୍ବାଚନ ପାଖେଇ ଆସିବାରୁ ଉକ୍ତ ତାଲିକାର ଅନୁମୋଦନ ହୋଇ ପାରି ନ ଥିଲା । ନିର୍ବାଚନ ପରେ ଉକ୍ତ ତାଲିକାକୁ ଭିତ୍ତିକରି କାର୍ଯ୍ୟାଦେଶ ବଣ୍ଟନ ପାଇଁ ଫାଇଲ ଖୋଲା ଯାଇଥିଲା। ସରପଞ୍ଚ କାର୍ଯାଦେଶ ବଣ୍ଟନ କରିଥିଲେ। ଏହି କାର୍ଯ୍ୟାଦେଶ ବଦଳରେ ସରପଞ୍ଚ ହାତଗୁଞ୍ଜା ନେଇଥିବା ଅଭିଯୋଗ ଉଠିଥିଲା। ହେଲେ ସେ ସମ୍ପର୍କରେ ତଦନ୍ତ ବେଳେ କୌଣସି ହିତାଧିକାରୀ ହାତଗୁଞ୍ଜା ଦେଇ ନ ଥିବା ପ୍ରକାଶ କରିଥିଲେ ବୋଲି ବିଡିଓ କହିଛନ୍ତି। ପଞ୍ଚାୟତରେ ଏ ପର୍ଯ୍ୟନ୍ତ କୌଣସି ହିତାଧିକାରୀଙ୍କ ଗୁହାଳ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବା ଓ କୌଣସି ହିତାଧିକାରୀଙ୍କୁ ବିଲ୍ ମଧ ପଇଠ ହୋଇ ନ ଥିବା ବେଳେ ଗ୍ରାମସଭା ଅନୁମୋଦନରେ ହୋଇଥିବା ତାଲିକାକୁ ଭିତ୍ତି କରି କାର୍ଯ୍ୟାଦେଶ ଦିଆଯାଇଥିବାରୁ ଦୁର୍ନୀତିର ପ୍ରଶ୍ନ ଉଠୁ ନାହିଁ ବୋଲି କହିଛନ୍ତି ବିଡିଓ ଲାକ୍ରା । ଅନ୍ୟପଟେ ପଞ୍ଚାୟତରେ ନିଜ ମନମୁତାବକ ଅଯୋଗ୍ୟ ହିତାଧିକାରୀଙ୍କୁ ଗ୍ରାମସଭାରେ ତାଲିକାଭୁକ୍ତ କରାଯାଇଛି ବୋଲି କିଛି ଗ୍ରାମବାସୀ ଅଭିଯୋଗ ଉଠାଇବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଏ ନେଇ ଏପିଓ ସାହୁଙ୍କୁ ପଚାରିବାରୁ ଅଦ୍ୟାବଧି ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତରୁ କେବଳ ବଡବାହାଲ ପଞ୍ଚାୟତର ୯ ଜଣ ଓ ବଡବନ୍ଧ ପଞ୍ଚାୟତର ୪ ଜଣ ହିତାଧିକାରୀଙ୍କ ବିଲ୍ ହୋଇଛି। ସିକୁଆଁର ୧୧ ଓ ଦେଓଗାଁର ୭ ଜଣ ହିତାଧିକାରୀଙ୍କୁ ଗଭୀର କୂଅ ଖନନର କାର୍ଯ୍ୟାଦେଶ ଅନୁମୋଦନ ହୋଇଛି। ଉପରଝର ପଞ୍ଚାୟତରେ ନିୟମାନୁସାରେ ହିତାଧିକାରୀଙ୍କ କୋଡିଂ ହେଲାପରେ କାର୍ଯ୍ୟାଦେଶ ଦିଆଯାଇଛି। ଏ ପର୍ଯ୍ୟନ୍ତ ଗୁହାଳ ନିର୍ମାଣ ହୋଇନାହିଁ । ଗୁହାଳ ନିର୍ମାଣ କରିବାପରେ ଡିଆରଡିଏ ଅନୁମୋଦନ ହୋଇ ବିଲ୍ ହେବ ବୋଲି କହିଥିଲେ । ଏଠାରେ ପ୍ରକାଶଯେ, ଉକ୍ତ ପଞ୍ଚାୟତରେ ଗୁହାଳ ନିର୍ମାଣର କାର୍ଯ୍ୟାଦେଶ ବଣ୍ଟନ ପରେ ଫଟାମୁଣ୍ଡା ଗ୍ରାମର ସୂଚନାକର୍ମୀ ମଙ୍ଗନ ରାଏ ଉକ୍ତ ତାଲିକାର ସୂଚନା ମାଗିଥିଲେ । ଏହାକୁ ନେଇ ସରପଞ୍ଚ ପ୍ରମୋଦିନୀ ନାଏକଙ୍କ ସ୍ୱାମୀ ଧବଳେଶ୍ୱର ନାଏକ ମଙ୍ଗନଙ୍କୁ ଧମକ ଦେଇଥିବା ଓ ଜାତିଆଣ ଆକ୍ଷେପ କରିଥିବା ଦେଓଗାଁ ଥାନାରେ ମଙ୍ଗନ ଅଭିଯୋଗ କରିଥିଲେ । ଏହାକୁ ନେଇ ଦେଓଗାଁ ଥାନାରେ ଏକ ମାମଲା (କେସ୍ ନଂ. ୪/୧୯) ରୁଜୁ ହୋଇ ଏବେ ତଦନ୍ତାଧୀନ ରହିଛି । ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଏହି ମାମଲାର ତଦନ୍ତ କରୁଛନ୍ତି।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ

### ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ ମିଳୁନି ପାଉଣା

**ଖଡିଆଳ ଏନ୍‌ଏସି,୩।୭(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ଚିନ୍ଦାଗୁଡା ପଞ୍ଚାୟତରେ ହେଉଥିବା ଏମ୍‌ଜିଏନ୍‌ଆରଇଜିଏସ୍ କାମର ୨ ବର୍ଷ ପରେ ବି ଶ୍ରମିକମାନଙ୍କୁ ପାଉଣା ମିଳିନାହିଁ । ଏ ନେଇ ପ୍ରଶାସନ ନିକଟରେ ଶ୍ରମିକମାନେ ବାରମ୍ବାର ଅଭିଯୋଗ କରିବା ପରେ ମଧ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ସୂଚନା ମୁତାବକ ଚିନ୍ଦାଗୁଡା ଗ୍ରାମରେ ୨୦୧୭-୧୮ରେ ଏକ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିଜ ଜମିର ମରାମତି କାର୍ଯ୍ୟ ପାଇଁ ୩୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଉକ୍ତ ଯୋଜନାରେ ବ୍ଲକ ଦାୟିତ୍ୱରେ ଥିବା ପ୍ରଦୀପ ଓଝା ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ଜିଆରଏସ ଆଦେଶ ପ୍ରଦାନ କରିଥିଲେ। ଆଦେଶ ପାଇ ସମସ୍ତ ଚାଷୀ ନିଜ ଜମିରେ ମରାମତି କାର୍ଯ୍ୟ କରିଥିଲେ। ଏହାର ପରିଶ୍ରମିକ ମାଗିବାରୁ ଆଜିକାଲି କହି କର୍ତ୍ତୃପକ୍ଷ ସମୟ ଗଡାଇଥିଲେ। ପରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସମେତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଆରଏସ ବଦଳି ହୋଇଥିଲେ। ନୂତନ କନିଷ୍ଠ ଯନ୍ତ୍ରୀ, ଜିଆରଏସ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଶ୍ରମିକମାନେ ପାଉଣା ମାଗିବା ପରେ ଉକ୍ତ କାମର ଫାଇଲ ହଜି ଯାଇଥିବା କହିଥିଲେ। ତେବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସେହି କାମକୁ ପୁଣି ଥରେ କରିବାକୁ କହିଥିଲେ। ହେଲେ ଶ୍ରମିକମାନେ ସେହି କାମକୁ ଦୁଇ ଥର କରିବା ପରେ ମଧ ତାର ପାରିଶ୍ରମିକ ମିଳୁ ନ ଥିବାରୁ ଚାଷୀମାନେ ହତାଶ ହୋଇ ପଡିଛନ୍ତି। ଶେଷରେ ଚାଷୀମାନେ ଏହି କାର୍ଯ୍ୟରେ କିଛି ଅନିୟମିତତା ହୋଇଥିବା ନେଇ ଶ୍ରମ ବିଭାଗରେ ଅଭିଯୋଗ କରିଛନ୍ତି। ଚିନ୍ଦାଗୁଡା ଗ୍ରାମର ଏହି ଶ୍ରମିକମାନଙ୍କ କଥା ଜାଣିବା ପରେ ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ତଥା ନୂଆପଡା ଜିଲା ଦଳିତ ମଞ୍ଚ ସଭାପତି କମଳଚରଣ ତାଣ୍ଡି ଉକ୍ତ ସମସ୍ୟାର ସମାଧାନ କରିବାକୁ ଖଡିଆଳ ବ୍ଲକ ପ୍ରଶାସନଠାରେ ଦାବି କରିଛନ୍ତି । ଯଦି ୧୫ ଦିନ ଭିତରେ ଏହି ସମସ୍ୟା ସମାଧାନ ନ କରାଯାଏ ତାହା ହେଲେ ଖଡିଆଳ ବ୍ଲକ କାର୍ଯ୍ୟାଳୟକୁ ଚାଷୀମାନଙ୍କୁ ନେଇ ତାଲା ପକାଇବାକୁ ଦଳିତ ମଞ୍ଚ ସଭାପତି କମଳଚରଣ ତାଣ୍ଡି ଚେତବାନୀ ଦେଇଛନ୍ତି ।

# ଧାନବସ୍ତା ରଖି ଜାତୀୟ ରାଜପଥ ଅବରୋଧ

**ନୂଆପଡା ଅଫିସ,୩।୭**

ନୂଆପଡା ଜିଲାରେ ରବି ଧାନ କିଣାରେ ଅଚଳାବସ୍ଥା ଲାଗି ରହିଛି । ଚାଷୀମାନେ ବାରମ୍ବାର ବ୍ଲକରୁ ଜିଲା ଅଫିସ ଦୌଡି ନୟାନ୍ତ ହେବା ପରେ ଜିଲାପାଳଙ୍କ ଅଫିସ ଘେରାଉ କରିବା ସହ ଜାତୀୟ ରାଜପଥରେ ଧାନ ବସ୍ତା ରଖି ଅବରୋଧ କରି ରଖିଥିଲେ। ସେମାନଙ୍କ ଦାବି ପୂରଣ ନ ହେବା ଯାଏଁ ଏଠାରୁ ଯିବେ ନାହିଁ କି ଆନ୍ଦୋଳନ ବନ୍ଦ କରିବେ ନାହିଁ ବୋଲି ଅଡି ବସିଥିଲେ। ଗେଟରେ ପୋଲିସ ତାଲା ପକାଇବାରୁ ବାଧ୍ୟ ହୋଇ ଜାତୀୟ ରାଜପଥରେ ରଖିଥିଲେ। ପୂର୍ବାହ୍ନ ୧୦ଟାରୁ ଗୋଟିଏ ରାସ୍ତା ଅବରୋଧ କରିଥିବା ବେଳେ ଅପରାହ୍ନ ୨ଟାରେ ଦୁଇଟି ରାସ୍ତାକୁ ଅବରୋଧ କରିଥିଲେ। ଚାଷୀମାନେ ବିଭିନ୍ନ ନାରାବାଜି କରି ଆନ୍ଦୋଳନକୁ ତୀବ୍ର କରିଥିଲେ। ଶେଷରେ ଚାଷୀ ପ୍ରତିନିଧିମାନେ ଜିଲା ପ୍ରଶାସନ ସହ ବସି ଆଲୋଚନା କରିଥିଲେ। ଏଥିରେ ଜିଲାପାଳଙ୍କ ତରଫରୁ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଚାଷୀଙ୍କ ଦାବି ମୁତାବକ ସ୍କ୍ୱାଡ ଗଠନ କରି ମିଲଗୁଡିକୁ ତଦନ୍ତ କରାଯାଉଛି। ଧାନର ଟାର୍ଗେଟ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଛୁ। ଟାର୍ଗେଟ ବୃଦ୍ଧି ହେଲେ ଧାନ କିଣାଯିବ ବୋଲି କହିଥିଲେ। ହେଲେ ଚାଷୀମାନେ ଯେତେ ଦିନ ପର୍ଯ୍ୟନ୍ତ ଧାନ କିଣା ନ ଯାଇଛି ସେମାନେ ଏଠାରେ ଧାନ ଛାଡି ଦେଇ ଯିବେ ବୋଲି ଅଡି ବସିଥିଲେ। ଏହା ପରେ ଚାଷୀଙ୍କ ସହ ନେତୃବର୍ଗ ଆନ୍ଦୋଳନସ୍ଥଳ ଛାଡିଥିଲେ। ହେଲେ ଏସପି ସ୍ମିତ ପରମାର ଆସି ଟ୍ରାକ୍ଟର ମାଲିକମାନଙ୍କୁ ବିଭିନ୍ନ କଥା ପଚରାଉଚୁରା କରିଥିଲେ। ଏଥିରେ ଗାଡିବାଲାମାନେ ଭୟଭିତ ହୋଇ ଚମ୍ପଟ ମାରିଥିଲେ। କ୍ଷଣକେ ଆନ୍ଦୋଳନସ୍ଥଳରେ ଥିବା ୬/୭ଟି ଧାନ ଭର୍ତ୍ତି ଟ୍ରାକ୍ଟର ଉଭାନ ହୋଇଗଲେ। ଏହାକୁ ପ୍ରତିକ୍ରିୟା ରଖି ଜିଲା ଓକିଲ ସଂଘ ସଭାପତି କହିଛନ୍ତି ଯେ, ପୋଲିସ ନାଲି ଆଖି ଦେଖାଇ ଚାଷୀଙ୍କୁ ଘୋଉଡାଇ ଦେଇଛନ୍ତି । ଏହା ଗଣତାନ୍ତ୍ରିକ ଅଧିକାର ପ୍ରତି କୁଠାରଘାତ। ପୋଲିସ ଚାଷୀଙ୍କୁ ଘୋଉଡାଇବା ନିହାତି ଭାବେ ନିନ୍ଦନୀୟ ବୋଲି ରବୀନ୍ଦ୍ର ମଙ୍ଗରାଜ କହିଛନ୍ତି । ପ୍ରକାଶ ଯେ, ରାଜ୍ୟ ସରକାର ଜିଲାକୁ ୨ ଲକ୍ଷ ୯୨ ହଜାର କୁଇଣ୍ଟାଲ ଧାନ କିଣା ଯିବାକୁ ଟାର୍ଗେଟ ଦେଇଥିଲେ। ଏହା ସହଜେ ପୂରଣ ହୋଇଗଲା।



ଚାଷୀମାନେ ଧାନବସ୍ତା ରଖି ଜାତୀୟ ରାଜପଥକୁ ଅବରୋଧ କରି ରଖିଛନ୍ତି ।

### ଚାଷୀଙ୍କ ଜିଲାପାଳଙ୍କ ଅଫିସ ଘେରାଉ

ଏପଟେ ଜିଲାରେ ବର୍ତ୍ତମାନ ୩୦ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ମଣ୍ଡି ଏବଂ ଚାଷୀଙ୍କ ଘରେ ପଡି ରହିଛି। ଚାଷୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଚାଷୀଙ୍କ ଧାନକୁ ସର୍ଭେ କରା ନ ଯାଇ ବିଭିନ୍ନ ପ୍ରତିଶ୍ରୁତି ଦେଇ ଟାଳି ରଖିଲେ। ଶେଷରେ ଧାନକିଣା ଶେଷ ତାରିଖ (ଜୁନ ୩୦) ଆସିଗଲା। ଶେଷରେ ଚାଷୀ ଜଳକା ହୋଇ ଦେଖିଲେ। ଏହାକୁ ନେଇ ବାରମ୍ବାର ଦାବି ପ୍ରତିବାଦ କରି ଆସୁଛନ୍ତି। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ବୁଧବାର ଚାଷୀମାନେ ଟ୍ରାକ୍ଟରରେ ହଜାର ହଜାର ବସ୍ତା ଧାନ ଆଣି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଆନ୍ଦୋଳନରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଚତୁର୍ଭୁଜ ଶର୍ମା, ରବୀନ୍ଦ୍ର ମଙ୍ଗରାଜ ପ୍ରମୁଖ ନେତୃତ୍ୱ ନେଉଥିବା ବେଳେ ଡୁମେରପାଣି, ସାରାବଙ୍ଗ, ପରକୋଡ, ଆମସେନା, ବିରୋମାଲ ଆଦି ଗାଁର ଚାଷୀମାନେ ସାମିଲ ହୋଇଥିଲେ।

# ଲକ୍ଷାଧିକ ଟଙ୍କାର କୋରେକ୍ସ ଜବତ, ଅଭିଯୁକ୍ତ ଫେରାର

**ନୂଆପଡା ଅଫିସ,୩।୭**

ନୂଆପଡା ଅବକାରୀ ବିଭାଗ ସ୍ଥାନୀୟ ଲଖନା ଥାନା ଅନ୍ତର୍ଗତ ବରପଦରପଡା (ବାଞ୍ଜିବାହାଲ)ରୁ ଲକ୍ଷାଧିକ ଟଙ୍କାର କୋରେକ୍ସ ଜବତ କରିଥିବା ବେଳେ ଅଭିଯୁକ୍ତ ଫେରାର ହୋଇଛନ୍ତି। ଏ ନେଇ ଦଫା ୨୧(ଖ)ରେ ଏକ ମାମଲା (ନଂ. ୨୩/୧୯) ରୁଜୁ କରାଯାଇଥିବାବେଳେ ବିଭାଗ ତରଫରୁ ବିଶେଷ ତଦନ୍ତ ଚାଲିଛି।

ମଙ୍ଗଳବାର ରାତିରେ ଗ୍ରାମବାସୀଙ୍କ ସୂତ୍ରରୁ ଖବର ପାଇ ଅବକାରୀ ଇନ୍ସପେକ୍ଟର ସୁବନ କୁମାର ନାଏକଙ୍କ ନେତୃତ୍ୱରେ ଏକ ଟିମ ବଦପଦର ପଡାରେ ପହଞ୍ଚିଥିଲା। ସେଠାରେ ଗ୍ରାମବାସୀ ନେତ୍ରାନନ୍ଦ ସାହୁ ନାମକ ଜଣେ ବ୍ୟକ୍ତି କୋରେକ୍ସ ଚାଲାଣ କରୁଥିବା ବେଳେ ଧରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ଏହାକୁ ଛାଡି କୁଆଡେ ଚାଲିଯାଇଥିଲେ। ଅବକାରୀ ବିଭାଗ ଅଧିକାରୀମାନେ ସେଠାରୁ ଦୁଇ ବସ୍ତା କୋରେକ୍ସ ବୋତଲ ଜବତ କରିଥିଲେ। ଏଥିରେ ମୋଟ ୧୪୨୦ଟି ବୋତଲ ଥିବା ଜଣାପଡିଥିଲା। ପ୍ରତ୍ୟେକଟିର ଛାପା ମୂଲ୍ୟ ୧୧୬ଟଙ୍କା ରହିଥିଲା । ଏହାକୁ ସେ ଜିଲାର ବିଭିନ୍ନ ସ୍ଥାନକୁ ଚାଲାଣ କରି ଚଢା ଦରରେ ବିକ୍ରି କରି ମୁନାଫା ନେଉଥିଲେ । ବିଭିନ୍ନ ସମୟରେ ନେତ୍ରାନନ୍ଦ ଏହି ଗାଁକୁ ଆଣି ନିଜ ଜଣେ ସମ୍ପର୍କୀୟଙ୍କ ଘରେ ରଖୁଥିଲେ। ଏହାକୁ ଗ୍ରାମବାସୀ କାବୁ କରିବାକୁ ସମୟ ଦେଖୁଥିଲେ। ଠିକ ସମୟରେ ଅବକାରୀ ବିଭାଗକୁ ଖବର ଦେଇଥିଲେ ହେଁ ବିଭାଗ ତାଙ୍କୁ ଧରିବାରେ ବିଫଳ ହୋଇଥିଲା । ଏହା ଉପରେ ତଦନ୍ତ ଚାଲିଛି । ଏହାକୁ କେଉଁଠୁ ଆସୁଥିଲା ଏବଂ କେଉଁଠିକୁ ଯାଉଥିଲା ତାରି ଛାନଭିନ ଚାଲିଛି । ତାଙ୍କୁ ଖୁବଶୀଘ୍ର ଗିରଫ କରିବା ବ୍ୟବସ୍ଥା କରାଯିବ ବୋଲି ଇନ୍ସପେକ୍ଟର ନାଏକ କହିଛନ୍ତି । ଏହି ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ସବ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳ, ଏଏସଆଇ କୁରେଶ୍ୱର କଟା, ସଞ୍ଜୀବ ସାହୁ, ସୁନାଧର ମାଝି, ମଳୟ ମହାନ୍ତି, ଧନରାଜ ଦଣ୍ଡସେନା, ଗିରେନ୍ଦ୍ର କଟା, ପୂର୍ଣ୍ଣିମା କହଁର ପ୍ରମୁଖ ସାମିଲ ଥିଲେ।



ଜବତ ହୋଇଥିବା କୋରେକ୍ସ ବୋତଲ ସହ ଅବକାରୀ ବିଭାଗ କର୍ମଚାରୀ।

# ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ

**ଖଡିଆଳ ଏନ୍‌ଏସି,୩।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଲୋହରାପାଲି ହାଇସ୍କୁଲ ପରିସରରେ ଖଡିଆଳ ବନବିଭାଗ ତରଫରୁ ୭୦ତମ ଜିଲାସ୍ତରୀୟ ବନମହୋତ୍ସବ ସପ୍ତାହ ପାଳିତ ହୋଇଛି । ଖଡିଆଳ ବନ ବିଭାଗ କାର୍ଯ୍ୟାଳୟ ପରିସରରୁ ସ୍କୁଲ ଛାତ୍ରୀଛାତ୍ର ଓ ବନ କର୍ମଚାରୀମାନେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଖଡିଆଳ ସହର ପରିକ୍ରମା କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ଲୋକଙ୍କୁ ବୃକ୍ଷରୋପଣ ଏବଂ ଜଙ୍ଗଲ ସୁରକ୍ଷା ଦିଗରେ ସଚେତନ କରିଥିଲେ। ଲୋହରାପାଲି ପଞ୍ଚାୟତ ହାଇସ୍କୁଲ ପରିସରରେ ଖଡିଆଳ ବନବିଭାଗ ରେଞ୍ଜର ସଦାନନ୍ଦ ସୁନାନୀଙ୍କ ଅଧ୍ୟକ୍ଷତାରେ ୭୦ତମ ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳନ ସହ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଖଡିଆଳ ଡିଏଫଓ ଖୁସବନ୍ତ ସିଂ, ଖଡିଆଳ ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବର, ଭାନୁପ୍ରତାପ ସିଂ ମାଝି, ଡ. ମେଜର ରାମଚନ୍ଦ୍ର ମିଶ୍ର, ସାମାଜିକ କର୍ମୀ ଜୟନ୍ତ ଚଲାନ, ଲୋହରାପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଭାଗୀରଥି ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଉପକାରିତା ଓ ପରିବେଶ ସୁରକ୍ଷା ଉପରେ ଲୋକଙ୍କୁ ସଚେତନତା କରାଇଥିଲେ । ପରେ ସମସ୍ତେ ହାଇସ୍କୁଲ ପରିସରରେ ସାମୁହିକ ବୃକ୍ଷରୋପଣ କରିଥିଲେ । ଚଳିତବର୍ଷ ଖଡିଆଳ ବନଖଣ୍ଡ ତରଫରୁ ଜିଲାବ୍ୟାପୀ ପ୍ରାୟ ୨ ଲକ୍ଷ ଚାରା ବୃକ୍ଷରୋପଣ କରାଯିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଅବସରରେ ଉଲ୍ଲେଖନୀୟ ଜଙ୍ଗଲ ସୁରକ୍ଷା ପାଇଁ ସିନାପାଲି ବ୍ଲକ ଚଚରାଭଟା ଗାଁର ବନ ସୁରକ୍ଷା ସମିତିକୁ ପୁରସ୍କୃତ କରିବା ସହ ୨୦ ହଜାର ଟଙ୍କା ଚେକ ପ୍ରଦାନ କରାଯାଇଛି । ସେହିଭଳି ଡିବେଟ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ସହ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଥିଲା ।



ବନ ମହୋତ୍ସବ ସପ୍ତାହ ପାଳନରେ ସଚେତନତା ଶୋଭାଯାତ୍ରା ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHARITRI Career appointment Every Wednesday and Saturday

DHANLAXMI FINANCE COMPANY
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

See Color Display Classified on every Tuesday & Friday

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୪ ଜୁଲାଇ,୨୦୧୯



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ



### ବାଇକ୍‌ରୁ ଛିଟିକି ପଡି ଜଣେ ମୃତ

**ଗୋଲାମୁଣ୍ଡା,୩।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ବିଜୁ ଏକ୍ସପ୍ରେସ୍ ୱେ ବୃନ୍ଦବାହାଲ ନିକଟରେ ବୁଧବାର ଅପରାହ୍ନରେ ବାଇକ୍‌ରୁ ଛିଟିକି ପଡି ଜଣେ ଆରୋହୀଙ୍କ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ମୃତକ ଜଣକ ହେଲେ କନଟିକାନି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଜଉବନ ଭରାସଗ୍ରିଆ। ସେ ନିଜ ଗ୍ରାମରୁ କୌଣସି କାମ ପାଇଁ ବୃନ୍ଦାବାହାଲକୁ ଯାଉଥିଲେ । ଏହି ସମୟରେ ବୃନ୍ଦବାହାଲ ନିକଟ ଶ୍ରୀରାମପଡା ନିକଟରେ ବାଇକ୍‌ରୁ ଭାରସମ୍ୟ ହରାଇ ରାସ୍ତା କଡରେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଘଟଣାସ୍ଥଳରେ ଗୋଲାମୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି ।



■ ମିଲ୍‌କୀ ଅଞ୍ଚଳର ସମସ୍ୟା

### କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କଲେ ବିରୋଧୀ ଦଳ ନେତା

**ଭବାନୀପାଟଣା,୩।୭(ଡି.ଏନ.ଏ.):** ଭବାନୀପାଟଣା ସଦର ବ୍ଲକ ବୋର୍ଡା ମିଲ୍‌କୀ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି। ବୋର୍ଡା ଅଞ୍ଚଳର ସେଁପୁରରୁ ଟିଟିଲାଗଡକୁ ଜାତୀୟ ରାଜପଥ ନିର୍ମାଣ, ମାଦିଗୁଡା ଭାଦୁରପଦର ଘାଟର ତେଲ ନଦୀ ଉପରେ ସେତୁ ନିର୍ମାଣ, ମସିଗାଁଠାରେ ପ୍ରସ୍ତାବିତ ଉଦନ୍ତୀ ନଦୀରେ ବ୍ୟାରେଜ ନିର୍ମାଣ ନେଇ ଦାବି ଉପସ୍ଥାପନ କରିଥିଲେ। ଏହାଛଡା ବୋର୍ଡାରେ ନୂତନ ବ୍ଲକ କାର୍ଯ୍ୟାଳୟ ଓ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ସ୍ଥାପନ, ପିଆଜ, ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀ, ଜଳ ସମ୍ପଦ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ କେନ୍ଦ୍ର ଏମଏସଏମି ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି। ସାକ୍ଷାତ ସମୟରେ ବୋର୍ଡା ଜିଲା ପରିଷଦ ସଭ୍ୟ ପ୍ରତିନିଧି ବିଭିଷଣ ସାହୁ ଉପସ୍ଥିତ ଥିଲେ।

■ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଆସୁଥିବା ଅନୁଦାନରେ ହେରଫେର

# କଣ୍ଟିନ୍‌ଜେନ୍ସି ଫଣ୍ଡରେ ଦୁର୍ନୀତି ଅଭିଯୋଗ

**ଜୁନାଗଡ,୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) କାର୍ଯ୍ୟାଳୟକୁ ସର୍ବଶିକ୍ଷା ଅଭିଯାନ (ଏସ୍‌ଏସ୍‌ଏ) ପକ୍ଷରୁ ଆସୁଥିବା କଣ୍ଟିନଜେନ୍ସି ଫଣ୍ଡରେ ଦୁର୍ନୀତି ହୋଇଥିବା ଜଣାପଡିଛି। ବିନା କୋଟେଶନ, ଭାଟ ବିଲ ନ ଥିବା ଓ କମ୍ ଦରରେ ସାମଗ୍ରୀ କିଣି ଚଢା ଦରରେ ବିଲ ପ୍ରସ୍ତୁତ କରି ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ (ଆରଟିଆଇ)ରେ ଏହି ତଥ୍ୟ ହସ୍ତଗତ ହୋଇଛି। ଏଥିରେ ସ୍ଥାନୀୟ ବିଇଓ ଓ ବିଆରସିସିଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

ପ୍ରାପ୍ତସୂଚନାରୁପ୍ରକାଶ ଯେ, ଜୁନାଗଡ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ କଣ୍ଟିନଜେନ୍ସି ଫଣ୍ଡ ବାବଦକୁ ଗତ ୨୦୧୪-୧୫ରେ ୫୦ ହଜାର,୨୦୧୫-୧୬ରେ ୫୦ହଜାର, ୨୦୧୬-୧୭ରେ ୫୦ ହଜାର, ୨୦୧୭-୧୮ରେ ୫୦ ହଜାର, ୨୦୧୮-୧୯ରେ ୫୦ ହଜାର ମୋଟ ୫ ବର୍ଷରେ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଆସିଥିଲା। ବିଇଓ ଅଫିସ ପକ୍ଷରୁ କିଣାଯାଇଥିବା ସାମଗ୍ରୀର ମୂଲ୍ୟ ବଜାରରେ କମ୍ ଟଙ୍କା ଥିବାବେଳେ ଅଧିକାରୀ ଓ ଦୋକାନ ମାଲିକ ଚକ୍ରାନ୍ତ କରି କମ୍ ଦର ଥିବା ସାମଗ୍ରୀକୁ ଚଢା ଦର କରି ବିଲ ଦର୍ଶାଇ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି। ଏପରିକି ବିଭାଗୀୟ ଅଧିକାରୀ ଯେଉଁ ଦୋକାନରୁ ସାମଗ୍ରୀ କିଣିଛନ୍ତି ସେହି ଦୋକାନକୁ ଫୋନ କଲେ ମଧ ସେହି ସାମଗ୍ରୀକୁ କମ୍ ମୂଲ୍ୟ କହୁଛନ୍ତି। ଯାହାକି ତଦନ୍ତ ସାପେକ୍ଷ ଅଟେ। ଅନ୍ୟପକ୍ଷରେ, ଜୁନାଗଡ ସହରରେ ଅନେକ କମ୍ପ୍ୟୁଟର, ପ୍ରିଣ୍ଟର ସାମଗ୍ରୀ ପାର୍ଟ୍ସ ବିକ୍ରୟ ଦୋକାନ ଥିଲେ ମଧ ସେଠାରୁ ସାମଗ୍ରୀ କିଣା ନ ଯାଇ ଭବାନୀପାଟଣା ସହରର ଏକ ଦୋକାନରୁ ପ୍ରାୟ ସମୟରେ ସାମଗ୍ରୀ କିଣିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ବହୁ ସାମଗ୍ରୀର କୋଟେସନ ନ ଥିବାବେଳେ କିଣା ଯାଇଥିବା ସାମଗ୍ରୀର ବିଲ ଭାଉଚରରେ ସରକାରୀ ଭାବେ ଭାଟ ବିଲ ନ ଥିବା ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏହାର ଏକ ଭିଜିଲାନ୍ସ ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡିବ ବୋଲି ସାଧାରଣରେ ଦାବି ହୋଇଛି। ଏ ନେଇ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ କିଣାଯାଇଥିବା କଣ୍ଟିନଜେନ୍ସି ଫଣ୍ଡରେ କୌଣସି ଅନିୟମିତତା ହୋଇନାହିଁ। ସାମଗ୍ରୀର ମୂଲ୍ୟ ଯେତିକି ସେତିକି ବିଲ କରାଯାଇଛି ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ ଯଦି ଘଟଣାଟି ସତ ହୁଏ, ତାହା ହେଲେ ଏହାର ତଦନ୍ତ କରି ବିଇଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦବି ହୋଇଛି।




ଜୁନାଗଡ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ।

**ଜୁନାଗଡ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ**

- ବିନା କୋଟେଶନ, ଭାଟ୍ ବିଲ ନ ଥାଇ କମ୍ ମୂଲ୍ୟର ସାମଗ୍ରୀକୁ ଅଧିକ ଦର୍ଶାଯାଇଥିବା ଅଭିଯୋଗ
- ସନ୍ଦେହରେ ବିଇଓ, ବିଆରସିସିଙ୍କ ଭୂମିକା, ଭିଜିଲାନ୍ସ ତଦନ୍ତ ଦାବି
- ସୂଚନା ଅଧିକାର ଆଇନରୁ ଜଣାପଡ଼ିଛି

■ ପୋଖରୀ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

## କଳାହାଣ୍ଡି ଭିଜିଲାନ୍ସ ବିଭାଗର ତଦନ୍ତ

**କର୍ଲାମୁଣ୍ଡା,୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ପୋଖରୀ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଛି। ଏହା ପରେ କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ ସୋମବାର ରିଞ୍ଜା ପଞ୍ଚାୟତକୁ ଯାଇ ତଦନ୍ତ କରିଥିବା ଜଣାଯାଇଛି। ରିଞ୍ଜା ପଞ୍ଚାୟତ ଟକାରୁମାଲ ଗାଁର ସାଧୁକଟା ଉନ୍ନତୀକରଣ ପାଇଁ ରାଜ୍ୟ ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ପୋଖରୀର ମାଟି ହିଡରେ ନ ପଡି ଅନ୍ୟତ୍ର ପକାଯାଇଥିବା ତଥା ଅନ୍ୟାନ୍ୟ ବନ୍ଧକଟା କାମରେ ମଧ ଅନିୟମିତତା ହେଉଥିବା ନେଇ ଜୟପୁର ଭିଜିଲାନ୍ସ ଏସପିଙ୍କଠାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ଅନୁସାରେ ବନ୍ଧର ମାଟି ପୋଖରୀ ହୁଡା ପରିବର୍ତ୍ତେ ମାଟି ଟ୍ରାକ୍ଟର ମାଧ୍ୟମରେ ବିକ୍ରୟ କରାଯାଇଥିବା ସହ ବଜାର ପଡିଆ ଏବଂ ହାଇସ୍କୁଲ ପଡିଆରେ ପକାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ କରାଯାଇଛି। ଅପରପକ୍ଷରେ ରିଞ୍ଜା ଗ୍ରାମପଞ୍ଚାୟତ ସରପଞ୍ଚ ଭୋଜବନ୍ତି ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ କାର୍ଯ୍ୟର ଅନିୟମିତତାକୁ ସେ ଦୃଢ ଭାବେ ଖଣ୍ଡନ କରିବା ସହ ମୋ ନାଁରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ଗ୍ରାମପଞ୍ଚାୟତର ଉନ୍ନତି କାର୍ଯ୍ୟକୁ କିଛି ବ୍ୟକ୍ତି ସହି ନ ପାରି ମୋତେ ବଦନାମ କରିବାକୁ ଅପଚେଷ୍ଟା କରୁଛନ୍ତି, ଯଦି ଦୁର୍ନୀତି ହୋଇଛି ତେବେ ଭିଜିଲାନ୍ସ ତଦନ୍ତ ସରିଛି ସତ୍ୟ ନିଶ୍ଚିତ ଭାବେ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି ।

**ରିଞ୍ଜା ପଞ୍ଚାୟତ**



ପୋଖରୀ ମାଟି ହିଡରେ ନ ପଡି ଅନ୍ୟତ୍ର ପକାଯାଇଛି।



କାଦୁଅ ଭର୍ତ୍ତିରେ କୋକସରା ସାପ୍ତାହିକ ହାଟ ପରିସର।

## କାଦୁଅରେ ଭର୍ତ୍ତି କୋକସରା ସାପ୍ତାହିକ ହାଟ

**କୋକସରା,୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ମୁଖ୍ୟାଳୟରେ ପ୍ରତି ବୁଧବାର ବସୁଥିବା ସାପ୍ତାହିକ ହାଟ ଅବ୍ୟବସ୍ଥା ଯୋଗୁ ଗ୍ରାହକ ଓ ବ୍ୟବସାୟୀ ଅସୁବିଧା ଭୋଗୁଛନ୍ତି। କୋକସରା ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ଏହାର ରକ୍ଷାଣବେକ୍ଷଣ ଦାୟିତ୍ୱରେ ରହିଛନ୍ତି। କିନ୍ତୁ ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀଙ୍କ ଉଦାସିନତା ଯୋଗୁ ବିଭିନ୍ନ ଅସୁବିଧା ଦେଖାଦେଇଛି। ଗତ କିଛି ମାସ ତଳେ କୋକସରା ଗ୍ରାମପଞ୍ଚାୟତ ସିଏଫସି ଅନୁଦାନରୁ ୨ ଲକ୍ଷ ୫୫ ହଜାର ଟଙ୍କା ଅଟକଳରେ ସାପ୍ତାହିକ ବଜାରର ପିଣ୍ଡି କାମ ହୋଇଥିଲା। ନମ୍ନମାନର କାମ ସହ ମାଟିଗୁଡ଼ିକ ଅନ୍ୟତ୍ର ନ ଉଠାଇବାରୁ ଅଳ୍ପ ବର୍ଷାରେ କାଦୁଅ ଭର୍ତ୍ତି ବେହା ସାଙ୍ଗକୁ ବର୍ଷା ପାଣି ଜମି ରହୁଛି। ଏ ନେଇ କୋକସରା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି ଖର୍ସେଲଙ୍କୁ ପଚାରିବାରୁ ପୂର୍ବରୁ ଏହି ବଜାର ମୁଖୀଗୁଡ଼ା ନିୟନ୍ତ୍ରୀତ ବଜାର କମିଟି ଅଧୀନରେ ରହିଥିବା ବେଳେ ଚଳିତବର୍ଷ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି । ଏ ନେଇ ବ୍ଲକ୍ ପଞ୍ଚାୟତ ଅଧିକାରୀ ଦାମୋଦର ବିଶ୍ୱାଳଙ୍କୁ ପଚାରିବାରୁ ଆଗାମି ବ୍ୟୟବରାଦରେ ସାପ୍ତାହିକ ବଜାରର ରକ୍ଷଣାବେକ୍ଷଣା ପାଇଁ ଅନୁଦାନ ଦିଆଯାଇ ମରାମତି କରାଯିବ ବୋଲି କହିଛନ୍ତି ।

## ଧାନ ବିକ୍ରିରୁ ବଞ୍ଚିତ ଚାଷୀ ଉପଜିଲାପାଳଙ୍କୁ ଭେଟିଲେ

**ଭବାନୀପାଟଣା,୩।୭(ଡି.ଏନ.ଏ.)**

ଗତ ରବିବାରଠାରୁ କଳହାଣ୍ଡି ଜିଲାରେ ଧାନ ମଣ୍ଡି ବନ୍ଦ ହୋଇଯାଇଛି। ଫଳରେ ଧାନ ବିକ୍ରି କରିପାରି ନ ଥିବା ବହୁ ଚାଷୀ ସୋମବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ଏହି ମଣ୍ଡି ଉପରେ ନିର୍ଭର କରୁଥିବା ବିକ୍ରମଗୁଡା, କେବେଡି, ଧର୍ମଗଡ, କାଶୀବାହାଲ, ତାଳପଦର, ବଗାଡ, ବାଗବାହିଲି, ଠନଟ, କୁଟୁରୁ, ଛିଲିପା ଓ ଗୋଡଭଞ୍ଜାର ୨ ଶହ ୭ ଜଣଙ୍କ ଚାଷୀ ୧୫ ହଜାର ୯ ଶହ ୨୧ କୁଇଣ୍ଟାଲ ଧାନ ବିକ୍ରି କରିପାରି ନାହାନ୍ତି। ବିଳମ୍ବରେ ମଣ୍ଡି ଖୋଲିବା ତଥା ମିଲର୍ସ ଓ ଯୋଗାଣ ବିଭାଗ ମଧରେ ସମନ୍ୱୟ ଅଭାବ ଯୋଗୁ ଚାଷୀମାନଙ୍କୁ ଧାନ ବିକ୍ରି ହୋଇପାରି ନ ଥିବା ଅଭିଯୋଗ ହୋଇଛି। ତେବେ ଉପଜିଲାପାଳ ଅନୁପସ୍ଥିତ ଥିବାରୁ ଏକ ଦାବିପତ୍ର ସହଯୋଗୀ ଜିଲାପାଳ ହରେକୃଷ୍ଣ ବରିହାଙ୍କୁ ପ୍ରଦାନ କରିଥିଲେ। ଏହି ଘଟଣା ସମ୍ପର୍କରେ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ଚାଷୀମାନଙ୍କ ତାଲିକା ଓ ସେମାନଙ୍କ କେତେ ଧାନ ବିକ୍ରି କରିବାର ଅଛି ସେ ବିଷୟରେ ଜିଲା ପ୍ରଶାସନକୁ ସୂଚନା ଦିଆଯାଇଛି ଓ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ବୋର୍ଡାରେ ୭୦ ତମ ବନ ମହୋତ୍ସବ ପାଳିତ

**ଭବାନୀପାଟଣା,୩।୭(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ କେଗାଁ ବନାଞ୍ଚଳସ୍ଥିତ ବୋର୍ଡା ବନ ବିଭାଗ ପକ୍ଷରୁ ୭୦ ତମ ବନମହୋତ୍ସବ ବୋର୍ଡା ଜନତା ହାଇସ୍କୁଲ ପରିସରରେ ପାଳିତ ହୋଇଛି। ବୋର୍ଡା ବନପାଳ ବିନୟ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ବଭ୍ରୁବାହାନ ପ୍ରଧାନ, ଶିକ୍ଷକ ପ୍ରଶନ୍ନ ପ୍ରଧାନ, ନିରାକାର ଗହିର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଫରେଷ୍ଟଗାଡ ଦିବନ୍ଧୁ ବାଗ ଓ ଧନଞ୍ଜୟ ନିଆଳ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ବନ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିରଞ୍ଚି ବାଗ, ବିଶିକେଶନ ସୁନା, ଯୁବଚରଣ ସାହୁ, ସୁନିଭା ମଞ୍ଜରି ବାରିକ, ବନ୍ଦନା ଭୋଇ ପ୍ରମୁଖ ସହଯୋଗ କରିଥିଲେ।




ବନମହୋତ୍ସବ ପାଳିତ ଅବସରରେ ସାମିଲ ଛାତ୍ରୀଛାତ୍ରଙ୍କ ସହ ଅତିଥି ।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ପଲିଥିନ୍ ବର୍ଜନ କର୍ମଶାଳା

**ଭବାନୀପାଟଣା,୩।୭(ଡି.ଏନ.ଏ.)**

ସ୍ଥାନୀୟ ସ୍ୱାମୀ ବିବେକା ନନ୍ଦ ପବ୍ଲିକ ସ୍କୁଲ ପରିସରରେ ଗତ ମଙ୍ଗଳବାର ପଲିଥିନ୍ ବର୍ଜନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ଶିବରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସାମାଜିକ କର୍ମୀ ଶ୍ୟାମସୁନ୍ଦର ପଣ୍ଡା, ହାଡିବନ୍ଧୁ ନାୟକ ଓ ଶିକ୍ଷୟିତ୍ରୀ ସାଗରିକା ଦାସ ଅତିଥି ଭାବରେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ପଲିଥିନ୍ ବର୍ଜନ କରିବା ସହ ଗଛ ଲଗାଇ ପରିବେଶ ସୁରକ୍ଷା ରଖିବା ଓ ନିର୍ମଳ, ସୁସ୍ଥ ସମାଜ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ ଯୋଗଦେଇଥିବା ବେଳେ ଶିକ୍ଷକ ଦକ୍ଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ସମସ୍ୟାରେ ଉଛୁଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ଛାତରୁ ଗଳୁଛି ପାଣି, ଶୌଚାଳୟ ନାହିଁ

**କେଗାଁ,୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଆଦିବାସୀ ଓ ହରିଜନ ବହୁଳ ଉଛୁଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନେକ ସମସ୍ୟା ଦେଖାଦେଇଛି। ୧୯୬୬ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ସମୁଦାୟ ୨୧୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେମାନଙ୍କ ମଧ୍ୟରେ ଛାତ୍ରୀ ସଂଖ୍ୟା ୧୦୮ ଏବଂ ଛାତ୍ର ସଂଖ୍ୟା ୧୦୯ ରହିଛି। ଶିକ୍ଷାଦାନ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ ଥିଲେ ସୁଦ୍ଧା ଶ୍ରେଣୀ କୋଠାଗୁଡିକ ବହୁପୁରାତନ ହୋଇ ଗଲାଣି। ବିଦ୍ୟାଳୟ ନିର୍ମାଣ ଦିନଠାରୁ କୋଠାର ମରାମତି ହୋଇ ନ ଥିବାରୁ ଛାତରୁ ସିମେଣ୍ଟ କଂକ୍ରିଟ ଖସି ପଡୁଥିବା ବେଳେ ଛାଡ ବାହାରିବାକୁ ଲାଗିଲାଣି। ବର୍ତ୍ତମାନ ଅଳ୍ପ ବର୍ଷାରେ ଛାତରୁ ପାଣି ଗଳୁ ଥିବାରୁ ଛାତ୍ରୀଛାତ୍ର କୋଠାରେ ବସି ପାଠ ପଢିବା ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ଏଥିପାଇଁ ବର୍ଷା ଦିନରେ ବିଦ୍ୟାଳୟରେ ଛାତ୍ରୀଛାତ୍ର ଉପସ୍ଥାନ କମୁଥିବା ଜଣାପଡିଛି। ଏତେ ସଂଖ୍ୟକ ଛାତ୍ରୀଛାତ୍ର ଥିଲେ ସୁଦ୍ଧା ବିଦ୍ୟାଳୟ ପରିସରରେ ଶୌଚାଳୟ ନ ଥିବାବେଳେ ବିଶେଷ କରି ଛାତ୍ରୀମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଛାତ୍ରୀମାନେ ଶୌଚ ପାଇଁ ନିଜ ଘରକୁ ଆସୁଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ପୂର୍ବତନ ପ୍ରଧାନଶିକ୍ଷକ ଥିବା ସମୟରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ତାହା ସମ୍ପୂର୍ଣ୍ଣ ନ ହୋଇ ପଡିରହିଛି। ଏପରିକି ବିଦ୍ୟାଳୟର ରୋଷେଇ ଘର ମଧ ବିପଦ ସଙ୍କୁଳ ଅବସ୍ଥାରେ ଅଛି। ରୋଷେଇ ଘରୁ ମଧ ପାଣି ଗଳୁଛି । ବିଦ୍ୟାଳୟ ଚାରିପାଖରେ ବାଡ ନ ଥିବାରୁ ଅନେକ ସମୟରେ ଗୃହପାଳିତ ପଶୁ ପରିସର ଭିତରେ ପଶୁଥିବା ଜଣାପଡିଛି। ପ୍ରଧାନ ଶିକ୍ଷକ ସ୍ୱାରାଜ ବାଗ ଗତ ୨୦୧୭ରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବିଦ୍ୟାଳୟକୁ ରଙ୍ଗ ଦେଇ କିଛି ମରାମତି କାର୍ଯ୍ୟ କରିବା ସହ ବିଦ୍ୟାଳୟ ଚାରିପଟେ ବାଉଁଶ ବାଡ ଦେଇଥିଲେ । ତାହା ଏବେ ଭାଙ୍ଗିରୁଚି ଗଲାଣି । ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସଂକ୍ରାନ୍ତରେ ବାରମ୍ବାର ଜଣାଉଥିଲେ ସୁଦ୍ଧା କିଛି ସୁଫଳ ମିଳୁ ନ ଥିବା ବିଦ୍ୟାଳୟ ପରିଚାଳନା କମିଟି ଅଭିଯୋଗ କରିଛି। ଏ ଦିଗରେ ଶିକ୍ଷା ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଭିଭାବକ ମହଲରୁ ଦାବି ହେଉଛି।

**ବିଦ୍ୟାଳୟ ରୋଷେଇ ଘର ବିପଦସଙ୍କୁଳ**

**ଛାତରୁ ସିମେଣ୍ଟ କଂକ୍ରିଟ ଖସି ପଡୁଛି**




ଉଛୁଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ।

■ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ

## ୮୬୫୦୪.୧୩୭ ହେକ୍ଟର ଜମି ଜଳସେଚିତ ହେବ

**ଭବାନୀପାଟଣା,୩।୭(ଡି.ଏନ.ଏ.)**

ଇନ୍ଦ୍ରାବତୀରୁ ଖରିଫ ଚାଷ ଲାଗି ଜଳସେଚନ ପାଇଁ ସମସ୍ତ ପ୍ରସ୍ତୁତି ବୃତାନ୍ତ ରୂପରେଖା ସାରିଥିବାବେଳେ ଏବେ ଜୁନ୍ ୧ରୁ ବର୍ଷା ଉଭାନ ହୋଇଥିବାରୁ ଚାଷୀଙ୍କ ମଧରେ ଆଶଙ୍କା ବଢିବାରେ ଲାଗିଛି । ଇନ୍ଦ୍ରାବତୀ ଜଳଭଣ୍ଡାର ଜଳସ୍ତର ଅନେକ ପରିମାଣରେ ଖସି ସାରିଥିବାବେଳେ ମୌସୁମୀ ବର୍ଷା ନ ହେଲେ ଜଳସେଚନ କେମିତି ଜାରି ରଖାଯିବ ବୋଲି ଚାଷୀଙ୍କ ମନରେ ପ୍ରଶ୍ନ ଆଙ୍କି ସାରିଲାଣି । ଗତ କିଛି ଦିନ ହେବ ମଙ୍ଗଳପୁରସ୍ଥିତ ହାତୀ ବ୍ୟାରେଜର ସମସ୍ତ ଗେଟ୍‌କୁ ବନ୍ଦ କରାଯାଇ ଜଳସେଚନ ପାଇଁ ଜଳ ସଂରକ୍ଷଣ କରାଯାଉଥିବା ପ୍ରକାଶ। ଜୁନ୍ ୧ ତାରିଖରୁ ଇନ୍ଦ୍ରାବତୀ ବାମ ଓ ଦକ୍ଷିଣ କେନାଲରୁ ୨୦୧୯ ଖରିଫ ଚାଷ ପାଇଁ ଜଳସେଚନ ଆରମ୍ଭ କରାଯିବ ବୋଲି ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି। ଇନ୍ଦ୍ରାବତୀ ପ୍ରକଳ୍ପରୁ ଜଳସେଚନ ବ୍ୟବସ୍ଥା ୮୬୫୦୪.୧୩୭ ହେକ୍ଟର ଜମିରେ ଜଳସେଚନ ହେବା ଲକ୍ଷ୍ୟ ରଖାଯାଉଥିବା ବେଳେ କେନାଲଗୁଡ଼ିକର ଦୁରବସ୍ଥା ଯୋଗୁ ଖରିଫ ସମୟରେ ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ଫଳରେ ବର୍ଷାଭାବ ସମୟରେ କେନାଲ ପାଣି ଉପରେ ନିର୍ଭର କରୁଥିବା ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନ୍ୟପକ୍ଷରେ ଇନ୍ଦ୍ରାବତୀ ଜଳ ଭଣ୍ଡାର ଇନ୍‌ଟେକ୍ ୱେଲ୍ ସମ୍ମୁଖରେ ହାରାହାରି ୩ ମିଟର ପଙ୍କ ଜମା ହୋଇଥିବା ଘଟଣାକୁ ସମ୍ପୃକ୍ତ କର୍ତ୍ତୃପକ୍ଷମାନେ ସହମତି ପ୍ରକାଶ କରୁଥିଲେ ମଧ ତା ସମ୍ପର୍କରେ କିଛି ତଥ୍ୟ ପ୍ରକାଶ ନ କରି ପଙ୍କ ଉଦ୍ଧାର ପରିବର୍ତ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଦେଖାଇ ଇନ୍ଟେକ ସମ୍ମୁଖରୁ କିଛି ଝାଟିମାଟି ସଫା କରି ଦାୟିତ୍ୱ ନିର୍ବାହ କରିଦେଉଥିବା ଅଭିଯୋଗ ହେଉଛି। ଗତ ରବିବାର ଜଳଭଣ୍ଡାର ଜଳପତନ ୬୨୭.୪୦ ମିଟର ଥିଲେ ସୁଦ୍ଧା ୩ ମିଟର ପଙ୍କୁ ବାଦ୍ ଦେଲେ ଜଳପତନ ଅନ୍ତିମ ଡେଡ୍ ଷ୍ଟୋରେଜ୍ ଲେଭୁଲ୍‌ରେ ପହଞ୍ଚି ସାରିଥିବା ଜଣାପଡିଛି । ଆଗକୁ ବଡ ଧରଣର ମୌସୁମୀ ବର୍ଷା ନ ହେଲେ ଇନ୍ଦ୍ରାବତୀ ପ୍ରକଳ୍ପରୁ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବାର ଆଶଙ୍କା କରାଯାଇଛି। ଏ ସଂକ୍ରାନ୍ତରେ ଓଏଚପିସି ମହାପ୍ରବନ୍ଧକ ଆଶିଷ ମହାନ୍ତିଙ୍କୁ ପଚାରିବାରୁ ଇନ୍ଦ୍ରାବତୀରୁ ବିଦ୍ୟୁତ୍ ଉତ୍ପାଦନ କମାଇ ଦିଆଯାଇ ଜଳସେଚନ ପାଇଁ ଜଳ ଗଚ୍ଛିତ ରଖାଯାଇଛି ବୋଲି ପ୍ରକାଶ କରିଥିଲେ । ଏବେ ପ୍ରାରମ୍ଭିକ ଜଳସେଚନ ପାଇଁ ଉଭୟ କେନାଲରେ ୫୦ କ୍ୟୁମେକ୍ସ ପାଣି ଅର୍ଥାତ୍ ୧୫୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିବା ବେଳେ ଗତ ୨୯ ତାରିଖରେ ମୋଟ ୩୮.୪୫୮ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇଥିବା ଜଣାପଡିଛି। ମୌସୁମୀ ନ ଆସିବା ପର୍ଯ୍ୟନ୍ତ ଚାଷ କାର୍ଯ୍ୟକୁ ଆଗେଇ ନେବାରେ ଜଳସେଚନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇପାରେ ବୋଲି ବିଭିନ୍ନ ମହଲରୁ ପ୍ରକାଶ ପାଉଛି। ଖରିଫରେ ଉଭୟ ବାମ ଓ ଦକ୍ଷିଣ କେନାଲ ମାଧ୍ୟମରେ ଜୟପାଟଣା ବ୍ଲକ ୧୫୬୮୬.୮୪୭ ହେକ୍ଟର, କଲମପୁର ୧୦୯୫୬.୧୪୬ ହେକ୍ଟର, ଜୁନାଗଡ ୩୩୭୨୬.୦୩୫ ହେକ୍ଟର, କୋକସରା ୧୯୭୧.୦୫୧ ହେକ୍ଟର, ଧର୍ମଗଡ ୧୭୨୧୯.୧୯୫ ହେକ୍ଟର ଓ ଗୋଲାମୁଣ୍ଡା ବ୍ଲକର ୫୩୭୮.୫୫୬ ହେକ୍ଟର ଅର୍ଥାତ୍ ମୋଟ ୮୪୯୦୭.୯୩୭ ହେକ୍ଟର ଜମିରେ ଜଳଯୋଗାଣ କରାଯିବ। ଜଳସେଚନକୁ ତ୍ୱରାନ୍ୱିତ କରିବା ପାଇଁ ହାତୀ ବ୍ୟାରେଜରୁ ଜଳ ସଂଗ୍ରହ କରାଯାଇ ମୋଟ ସର୍ବୋଚ୍ଚ ସୀମା ୨୬୫ ମିଟର ଥିବାବେଳେ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା ୨୫୯.୩୦ ମିଟରରେ ପହଞ୍ଚି ସାରିଥିବା ଜଣାପଡିଛି।



ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ।

**ଚଳିତ ଖରିଫ ଚାଷ ଲାଗି**



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୩।୭ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ ୧୦ନଂ. ରାଜ୍ୟ ରାଜପଥର ଝଗରପୁର ଓସିଏଲ ଏଲଭି ପ୍ରସାଦ ଚକ୍ଷୁକେନ୍ଦ୍ରର ସମ୍ମୁଖରେ ଜଣେ ଅଜଣା ବ୍ୟକ୍ତିଙ୍କୁ ପୋଲିସ ବୁଧବାର ଭୋର ଉଦ୍ଧାର କରି ଡାକ୍ତରଖାନା ନେଇଥିବାବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଛି। କୌଣସି ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଭୋର ୩ଟାରେ ରାଜଗାଙ୍ଗପୁର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଝଗରପୁର ପାଖରେ ରାଜପଥରେ ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ପୋଲିସ ତୁରନ୍ତ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ନେଇ ଯାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ବେଳେ ଚିହ୍ନଟ ପାଇଁ ୭୨ ଘଣ୍ଟା ସରକାରୀ ଡାକ୍ତରଖାନାରେ ରଖାଯିବ ବୋଲି ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ପ୍ରକାଶ କରିଛନ୍ତି।

### ଟିପ୍ପର ତଳେ ପଶିଗଲା ବାଇକ୍: ୨ ଆହତ

**ଲହୁଣୀପଡା, ୩।୭ (ଡି.ଏନ.ଏ):** କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଜାମଡିହିଠାରେ ଟିପ୍ପର ଧକ୍କାରେ ଦୁଇ ବାଇକ୍ ଆରୋହୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। କୋଇଡା ଖଣି ଅଞ୍ଚଳର ଲୁହାପଥର ବୋଝେଇ କରି ଓଆର୍ ୧୪ ଏସ ୭୫୮୯ ଟିପ୍ପର ଲହୁଣୀପଡା ପଟେ ଆସୁଥିଲା। ବିପରୀତ ଦିଗରୁ ବାଇକ ଓଡି ୧୪ ଏମ- ୪୨୨୮ରେ ଦୁଇଜଣ ଯୁବକ ଯାଉଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ ଆରୋହୀ ବୁଧୁନ କୁମ୍ଭାର (୩୦), ଟିକେଶ୍ୱର ସିଂ (୨୦) ଛିଟିକି ପଡିଥିବାବେଳେ ବାଇକ୍ ଟିପ୍ପର ତଳେ ପଶି ଯାଇଥିଲା। ବାଇକ ଆରୋହୀ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ମଧ ଆହତ ହୋଇଥିଲେ। ଆହତ ଦୁଇଜଣଙ୍କୁ ପ୍ରଥମେ ଲହୁଣୀପଡା ଡାକ୍ତରଖାନା ଓ ପରେ ବଣାଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ଆହତ ଦୁଇଜଣ ମଞ୍ଜାବେଡା ଗ୍ରାମର ବୋଲି ଜଣାଯାଇଛି।

# ପେଟ୍ରୋଲ ପମ୍ପ ଡକାୟତି ଘଟଣାରେ ୪ ଗିରଫ

**ବଡ଼ଗାଁ, ୩।୭ (ଡି.ଏନ.ଏ)**

ବଡଗାଁ ନିକଟ ମରଚିମୁଣ୍ଡା ସ୍ଥିତ ଆଭା ପେଟ୍ରୋଲ ପମ୍ପରେ ଡକାୟତି ଘଟଣାରେ ବୁଧବାର ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଖ୍ୟାତ ଅପରାଧି ଡୁମଲିଆ ଗ୍ରାମର ରାଜୁ ଆପଟ (୩୨), ରାଜଗାଙ୍ଗପୁର ବଗିଚାପଡାର ଅମିତ ତିୱାରୀ (୩୧), ଡୁମଲିଆ ଗ୍ରାମର ରଞ୍ଜିତ ପ୍ରଧାନ (୩୨) ଓ ବଡଗାଁ ଥାନା ଅଧିନ ପଦମପୁର ଗ୍ରାମର ଶରତ ରାଉତ (୧୮)। ଅନ୍ୟ ଜଣେ ଫେରାର ଥିବା ପୋଲିସ କହିଛି। ଗିରଫ ୪ଜଣଙ୍କ ମଧ୍ୟରୁ ଜଣଙ୍କୁ ପଚରାଉଚରା ପାଇଁ ବଡ଼ଗାଁରୁ ସୁନ୍ଦରଗଡ଼କୁ ପୋଲିସ ମୁଖ୍ୟାଳୟକୁ ନିଆଯାଇଛି। ଏମାନେ କିଛି ଦିନ ପୂର୍ବେ ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା କରିଥିଲେ।



ପେଟ୍ରୋଲ ପମ୍ପ ଡ଼କାୟତି ଘଟଣାରେ ଗିରଫ ଅଭିଯୁକ୍ତମାନେ।

ଅମିତ ତିୱାରୀ ୨ଟି ପିସ୍ତଲ ଓ ୪ଟି ଗୁଳି ଆଣିଥିଲେ । ଯୋଜନା ମୁତାବକ ସୋମବାର ରାତି ୧୦ଟାରେ ପେଟ୍ରୋଲ ପମ୍ପକୁ ଆସି ଶହେ ଟଙ୍କାର ପେଟ୍ରୋଲ ଭର୍ତ୍ତି କଲାପରେ ମୋବିଲ ଦେବାକୁ କହିଥିଲେ। ପେଟ୍ରୋଲ ପମ୍ପର କର୍ମଚାରୀ ମୋବିଲ ଆଣିବାକୁ କାଉଣ୍ଟରକୁ ଗଲାବେଳେ ସେଠାରେ ତାଙ୍କୁ ପିସ୍ତଲ ଦେଖାଇବା ସହ ମାଡ ମାରି ୧ଲକ୍ଷ ଟଙ୍କା ଲୁଟି ନେଇଥିଲେ। ସେତେବେଳେ ଏହି ଡ଼କାୟତି ଘଟଣାରେ ୫/୬ଜଣ ସମ୍ପୃକ୍ତ ଅଛନ୍ତି ବୋଲି ପୋଲିସ ଅନୁମାନ କରିଥିଲା। ଘଟଣା ପରେ ଜିଲା ପୋଲିସ ଅଧିକାରୀମାନେ ତନାଘନା ତଦନ୍ତ ଆରମ୍ଭ କରିଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରାଜଗାଙ୍ଗପୁର ଏସଡିପିଓ ବିଜୟ କୁମାର ନନ୍ଦ, ବଡଗାଁ ଆଇଆଇସି ସୂର୍ଯ୍ୟକାନ୍ତି ଦାସ, ଜିଲା ଭଲେଣ୍ଟିଆରୀ ଫୋର୍ସ (ଡିଭିଏଫ) ସହିତ ବିଭିନ୍ନ ସ୍ଥାନରେ ତଦନ୍ତ କରି ଶେଷରେ ଡୁମଲିଆ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।



ଅଧକ୍ଷାଙ୍କ ସହିତ ବିଡିଓ ରେଞ୍ଜର ଓ ଥାନା ଅଧିକାରୀ ଚାରାରୋପଣ କରୁଛନ୍ତି।

# ଗଏଲୋଗଡ଼ରେ ୧୭୦ ଚାରା ରୋପଣ

**ବଡ଼ଗାଁ, ୩।୭ (ଡି.ଏନ.ଏ)**

ବଡଗାଁ ମିନି ଷ୍ଟାଡିୟମ ଫୁଟବଲ ଟିମ୍ ଦ୍ୱାରା ବୁଧବାର ବନ ମହୋତ୍ସବ ପାଳିତ ହୋଇଛି। ପ୍ରାତଃରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କ ନେତୃତ୍ୱରେ ଫୁଟବଲ ଟିମର କରନ ବାଗେ, ଦିନେଶ ଟପ୍ପୋ, ଦୀପକ ବାଗେ, ରଞ୍ଜିତ ମଇଲ, କିରନ ହାସଦା, ପିଉଷ ସୁରେନ, ମହେଶ ସାମଟ, ବଡ଼ଗାଁର ରାଜୁ ଦାସ, ଆଲୋକ ପଟ୍ଟନାୟକ, ପୁପଲ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ବସନ୍ତ ଡନସନା, ପ୍ରତିଶ ଅଗ୍ରୱାଲ, ଗଏଲୋଗଡଠାରେ ସମବେତ ହୋଇଥିଲେ। ପରେ ବିଡିଓ କ୍ଷମାନିଧି ଭୋଇ, ଆଇଆଇସି ସୂର୍ଯ୍ୟକାନ୍ତି ଦାସ, ଫରେଷ୍ଟ ରେଞ୍ଜର ବିଜୟ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ବୃକ୍ଷ ଚାରା ରୋପଣ କରିଥିଲେ। ରେଞ୍ଜର ମହାପାତ୍ର ଖେଳାଳିମାନଙ୍କୁ ବୃକ୍ଷ ଚାରା ରୋପଣ କିପରି କରାଯାଏ ପ୍ରତ୍ୟକ୍ଷ ଭାବେ କରି ଦେଖାଇଥିଲେ। ୧୭୦ ଆମ୍ବ, କୃଷ୍ଣଚୁଡା, କରଞ୍ଜ, ନିମ୍ବ ଇତ୍ୟାଦି ଚାରା ରୋପଣ କରିଥିଲେ।

# ଲହୁଣୀପଡ଼ାରେ ରଥଯାତ୍ରା ପ୍ରସ୍ତୁତି

**ଲହୁଣୀପଡା, ୩।୭ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଲହୁଣୀପଡା ବିଡିଓ ଧାନାଇଚରଣ ଟୁଡୁ ଅଧକ୍ଷତା କରିଥିବା ବେଳେ ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ଜଳ ଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ଇନ୍ଦ୍ରମଣୀ ସାହୁ, ଅଗ୍ନିଶମ ବିଭାଗ ଅଧିକାରୀ ଦିନବନ୍ଧୁ ମଲିକ, ଥାନା ଅଧିକାରୀ ପ୍ରେମଜିତ ଦାସ, ଲହୁଣୀପଡା ସରପଞ୍ଚ ଜୁଲିଆନି କାଣ୍ଡିର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କ୍ଷେତ୍ରମୋହନ ଛତ୍ରିଆ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଭୋଳେଶ୍ୱର ପ୍ରଧାନ ଏବଂ ହରିଶଙ୍କର ମହାଦେବ ଓ ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟି ରାଜନ ପ୍ରସାଦ ଜୟସ୍ୱାଲ, ଇସ୍ପାତ ଜୟସ୍ୱାଲ, ମାନିକଲାଲ ଜୟସ୍ୱାଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅତିରିକ୍ତ କମିଶନର ଦେବୋତ୍ତର ବିଭାଗ ସମ୍ବଲପୁରଙ୍କ ଚିଠି ନଂ. ୬୨୦ ଅନୁସାରେ ଲହୁଣୀପଡା ବିଡିଓ ଧାନାଇଚରଣ ଟୁଡୁ ବ୍ୟକ୍ତିଗତ କାରଣ ଯୋଗୁ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ହେତୁ ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା ରଥଯାତ୍ରା ଓ ବାହୁଡାଯାତ୍ରା ଛେରା ପହଁରା କରିବେ। ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।



ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଠାରେ ବୁଧବାର ରଥଯାତ୍ରା ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଓ ଜନସାଧାରଣ ଉପସ୍ଥିତ।

# ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

**ବାଲିଶଙ୍କରା, ୩।୭ (ଡି.ଏନ.ଏ):**

ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ତଲସରା ନିର୍ବାଚନ ମଣ୍ଡଳୀର ବିଧାୟକ ଭବାନୀଶଙ୍କର ଭୋଇ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ସମସ୍ତ ହିତାଧିକାରୀ ଠିକାଦାରଙ୍କୁ ନ ଦେଇ ନିଜେ କଠିନ ପରିଶ୍ରମ କରି ଘର ନିର୍ମାଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବାଲିଶଙ୍କରା ବିଡିଓ ଅଭିମନ୍ୟୁ ବେହେରାଙ୍କ ସଭାପତିତ୍ୱରେ ଚାଲିଥିବା ଏହି ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନରେ ବ୍ଲକର ୧୯ ପଞ୍ଚାୟତର ୨୦ଜଣ ଲେଖାଏଁ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୩୩୩ ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ବାସଗୃହ ପାଇବାର ଆଦେଶ ହୋଇଛି।

# ଚକ୍ଷୁଦାନ ସଜାଗ ଶିବିର ଆୟୋଜିତ

**ରାଜଗାଙ୍ଗପୁର, ୩।୭ (ଡି.ଏନ.ଏ)**

ଡାଲମିଆ ଭାରତ ସିମେଣ୍ଟ ସିଏସଆର ଏବଂ ସଙ୍ଗମ ମହିଳା ମଣ୍ଡଳର ମିଳିତ ଉଦ୍ୟମରେ ଚକ୍ଷୁଦାନର ମହାନତା ବିଷୟରେ ଏକ ଆଲୋଚନାଚକ୍ର ଡାଲମିଆ ସିମେଣ୍ଟ ଅଡିଟୋରିୟମରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଲଭି ପ୍ରସାଦ ଚକ୍ଷୁ କେନ୍ଦ୍ର ଭୁବନେଶ୍ୱରର ଡା, ଅମ୍ରିତା ମହାନ୍ତି ଏବଂ ସଙ୍ଗମ ମହିଳା ମଣ୍ଡର ସଭାନେତ୍ରୀ ସୁନିତା ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପାଖାପାଖି ୩୦୦ ଡାଲମିଆ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର, ୫୦ ଜଣ ଡାଲମିଆ ଭାରତ ସିମେଣ୍ଟର କର୍ମଚାରୀ ଯୋଗଦେଇଥିଲେ । ଡା. ଅମ୍ରିତା ମହାନ୍ତି ଏହି ଅବସରରେ ଚକ୍ଷୁଦାନ ଆବଶ୍ୟକତା ଚକ୍ଷୁ ପରୀକ୍ଷା ଓ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡାଲମିଆ ସିମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ କୁମାର ଗୁପ୍ତା, ସିଏସଆର ବିଭାଗ ମୁଖ୍ୟ ଡ. ନୀଳାଦ୍ରି ପାଢ଼ୀ ଏବଂ ସଙ୍ଗମ ମହିଳା ମଣ୍ଡଳର ସଦସ୍ୟାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଆଲୋଚନାଚକ୍ର ଶେଷରେ ଗୁପ୍ତା ନିଜର ଚକ୍ଷୁଦାନ କରିବା ପାଇଁ ଶପଥ ନେଇଥିଲେ। ତାଙ୍କୁ ଅନୁକରଣ କରି ପ୍ରାୟ ୩୦ ଜଣ ସ୍ୱଇଚ୍ଛାରେ ଚକ୍ଷୁଦାନ କରିବା ପାଇଁ ନିଜର ଇଚ୍ଛା ପ୍ରକାଶ କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHARITRI Career appointment Every Wednesday and Saturday

DHANLAXMI FINANCE COMPANY
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

See Color Display Classified on every Tuesday & Friday

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୪ ଜୁଲାଇ, ୨୦୧୯



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



# ଅଧିକାରୀ ମାନିଲେ ଧାନ ବିହନ ମିଳୁନି

**କୋଲାବିରା,୩।୭(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା କୋଲାବିରା ବ୍ଲକରେ ଚାଷୀଙ୍କୁ ଚାହିଦା ମୁତାବକ ଧାନ ବିହନ ମିଳୁ ନ ଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୃଷି ବିଭାଗ ପକ୍ଷରୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପଟେ ଘରୋଇ ଡିଲରମାନଙ୍କଠାରେ ଧାନ ବିହନ ଉପଲବ୍ଧ ଥିବା ଦେଖିବାକୁ ମିଳୁଛି। ଅନିୟମିତ ବର୍ଷା, ରୋଗପୋକ ସମସ୍ୟାରେ ଜର୍ଜରିତ ଚାଷୀ ବର୍ତ୍ତମାନ ଧାନ ବିହନ ନ ମିଳିବାରୁ ଚିନ୍ତାରେ ପଡିଯାଇଛି। ପ୍ୟାକ୍ସ ପକ୍ଷରୁ ଆବଶ୍ୟକ ପରିମାଣରେ ଧାନ ବିହନ ବିକ୍ରି କରାଯାଉନି। ଏହାର ଫାଇଦା ନେଇ ଘରୋଇ ଡିଲରମାନେ ଚଢା ଦରରେ ଧାନ ବିକ୍ରୟ କରି ମାଲେମାଲ ହେଉଛନ୍ତି। ସରକାରଙ୍କ ପକ୍ଷରୁ ପ୍ୟାକ୍ସ ଜରିଆରେ ଚାଷୀଙ୍କୁ ଧାନ ବିହନ ଯୋଗାଇଦେବାକୁ ନିର୍ଦ୍ଦେଶ ରହିଛି। ହେଲେ ପ୍ୟାକ୍ସ ଓ ଘରୋଇ ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଧାନ ବିହନ ଚଢା ଦରରେ ବିକ୍ରି ହେଉଛି। ବର୍ତ୍ତମାନ ଧଳା ସ୍ୱର୍ଣ୍ଣ, ଲାଲ ସ୍ୱର୍ଣ୍ଣ, ସାଇସ୍ୱର୍ଣ୍ଣା, ୧୦୧୦, ୧୦୦୧, ପ୍ରତୀକ୍ଷା, ଭୂବନ, ରାନି, ଜଗବନ୍ଧୁ, ପୂଜା, ଲଲାଟ, ଯଯାତି, କଳାଜିରା ଆଦି ଧାନ ବିହନର ଚାହିଦା ରହିଛି। ହେଲେ ଏସବୁ ଧାନ ବିହନ ମିଳୁ ନାହିଁ। ଅନ୍ୟପକ୍ଷରେ ଯାହାସବୁ ଧାନ ବିହନ ଅଳ୍ପ ବହୁତ ମିଳିଛି ସେସବୁ ଧାନର ମାନ ନିର୍ଣ୍ଣୟ କରିବା ପାଇଁ କେହି ନ ଥିବାରୁ ନକଲି ବିହନ ବିକ୍ରି କରାଯାଉଛି। ଚଳିତ ଖରିଫ ଋତୁରେ ଧାନ ବିହନ ଗଜା ହେଉ ନ ଥିବା ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଖରିଫ ଧାନ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ବିହନ ମିଳୁ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢିଯାଇଛି। ଅଧିକ ଧାନ ଅମଳକୁ ଦୃଷ୍ଟିରେ ରଖି କୃଷି ବିଭାଗ ତଥା ଏହା ଅଧୀନରେ ଥିବା ଗବେଷଣା ସଂସ୍ଥା ଦ୍ୱାରା ଉନ୍ନତମାନର ବିହନ ସରକାରୀ ଧାର୍ଯ୍ୟ ଦରରେ ଚାଷୀଙ୍କୁ ରିହାତି ସହିତ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ହେଲେ ବର୍ତ୍ତମାନ କୋଲାବିରା ବ୍ଲକରେ ଚାଷୀମାନେ ଆବଶ୍ୟକ ଧାନ ବିହନ ପାଇପାରି ନାହାନ୍ତି। ଏହାର ଫାଇଦା ନେଇ ଘରୋଇ ବେପାରୀମାନେ ଚଢା ଦରରେ ଚାଷୀଙ୍କୁ ଧାନ ବିହନ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସରକାରୀ ଭାବରେ ୨୦ କିଲୋଗ୍ରାମ ଧାନ ବିହନ ବସ୍ତା ପ୍ରତି ୩୨୦ଟଙ୍କା ଥିବା ବେଳେ ବ୍ୟବସାୟୀମାନେ ସେହି ଧାନକୁ ଚଢା ଦରରେ ବିକ୍ରୟ କରୁଛନ୍ତି। ଏ ନେଇ କୋଲାବିରା କୃଷି ଜିଲା ଅଧିକାରୀ ସିବାଷ୍ଟିନ କେରକେଟାଙ୍କୁ ପଚାରିବାରୁ ଧାନ ବିହନ ଯୋଗାଣ ଏବେ ଓଡିଶା ସିଡ୍ସ କର୍ପୋରସନ ଜରିଆରେ ହେଉଛି। ତେବେ କୋଲାବିରା ବ୍ଲକକୁ ୫୦ ପ୍ରତିଶତ ଧାନ ବିହନ ଏ ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ ବୋଲି ସେ ସହମତ ହୋଇଥିଲେ।

# ବୀମା ଟଙ୍କା ପାଇଁ ବ୍ୟାଙ୍କ ଆଗରେ ଚାଷୀ

**ଲଇକେରା,୩।୭(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଇକେରା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଋଣ କରି ୫ଶହରୁ ଊର୍ଦ୍ଧ୍ୱ ଚାଷୀ ଶସ୍ୟ ବୀମା କରିଛନ୍ତି। ହେଲେ ଏବେ ବୀମା ବାବଦ ଟଙ୍କା ପାଇବାରୁ ସେମାନେ ବଞ୍ଚିତ ହୋଇଛନ୍ତି। ୨୦୧୮ ଖରିଫ ଚାଷ ସମୟରେ ଲଇକେରା ଏବଂ କିର୍ମିରା ବ୍ଲକର ୯ଶହରୁ ଅଧିକ ଚାଷୀ ଋଣ ନେଇ ଚାଷ କରିଥିଲେ । ହେଲେ ଚାଷ ଖରାପ ହୋଇଥିଲା। ଏଣୁ ବୀମା କମ୍ପାନୀ ଚାଷୀଙ୍କୁ ବୀମା ଟଙ୍କା ଦେବା ପାଇଁ ଘୋଷଣା କରିଛି। ଏଣୁ ଏ ସମ୍ପର୍କରେ ଅବଗତ ହେବାକୁ ଲଇକେରା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କକୁ ଚାଷୀମାନଙ୍କ ଆସିଥିବାବେଳେ ହାତାଶ ହୋଇଛନ୍ତି। କାରଣ ସମସ୍ତଙ୍କ ଆକାଉଣ୍ଟକୁ ବୀମା ଟଙ୍କା ଆସିନି। ଏ ବାବଦରେ ବ୍ୟାଙ୍କ ମ୍ୟାନେଜର ସଦାନନ୍ଦ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୋଟ ୯୦୮ ଜଣଙ୍କୁ ଖରିଫ ଋତୁ ସମୟରେ ଋଣ ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ୪୦୨ ଜଣଙ୍କ ବୀମା ଟଙ୍କା ଆସିଛି। ତେବେ ନ୍ୟମାନଙ୍କ କାହିଁକି ଆସିନାହିଁ ବୋଲି ପଚାରିବାରୁ ସେ କହିଛନ୍ତି ଯେ, ପୂର୍ବ ବ୍ୟାଙ୍କ ମ୍ୟାନେଜର ଯାହା କରିଥିବେ ସେହି ଅନୁସାରେ ହେଇଥିବ।

## ସଂକ୍ଷେପରେ

### କୃଷକ ବଜାର ସମ୍ମୁଖରୁ ହଟିଲା ଜବର ଦଖଲ

ରାଉରକେଲା ଅଫିସ,୩।୭: ପାନପୋଷ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନରେ ଜବରଦଖଲ ହଟାଯାଇଛି। ମାଜିଷ୍ଟ୍ରେଟ ପ୍ରଦୀପ ତ୍ରିପାଠୀଙ୍କ ଉପସ୍ଥିତିରେ ବେଆଇନ ଭାବେ ଦୀର୍ଘ ଦିନ ଧରି ପାର୍କ କରାଯାଇଥିବା ଗାଡିକୁ କ୍ରେନ ସାହାଯ୍ୟରେ ହଟାଇ ଦିଆଯାଇଛି। ବେଆଇନ ଦୋକନକୁ ମଧ ଭାଙ୍ଗି ଦିଆଯାଇଛି। ସିଭିଲ ଟାଉନସିପଠାରେ ଥିବା କୃଷକବଜାର ସମ୍ମୁଖରେ ଦୀର୍ଘ ଦିନ ହେବ ବେଆଇନ ଗ୍ୟା ରେଜ ଖୋଲାଯିବା ସହ ବିଭିନ୍ନ ଅଚଳ ଗାଡି ପଡି ରହିଥିଲା। ଫଳରେ ଏହି ବଜାରକୁ ଗ୍ରାହକଙ୍କ ଯାତାୟତ ନେଇ ସମସ୍ୟା ଲାଗି ରହିଥିଲା। ଚତୁଃପାର୍ଶ୍ୱରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ କୁଢ ଆବର୍ଜନା ଏହାକୁ ଏକ ପରିତ୍ୟକ୍ତ ବଜାର ଭାବେ ପରିଚୟ ଦେଇଥିଲା। ଆଗାମି ଦିନରେ ବଜାର ଉନ୍ନତିକରଣ ସହ ନୂତନ ଦୋକନ ଗୃହ ନିର୍ମାଣ ନେଇ ଯୋଜନା ରହିଥିବା ସୂଚନା ଦିଆଯାଇଛି।

### ଅଧାପନ୍ତରିଆ ଡ୍ରେନ୍ ଖୋଲା ନେଇ ଅସନ୍ତୋଷ

ରାଉରକେଲା ଅଫିସ,୩।୭: ମହତାବ ରୋଡ ଅନ୍ତର୍ଗତ ପାର୍କି ଏରିଆ ରାସ୍ତା ପାର୍ଶ୍ୱ ନାଳ ଖୋଲା ନ ଯାଇ ଅଧପନ୍ତରିଆ ଭାବେ ଛାଡ଼ି ଦିଆଯାଇଛି। ଏହାକୁ ନେଇ ସ୍ଥାନୀୟ ବ୍ୟବସାୟୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱ ଗଭୀର ନାଳ ଖୋଲାଯିବା ପରିବର୍ତ୍ତେ ମାଟି ଆଡେଇ ଚାଲି ଯାଇଛନ୍ତି ବିଭାଗୀୟ ଅର୍ମଚାରୀ। ପାଖ ରିଂ ରୋଡକୁ ସଂଯୋଗ କରୁଥିବା ଏହି ରାସ୍ତା ପାଣି କେମିତି ନିଷ୍କାସିତ ହେବ ସେ ନେଇ ସଂଶୟ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ ରିଂ ରୋଡ ପାର୍ଶ୍ୱ ନାଳ ସଂପୂର୍ଣ୍ଣ ପୋତି ହୋଇ ପଡିଥିବା ବେଳେ ବର୍ଷା ଜଳ ରାସ୍ତା ଉପରେ ଭାଷିବା ଆଶଙ୍କା ପ୍ରକାଶ ପାଇଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ବ୍ରଜରାଜନଗର,୩।୭(ଡି.ଏନ୍.ଏ.) ସ୍ଥାନୀୟ ଓପିଏମ୍ ବାଳକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ନିତାଇସୁନ୍ଦର ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ସତ୍ୟବ୍ରତ ସାହୁ, ସଦାଶିବ ଦାସ, ଡମ୍ବରୁଧର ପୂଜାରୀ, ଜ୍ଞାନରଞ୍ଜନ ମିଶ୍ର, ସୁଧାଂଶୁଶେଖର ପଣ୍ଡା, ସୁପ୍ରିୟା ପଣ୍ଡା ପ୍ରମୁଖ ଯୋଗଦେଇ ନାଏକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ତାଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ଶିକ୍ଷକ ଲବ ମେହେରଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାରମ୍ଭରେ ଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷକ ନିରଞ୍ଜନ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

**ଫଟୋରେ ଖବର**



ରାଉରକେଲା ସହରର ମୁଖ୍ୟ ମାର୍ଗ ହରିୟାଣା ଭବନ ନିକଟ ଡେଲି ମାର୍କେଟ ଅଞ୍ଚଳରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ଜମି ରହିଛି।

# ଅବକାରୀ ଅଧିକାରୀଙ୍କୁ ଧମକ, ୨ ଗିରଫ

**ବେଲପାହାଡ଼,୩।୭(ଡି.ଏନ୍.ଏ.)**

ଜଣେ ଅବକାରୀ ଅଧିକାରୀଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗିଦଘରା ଗାଁର ମଙ୍ଗଲୁ ଭୋଇ (୨୬) ଓ ତାଙ୍କ ଭାଇ ଶଶୀ ଭୋଇ (୨୫)। ମଙ୍ଗଳବାର ରାତି ୮ଟାରେ ମଙ୍ଗଲୁ ଓ ଶଶୀ ବାଇକ୍‌ରେ ବେଲପାହାଡ଼ ଗାନ୍ଧୀନଗରସ୍ଥିତ ଅବକାରୀ କାର୍ଯ୍ୟାଳୟକୁ ଆସିଥିଲେ। ଅମ ନାଁରେ କାହିଁକି ମାମଲା ରୁଜୁ କରୁଛ ବୋଲି କହି ପାଟିତୁଣ୍ଡ କରିବା ସହ ଅବକାରୀ ବିଭାଗ ଏସ୍‌ଆଇ ବୈକୁଣ୍ଠନାଥ ପଟେଲଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଅମେ ଡ୍ୟୁଟି କରୁଛୁ, କାହିଁକି ପାଟିତୁଣ୍ଡ କରୁଛ ବୋଲି ଏସ୍‌ଆଇ ପଟେଲ କହିବାରୁ ମଙ୍ଗଲୁ ଓ ଶଶୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଦେଇଥିଲେ। ସେଠାରେ ଉପସ୍ଥିତ ଅନ୍ୟ କର୍ମଚାରୀମାନେ ସେମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଯୁବକ ଦ୍ୱୟ ସେମାନଙ୍କୁ ବି ଗାଳିଦେଇଥିଲେ। ଏପରି କି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ ବୋଲି ଏସ୍‌ଆଇ ପଟେଲ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ଆଇ ପଟେଲଙ୍କୁ ପଚାରିବାରୁ ସେ କହିଲେ, ମଦବିକ୍ରି ଅଭିଯୋଗରେ ପୂର୍ବରୁ ମଙ୍ଗଲୁଙ୍କ ନାଁରେ ଏକ ମାମଲା ରୁଜୁ ହୋଇଥିଲା। ସେଥିପାଇଁ ସେ ରାଗ ରଖି ନିଜ ଭାଇ ସହ କାର୍ଯ୍ୟାଳୟକୁ ଆସି ଏଭଳି କାଣ୍ଡ ଭିଆଇଛନ୍ତି ବୋଲି ପଟେଲ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବେଲପାହାଡ଼ ଥାନାରେ ଦଫା ୩୫୩, ୨୯୪, ୫୦୬ ଓ ୩୪ ଆଇପିସିରେ ଏକ ମାମଲା (ନଂ ୧୧୨/୨୦୧୯) ରୁଜୁ କରାଯାଇଥିବା ଥାନା ଏସ୍‌ଆଇ ବି.କେ. ବେକ୍ କହିଛନ୍ତି।

# ଶାରୀରିକ ଶିକ୍ଷା, କ୍ରୀଡ଼ା ପ୍ରତିଯୋଗିତା ସମୀକ୍ଷା ବୈଠକ

**ରାଉରକେଲା ଅଫିସ ୩।୭**

ଲାଠିକଟା ଓ ବିଶ୍ରା ବ୍ଲକର ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଓ କ୍ରୀଡା ସମ୍ପର୍କୀତ ସମୀକ୍ଷା ବୈଠକ ଜଲଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ ଉପସ୍ଥିତ ରହି ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଧାନ ଶିକ୍ଷକ ସୁବାସ ବେହେରା, ଶିକ୍ଷକ ଆଶିଷ କୁମାର ପ୍ରଧାନ, ରମାକାନ୍ତ ଜେନା, ଅକ୍ଷୟ କୁମାର ପଣ୍ଡା, ଟେକ୍ ଚାନ୍ଦ ପଟେଲ, ସୁରେନ୍ଦ୍ର ବେହେରା, ବସନ୍ତ କୁମାର ସିଂ, ଅଜୟ କୁମାର ରାଉତ, ସୁଧାଂଶୁ ପାତ୍ର, ତ୍ରିଲୋଚନ ନାୟକ, ଅମରଜିତ କୁଜୁର, ଭାରତି ମଲ୍ଲିକ, ଭଗବତୀ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଶାରୀରିକ ଶିକ୍ଷା ଓ କ୍ରୀଡା ସଂପର୍କିତ ସମୀକ୍ଷା ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ।

# ବାଇକ୍ ଡିକିରୁ ୨ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗ

**ଝାରସୁଗୁଡ଼ା ଅଫିସ / ଲଖନପୁର, ୩।୭ (ଡି.ଏନ୍.ଏ.)**

ଝାରସୁଗୁଡ଼ା ବଡ଼ମାଲ ଥାନା ଅନ୍ତର୍ଗତ ସାପଡ଼ାର ଏକ ହୋଟେଲ ସମ୍ମୁଖରୁ ବୁଧବାର ବାଇକ୍ ଡିକି ଭାଙ୍ଗି ୨ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସାଇରାମ କ୍ୟାରିୟର ମ୍ୟାନେଜର ରମେଶ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୧୦୪/୧୯) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ମ୍ୟାନେଜର ବେହେରା ସରବାହାଲ ଏସ୍‌ବିଆଇ ଶାଖାରେ ଏକ ଚେକ୍ ଜମାକରି ୨ଲକ୍ଷ ୧୦ହଜାର ଟଙ୍କା ଉଠାଇଥିଲେ। ଟଙ୍କା ବାଇକ୍ ଡିକିରେ ରଖି ନିଜ କାର୍ଯ୍ୟାଳୟକୁ ଆସୁଥିଲେ। ରାସ୍ତାରେ ଏକ ହୋଟେଲ ସମ୍ମୁଖରେ ବାଇକ୍ ରଖି ମଧ୍ୟାହ୍ନ ଭୋଜନ କରୁଥିବାବେଳେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ସେଥିରେ ଥିବା ୨ ଲକ୍ଷ ଟଙ୍କା ଟଙ୍କା ନେଇଯାଇଥିଲେ। ତେବେ ଅବଶିଷ୍ଟ ୧୦ ହଜାର ଟଙ୍କା ଦୁର୍ବୃତ୍ତ ଛାଡ଼ିଗଲେ କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବେହେରାଙ୍କ ଏଭଳି ଅଭିଯୋଗକୁ ପୋଲିସ ସନ୍ଦେହ ଦୃଷ୍ଟିରେ ଦେଖୁଛି। ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।



ବାସନ୍ତୀ କଲୋନୀସ୍ଥିତ କୁଷ୍ଠ କଲୋନୀରେ ବିଭିନ୍ନ ଜିନିଷ ବଣ୍ଟନ ଅବସରରେ ଅନ୍ୱେଷା କର୍ମକର୍ତ୍ତା।

# କୁଷ୍ଠ କଲୋନୀରେ ବିଭିନ୍ନ ସାମଗ୍ରୀ ବଣ୍ଟନ

**ରାଉରକେଲା ଅଫିସ ୩।୭**

ଅନ୍ୱେଷା ତରଫରୁ ୪୨ତମ ମାଗଣା ହାଟ କାର୍ଯ୍ୟକ୍ରମ ବାସନ୍ତୀ କଲୋନୀସ୍ଥିତ କୁଷ୍ଠ କଲୋନୀଠାରେ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧକ୍ଷ ରାଜେନ୍ଦ୍ର ପଣ୍ଡା ଅଧକ୍ଷତା କରିଥିବା ବେଳେ ଅତିଥି ଭାବେ ରିମ୍ସ ଅଧକ୍ଷା ନଳିନୀପ୍ରଭା ପଟ୍ଟନାୟକ, ଆଦର୍ଶ ପାଠାଗାର ସାଧାରଣ ସମ୍ପାଦକ ସୁକାନ୍ତ କୁମାର ଖୁନ୍ଟିଆ ଓ ପାତ୍ର ଟେକ୍ ନିର୍ଦ୍ଦେଶକ ପ୍ରଶାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନ ତରଫରୁ ସଂଗୃହୀତ ପୋଷାକପତ୍ର, ଆସବାବପତ୍ର, ଯୋତା, ବାକ୍ସ, ଟିଫିନ ବାକ୍ସ ଓ ବିସ୍କୁଟ ଆଦି କୁଷ୍ଠ କଲୋନୀ ବାସିନ୍ଦାଙ୍କ ମଧ୍ୟରେ ଅତିଥିମାନେ ବଣ୍ଟନ କରିଥିଲେ । କଳ୍ପନା ଶତପଥୀ, ରଶ୍ମିତା ପଣ୍ଡା, ମୋହନ ପଟ୍ଟନାୟକ, ଚନ୍ଦ୍ରଶେଖର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମୁରଲୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# କଲ୍‌ଭର୍ଟ ଉପରେ ସିମେଣ୍ଟ ସ୍ଲାବ୍

**ରାଉରକେଲା ଅଫିସ ୩।୭**

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ସେକ୍ଟର-୨୨ ସି ବ୍ଲକ ଏବଂ ଇ ବ୍ଲକକୁ ସଂଯୋଗ କରୁଥିବା ରାସ୍ତାର କଲ୍‌ଭଟ ଉପରେ ସିମେଣ୍ଟ ସ୍ଲାବ୍ ପଡିଛି। ଆରଏସପି କ୍ୱାଟର୍ସଗୁଡିକୁରୁ ନିର୍ଗତ ବର୍ଜ୍ୟ ଜଳ ଏହି ନାଳ ଦେଇ ନିଷ୍କାସିତ ହୋଇଥାଏ। ଏଥି ପାଇଁ ଉକ୍ତ ରାସ୍ତା ଉପରେ ଏକ କଲଭର୍ଟ ନିର୍ମାଣ କରାଯାଇ କଂକ୍ରିଟ ଛାତ କରାଯାଇଥିଲା। ହେଲେ ତାହା ପରବର୍ତ୍ତୀ ଅବସ୍ଥାରେ ଭୁଷୁଡି ପଡିଥିଲା। ପୁଣି ଥରେ କଂକ୍ରିଟ ଛାତ ନିର୍ମାଣ କରିବା ପରିବର୍ତ୍ତେ ସିମେଣ୍ଟ ସ୍ଲାବ ଢାଙ୍କି ଦିଆ ଯାଇଛି। ଏଣୁ ଏହି ବାଟେ ଯିବା ଆସିବା କରୁଥିବା ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

# ୨ ମହିଳାଙ୍କ ସାମାଜିକ ସୁରକ୍ଷା ନେଇ ଆଶା ସଞ୍ଚାର

**ରାଉରକେଲା ଅଫିସ,୩।୭**

ଜଣେ ସାମାଜିକ କର୍ମୀଙ୍କ ହସ୍ତକ୍ଷେପ ପରେ ୨ ଜଣ ମହିଳାଙ୍କୁ ଅନେକ ଦିନ ପରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ସରକାରୀ ସହୟତା ରାଶି ମିଳିବା ନେଇ ଆଶା ସଞ୍ଚାର ହୋଇଛି। ଏହି ଦୁଇ ମହିଳା ହେଲେ ପୁରୁଣାପାଣି ଅଞ୍ଚଳର ବିର୍ଶୁ ଲାମଗା (୪୯) ଓ କୁଆଁରମୁଣ୍ଡା ଅଞ୍ଚଳର ମହିଳା କାମି କୁଜୁର (୫୨) । ସ୍ୱାମୀଙ୍କ ମୃତ୍ୟୁଜନିତ ପ୍ରମାଣ ଅଭାବରୁ ହନ୍ତସନ୍ତ ଏହି ମହିଳା ଦ୍ୱୟ ବାରମ୍ୱାର ବିଭାଗୀୟ କାର୍ଯ୍ୟାଳକୁ ଧାଇଁ ନିରାଶ ହେଉଥିଲେ। ଶେଷରେ ଏ ଦୁହେଁ ଏଠାରୁ ଶହେ କି.ମି. ଦୂର ଚାନ୍ଦିପୋଷରେ ରହୁଥିବା ମହିଳା ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ସହଯୋଗ ଲୋଡିଥିଲେ। ସାଣ୍ଡିଲ ଏହି ମହିଳା ଦ୍ୱୟଙ୍କୁ ସାଙ୍ଗରେ ନେଇ କାହିଁକି ଆଜି ପର୍ଯ୍ୟନ୍ତ ସହାୟତା ରାଶି ମିଳି ନାହିଁ ସେ ନେଇ ସମ୍ପୃକ୍ତ ଅଞ୍ଚଳର ତହସିଲ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ବିଭାଗୀୟ ଅଧିକାରୀଙ୍କଠାରୁ ସମସ୍ୟା ବୁଝିବା ପରେ ଆବଶ୍ୟକ କାଗଜ ପତ୍ର ଦାଖଲ କରାଯାଇଛି। ଖୁବ ଶୀଘ୍ର ସମ୍ପୃକ୍ତ ମହିଳା ଦ୍ୱୟଙ୍କୁ ସହାୟତା ରାଶି ମିଳିଯିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।



ଦୁଇ ମହିଳାଙ୍କ ସହ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ।



ଜନ୍ମାଷ୍ଟମୀ ବ୍ରତ ପୁସ୍ତକ ଉନ୍ମୋଚନ କରାଯାଉଛି।

# ଜନ୍ମାଷ୍ଟମୀ ବ୍ରତ ପୁସ୍ତକ ଉନ୍ମୋଚିତ

**ରାଉରକେଲା ଅଫିସ ୩।୭**

ରାଉରକେଲା ରେଳ ଷ୍ଟେଶନସ୍ଥିତ ସଙ୍କଟ ମୋଚନ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ବ୍ରତ ପୁସ୍ତକ ଉନ୍ମୋଚିତ ହୋଇଛି। ରଶ୍ମିପ୍ରଭା ପ୍ରକାଶନୀର ସମ୍ପାଦକ ମନୋଜ କୁମାର ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ରାଉରକେଲା ଜିଲା କଂଗ୍ରେସ ସଭାପତି ରବି ରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ରାଉରକେଲା ବ୍ରାହ୍ମଣ ସମାଜ ଓ ଶକ୍ତିବାହିନୀର ସଭାପତି ଶ୍ରଦ୍ଧା ଷଡଙ୍ଗୀ, ସମ୍ମାନିତ ବକ୍ତା ଭାବେ ଶିବ ଶଙ୍କର ଶର୍ମା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ କବି ଓ ଲେଖକ ବ୍ରଜ ବିହାରୀ ଦାଶ ଓ ରାଇମାର ଉପସଭାପତି ବାସୁଦେବ ବାନାର୍ଜୀ ଯୋଗ ଦେଇଥିଲେ। ଏହି ସଭାରେ ରାଧାକାନ୍ତ ମହାରଣା, ଅତୁଲ୍ୟ ବାରିକ, ଅକ୍ଷୟ ଭୂୟାଁ, ଶୁସାନ୍ତ କୁମାର ବିଶ୍ୱାଳ, ରଞ୍ଜନ ମହାପାତ୍ର, ଶ୍ୱେତ କୁମାର ବେହେରା, ପାପା ଶାହା, ଦିନେଶ ସାହୁ, ହରେକୃଷ୍ଣ ଦାଶ, ସିନୁ ସ୍ୱାଇଁ, ସଞ୍ଜୁ ନାୟକ, ପ୍ରଣବ ନାୟକ, ଭଗବତୀ ରେଡ୍ଡୀ, ରିଙ୍କୁ କୁମାର ପାଣ୍ଡେ, ଆଶୁତୋଷ ଶର୍ମା, ସୁଦାମ ପାଣ୍ଡେ, କଳ୍ପନା ନନ୍ଦ, ରଶ୍ମି ରମଣ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଫକୀର ମୋହନ ମାର୍କେଟ କମିଟିର ସଭାପତି ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଆଇଜିଏଚ୍‌ରେ ଡାକ୍ତର ଦିବସ ପାଳନ ଅବସରରେ ଉପସ୍ଥିତ ଡାକ୍ତରମାନେ।

# ଆଇଜିଏଚ୍‌ରେ ଡାକ୍ତର ଦିବସ

**ରାଉରକେଲା ଅଫିସ ୩।୭**

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଡାକ୍ତର ଦିବସ ପାଳିତ ହୋଇଛି। ଇଣ୍ଡିଆନ ମେଡିକାଲ ଆସୋସିଏସନ ରାଉରକେଲା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ଏସ.ଏସ. ପତି ଅଧକ୍ଷତା କରିଥିଲେ। ଡା. ଡି. ଏନ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଡା. ଭାଗୀରଥୀ ଯୋଶୀ ଏବଂ ଡା. ଜଗନ୍ନାଥ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ଆର.ଆର. ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡା. ସୋନିୟା ଯୋଶୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।